

ପୁଣି ଏକ ବାୟୋପିକ୍ କରିବେ ଅଜୟ
▸ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-277 ♦BHUBANESWAR ♦WEDNESDAY ♦3 APRIL 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୭୭ ♦ଭୁବନେଶ୍ୱର ♦ବୁଧବାର ♦୩ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


ସର୍ବକାଳୀନ ରେକର୍ଡ

## ୭୦ ହଜାର ଟପିଲା ସୁନା

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ହୁ ହୁ ହୋଇ ବଢ଼ୁଛି ସୁନା ଦର। ଏବେ ଦର ଆକାଶଛୁଆଁ ହେଲେ ବି ଦେଶରେ ସୁନା କିଣା ପ୍ରତି ଲୋକଙ୍କ ମୋହ ତୁଟୁନି। ବର୍ତ୍ତମାନ ପରିସ୍ଥିତି ଏଭଳି ଯେ ଉଚ୍ଚ ଦର ସତ୍ତ୍ୱେ ସୁନା ମୂଲ୍ୟ କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାମଧ୍ୟରେ ଘରୋଇ ବଜାରରେ ସୁନା ଦରରେ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି। ମଙ୍ଗଳବାର ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୭୦ ହଜାର ଟଙ୍କା ଟପିଛି। ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ମାତ୍ର ବର୍ଷକ ମଧ୍ୟରେ ବଜାରରେ ସୁନା ମୂଲ୍ୟ ୨୫ ପ୍ରତିଶତ ମହଙ୍ଗା ହୋଇଛି। ଅର୍ଥାତ୍ ଗତବର୍ଷର ସମାନ ସମୟ ତୁଳନାରେ ସୁନା ମୂଲ୍ୟରେ ପ୍ରାୟ ୨୫ ପ୍ରତିଶତ ବୃଦ୍ଧି ଘଟିଛି। ଅପରପକ୍ଷେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୮୦,୦୦୦ ହଜାର ଟଙ୍କା ▸ପୃଷ୍ଠା-୯

୨୨ କ୍ୟାରେଟ୍ ୧୦ ଗ୍ରାମ ପିଛା ୬୩ ହଜାର ଟପିଲା

ଦର ବର୍ଷକରେ ୨୫% ବଢ଼ିଛି

ରୁପା ୮୦ ହଜାର ଛୁଇଁଲା



ବିଜ୍ଞାପନ ମାମଲାରେ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## କ୍ଷମା ମାଗିଲେ ରାମଦେବ-ବାଳକୃଷ୍ଣ

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ଭ୍ରମାତ୍ମକ ବିଜ୍ଞାପନ ଓ ଏଲୋପ୍ୟାଥି ଭଳି ବିଜ୍ଞାନ ଆଧାରିତ ଆଧୁନିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ଅପପ୍ରଚାର ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ପତଞ୍ଜଳି ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକ୍ରିଷ୍ଣ ଓ ଯୋଗଗୁରୁ ବାବା ରାମଦେବ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଠିକଣା ସମୟରେ ଅଦାଲତ ଅବମାନନା ନୋଟିସର ଉତ୍ତର ଦେଇ ନ ଥିବାରୁ ସେମାନେ ଏହି କ୍ଷମା ପ୍ରାର୍ଥନା କରିଛନ୍ତି।ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଉପରେ ସ୍ୱପକ୍ଷ ରଖିବାକୁ କୋର୍ଟ ଆଚାର୍ଯ୍ୟ ବାଲକ୍ରିଷ୍ଣ ଓ ରାମଦେବଙ୍କୁ ଆଉ ଏକ ସୁଯୋଗ ଦେଇ ଆସନ୍ତା ୧୦ ତାରିଖରେ ତାହାର ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। କୋର୍ଟ ଉଭୟଙ୍କୁ ▸ପୃଷ୍ଠା-୯



ଦେଶର ସବୁ ଅଦାଲତଙ୍କୁ ସମ୍ମାନ ଦେବାକୁ ନିର୍ଦ୍ଦେଶ

ଜବାବ ଦାଖଲ କରିବାକୁ ଦେଲେ ଶେଷ ସୁଯୋଗ

ପରବର୍ତ୍ତୀ ଶୁଣାଣିରେ ଉଭୟଙ୍କୁ ହାଜିରା ନିର୍ଦ୍ଦେଶ

କେନ୍ଦ୍ରକୁ ପ୍ରଶ୍ନ: କାହିଁକି ଆଖି ବନ୍ଦ କରି ରଖିଥିଲ

# ଶଙ୍ଖ ବ୍ୟୂହରେ ବିଜେପି ରଥୀ

### ଧର୍ମେନ୍ଦ୍ର ଓ ବୈଜୟନ୍ତଙ୍କୁ ଚେକ୍ ଦେବେ ପ୍ରଣବ ଓ ଅଂଶୁମାନ

### ଭର୍ତ୍ତୃହରି ଓ ଅପରାଜିତାଙ୍କୁ ଅଡୁଆ ନବାଗତ ସଂତୃପ୍ତ ଓ ମନ୍ମଥ

■ ଭୁବନେଶ୍ୱର, ୨।୪ (ସମିସ): ଧୀରେଧୀରେ ଭାଙ୍ଗୁଛି ବିଜେପିର ଦମ୍ଭ। ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଅଭାବରେ ସନ୍ତୁଳି ହେଉଥିବା ବିଜେପି ଅନ୍ୟ ଦଳରୁ ବିତାଡ଼ିତ ଓ ଟିକଟ ବଞ୍ଚିତ ପ୍ରାର୍ଥୀଙ୍କ ଉପରେ ଭରସା କରିଛି। ଦଳ ପକ୍ଷରୁ ଘୋଷିତ ପ୍ରଥମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକାରେ ପ୍ରାୟ ଅଧେ ଅନ୍ୟ ଦଳର ଆମଦାନୀ ନେତାଙ୍କୁ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ଲୋକସଭାରେ ଦଳ ଆସନ ସଂଖ୍ୟା ନେଇ କରିଥିବା ଆକଳନ କ୍ରମଶଃ ମଳିନ ପଡ଼ିବାକୁ ବସିଛି। ରାଜ୍ୟରେ ଦଳର ପ୍ରମୁଖ ନେତା ବିବେଚନା କରାଯାଉଥିବା ଓ ଜାତୀୟ ରାଜନୀତିରେ ନିଜର ପ୍ରାଧାନ୍ୟ ରଖିଥିବା ବୈଜୟନ୍ତ ପଣ୍ଡା, ଧର୍ମେନ୍ଦ୍ର ପ୍ରଧାନ, ଅପରାଜିତା ଷଡ଼ଙ୍ଗୀ, ଭର୍ତ୍ତୃହରି ମହତାବ ଏବେ ଶଙ୍ଖ ବ୍ୟୂହରେ ପଡ଼ିଛନ୍ତି। ଦଳ ଏହି ନେତାମାନଙ୍କ ଉପରେ ଯେଉଁପ୍ରକାର ଆଶା ରଖିଥିଲା, ଏବେ ତାହା ବୁମେରାଂ ସାବ୍ୟସ୍ତ ହୋଇଛି। ବିଜେଡିର ନବୀନ ସେନାନୀ ଯେପରି ଶଙ୍ଖ ବ୍ୟୂହ ରଚିଛନ୍ତି, ତାହାକୁ ଭେଦ କରିବା ବିଜେପିର ତୁଙ୍ଗ ନେତାଙ୍କ ପାଇଁ ଅସମ୍ଭବ ମନେ ହେଉଥିବା ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି।

ମୋଟ୍ ୨୧ ଟି ସଂସଦୀୟ ଆସନ ପାଇଁ ବିଜେପି ସମସ୍ତ ୨୧, ବିଜେଡିରୁ ୧୫ ଓ କଂଗ୍ରେସର ୮ ଜଣ ସାଂସଦଙ୍କ ନାମ ଘୋଷଣା ହୋଇ ସାରିଛି । ମାତ୍ର ଏହାମଧ୍ୟରେ ୪ଟି ଆସନ ଉପରେ ସମଗ୍ର ରାଜ୍ୟର ଦୃଷ୍ଟି ନିବଦ୍ଧ ହୋଇଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱର, ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର, ରୌପ୍ୟନଗରୀ କଟକ ଓ ଉପକୂଳ ଓଡ଼ିଶାର କେନ୍ଦ୍ରାପଡ଼ା ଲୋକସଭା ଏବେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି। ଏହି ୪ ଆସନରେ ବିରୋଧୀ ବିଜେପି ନିଜର ଶ୍ରେଷ୍ଠ ପ୍ରାର୍ଥୀମାନଙ୍କୁ ମଇଦାନକୁ ଓହ୍ଲାଇଛି। ଅନ୍ୟପକ୍ଷରେ ବିଜେଡି ନିଜର ରଣନୀତି ଅନୁସାରେ ୪ଜଣଙ୍କୁ ପ୍ରଥମଥର ପାଇଁ ପ୍ରାର୍ଥୀ କରିଛି। ଯଦିଓ ଏହି ୪ ଜଣଙ୍କ ମଧ୍ୟରୁ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତି ବିଧାନସଭାକୁ ପୂର୍ବରୁ ନିର୍ବାଚିତ ହୋଇଛନ୍ତି; ମାତ୍ର ଉଭୟ ପ୍ରଥମଥର ଲୋକସଭା ପ୍ରାର୍ଥୀ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ଅନ୍ୟ ଦୁଇଟି ଆସନ ଯଥା ଭୁବନେଶ୍ୱର ଓ କଟକ ପାଇଁ ନୂଆ କରି ରାଜନୀତିର ଖଡ଼ି ଛୁଇଁଥିବା ମନ୍ମଥ ରାଉତରାୟ ଓ ସଂତୃପ୍ତ ମିଶ୍ରଙ୍କ ଭଳି ନବାଗତଙ୍କ ଉପରେ ଭରସା କରିଛି ବିଜେଡି।

କେନ୍ଦ୍ରରେ ୧୦ ବର୍ଷ କେନ୍ଦ୍ରମନ୍ତ୍ରୀ ଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ସମ୍ବଲପୁର ଲୋକସଭା ଆସନ ଅଗ୍ନିପରୀକ୍ଷା ପରି ହୋଇଛି । ତାଙ୍କ ପରୋକ୍ଷ ▸ପୃଷ୍ଠା-୯

ଦୁଇ ଜାତୀୟ ଦଳର ପ୍ରଥମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷିତ

# ବିଜେପିର ୧୧୨, କଂଗ୍ରେସର ୪୭

### ମହିଳା ପ୍ରାର୍ଥୀଙ୍କୁ ଉପେକ୍ଷା; ବିଜେପିରୁ ମାତ୍ର ୮, କଂଗ୍ରେସରୁ ୫

■ ଭୁବନେଶ୍ୱର, ୨।୪ (ସମିସ): ବିଜେଡିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣାର ପ୍ରାୟ ସପ୍ତାହକ ପରେ ଦୁଇ ଜାତୀୟ ଦଳ କଂଗ୍ରେସ ଓ ବିଜେପି ନିଜର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ୧୪୭ ବିଧାନସଭା ଆସନ ମଧ୍ୟରୁ କଂଗ୍ରେସ ୪୭ ଆସନ ନିମନ୍ତେ ନିଜର ପ୍ରାର୍ଥୀଙ୍କ ନାମ ପ୍ରକାଶ କରିଛି ଏବଂ ସୁନ୍ଦରଗଡ଼ ଜିଲ୍ଲାର ଦୁଇଟି ଆସନ ସହଯୋଗୀ ଜେଏମଏମ୍ ଓ ସିପିଏମ୍ ପାଇଁ ଛାଡ଼ିଛି ।ଅନୁରୂପ ଭାବରେ ବିଜେପି ୧୧୨ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ୨୨ ଜଣ ବର୍ତ୍ତମାନ ବିଧାୟକଙ୍କ ମଧ୍ୟରୁ ୧୭ ଜଣ ପ୍ରାର୍ଥୀ ସୂଚୀରେ ସାମିଲ ହୋଇଛନ୍ତି। ସେହିପରି ଅଧିକାଂଶ ଆସନରେ ଦଳ ନୂତନ ପ୍ରାର୍ଥୀଙ୍କ ଉପରେ ଭରସା କରିଛି ଦଳ । ବିଜେପି ଘୋଷିତ ୧୧୨ ତାଲିକାରେ ୮ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ ୪୭ ଆସନ ମଧ୍ୟରୁ ୫ଟି ସ୍ଥାନରେ ମହିଳାଙ୍କୁ ପ୍ରାର୍ଥୀ କରିଛି ।

## ୪୯ ଆସନରେ ବିଜେପିର ନୂଆ ମୁହଁ

■ ଭୁବନେଶ୍ୱର, ୨।୪ (ସମିସ): ୨ଟି ପର୍ଯ୍ୟାୟରେ ସମସ୍ତ ୨୧ ଲୋକସଭା ଆସନ ପାଇଁ ବିଜେପି ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା ପରେ ମଙ୍ଗଳବାର ୧୧୨ ବିଧାନସଭା ଆସନ ପାଇଁ ଦଳ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଘୋଷିତ ତାଲିକା ଅନୁଯାୟୀ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଚାନ୍ଦବାଲିରୁ ଲଢ଼ିବେ। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପୁଣି ସମ୍ବଲପୁରରୁ ଓ ପାଟଣାଗଡ଼ରୁ ବିଜେପିର ପୂର୍ବ ସଭାପତି କନକ ବର୍ଦ୍ଧନ ସିଂହଦେଓ ନିଜର ଭାଗ୍ୟ ପରୀକ୍ଷା କରିବେ। ସେହିପରି ବରଗଡ଼ ସାଂସଦ ସୁରେଶ ପୂଜାରୀଙ୍କୁ ବ୍ରଜରାଜନଗର ବିଧାନସଭା ଆସନରୁ, ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା ପୂର୍ବତନ ସାଂସଦ ସିଦ୍ଧାନ୍ତ ମହାପାତ୍ର ▸ପୃଷ୍ଠା-୯

ଚାନ୍ଦବାଲିରୁ ମନମୋହନ, ସମ୍ବଲପୁରରୁ ଜୟ, ପାଟଣାଗଡ଼ରୁ କନକ

ବାଦ ପଡ଼ିଲେ ଲଳିତେନ୍ଦୁ

## ନୂଆପଡ଼ାରୁ ଶରତ, ନର୍ଲାରୁ ଭକ୍ତ

■ ଭୁବନେଶ୍ୱର, ୨।୪ (ସମିସ): ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୮ଟି ଲୋକସଭା ଆସନ ଓ ୪୭ଟି ବିଧାନସଭା ଆସନ ପାଇଁ ଏଆଇସିସି ପ୍ରକାଶ କରିଛି ପ୍ରାର୍ଥୀ ତାଲିକା। ପ୍ରଥମ ପର୍ଯ୍ୟାୟରେ ଘୋଷିତ ତାଲିକାରେ ଉଭୟ ପୁରୁଣା ଓ ନୂଆ ମୁହଁକୁ ସାମିଲ କରିଛି ଦଳ। ଏହା ସହ ଇଣ୍ଡିଆ ମେଣ୍ଟର ସହଯୋଗୀ ଜେଏମ୍ଏମ୍ ଓ ସିପିଏମ୍ ପାଇଁ ଦଳ ୨ଟି ଆସନ ଛାଡ଼ିଛି । ପିସିସି ସଭାପତି ଶରତ ପଟ୍ଟନାୟକ ନୂଆପଡ଼ାରୁ ପ୍ରାର୍ଥୀ ହୋଇଛନ୍ତି। ଜୟପୁର ▸ପୃଷ୍ଠା-୯

ଜୟପୁରରୁ ଲଢ଼ିବେ ତାରା ବାହିନୀପତି

୮ ଲୋକସଭା ପାଇଁ କଂଗ୍ରେସର ପ୍ରାର୍ଥୀ ଘୋଷଣା

## ଲୋକକଥା



ଭୋଅଟ ଦିନଟା ଯେତିକି ଯେତିକି
ଆସୁଚି ପାଖେଇ ପାଖେଇ,
ଓଡ଼ିଶାରେ ହାତ ପଦୁଅଁ ଗୋଠରେ
କନ୍ଦଲ ଆସୁଚି ଜକେଇ !
ପ୍ରାର୍ଥୀ ତ ହକେଇ ଚକେଇ,
ଆଜିଯାଏ ଠା ଠିକଣା ମଳିନି
କେମିତି କରିବେ ଲଢ଼େଇ ?

ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ହେବ 'ସମୃଦ୍ଧିର ପାସପୋର୍ଟ'

## ଜନମତ ଆଧାରରେ 'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ'

■ ଭୁବନେଶ୍ୱର, ୨।୪ (ସମିସ): ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟକାରୀ ହେବାକୁଥିବା 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ'କୁ ଅଧିକ ଉପଯୋଗୀ କରାଯିବ। 'ସମୃଦ୍ଧିର ପାସପୋର୍ଟ' ରୂପେ ବିବେଚିତ ହେବାକୁ ଯାଉଥିବା 'ନବୀନ ଓଡ଼ିଶା ମ୍ୟାଜିକ୍ କାଡର୍'କୁ ସମୟୋପଯୋଗୀ କରାଯିବ। ଆସନ୍ତ ଅଗଷ୍ଟ ୧୫ ତାରିଖରେ ବଣ୍ଟନ ହେବାକୁ ଏହାର ସୂଚୀ ଧାର୍ଯ୍ୟ ହୋଇଛି। ଏହା ପୂର୍ବରୁ ସାଧାରଣ ଲୋକଙ୍କ ମତାମତ ଆଧାରରେ ଏହାର ନିୟମାବଳୀ ପ୍ରସ୍ତୁତ ହେବ। ତେଣୁ କାଡର୍କୁ ଅଧିକ ଉପଯୋଗୀ କରାଯିବା ନିମନ୍ତେ ସାଧାରଣ ଲୋକଙ୍କଠାରୁ ମତାମତ ଲୋଡ଼ିଛନ୍ତି '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଯୁବକଙ୍କ ବ୍ୟକ୍ତିତ୍ୱ, ଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ ମତ ଦେବାକୁ ସେ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କ ପାଇଁ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' କାର୍ଯ୍ୟକାରୀ କରିବାକୁ ଘୋଷଣା କରିଛନ୍ତି। ଯେଉଁଥିରେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ଆଉ କେଉଁ ନୂତନ ସୁବିଧା ଉପଲବ୍ଧ କରିବାର ଆବଶ୍ୟକତା ରହିଛି, ସେ ସମ୍ପର୍କରେ ଶ୍ରୀ ପାଣ୍ଡିଆନ ମତାମତ ଦେବାକୁ ଅନୁରୋଧ କରିଛନ୍ତି।

ସାଧାରଣ ଲୋକଙ୍କଠାରୁ ମତାମତ ଲୋଡ଼ିଲେ '୫-ଟି' ଅଧ୍ୟକ୍ଷ

ନିକଟରେ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ ଛାତ୍ରବୃତ୍ତି' ପ୍ରଦାନ କରାଯାଇଛି। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହା ଉତ୍ସାହ ସୃଷ୍ଟି ହୋଇଛି। ଏହାପରେ ପୁଣି ରାଜ୍ୟର ସମସ୍ତ ଛାତ୍ରଛାତ୍ରୀଙ୍କୁ 'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ' ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି କାର୍ଡ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରି ସେମାନଙ୍କ କ୍ୟାରିଅର ଗଠନ ସହ ସ୍ୱାବଲମ୍ବୀ କରିବାକୁ ଲକ୍ଷ୍ୟ ରଖିଛନ୍ତି। କାର୍ଡର ▸ପୃଷ୍ଠା-୯

## ମନୋରଞ୍ଜନ ପାଣିଗ୍ରାହୀ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ

■ ଭୁବନେଶ୍ୱର, ୨।୪ (ସମିସ): ମନୋରଞ୍ଜନ ପାଣିଗ୍ରାହୀ ମଙ୍ଗଳବାର ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିହାର, ଝାଡ଼ଖଣ୍ଡ ସହ ସେ ଓଡ଼ିଶାର ଦାୟିତ୍ୱ ମଧ୍ୟ ନିର୍ବାହ କରିବେ। ଶ୍ରୀ ପାଣିଗ୍ରାହୀ ୧୯୮୮ ମସିହା ଭାରତୀୟ ରାଜସ୍ୱ ସେବା (ଆଇଆର୍ଏସ୍)ର ଅଧିକାରୀ। ଏହା ପୂର୍ବରୁ ସେ ପଶ୍ଚିମବଙ୍ଗ ଓ ସିକିମ୍ର



ଅତିରିକ୍ତ ଦାୟିତ୍ୱରେ ମଧ୍ୟ ରହିଥିଲେ। ଶ୍ରୀ ପାଣିଗ୍ରାହୀ ଓଡ଼ିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେ ଓଡ଼ିଶା ସରକାରଙ୍କ ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ବିଭାଗର ଶାସନ ସଚିବ ଭାବେ ଦୀର୍ଘ ୫ ବର୍ଷ କାର୍ଯ୍ୟ କରିଛନ୍ତି। ଶ୍ରୀ ପାଣିଗ୍ରାହୀ ଏକାଧାରରେ ଜଣେ ସୁବକ୍ତା, ସୁସାହିତ୍ୟିକ ଓ ସଂସ୍କୃତି ପ୍ରେମୀ ବ୍ୟକ୍ତିତ୍ୱ।


SIKSHA 'O' ANUSANDHAN

SAAT-2024

Empowering students for a brighter future

LAW PROGRAMMES OFFERED
- BA LLB (H) - Integrated Law
- BBA LLB (H) - Integrated Law
- LLB (H) - 3 Years Law
- LLM

APPROVAL & RECOGNITIONS
- Approved by UGC & BCI
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 08th Best in Law Category
- 15th Best in University Category

To apply for admission through SAAT, Please visit: www.soa.ac.in


ବଢ଼ୁଛି ଟିକଟ ଟେନସନ୍

# ରାଜ୍ୟ ବିଜେପିରେ ଅସନ୍ତୋଷର ନିଆଁ

### ରାଜଧାନୀଠାରୁ ଉପାନ୍ତ ଯାଏଁ ସବୁଠି ଅସନ୍ତୁଷ୍ଟଙ୍କ ପ୍ରତିବାଦ, ବିକ୍ଷୋଭ ପ୍ରଦର୍ଶନ

■ ଭୁବନେଶ୍ୱର, ୨।୪ (ସମିସ): ରାଜ୍ୟରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପର୍ଯ୍ୟାୟକ୍ରମେ ବିଧାନସଭା ଓ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ଘୋଷିତ ତାଲିକାରେ ବିଭିନ୍ନ ଆଶାୟୀଙ୍କ ନାମ ସ୍ଥାନ ପାଇ ନଥିବା ହେତୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେପିରେ ଅସନ୍ତୋଷର ବହ୍ନି ଅନେକ ସ୍ଥାନରେ ବିସ୍ଫୋରକ ରୂପ ନେଇଥିବାରୁ ଦଳୀୟ ନେତୃତ୍ୱଙ୍କ ଚିନ୍ତା ବଢ଼ାଇଛି।





ଡାଲିଙ୍କ କୁଶପୁତ୍ତଳିକା ଦାହ, ରାଜ୍ୟ ବିଜେପି କାର୍ଯ୍ୟାଳୟରେ ହିମାଂଶୁ ସମର୍ଥକଙ୍କ ହଙ୍ଗାମା

ଟିକେଟ ନମିଳିଲେ ସ୍ୱାଧୀନ ଲଢ଼ିବେ ଆଶାୟୀ !

ଭାରତୀୟ ଜନତା ପାର୍ଟି ପକ୍ଷରୁ ମଙ୍ଗଳବାର ୧୧୨ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯିବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦଳୀୟ ନିଷ୍ପତ୍ତିକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି ଅସନ୍ତୁଷ୍ଟ ବିଜେପି କର୍ମୀ। ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଟିକଟରୁ ବଞ୍ଚିତ କରାଯିବା ପ୍ରତିବାଦରେ ରାଜ୍ୟ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ଜିଲ୍ଲାରେ ଆଜି ବିଜେପି କାର୍ଯ୍ୟକର୍ତ୍ତାମାନେ ରାସ୍ତାକୁ ଆସି ପ୍ରବଳ ନାରାବାଜି ଏବଂ ବିକ୍ଷୋଭ ପ୍ରଦର୍ଶନ କରିବା ସହ କେତେକ ସ୍ଥାନରେ ଘୋଷିତ ପ୍ରାର୍ଥୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି।

ପ୍ରକାଶ ଥାଉ କି, ଏପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ବିଜେଡି ପକ୍ଷରୁ ୭୨ ବିଧାନସଭା ଓ ୧୫ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା ସରିଥିବା ବେଳେ ବିଜେପି ପକ୍ଷରୁ ଆଜିକୁ ମିଶାଇ ୧୧୨ ବିଧାନସଭା ଏବଂ ୨୧ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ସେହିପରି କଂଗ୍ରେସ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୪୭ ବିଧାନସଭା ଓ ୮ ଲୋକସଭା ପାଇଁ ପ୍ରାର୍ଥୀ ତାଲିକା ଜାରି କରାଯାଇଛି। ୩ ଦଳର ପ୍ରାର୍ଥୀ ଏବେ ମୈଦାନକୁ ଓହ୍ଲାଇଥିବା ବେଳେ ବିଜେପିରେ ଟିକଟ ତାତି ଆଜି ରାଜ୍ୟବ୍ୟାପୀ ▸ପୃଷ୍ଠା-୯



# ପୁଣି ଏକ ବାୟୋପିକ୍‌ରେ କାମ କରିବେ ଅଜୟ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନ୍‌ଙ୍କ ପାଇଁ ଚଳିତ ୨୦୨୪ ବର୍ଷ ବେଶ୍ ଭଲ ହେବାକୁ ଯାଉଛି । କାରଣ ଏ ବର୍ଷ ଅଜୟଙ୍କ ଅଭିନୀତ ଅନେକଗୁଡ଼ିଏ ଫିଲ୍ମ ରିଲିଜ୍ ହେବ । ତେବେ ଅଜୟ ଏବେ ଯେଉଁ ଫିଲ୍ମକୁ ନେଇ ଅଧିକ ଚର୍ଚ୍ଚାରେ, ତାହା ହେଉଛି 'ମୈଦାନ୍' । ଏହା ଏକ ବାୟୋପିକ୍ ଫିଲ୍ମ । ଏଥିରେ ଅଜୟ ଫୁଟବଲ୍ କୋଚ୍ ସୟଦ୍ ଅବଦୁଲ୍ ରହିମ୍‌ଙ୍କ ଭୂମିକାରେ ଦେଖାଯିବେ । ଏପ୍ରିଲ୍ ୧୦ରେ ଏହା ରିଲିଜ୍ ହେବ । 'ମୈଦାନ୍' ପରେ ଏବେ ଅଜୟଙ୍କ ହାତକୁ ଆଉ ଏକ ବାୟୋପିକ୍ ଫିଲ୍ମ ଆସିଥିବା ଚର୍ଚ୍ଚା ହେଉଛି । ଏହା ମଧ୍ୟ ଏକ ସ୍ପୋର୍ଟସ୍ ବାୟୋପିକ୍ ହେବ । ଅଜୟ ଏଥିରେ ଭାରତର ମହାନ୍ କ୍ରିକେଟର୍ ପଲବାଙ୍କର ବାଲୁଙ୍କ ଭୂମିକାରେ ଅଭିନୟ କରିବେ । ତିମାଙ୍ଗସୁ ଧୂଳିଆ ଓ ପ୍ରୀତି ବିନୟ ସିହ୍ନା ଏହି ମହାନ୍ କ୍ରିକେଟର୍‌ଙ୍କ ଉପରେ ଫିଲ୍ମ ନିର୍ମାଣ କରିବାକୁ ଇଚ୍ଛା କରିଛନ୍ତି । ଚଳିତବର୍ଷ ଶେଷ ଆଡ଼କୁ ଫିଲ୍ମର ସୁଟିଂ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି ।

# ୱେଟରଙ୍କ ଟ୍ରେ ଦୌଡ଼

ବିଭିନ୍ନ ପ୍ରକାର ଦୌଡ଼ ସହ ଲୋକେ ପରିଚିତ ଥିବା ବେଳେ ପ୍ୟାରିସ୍‌ରେ 'କାଫେ ରେସ୍' ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ନିକଟରେ ଏଠାରେ ପ୍ରାୟ ୨୦୦ ୱେଟର୍ ହାତରେ ଟ୍ରେକୁ ଧରି ରାଜରାସ୍ତାରେ ଦ୍ରୁତ ବେଗରେ ଦୌଡ଼ିଥିବା ଦେଖାଯାଇଛି । ୱେଟର୍‌ମାନେ ପାରମ୍ପରିକ ଆପ୍ରନ୍ ଏବଂ ଧଳା ସାର୍ଟ ପିନ୍ଧି 'କାଫେ ୱେଟର୍ସ ରେସ୍'ରେ ଭାଗ ନେଇଥିଲେ । ପୂର୍ବରୁ ଏହି ଦୌଡ଼କୁ ବନ୍ଦ କରାଯାଇଥିଲା । ଏବେ ପୁଣି ଥରେ ଏହାର ଆରମ୍ଭ କରାଯାଇଛି । ଏଥିରେ ଉଭୟ ମହିଳା ଓ ପୁରୁଷ ୱେଟର୍ ଭାଗ ନିଅନ୍ତି । ତା'ସହ ଏ ଦୌଡ଼ ଆଦୌ ସହଜ ହୋଇ ନ ଥାଏ । ଏଥିରେ ଅଂଶଗ୍ରହଣ କରୁଥିବା ୱେଟର୍‌ମାନେ ଗୋଟିଏ ଗୋଲାକୃତି ଟ୍ରେ ଉପରେ କ୍ରୋସେଣ୍ଟ, କଫି ଓ ଗୋଟିଏ ଗ୍ଲାସ୍ ପାଣି ଧରି ଦୁଇ କିଲୋମିଟର ଦୌଡ଼ିଥାନ୍ତି । ଖେଳର ନିୟମ ହେଉଛି, ୱେଟର୍‌ମାନେ ଟ୍ରେକୁ ଗୋଟିଏ ହାତରେ ଧରି ଦୌଡ଼ିବେ ଏବଂ ଏହା ଉପରେ ଥିବା ଖାଦ୍ୟପଦାର୍ଥ ଯେମିତି ତଳେ ନ ପଡ଼ିଯାଏ ସେଥିପ୍ରତି ଧ୍ୟାନଦେବେ । ଅବଶ୍ୟ ଏହି ପ୍ରତିଯୋଗିତାରେ ଟ୍ରେନି, ପାର୍ଟ ଟାଇମ୍ ଓ ଫୁଲ୍ ଟାଇମ୍ ୱେଟର୍ ଭାଗ ନେଇଥାନ୍ତି । ପୁରସ୍କାର ସ୍ୱରୂପ ବିଜେତାଙ୍କୁ ସବୁଠୁ ଦ୍ରୁତ ୱେଟର ଭାବେ ସମ୍ମାନିତ କରାଯାଏ । ତା'ସହ ମେଡାଲ ଏବଂ କୌଣସି ଏକ ପ୍ରତିଷ୍ଠିତ ହୋଟେଲରେ ଗୋଟିଏ ରାତି ବିତାଇବାର ସୁଯୋଗ ମିଳେ । ଏହି ପ୍ରତିଯୋଗିତାରେ ଚଳିତବର୍ଷ ପୁରୁଷ ବର୍ଗରେ ସାମି ଲାମ୍ରୋସ ୧୩ ମିନିଟ୍ ୩୦ ସେକେଣ୍ଡରେ ଦୌଡ଼ ପୂରା କରିଥିବା ବେଳେ ମହିଳା ୱେଟର ଭାବେ ପଲିନ୍ ଭ୍ୟାନ ଭିମର୍ସ ୧୪ ମିନିଟ୍ ୧୨ ସେକେଣ୍ଡରେ ଦୌଡ଼ ପୂରା କରି ବିଜୟିନୀ ହୋଇଛନ୍ତି । ପ୍ରଥମେ ଏହି ପ୍ରତିଯୋଗିତା ୧୯୧୪ ମସିହାରେ ଆୟୋଜନ କରାଯାଇଥିଲା । ସେତେବେଳେ ଏହି ଦୌଡ଼ ପାଇଁ ୱେଟର୍‌ଙ୍କୁ ଟ୍ରେରେ ଗୋଟିଏ ବୋତଲ ଏବଂ ତିନିଟି ପାଣି ଗ୍ଲାସ୍ ରଖି ୮ କିଲୋମିଟର ପର୍ଯ୍ୟନ୍ତ ଦୌଡ଼ିବାକୁ ପଡ଼ୁଥିଲା ।




# ଡିଜିଟାଲ ଭିକାରି

ସମ୍ପ୍ରତି ଡିଜିଟାଲ ଯୁଗ । ଟଙ୍କା ନେଣଦେଣ ଠାରୁ ସବୁକିଛି ଡିଜିଟାଲରେ ହେଉଛି । ଦୋକାନ ବଜାର ସବୁ ସ୍ଥାନମାନଙ୍କରେ ଲୋକେ ଟଙ୍କା ନେବା ପାଇଁ କ୍ୟୁଆର୍‌କୋଡ୍ ବ୍ୟବହାର କରୁଛନ୍ତି । କ୍ୟୁଆର କୋଡ୍‌କୁ ନେଇ ଗୌହାଟିରେ ଏମିତି ଏକ ଘଟଣା ଦେଖିବାକୁ ମିଳିଛି, ଯାହା ଚର୍ଚ୍ଚାର ଖୋରାକ ଯୋଗାଇଛି । ଏଠାରେ ଜଣେ ବ୍ୟକ୍ତି କ୍ୟୁଆର୍ କୋଡ୍ ଧରି ରାସ୍ତାରେ ଭିକ ମାଗୁଥିବା ନଜିର ରହିଛି । ଏଥିପାଇଁ ଏହି ବ୍ୟକ୍ତି ଏବେ ଡିଜିଟାଲ୍ ଭିକାରୀ ଆଖ୍ୟା ପାଇଛନ୍ତି । ଆଖିରେ ସମସ୍ୟା ଥିବା ଏହି ବ୍ୟକ୍ତି ଜଣକ କ୍ୟୁଆର କୋଡ୍ ଧରି ଅନ୍ୟମାନଙ୍କୁ ଟଙ୍କା ମାଗୁଥିବାବେଳେ ତାଙ୍କ ପାଖେ ଫୋନ୍ ପେ, ପେଟିଏମ୍ ଏବଂ ଗୁଗଲ ପେ ସବୁକିଛି ରହିଛି । ଏହି ବ୍ୟକ୍ତି ଜଣକ ବେକରେ କ୍ୟୁଆର କୋଡ୍ ଥିବା ଫୋନ୍ ପେ କାର୍ଡକୁ ଝୁଲାଇଛନ୍ତି । ସେ ଗୋଟିଏ କାର୍ ପାଖରୁ ଅନ୍ୟ କାର୍ ପାଖକୁ ଯାଇ ନେହୁରା ହେଉଛନ୍ତି । କାରରେ ବସିଥିବା ଜଣେ ବ୍ୟକ୍ତି ମଧ୍ୟ ଭିକାରିର କ୍ୟୁଆର କୋଡ୍‌କୁ ସ୍କାନ କରି ୧୦ ଟଙ୍କା ପଠାଉଥିବା ଦେଖିବାକୁ ମିଳିଛି । ଆଉ ଟଙ୍କା ମିଳିବା ପରେ ପରେ ଭିକାରି ଜଣକ ପୂରା ଖୁସି ହୋଇଯାଉଛନ୍ତି । ଏହି ବ୍ୟକ୍ତିଙ୍କର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି । ଏହି ଭିଡିଓରେ ଅନେକ ବେଶ୍ ମଜାଳିଆ ପ୍ରତିକ୍ରିୟା ଦେଇଛନ୍ତି । କିଛି ଲୋକ ମତ ରଖିଛନ୍ତି ଯେ, ବାସ୍ତବରେ ଟେକ୍ନୋଲୋଜିର କୌଣସି ସୀମା ନାହିଁ । ଆଉ କିଛି ଜଣ ଏଥିରେ ମତ ଦେଇ ଲେଖିଛନ୍ତି ଭିକାରି ବି ଡିଜିଟାଇଜ୍ଡ ହୋଇ ଯାଇଛନ୍ତି ।



## ଆଜିର ଇତିହାସ

- ୧୯୩୩- ବିଶ୍ୱର ସବୁଠାରୁ ଉଚ୍ଚ ଶିଖର ମାଉଣ୍ଟ ଏଭରେଷ୍ଟ ଉପରେ ପ୍ରଥମ ଥର ବିମାନ ଉଡ଼ିଲା ।
- ୧୯୪୯- ଆମେରିକା, ବ୍ରିଟେନ୍, ଫ୍ରାନ୍ସ ଓ କାନାଡ଼ା ଉତ୍ତର ଆଣ୍ଟଲାଟିକ୍ ବୁଝାମଣାପତ୍ରରେ ସ୍ୱାକ୍ଷର କଲେ ।
- ୧୯୮୪- ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମା ତାଙ୍କର ମହାକାଶ ଯାତ୍ରା ଆରମ୍ଭ କଲେ ।
- ୨୦୦୧- ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଭାରତରେ ପହଞ୍ଚିଲେ ।
- ୨୦୦୭- ନୂଆଦିଲ୍ଲୀରେ ୧୪ତମ ସାର୍କ ସମ୍ମିଳନୀ ଆରମ୍ଭ ହେଲା ।
- ୨୦୧୩- ଆପଲ୍ ଆଇପ୍ୟାଡ୍ ବଜାରକୁ ଆସିଲା ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚିତ ହେବ । ନିଜ କାମ ଉପରେ ଧ୍ୟାନ ଦିଅନ୍ତୁ । କଠିନ କାର୍ଯ୍ୟକୁ ସରଳ ବନାଇବାରେ ସଫଳ ହେବେ । ଚାକିରିରେ ପଦୋନ୍ନତି ସମ୍ଭାବନା ରହିଛି ।

**ବୃଷ:** ଆଇଟି ଓ ଇଞ୍ଜିନିୟରିଂ କ୍ଷେତ୍ର ସହିତ ଜଡିତ ବ୍ୟକ୍ତିଙ୍କ ପାଇଁ ସମୟ ଅନୁକୂଳ । ଚଳିତ ସପ୍ତାହରେ କଠିନ ପରିଶ୍ରମ କରିବାକୁ ପଡ଼ିବ । ଚାକିରି ଖୋଜୁଥିବା ଲୋକଙ୍କ ପାଇଁ ସମୟ ଭଲ ।

**ମିଥୁନ:** ଅଯଥା ରାଗରୁଷା କରନ୍ତୁନି । ନକାରାତ୍ମକ ଚିନ୍ତାଧାରା ଯୋଗୁଁ ହଇରାଣ ହୋଇପାରନ୍ତି । ନିଜ ଲୋକ ଶତ୍ରୁ ସାଜିବେ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମନ ପ୍ରସନ୍ନ ରହିବ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ । ଅତିରିକ୍ତ ଦାୟିତ୍ୱ ତୁଲାଇ ପ୍ରଶଂସିତ ହେବେ । କଳା ଓ ବିଜ୍ଞାନ ପ୍ରତି ରୁଚି ବଢ଼ିବ । ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ଜଟିଳ ପରିସ୍ଥିତିରେ ଆତ୍ମବିଶ୍ୱାସ ହରାନ୍ତୁନି । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବା ଭଲ ।

**କନ୍ୟା:** ଦିନଟିରେ କର୍ମଚଞ୍ଚଳ ରହିବେ । ନୂତନ କାମ ଆରମ୍ଭ କରିବା ପାଇଁ ସମୟ ଭଲ । ଯୋଗ୍ୟତା ଅନୁଯାୟୀ ଚାକିରି ମିଳିବ । ଅଯଥା ଖର୍ଚ୍ଚ ବଢ଼ିବ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଚାକିରି ଖୋଜୁଥିବା ବ୍ୟକ୍ତି ହତୋତ୍ସାହ ହେବେ । ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଘରକୁ ଅତିଥିଙ୍କ ଆଗମନ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଜରୁରି କାର୍ଯ୍ୟ ପାଇଁ ଦୂର ସ୍ଥାନ ଯାତ୍ରା କରିପାରନ୍ତି । ଉତ୍‌ଫୁଲ୍ଲିତ ରହିବେ । ସରକାରୀ କାମ ସମସ୍ୟା ସମାଧାନ ହେବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** ପାରିବାରିକ ଜୀବନରେ କଳହ ଯୋଗ ରହିଛି । ଧୈର୍ଯ୍ୟର ସହ ଏହାକୁ ସମାଧାନ କରିବା ଭଲ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ ।

**ମକର:** କ୍ୟାରିୟର ପାଇଁ ସଂଘର୍ଷ କରିବାକୁ ପଡ଼ିବ । କାର୍ଯ୍ୟସ୍ଥଳରେ କିଛି କଥାକୁ ଗୁପ୍ତ ରଖିବା ଭଲ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଅବିବାହିତଙ୍କ ପାଇଁ ଉତ୍ତମ ବିବାହ ପ୍ରସ୍ତାବ ଆସିପାରେ ।

**କୁମ୍ଭ:** ଆତ୍ମବିଶ୍ୱାସ ସହିତ କାର୍ଯ୍ୟ କରି ସଫଳ ହେବେ । ଛାତ୍ରଛାତ୍ରୀଙ୍କ ପାଇଁ ସମୟ ଅନୁକୂଳ । ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖାଦେଇପାରେ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ ।

**ମୀନ:** ଅଧିକ ଚିନ୍ତା ରୋଗର କାରଣ ସାଜିବ । ବ୍ୟବସାୟିକ ଦୃଷ୍ଟିକୋଣରୁ ସଫଳତା ମିଳିବ । ଅଚାନକ ଖୁସି ଖବର ପାଇପାରନ୍ତି । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ ।

ସମ୍ପୂର୍ଣ୍ଣା - ପ୍ରତିଭା

# ୟୁଟ୍ୟୁବ୍ ପଢ଼ାରୁ ଆଇଆଇଟି ସଫଳତା

**ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ସବୁକିଛି ସମ୍ଭବ । ଏହି ଉକ୍ତିକୁ ସତ କରି ଦେଖାଇଛନ୍ତି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଦଳପତିଗୁଡା ପଞ୍ଚାୟତ ଅନ୍ତର୍ଗତ ଦୁରାଗୁଡା ଗ୍ରାମର ପ୍ରକାଶ କୁମାର ବିଶୋଇ । ଆଇଆଇଟିରେ ପଢ଼ିବାକୁ ପିଲାଦିନରୁ ସ୍ୱପ୍ନ ଦେଖୁଥିବା ପ୍ରକାଶଙ୍କ ପଥରେ ଅର୍ଥ ପ୍ରତିବନ୍ଧକ ସାଜିଥିଲା । କିନ୍ତୁ ହାର୍ ମାନି ନ ଥିଲେ ଏହି ମେଧାବୀ ଛାତ୍ର ଜଣକ । ଅନ୍‌ଲାଇନ୍‌ରେ ପାଠ ପଢ଼ି ଏବେ ସେ ଆଇଟିଆଇଟିରେ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।**

ପ୍ରକାଶ, ତାଙ୍କ ଜୀବନରେ ବହୁ ସଂଘର୍ଷ କରି ଆଇଆଇଟି ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୩ ହଜାର ର୍‍ୟାଙ୍କ ରଖିଛନ୍ତି । ସେ ନିଜ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ପାଠ ପଢୁଥିଲେ । ପରେ ଉଦୁଲିବେଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ଓ ଗଙ୍ଗଲାଠାରେ ଥିବା ଉଚ୍ଚବିଦ୍ୟାଳୟରେ ଦଶମ ଶ୍ରେଣୀ ପଢ଼ା ସମାପ୍ତ କରିଥିଲେ । ପିଲାଟିବେଳୁ ଉଚ୍ଚ ଆଶା ସହ ସ୍ୱପ୍ନ ଥିଲା କିଛି ଭିନ୍ନ କରିବାର । ଆଇଆଇଟିରେ ପାଠ ପଢ଼ିବା ସ୍ୱପ୍ନ ଦେଖୁଥିବା ପ୍ରକାଶ ୨୦୧୬ ମସିହାରେ ମାଟ୍ରିକ ପରୀକ୍ଷାରେ ୭୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପରେ ବଳଦିଆଗୁଡ଼ା ସରକାରୀ ଜାତି ଓ ଜନଜାତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବିଜ୍ଞାନ ପଢ଼ିଥିଲେ । ଏହି ପରୀକ୍ଷାରେ ୬୫ ପ୍ରତିଶତ ନମ୍ବର ରଖି ସେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ କୋରାପୁଟ ମହାବିଦ୍ୟାଳୟଠାରେ ସ୍ନାତକରେ ୯୫ ପ୍ରତିଶତ ନମ୍ବର ସହ ଉତ୍ତୀର୍ଣ୍ଣ ହୋଇ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି ପ୍ରକାଶ । ପ୍ରକାଶଙ୍କ ବାପା କର୍ଣ୍ଣ ବିଶୋଇ ରୋଗଗ୍ରସ୍ତ ଥିବାବେଳେ ମା' ମନିରାଣୀ ବିଶୋଇ ମଧ୍ୟ ମାନସିକ ଅନଗ୍ରସର ଅଟନ୍ତି । ପ୍ରକାଶ ମାଥିଲିଠାରେ ରହିବା ସହିତ ଗାଁକୁ ଯାଇ ଚାଷ କରିବା ଏବଂ ମା'ଙ୍କୁ ମଧ୍ୟ ରୋଷେଇ କାର୍ଯ୍ୟରେ ସହଯୋଗ କରନ୍ତି । ସେ ପରିବାରର ଦୁଃସ୍ଥିତି ମଧ୍ୟରେ ନିଜକୁ ଆଇଆଇଟି ପାଇଁ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲେ । ସେଥିପାଇଁ ମାଥିଲିଠାରେ ପିଲାମାନଙ୍କୁ ଟ୍ୟୁସନ କରୁଥିଲେ । ସ୍ୱଳ୍ପ ରୋଜଗାର ମଧ୍ୟରେ ସଂଘର୍ଷ କରୁଥିବା ପ୍ରକାଶଙ୍କୁ ବଳଦିଆଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗଣିତ ଅଧ୍ୟାପିକା କଲ୍ୟାଣୀ ପୃଷ୍ଟି ଓ କୋରାପୁଟ ମହାବିଦ୍ୟାଳୟର ଗଣିତ ବିଭାଗର ଅଧ୍ୟାପକ ବ୍ୟାସଦେବ ପ୍ରଧାନଙ୍କ ସାହାରା ମିଳିଥିଲା । ସେମାନଙ୍କ ପ୍ରେରଣା ହିଁ ପ୍ରକାଶଙ୍କ ମନକୁ ମଜଭୁତ କରିଥିଲା । ଆର୍ଥିକ ସ୍ବଚ୍ଛଳ ନ ଥିବାରୁ ଆଇଆଇଟି ପ୍ରବେଶିକା ପରୀକ୍ଷା କୋଚିଂ ତାଙ୍କ ପାଇଁ ଥିଲା ସାତସପନ । ତଥାପି ସେ ହାର୍ ମାନି ନଥିଲେ । ୟୁଟ୍ୟୁବ୍‌ର ସହାୟତା ନେଇ ଆଇଆଇଟି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ଚଳିତ ବର୍ଷ ଆଇଆଇଟି ପ୍ରବେଶିକା ପରୀକ୍ଷାରେ ପ୍ରକାଶ ସର୍ବଭାରତୀୟସ୍ତରରେ ୩ ହଜାର ର୍‍ୟାଙ୍କ ରଖି ସଫଳତାର ସ୍ୱାଦ ଚାଖିଛନ୍ତି । ପ୍ରକାଶଙ୍କ ସଂଘର୍ଷର କାହାଣୀ ଆଜି ଯୁବପିଢ଼ିଙ୍କ ପାଇଁ ସାଜିଛି ପ୍ରେରଣା ।

ରିପୋର୍ଟ- ଅଶୋକ ମିଶ୍ର
ମାଲକାନଗିରି



# ସମ୍ଭାବନା



ବୃତ୍ତିଗତ ଶିକ୍ଷା

# ପଶୁ ପ୍ରଶିକ୍ଷକ



### ଶିକ୍ଷାଗତ ଯୋଗ୍ୟତା

ଭାରତରେ ପଶୁ ପ୍ରଶିକ୍ଷକ ଭାବରେ କ୍ୟାରିୟର କରିବାର ସୁନ୍ଦର ବିକଳ୍ପ ରହିଛି । ପଶୁ ପ୍ରଶିକ୍ଷକ ହେବାକୁ ଇଚ୍ଛୁକ ଥିବା ଆଶାୟୀ କୁକୁର, ବିଲେଇ, ହାତୀ, ଘୋଡ଼ା, ସିଲ୍, ବାଘ, ଭାଲୁ ଆଦିଙ୍କ ହାବଭାବ ଓ ମାନସିକତାକୁ ଅନୁଶୀଳନ କରିବାର କ୍ଷମତା ରଖିବା ଅନିବାର୍ଯ୍ୟ । ଏହାସହ ଭେଟେନାରି ସାଇନ୍ସ, ବାୟୋଲଜି ଓ ଜୁଲୋଜିରେ ସ୍ନାତକ କରିଥିବା ଆବଶ୍ୟକ ।

ପଶୁପକ୍ଷୀଙ୍କୁ ଭଲ ପାଉଥିବା ଯୁବକ ଯୁବତୀଙ୍କ ପାଇଁ ପଶୁ ପ୍ରଶିକ୍ଷକ ଏକ ଉତ୍ତମ କ୍ୟାରିୟର୍ ବିକଳ୍ପ ହୋଇଥାଏ । ଏଥିରେ ସେମାନେ ବିଭିନ୍ନ ଟେକ୍‌ନିକ୍ ଦ୍ୱାରା ପଶୁପକ୍ଷୀମାନଙ୍କୁ ପ୍ରଶିକ୍ଷଣ ଦେଇଥାନ୍ତି । ପଶୁପକ୍ଷୀମାନଙ୍କୁ ବିଭିନ୍ନ କ୍ରୀଡ଼ା ପାଇଁ ପ୍ରସ୍ତୁତ କରାଇବା ସହ କିଭଳି ସେମାନେ ଲୋକଙ୍କ ମନୋରଞ୍ଜନ କରିବେ ସେବାବଦରେ ମଧ୍ୟ ତାଲିମ ଦେଇଥାନ୍ତି । ଏହାବାଦ୍ ବିପଦବେଳେ ମଣିଷଙ୍କୁ କିପରି ସାହାଯ୍ୟ କରିବେ ସେବାବଦରେ ସେମାନଙ୍କୁ ଶିକ୍ଷା ଦିଆଯାଇଥାଏ । ଏହା ଏକ ରୋମାଞ୍ଚକର କ୍ୟାରିୟର ହୋଇଥାଏ ।

### ରୋଜଗାର

ଏଥିରେ ଶିକ୍ଷା ସମାପ୍ତି ପରେ ଜଣେ ଶୋ' ଟ୍ରେନର, ସର୍ଭିସ ଆନିମଲ ଟ୍ରେନର, ପୋଷାଜୀବ ତାଲିମ୍‌ଦାତା ଭାବରେ କାର୍ଯ୍ୟ କରିଥାଆନ୍ତି । ଜଣେ ପଶୁ ପ୍ରଶିକ୍ଷକ କ୍ୟାରିୟର ଆରମ୍ଭରେ ମାସିକ ଦଶହଜାର ଟଙ୍କା ପାଇଥାନ୍ତି । ଅଭିଜ୍ଞତା ଅନୁସାରେ ଏହା ବୃଦ୍ଧି ପାଇଥାଏ । ଜଣେ ଜଣେ ଘଣ୍ଟାକ ହିସାବରେ ମଧ୍ୟ ପାରିଶ୍ରମିକ ଧାର୍ଯ୍ୟ କରିଥାଆନ୍ତି ।

### ଆବଶ୍ୟକ ଜ୍ଞାନକୌଶଳ

ପଶୁ ପ୍ରଶିକ୍ଷକ ହେବାକୁ ହେଲେ ପଶୁପକ୍ଷୀମାନଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ସାଙ୍ଗକୁ ନୂଆ ଜିନିଷ ଶିଖାଇବା କିମ୍ବା ଶିଖିବା ସମୟରେ ବିଭିନ୍ନ ପ୍ରକ୍ରିୟାକୁ ଉପଯୋଗ କରିପାରିବାର ଆବଶ୍ୟକତା ଥାଏ । ସବୁଠାରୁ ବଡ଼ କଥା ହେଲା ସହନଶୀଳତା ଗୁଣ ରହିଥିବା ଆବଶ୍ୟକ । ଯଦ୍ୱାରା ସେ ଜୀବଜନ୍ତୁଙ୍କ କଥାବୁଝି ସେହି ଅନୁସାରେ ତାଲିମ୍ ପ୍ରଦାନ କରିପାରିବେ । ବିଶେଷକରି ସାମୁଦ୍ରିକ ଜୀବମାନଙ୍କୁ ତାଲିମ୍ ଦେଉଥିବା ଟ୍ରେନର୍‌ମାନଙ୍କୁ ପହଁରା ଜଣାଥିବା ଆବଶ୍ୟକ ।



### ନିଯୁକ୍ତି ସୁଯୋଗ

ପଶୁ ପ୍ରଶିକ୍ଷକମାନେ ବିଭିନ୍ନ ପଶୁ ଆଶ୍ରୟସ୍ଥଳଓ ପ୍ରାଣୀ ଉଦ୍ୟାନରେ କାମ କରିବାର ସୁଯୋଗ ପାଇ ଥାଆନ୍ତି । ଫିଲ୍ମ ଓ ମନୋରଞ୍ଜନ ଉଦ୍ୟୋଗ ତଥା ଫାର୍ମଗୁଡ଼ିକରେ ମଧ୍ୟ ସେମାନେ ନିଯୁକ୍ତି ପାଇପାରିବେ । ଏହାବାଦ୍ ପୁଲିସ୍ ଫୋର୍ସରେ ମଧ୍ୟ ନିଯୁକ୍ତି ସୁଯୋଗ ରହିଛି । ପଶୁ ଚିକିତ୍ସାଳୟ ଓ ଲ୍ୟାବ୍‌ଗୁଡ଼ିକରେ ମଧ୍ୟ କାର୍ଯ୍ୟ କରିପାରିବେ ।

### ପ୍ରମୁଖ ସଂସ୍ଥାନ

- କୋଚିନ ଡଗ୍ ଟ୍ରେନିଂ ଏକାଡେମୀ ଆଣ୍ଡ ପେଟ୍ ରିସର୍ଟ, କେରଳ
- ଡଗ୍ ଟେନିଂ ଇନ୍‌ଷ୍ଟିଚ୍ୟୁଟ୍, ମୋହାଲି
- ବୁଡଷ୍ଟକ୍ ଡଗ୍ ଟ୍ରେନିଂ ସ୍କୁଲ୍, ଚେନ୍ନାଇ
- ନେସନାଲ୍ ଟ୍ରେନିଂ ଫର୍ ଡଗ୍, ମଧ୍ୟପ୍ରଦେଶ

## ସିଲାବସ୍ ଚାପ

# ଭାବନାକୁ ଡାଏରୀରେ ଟିପିବା ଦରକାର

**ପରୀକ୍ଷା ଥାଉ ବା ନ ଥାଉ ଛାତ୍ରଛାତ୍ରୀଙ୍କୁ କେବେ ବି ପାଠପଢ଼ାରୁ ଫୁରସତ୍ ମିଳି ନ ଥାଏ । ସ୍ୱଳ୍ପ ସମୟ ମଧ୍ୟରେ ସିଲାବସ୍‌କୁ କେମିତି ସାରିବେ ସେନେଇ ସେମାନେ ଚାପରେ ରୁହନ୍ତି । ଏଭଳି ସ୍ଥିତିକୁ କେମିତି ଦୂର କରିହେବ, ସେନେଇ ପରାମର୍ଶ ଦେଇଛନ୍ତି ଚେନ୍ନାଇର ଏନଏଲସି ନିଉଭେଲିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରାଥମିକ ଶିକ୍ଷକ ସୁଦୀପ କୁମାର ନାୟକ ।**

ପଢ଼ିବା ସମୟରେ ଧ୍ୟାନ ନ ରହିବା, ଅଧିକ ସମୟ ପଢ଼ିଲେ ମୁଣ୍ଡବିନ୍ଧା ହେବା, ପରୀକ୍ଷା ପାଇଁ ବ୍ୟସ୍ତ ବିବ୍ରତ ହେବା, ନିଦ ନ ଲାଗିବା, ବାରମ୍ବାର ଭୋକ ଲାଗିବା କିମ୍ବା ନ ଲାଗିବା ଆଦି ଲକ୍ଷଣ ଛାତ୍ରଛାତ୍ରୀଙ୍କ ପାଖରେ ଦେଖାଗଲେ ସେମାନେ ପଢ଼ାକୁ ନେଇ ଅବସାଦଗ୍ରସ୍ତ ଅଛନ୍ତି ବୋଲି ଜଣାପଡ଼େ ।

### ମଝିରେ ବିରତି ନିଅନ୍ତୁ

ପଢୁଥିବା ସମୟରେ ଛାତ୍ରଛାତ୍ରୀ ସ୍ୱଳ୍ପ ସମୟ ପାଇଁ ବିରତି ନେବା ଜରୁରି । ସର୍ବଦା ନିଜ ଷ୍ଟଡି ରୁମ୍‌ରେ ସମୟ ଅତିବାହିତ କଲେ ବିଷାଦଗ୍ରସ୍ତ ହେବା ଆଶଙ୍କା ରହିଛି । ସେଥିପାଇଁ ସେମାନେ ବାହାରକୁ ବାହାରି କିଛି ସମୟ ବୁଲାବୁଲି କରିବା ଲାଭଦାୟକ ।

### ପରିବାର ଓ ସାଙ୍ଗସାଥୀଙ୍କ ସହ ସମୟ ବିତାନ୍ତୁ

ଛାତ୍ରଛାତ୍ରୀଙ୍କ ପାଇଁ ଏକଲାପଣ ଅବସାଦର କାରଣ ସାଜିଥାଏ । ପରିବାର ଓ ସାଙ୍ଗସାଥୀଙ୍କ ସହ ମିଶିଲେ, କଥାବାର୍ତ୍ତା କଲେ ମନରୁ ନକାରାତ୍ମକତା ଦୂର ହୋଇପାରିବ ।

### ନିଜସ୍ୱ ବିଚାରକୁ ଡାଏରୀରେ ଲେଖନ୍ତୁ

ଅଧିକାଂଶ ପିଲା ନିଜ ମନକଥାକୁ ପିତାମାତା କିମ୍ବା ସାଙ୍ଗମାନଙ୍କୁ ଜଣାଇ ପାରନ୍ତିନି । ଏଭଳି ପରିସ୍ଥିତିରେ ଛାତ୍ରଛାତ୍ରୀ ନିଜ ଭାବନାକୁ ଡାଏରୀରେ ଲେଖିବା ଦରକାର ।

### ବିବିଧ କାର୍ଯ୍ୟରେ ଲିପ୍ତ ରୁହନ୍ତୁ

ପାଠ ପଢ଼ାରୁ ଫୁରସତ୍ ମିଳିଲେ ଭିଡିଓ ଗେମ୍ ଖେଳିବା, ଗୀତ ଶୁଣିବା, ସିନେମା ଦେଖିବା, ବହି ପଢ଼ିବା ତଥା ଚିତ୍ର ଆଙ୍କିବାରେ ନିଜକୁ ନିୟୋଜିତ କରିପାରିବେ ।

### ଇସିଆଇଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ଶ୍ରୀ ମନ୍ଦିର ସେବାୟତ

# ବନ୍ଦ ହେଉ ଓଡ଼ିଶା ସଂସ୍କୃତିର ପ୍ରତୀକ 'ଶଙ୍ଖ' ପ୍ରତି ଅଶୋଭନୀୟ ଆଚରଣ



**ଭୁବନେଶ୍ୱର, ୨।୪(ସମିସ):** 'ଶଙ୍ଖ' ହେଉଛି ଓଡ଼ିଆ ଜନଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପ୍ରତ୍ୟେକ ଶୁଭ କାର୍ଯ୍ୟ ଶଙ୍ଖ ଧ୍ୱନୀରୁ ହିଁ ଆରମ୍ଭ କରାଯାଇଥାଏ। ଓଡ଼ିଶାବାସୀଙ୍କ ଭାବ ଓ ଭକ୍ତିର ସମର୍ପଣ। ତେବେ ନିର୍ବାଚନ ସମୟରେ ଉପାସନାର ଶ୍ରେଷ୍ଠ ପ୍ରତୀକ 'ଶଙ୍ଖ'କୁ ପରଦାରେ ଘୋଡ଼ାଇ ରଖିବା ଏକ ଅପମାନ। କୋଟି କୋଟି ଭକ୍ତଙ୍କ ଭାବାବେଗକୁ ଏହା ପରିହାସ କରୁଛି। ତେଣୁ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ସମ୍ମାନ ଜଣାଇ 'ଶଙ୍ଖ' ପ୍ରତି ଏପରି ଅସମ୍ମାନ ଓ ଅଶୋଭନୀୟ ଆଚରଣ ବନ୍ଦ କରାଯାଉ। ଭାରତୀୟ ମୁଖ୍ୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିକଟରେ ଏପରି ଦାବି କରିଛନ୍ତି ପୁରୀ ଶ୍ରୀମନ୍ଦିରର ସେବାୟତ ଗଣ। ମଙ୍ଗଳବାର ଶ୍ରୀମନ୍ଦିର ସେବାୟତଙ୍କର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଇସିଆଇଙ୍କ ଉଦ୍ଦେଶ୍ୟରେ ଏହି ମର୍ମରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ଶ୍ରୀ ଜଗନ୍ନାଥ ସଂସ୍କୃତିର ଏକ ପବିତ୍ର ପ୍ରତୀକ ହେଉଛି 'ଶଙ୍ଖ'। ଭାରତୀୟ ସଭ୍ୟତାରେ 'ଶଙ୍ଖ'ର ଏକ ସ୍ୱତନ୍ତ୍ର ସ୍ଥାନ ଓ ସମ୍ମାନ ରହିଛି। ବିଶେଷକରି ସାଂସ୍କୃତିକ ଗାରିମା ସମ୍ପନ୍ନ ରାଜ୍ୟ ଓଡ଼ିଶାର ମନ୍ଦିରମାଳିନୀ ସହର ତଥା ଆଧ୍ୟାତ୍ମିକ ଅଞ୍ଚଳର ବାସିନ୍ଦାଙ୍କ ଭାବାବେଗ ସହିତ ଏକ ଓତଃପ୍ରୋତ ଭାବେ ଜଡ଼ିତ; କିନ୍ତୁ ନିର୍ବାଚନ ପରିପ୍ରେକ୍ଷୀରେ ପବିତ୍ର 'ଶଙ୍ଖ'କୁ ଯେପରି ଘୋଡ଼ାଇ ରଖାଯାଉଛି ତାହା କୋଟି କୋଟି ଭକ୍ତଙ୍କୁ ବେଶ୍ ଆଘାତ ଦେଉଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ସେବାୟତମାନେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଭୂମି ପୁରୀ 'ଶଙ୍ଖ କ୍ଷେତ୍ର' ଭାବେ ବିଶ୍ୱବିଦିତ। ସବୁଆଡ଼େ 'ଶଙ୍ଖକ୍ଷେତ୍ର' ଭାବେ ଏହାର ସୁନାମ ରହିଛି। କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥାର ପ୍ରାଣକେନ୍ଦ୍ର ଏବଂ ଶ୍ରଦ୍ଧାର ପ୍ରତୀକ। ସୁନାବେଶ ସମୟରେ ମହାପ୍ରଭୂଙ୍କ ହାତରେ ଶଙ୍ଖ, ଚକ୍ର ଶୋଭା ପାଇଥାଏ। ତେବେ 'ଶଙ୍ଖକ୍ଷେତ୍ର'ର ପବିତ୍ର ଭୂମି ଉପରେ ତଥା ବଡ଼ଦାଣ୍ଡରେ ଉପାସନାର ଶ୍ରେଷ୍ଠ ସନ୍ତକ 'ଶଙ୍ଖ'କୁ ଏପରି ଭାବେ ଆବୃତ୍ତ କରି ରଖିବା ଶ୍ରଦ୍ଧାଳୁଙ୍କ ଭାବାବେଗକୁ ବେଶ୍ ଆଘାତ ଦେଉଛି। ପ୍ରତିଦିନ

- **ସ୍ୱୟଂ ଜଗନ୍ନାଥ ଶଙ୍ଖ ଧାରଣ କରନ୍ତି, ରାଜନୀତି ସହ ଜଡ଼ିତ ନୁହେଁ 'ଶଙ୍ଖ'**
- **ନିର୍ବାଚନ ଆଳରେ ଭାବର ପ୍ରତୀକକୁ ଶ୍ରଦ୍ଧାଳୁଙ୍କ ଠାରୁ ଦୂରେଇ ନ ଦିଆଯାଉ**

ପୁରୀକୁ ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଏହାକୁ ନେଇ କ୍ଷୋଭ ପ୍ରକାଶ କରୁଛନ୍ତି। ନିର୍ବାଚନ ପାଇଁ ମହାପ୍ରଭୁଙ୍କ ପ୍ରତୀକ ଉପରେ କାହିଁକି ପ୍ରତିବନ୍ଧକ ଲଗାଯାଉଛି ବୋଲି ସମସ୍ତେ ପ୍ରଶ୍ନ କରୁଛନ୍ତି। ଏହି ପ୍ରତୀକ କୌଣସି ରାଜନୈତିକ କାର୍ଯ୍ୟକଳାପ କିମ୍ବା ରାଜନୈତିକ ଦଳ ସହିତ ସାମଞ୍ଜସ୍ୟ ରଖେ ନାହିଁ; କିନ୍ତୁ ଶଙ୍ଖକୁ ଲୋକଲୋଚନରୁ ଦୂରେଇ ଦେବା ଦ୍ୱାରା ଆମର ଧର୍ମୀୟ ଭାବନାକୁ ଗଭୀର ଆଘାତ ଦେଉଛି। ଶ୍ରଦ୍ଧାଳୁଙ୍କ ଅଭିଯୋଗକୁ ଆଣି ଆଜି ଆମେ ଇସିଆଙ୍କ ନିକଟରେ ପହଞ୍ଚାଇଛୁ। ତେଣୁ ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଶ୍ରଦ୍ଧା ଓ ଭାବାବେଗକୁ ସମ୍ମାନ ଜଣାଇ ଭାରତୀୟ ନିର୍ବାଚନ ଆୟୋଗ ଏହି ଧାର୍ମିକ ପ୍ରତୀକକୁ ଅସମ୍ମାନିତ କରା ନ ଯିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ସେବାୟତମାନେ ଅନୁରୋଧ କରିଛନ୍ତି।

### ତାତିର ତାଉ

# ୪୧° ଟପିଲା ୭ ସହର

**ଭୁବନେଶ୍ୱର, ୨।୪(ସମିସ):** ରାଜ୍ୟରେ କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। କେବଳ ଦିନରେ ନୁହେଁ ରାତିରେ ମଧ୍ୟ ତାତିର ତାଉ ଜାରି ରହିଛି। ଫଳରେ ଲୋକେ ଗରମ ଗୁଳୁଗୁଳିରେ ଦିନ ରାତି କଲବଲ ହେଉଛନ୍ତି। ମଙ୍ଗଳବାର ରାଜ୍ୟରେ ପ୍ରବଳ ତାତି ଅନୁଭୂତ ହୋଇଥିବା ବେଳେ ୭ ସହରରେ ତାପମାତ୍ରା ୪୧ ଡିଗ୍ରୀ ଅତିକ୍ରମ କରିଛି। ୪୧.୭ ଡିଗ୍ରୀ ସହ ମାଲକାନଗିରି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଟିଟିଲାଗଡ଼ରେ ତାପମାତ୍ରା ୪୧.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବୌଦ୍ଧରେ ୪୧.୪ ଡିଗ୍ରୀ, ଭବାନୀପାଟଣା



୪୧.୨ ଡିଗ୍ରୀ ନୟାଗଡ଼, ବଲାଙ୍ଗିର ଏବଂ ତାଳଚେର ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏହି ସହର ବ୍ୟତୀତ ଅନୁଗୁଳରେ ତାପମାତ୍ରା ୪୦.୭ ଡିଗ୍ରୀ, ଝାରସୁଗୁଡ଼ା ୪୦.୩ ଡିଗ୍ରୀ, ଭୁବନେଶ୍ୱର ୩୭.୨ ଡିଗ୍ରୀ ଓ କଟକର ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ପରେ ରାଜ୍ୟରେ ଆହୁରି ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଏହାଦ୍ୱାରା ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩୮-୪୧ ଡିଗ୍ରୀ ମଧ୍ୟରେ ରହିବ। ସେହିପରି ଉପକୂଳରେ ୩୬-୩୮ ଡିଗ୍ରୀ ମଧ୍ୟରେ ତାପମାତ୍ରା ରହିବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟରେ ବୁଧବାରଠାରୁ ପରବର୍ତ୍ତୀ ୪ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରୀ ପରିସ୍ଥିତି ସୃଷ୍ଟି ହେବ। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ ଓ କେନ୍ଦୁଝରରେ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର 'ହିଟ୍ ୱେଭ୍' ଆଲର୍ଟ ଜାରି କରିଛି। କେବଳ ଦିନରେ ନୁହେଁ ରାତିରେ ମଧ୍ୟ କିଛି ଜିଲ୍ଲାରେ ତାତି ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିପାରେ ବୋଲି କୁହାଯାଉଛି। ମୁଖ୍ୟତଃ ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ସୋନପୁର, କନ୍ଧମାଳ ଓ ନୟାଗଡ଼ରେ 'ଉଷ୍ମ ରାତି' ଅନୁଭୂତ ହେବାକୁ ଥିବାରୁ ପାଣିପାଗ କେନ୍ଦ୍ର ବୁଧବାର ରାତି ପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

ଅନ୍ୟପଟେ ରାଜ୍ୟକୁ ଉତ୍ତର-ପଶ୍ଚିମ ଭାରତ ଭୂଖଣ୍ଡ ଆଡୁ ଉତ୍ତପ୍ତ ବାୟୁ ପ୍ରବାହିତ ହେଉଛି। ମୁକ୍ତ ଆକାଶ ରହୁଥିବାରୁ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ

- **୬ ଜିଲ୍ଲାକୁ ହିଟ୍ ୱେଭ୍ ଆଲର୍ଟ**
- **୭ ତାରିଖ ଯାଏଁ ନିସ୍ତାର ନାହିଁ**
- **ମାଲକାନଗିରି ସବୁଠୁ ଉତ୍ତପ୍ତ**

ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଏପ୍ରିଲ୍ ୭ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୋଆ ପରିଚାଳିତ ସେଣ୍ଟର ଫର୍ ଏନଭାଇରନମେଣ୍ଟଆଣ୍ଡ କ୍ଲାଇମେଟ (ସିଇସି) ପକ୍ଷରୁ ମଙ୍ଗଳବାର କୁହାଯାଇଛି। ସିଇସିର ନିର୍ଦ୍ଦେଶକ ଡଃ ଶରତ ଚନ୍ଦ୍ର ସାହୁ କହିଛନ୍ତି ଯେ ବଙ୍ଗୋପସାଗର ଆଡୁ ରାଜ୍ୟ ମଧ୍ୟକୁ ପବନ ପ୍ରବାହିତ ନ ହେବା ଓ କମ୍ ଆର୍ଦ୍ରତା ଦିନର ତାପମାତ୍ରାକୁ ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ଏପ୍ରିଲ ୭ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ୪୦ ରୁ ୪୨ ଡିଗ୍ରୀ ସେଲସିୟସ୍ ରହିବାର ସମ୍ଭାବନା ଥିବାବେଳେ ଉପକୂଳ ଓଡ଼ିଶାରେ ଏହା ୩୭ ରୁ ୩୯ ଡିଗ୍ରୀ ସେଲସିୟସ୍ ରହିବ। ଏପ୍ରିଲ ୭ ଅପରାହ୍ଣ ବା ରାତ୍ରିରେ ବଜ୍ରପାତ ସହ ଝଡବର୍ଷାର ସମ୍ଭାବନା ଥିବାରୁ ଏପ୍ରିଲ ୮ ରୁ ୧୦ ପର୍ଯ୍ୟନ୍ତ ଏହା ଦିନର ତାପମାତ୍ରାକୁ କମାଇ ଦେଇପାରେ। ଏହି ସମୟରେ ଅଧିକାଂଶ ସ୍ଥାନରେ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ଫସିୟସ୍‌ରୁ କମ୍ ରହିବ। ଦିନର ତାପମାତ୍ରା ଏପ୍ରିଲ ୧୧ରୁ ପୁଣି ବୃଦ୍ଧି ପାଇପାରେ ବୋଲି ଡଃ ସାହୁ କହିଛନ୍ତି।

# କଂଗ୍ରେସ ଛାଡିଲେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା

**କେନ୍ଦ୍ରାପଡ଼ା, ୨।୪ (ସମିସ):** କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ପୂର୍ବତନ ମନ୍ତ୍ରୀ, କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ପିସିସି ମିଡିଆ ସେଲ୍‌ର ଅଧ୍ୟକ୍ଷ ଗଣେଶ୍ୱର ବେହେରା ଇସ୍ତଫା ଦେଇଛନ୍ତି। ଆଜି ଶ୍ରୀ ବେହେରା କଂଗ୍ରେସରୁ ଇସ୍ତଫା ଦେଇଥିବା ନେଇ ନିଜେ ସୂଚନା ଦେଇଛନ୍ତି। ଏହାପରେ ସେ ବିଜେଡିରେ ମିଶିବେ ବୋଲି ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ଶ୍ରୀ



ବେହେରା କହିଛନ୍ତି ଯେ କଂଗ୍ରେସ ଦଳରେ ବିଧାନସଭାକୁ ଯିବା ସମ୍ଭବ ହେଉନି। ଅନେକଥର ଚେଷ୍ଟା କରାଯାଇଛି। ହେଲେ ଅଳ୍ପ ଭୋଟରେ ହାରିଯାଇଛି। ଏଥିପାଇଁ ବାଧ୍ୟ ହୋଇ ସେ କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି ବୋଲି କହିଛନ୍ତି। କିନ୍ତୁ ଆଗାମୀ ଦିନରେ ସେ କେଉଁ ଦଳକୁ ଯିବେ ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। ଗଣେଶ୍ୱର ବିଜେଡିରେ ମିଶିବା ନେଇ ଗତ କିଛି ମାସ ହେଲା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିଲା।

### ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେଡି ପ୍ରତିନିଧିମଣ୍ଡଳୀ

# ସ୍ୱଚ୍ଛ ଓ ଅବାଧ ନିର୍ବାଚନ ସୁନିଶ୍ଚିତ ପାଇଁ ଦାବି

**ଭୁବନେଶ୍ୱର,୨।୪(ସମିସ):** ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଓଡ଼ିଶା ରାଜନୈତିକ ଇତିହାସରେ ସ୍ୱଚ୍ଛ ଓ ଶୃଙ୍ଖଳିତ ନିର୍ବାଚନ ପରିଚାଳନାରେ ଉଦାହରଣ ସୃଷ୍ଟି କରିଛି। ବିଜୁ ଜନତା ଦଳ ସର୍ବଦା ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନରେ ବିଶ୍ୱାସ କରେ। ରାଜନୀତିରୁ

- **ଅତୀତରେ ରକ୍ତପାତ ଓ ବେଆଇନ କାର୍ଯ୍ୟ ଘଟାଇଛନ୍ତି ବିରୋଧୀ ଦଳ**
- **ସ୍ୱଚ୍ଛ ନିର୍ବାଚନ ପରିଚାଳନାରେ ଉଦାହରଣ ସୃଷ୍ଟି କରିଛନ୍ତି ମୁଖ୍ୟମନ୍ତ୍ରୀ**

ହିଂସାକୁ ଦୂରେଇ ରଖିବା ପାଇଁ ବିଜେଡି ବାରମ୍ବାର ନିଜ ପ୍ରତିବଦ୍ଧତାକୁ ଦୋହରାଇ ଚାଲିଛି। କିନ୍ତୁ ଗତ ନିର୍ବାଚନରେ ଓଡ଼ିଶାର ବିରୋଧୀ ଦଳମାନେ ଯେପରି ଭାବେ ହିଂସାକାଣ୍ଡ ଘଟାଇବା ସହିତ ବେଆଇନ କାର୍ଯ୍ୟରେ ଲିପ୍ତ ରହିଥିଲେ, ତାହାର ପୁନରାବୃତ୍ତି ନ ହେଉ ବୋଲି ବିଜେଡି କହିଛି। ଆଗାମୀ ନିର୍ବାଚନରେ କୌଣସି ପ୍ରକାର ଅଗଣତାନ୍ତ୍ରିକ କାର୍ଯ୍ୟକଳାପ ଆଶଙ୍କାକୁ ପ୍ରତିହତ କରିବା ଲାଗି ପଦକ୍ଷେପ ନିଆଯାଉ ବୋଲି ଦଳ ଦାବି କରିଛି। ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ



କରିଛି। ବିଜେଡି ପକ୍ଷରୁ କୁହାଯାଇଛି ଯେ ଅହିଂସାରେ ବିଶ୍ୱାସ ରଖୁଥିବା ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରି ବିଶ୍ୱବାସୀଙ୍କ ଆଗରେ ଉଦାହରଣ ରଖିଛନ୍ତି। ଅହିଂସା ମାର୍ଗରେ ପରିଚାଳିତ ହୋଇ ଏବଂ ବେଆଇନ କାର୍ଯ୍ୟରୁ ବିଜେଡି ସର୍ବଦା ଦୂରତା ବଜାୟ ରଖିଛି। ଭାରତୀୟ ସମ୍ବିଧାନ ହିଁ ସର୍ବମାନ୍ୟ ଏବଂ ନିର୍ବାଚନ ଭଳି ସାମ୍ବିଧାନିକ ଅଧିକାର ଆମ ଗଣତନ୍ତ୍ରର ମଜଭୁତ୍ ଆଧାର ବୋଲି ବିଜେଡିର ବିଶ୍ୱାସ ରହି ଆସିଛି। କିନ୍ତୁ ଅତୀତରେ ଦେଖାଯାଇଛି ଯେ ବିରୋଧୀ ଦଳଗୁଡ଼ିକ ନିର୍ବାଚନ ଜିତିବା ଲାଗି ଅନେକ ବେଆଇନ କାର୍ଯ୍ୟରେ ଲିପ୍ତ ରହିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନୀ ହିଂସା କାଣ୍ଡରେ ବିରୋଧୀ ଦଳଙ୍କ ସମ୍ପୃକ୍ତି ସମସ୍ତେ ଦେଖିଛନ୍ତି। ବୁଥ୍ ଜବରଦଖଲ, ଆକ୍ରମଣ, ଭୋଟରଙ୍କୁ ବେଆଇନ ଭାବେ ପ୍ରଭାବିତ କରିବା ଭଳି କାର୍ଯ୍ୟରେ ବିରୋଧୀ ଦଳର ନେତାମାନେ ଲିପ୍ତ ରହିଥିବାର ଅନେକ ଉଦାହରଣ ରହିଛି। ଚଳିତ ନିର୍ବାଚରେ ମଧ୍ୟ ବିରୋଧୀ ଦଳ ଅନୁରୂପ ପନ୍ଥା ଆପଣାଇବାର ଯଥେଷ୍ଟ ଆଶଙ୍କା ରହିଛି। ଦେଶର ଏହି ମହାନ୍ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ତେଣୁ ଏହି ନିର୍ବାଚନକୁ ସ୍ୱଚ୍ଛ ଏବଂ ଅବାଧ ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନେବା ଏକାନ୍ତ ଜରୁରୀ। ଗଣତନ୍ତ୍ରର ସୁରକ୍ଷା ପାଇଁ ଭାରତୀୟ ନିର୍ବାଚନ ଆୟୋଗ ଏପରି ଅନୈତିକ ଏବଂ ବେଆଇନ କାର୍ଯ୍ୟରେ ଲିପ୍ତ ଦଳ ଓ ନେତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି। ଏଥିପାଇଁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସରକାରୀ ବିଭାଗଗୁଡ଼ିକ ଯତ୍ନବାନ୍ ହେବା ଲାଗି ଇସିଆଇ ନିର୍ଦ୍ଦେଶ ଦେବା ଆବଶ୍ୟକ ବୋଲି ବିଜେଡି କହିଛି।

ବିଜେଡିର ଏହି ପ୍ରତିନିଧିଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡଃ ସସ୍ମିତ ପାତ୍ରଙ୍କ ସମେତ ଡଃ ଲେଲିନ୍ ମହାନ୍ତି, ଗୌତମବୁଦ୍ଧ ଦାସ, ଅମିତ ମଲ୍ଲିକ, ଡଃ ପ୍ରିୟବ୍ରତ ମାଝୀ, ଡାକ୍ତର ହରୀଶ ଚୌଧୁରୀ, ତୃମ୍ବନାଥ ପଣ୍ଡା, ମିହିର ରାୟ, ସୋଫିଆ ଆଲାମ, ମଧୁସ୍ମିତା ନାୟକ, ଇପ୍ସିତା ସାହୁ ପ୍ରମୁଖ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶାନ୍ତିଲତାଙ୍କ ଶେଷକୃତ୍ୟ

**ପୁରୀ, ୨।୪(ସମିସ):** ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ମଙ୍ଗଳବାର ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ ସଂପନ୍ନ ହୋଇଛି। ମରଶରୀର ସ୍ୱର୍ଗଦ୍ୱାରରେ ପହଞ୍ଚିବା ପରେ ଗାର୍ଡ-ଅଫ୍-ଅନର୍ ପ୍ରଦାନ କରାଯାଇ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସତ୍କାର କରାଯାଇଥିଲା। ଶାନ୍ତିଲତାଙ୍କ ବଡ଼ପୁଅ ଅଭିଷେକ ଛୋଟରାୟ ମୁଖାଗ୍ନି ଦେଇଥିଲେ। ମୃତଦେହ ପହଞ୍ଚିବା ପରେ ସତ୍କାର ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର



ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଅତିରିକ୍ତ ଉପ-ଜିଲ୍ଲାପାଳ ନୀଳମାଧବ ମାଝି ପ୍ରମୁଖ ସ୍ୱର୍ଗଦ୍ୱାରରେ ପହଞ୍ଚି ସମସ୍ତ ବ୍ୟବସ୍ଥାକୁ ତଦାରଖ କରିବା ସହ ମରଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସମୁଦ୍ର କୂଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମୋହନାରେ ବଢ଼ିଲା ବିଜେଡି ବଳ

# ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ



**ଭୁବନେଶ୍ୱର,୨।୪(ସମିସ):** ଗଜପତି ଜିଲ୍ଲା ଅନ୍ତର୍ଗତ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ, ନିର୍ବାଚିତ ପ୍ରତିନିଧି ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶଙ୍ଖଭବନରେ ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ସମସ୍ତଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ସାମିଲ୍ ହୋଇଥିବା ବିଜେପି ଓ କଂଗ୍ରେସ ନେତାମାନେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିବା ଘୋଷଣା କରିଛନ୍ତି। ନୂତନ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବୁ ବୋଲି ମଧ୍ୟ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଦଳରେ ଗ୍ରହଣ

**ଯୋଗ ଦେଲେ ବିଭିନ୍ନ ଦଳର ବହୁ ନିର୍ବାଚିତ ପ୍ରତିନିଧି**

କରାଯାଇଥିବାରୁ ନବାଗତମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଜିଲ୍ଲା ସଭାପତି ଜଗବନ୍ଧୁ ଦାସ, ଋତୁରାଜ ସାହୁ, ନୂଆଗଡ଼ ବ୍ଲକ କଂଗ୍ରେସ ଜିଲ୍ଲାପରିଷଦ ସଦସ୍ୟ ରାଜୀବ ଦୋରା, ନୂଆଗଡ଼ ବ୍ଲକ ଉପାଧ୍ୟକ୍ଷ ନିହିମିଆ ରାଇତା, ପୂର୍ବତନ ସରପଞ୍ଚ ଜୟସେନ ଦୋରା, ନାଏବ ସରପଞ୍ଚ ଯୋଶେଫ ଗମାଙ୍ଗ, ୱାର୍ଡ଼ ମେମ୍ବର ଅସୀମା ଗମାଙ୍ଗ, ପ୍ରଶାନ୍ତ ମଣ୍ଡଳ, ସୁରତା ରାଇତା, ପିତାମ୍ବର ନାୟକ, ରାଜେନ୍ଦ୍ର ଦଳବେହେରା, ରାଜେଶ ମଣ୍ଡଳ, ମଧୁ ମଣ୍ଡଳ, ସରପଞ୍ଚ ଉଦୀପା ମଣ୍ଡଳ, ବିଜେପିର ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟା ନନ୍ଦିନୀ ସାମଲ, ବିଜେପି ନେତା ହରି ଚନ୍ଦ୍ର ବୁମଲା, ପ୍ରଫୁଲ୍ଲ କୁମାର ରାଇତା, ଲବାଗୋ ଦଳାଇ, ଆୟୁଷ୍ମାନ ପରିଛା, ପୂର୍ବତନ ସରପଞ୍ଚ ତାରଣୀ ନାୟକ, ବିଜେପି କର୍ମୀ ମୋହନା ଗୌଡ଼ଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଙ୍ଗୀ ଓ ଗମାଙ୍ଗ ପରିବାର ନିରାଶ

# ବାପ-ପୁଅ ଓ ବାପ-ଝିଅଙ୍କୁ କଂଗ୍ରେସ ଟିକଟ

**ଭୁବନେଶ୍ୱର, ୨।୪(ସମିସ):** ପ୍ରଥମ ପର୍ଯ୍ୟାୟରେ ରାଜ୍ୟ କଂଗ୍ରେସର ପ୍ରାର୍ଥୀ ତାଲିକା ଆସି ସାରିଛି। ଏଥିରେ ବହୁ ପୁରୁଖା ନେତାଙ୍କୁ ସ୍ଥାନ ମିଳିଥିବା ବେଳେ କିଛି ନୂଆ ମୁହଁ ମଧ୍ୟ ଦେଖିବାକୁ ମିଳୁଛି। ତେବେ ଟିକଟ ଘୋଷଣା ପରେ ଦୁଇଟି ପରିବାର କଂଗ୍ରେସର ଦୁଇ ଭେଭିୱେଟ୍ ନେତାଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଦକ୍ଷିଣ ଓଡ଼ିଶା ରାଜନୀତିରେ ଏକଦା ପ୍ରାଧାନ୍ୟ ରଖିଥିବା ଏହି ଦୁଇ ପରିବାରକୁ କଂଗ୍ରେସ ଟିକଟରୁ ବଞ୍ଚିତ ରଖାଯାଇଥିବା ବେଳେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଦୁଇ ଟାଣୁଆ ନେତା ନିଜ ସହ ନିଜ ସନ୍ତାନଙ୍କ ପାଇଁ ମଧ୍ୟ ଟିକଟ ହାତେଇ ନେବାରେ ସଫଳ ହୋଇଛନ୍ତି।



ନର୍ଲାରୁ କଂଗ୍ରେସର ବରିଷ୍ଠ ନେତା ତଥା ବର୍ତ୍ତମାନ ରାଜ୍ୟ କଂଗ୍ରେସର ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଦାସ ନିର୍ବାଚନ ଲଢ଼ିବେ। ସେହିପରି ତାଙ୍କ ପୁଅ ସାଗର ଭବାନୀପାଟଣା ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ସାଗର ଦାସ ୨୦୧୯ରେ କଳାହାଣ୍ଡି ଲୋକସଭା ଆସନରୁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିବା ବେଳେ ଦଳ ତାଙ୍କୁ ଏଥର ବିଧାନସଭା ପ୍ରାର୍ଥୀ କରିଛି। ଉଭୟ ବାପ-ପୁଅ କଂଗ୍ରେସ ଟିକଟରୁ ପ୍ରାର୍ଥୀ ହେବା ପରେ ରାଜ୍ୟରେ ପରିବାରବାଦ ରାଜନୀତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସେହିଭଳି ନବରଙ୍ଗପୁର ଲୋକସଭା ଆସନରୁ ଭୁଜବଳ ମାଝି କଂଗ୍ରେସ ଟିକେଟ ପାଇଥିବାବେଳେ ତାଙ୍କ ଝିଅ ଲିପିକା ମାଝି ଡାବୁଗାଁ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଲିପିକା ବର୍ତ୍ତମାନ ଜିଲ୍ଲା ପରିଷଦ ସଦସ୍ୟ ଥିବା ବେଳେ ଦଳ ତାଙ୍କୁ ବିଧାୟକ ପ୍ରାର୍ଥୀ କରିଛି। ଉଭୟ ବାପ-ପୁଅ ଓ ବାପ-ଝିଅ କଂଗ୍ରେସ ଟିକଟରୁ ପ୍ରାର୍ଥୀ ହେବା ପରେ ରାଜ୍ୟରେ ପରିବାରବାଦ ରାଜନୀତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।



ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ତାଲିକାରେ ଅବିଭକ୍ତ କୋରାପୁଟ୍ ଜିଲ୍ଲା ଦୁଇ ପୁରୁଖା ନେତା ଜୟରାମ ପାଙ୍ଗି ଓ ଗିରିଧର ଗମାଙ୍ଗଙ୍କ ପରିବାର ମଧ୍ୟରୁ କାହାକୁ ଟିକଟ ମିଳି ନାହିଁ। କୋରାପୁଟ ଜିଲ୍ଲାର ଟାଣୁଆ ଆଦିବାସୀ ନେତା ଭାବେ ଜୟରାମ ପାଙ୍ଗି ଓ ଗିରିଧର ଗମାଙ୍ଗଙ୍କ ନାଁ ରହିଛି। ମାତ୍ର ଦଳ ଏହି ଦୁଇ ନେତାଙ୍କୁ ନିରାଶ କରିଛି। ବିଜେଡିରୁ ଲଗାତାର ଭାବେ ଜୟରାମ ପାଙ୍ଗି ବିଜୟୀ ହେଉଥିଲେ। ହେଲେ ୨୦୧୯ ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ। ବିଜେପି ତାଙ୍କୁ ୨୦୧୯ରେ କୋରାପୁଟ ଲୋକସଭା ପ୍ରାର୍ଥୀ କରିଥିଲା। ତା'ପରେ ଜୟରାମ ପାଙ୍ଗି ବିଜେପି ଛାଡ଼ି ବିଆର୍‌ଏସ୍‌ରେ ସାମିଲ ହୋଇଥିଲେ। ୨-୩ ମାସ ପୂର୍ବେ ସେ ବିଆରଏସ ଛାଡ଼ି କଂଗ୍ରେସରେ ମିଶିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ପଟ୍ଟାଙ୍ଗି ଆସନରୁ ସେ କଂଗ୍ରେସ ଟିକେଟ୍ ପାଇଁ ଆଶାୟୀ ଥିଲେ ମଧ୍ୟ ଦଳ ତାଙ୍କ ବଦଳରେ ରାମଚନ୍ଦ୍ର କାଡାମଙ୍କୁ ଟିକେଟ ଦେଇଛି।

ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଓ ତାଙ୍କ ପରିବାରକୁ ମଧ୍ୟ କଂଗ୍ରେସ ନିରାଶ କରିଥିବା କୁହାଯାଉଛି। ଗିରିଧରଙ୍କ ପତ୍ନୀ ହେମା ଗମାଙ୍ଗ ସାଂସଦ ମଧ୍ୟ ହୋଇଥିଲେ। ୨୦୧୯ ନିର୍ବାଚନ ପୂର୍ବରୁ ଗିରିଧର ଗମାଙ୍ଗ ଓ ତାଙ୍କ ପୁଅ ଶିଶିର ଗମାଙ୍ଗ କଂଗ୍ରେସ ଛାଡ଼ି ବିଜେପିରେ ମିଶିଥିଲେ। ଦଳ ଶିଶିରଙ୍କୁ ଗୁଣୁପୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଥିଲା। ସେପଟେ ମାଆ ହେମା ଗମାଙ୍ଗ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ। ଦଳ ତାଙ୍କୁ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଥିଲା। ହେଲେ ନିର୍ବାଚନରେ ମାଆ ଓ ପୁଅ ପରାସ୍ତ ହୋଇଥିଲେ। ନିର୍ବାଚନରେ ପରାସ୍ତ ହେବା ପରେ ଗମାଙ୍ଗ ପରିବାର ବିଆର୍‌ଏସ୍‌ରେ ସାମିଲ ହୋଇଥିଲେ। ଓଡ଼ିଶାରେ ବିଆର୍‌ଏସର କୌଣସି କାର୍ଯ୍ୟକ୍ରମ ଆଗକୁ ନ ବଢ଼ିବାରୁ ସେମାନେ ପରବର୍ତ୍ତୀ ସମୟରେ ସପରିବାର ଦିଲ୍ଲୀ ଯାଇ କଂଗ୍ରେସରେ ମିଶିଥିଲେ। ହେମା ଗମାଙ୍ଗ ଗୁଣୁପୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବା ଆଶା ରଖିଥିବା ବେଳେ ତାଙ୍କ ସ୍ଥାନରେ ଏଠାରେ ଦଳ ସତ୍ୟଜିତ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଛି। ସେହିପରି ଶିଶିର ଗମାଙ୍ଗ ନବରଙ୍ଗପୁର ଲୋକସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବା ପାଇଁ ଆଶା ରଖିଥିଲେ ମଧ୍ୟ ଦଳ ତାଙ୍କ ସ୍ଥାନରେ ଭୂଜବଳ ମାଝୀଙ୍କୁ ପ୍ରାର୍ଥୀ କରିଛି।

## ଧର୍ମ ପରାୟଣା ବ୍ୟକ୍ତିଙ୍କ ପରଲୋକ



**ଆନନ୍ଦପୁର,୨।୪(ସମିସ):** ସ୍ଥାନୀୟ ନାରଙ୍ଗପୁର ଗ୍ରାମର ଧର୍ମ ପରାୟଣ ବ୍ୟକ୍ତି ରଘୁନାଥ ଶତପଥୀଙ୍କ ୬୯ ବୟସରେ ଅକାଳ ବିୟୋଗ ହୋଇଛି। ଆଜି ତାଙ୍କ କ୍ରିୟାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବଡ଼ ପୁଅ ତୁଷାର କାନ୍ତ ଶତପଥୀ ମୁଖାଗ୍ନି ଦେଇଥିଲେ। ସମୀର କାନ୍ତ ଶତପଥୀ,ସାଗର ଶତପଥୀ ପରିବାର ସମସ୍ତ ସଦସ୍ୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବନ୍ଧୁ ବାନ୍ଧବ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୁଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ



**ସୋସୋ/ହାଟଡିହୀ,୨।୪(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ସୋସୋ ଥାନା ଅଞ୍ଚଳର ସୋସୋ, ବିଦ୍ୟାଧରପୁର, ବାଙ୍ଗୋର, ହଦଗଡ଼, ବାଲିବରେଇ, ଓଏମ୍‌ସି କଲୋନୀ ଆଦି ସ୍ଥାନଗୁଡିକରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ସହ ଶାନ୍ତିଶୃଙ୍ଖଳା କରିବା ନିମନ୍ତେ ଏସ୍‌ଡିପିଓ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ସିଆର୍‌ଏସ୍‌ଏଫ୍ ଯବାନମାନଙ୍କୁ ନେଇ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ କରାଯାଇଥିବାବେଳେ ସୋସୋ ଥାନ ଅଧିକାରୀ ବିଜୟ କୁମାର ବିହାରୀଙ୍କ ସହଯୋଗରେ ଥାନାର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

● ମୋବାଇଲ ଦେଖାଇଲା ବାଟ

## ପୁସ୍ତକ ଓ କୋଚିଂ ବିନା ଛାତ୍ରଙ୍କ କୃତିତ୍ୱ



**ଆନନ୍ଦପୁର,୨।୪(ସମିସ):** ଆଧୁନିକ ଯୁଗରେ ପାଠ ପଢାର ଢାଞ୍ଚା ମଧ୍ୟ ଦିନକୁ ଦିନ ବଦଳିବାରେ ଲାଗିଛି। ସ୍ମାର୍ଟ ଫୋନ୍ ବା ମୋବାଇଲକୁ ଅଧିକାଂଶ ଛାତ୍ର ଛାତ୍ରୀ ମନୋରଞ୍ଜନ କିମ୍ବା ଗେମିଂ ପାଇଁ ବ୍ୟବହାର କରୁଛନ୍ତି। କିନ୍ତୁ ଏଭଳି କିଛି ଛାତ୍ର ଅଛନ୍ତି ଯେଉଁମାନେ ମୋବାଇଲ ଫୋନ୍‌କୁ ଏକ ସୁଯୋଗ ଭାବେ ବ୍ୟବହାର କରିବାରେ ସଫଳ ହେଉଛନ୍ତି। ମୋବାଇଲ ଫୋନକୁ ମାଧ୍ୟମ କରି କୃତିତ୍ୱ ହାସଲ କରିବାରେ ସଫଳ ହୋଇଛନ୍ତି ଘସିପୁରା ଗ୍ରାମର ଅଧ୍ୟାପକ ଦେବେନ୍ଦ୍ର ସାହୁଙ୍କ ପୁଅ ପ୍ରୟାସ ପ୍ରିୟଦର୍ଶୀ ସାହୁ। ୫ମ ଶ୍ରେଣୀରେ ପଢୁଥିବା ପ୍ରୟାସ କୌଣସି କୋଚିଂ ବା ଟ୍ୟୁସନ ଏବଂ ପାଠ୍ୟ ପୁସ୍ତକ ବିନା ଜବାହର ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ ଛୁଟି ସମୟରେ ପ୍ରୟାସ ଅଧିକାଂଶ ସମୟ ମୋବାଇଲ ଯୋଗେ ଗୁଗୁଲ ଓ ୟୁଟ୍ୟୁବରୁ ସାଧାରଣ ଜ୍ଞାନ ଓ ପାଠ୍ୟକ୍ରମଗୁଡ଼ିକୁ ଅନୁସରଣ କରୁଥିଲେ। ଶିକ୍ଷା କ୍ଷେତ୍ରରେ ଦିନକୁ ଦିନ ପ୍ରତିଯୋଗିତା ବଢୁଥିବା ବେଳେ ଇଚ୍ଛାଶକ୍ତି ଓ ପରିଶ୍ରମ ଆଗରେ ସବୁ ଲକ୍ଷ୍ୟ ହାସଲ କରି ହୁଏ ବୋଲି ସେ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ସଫଳତାରେ ପ୍ରୟାସଙ୍କ ପୂରା ପରିବାର ଖୁସି ବ୍ୟକ୍ତ କରିଛନ୍ତି। ପ୍ରୟାସ ପୂର୍ବରୁ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ମଧ୍ୟ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ସରକାରଙ୍କ ବିଜ୍ଞାନ ମେଳା କାର୍ଯକ୍ରମରେ ମଧ୍ୟ ସେ ବ୍ଲକସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଜଣା ପଡ଼ିଛି।

## ବ୍ରାହ୍ମଣଦାରେ ଅଷ୍ଟପ୍ରହରୀ ନାମଯଜ୍ଞ



**ରାମଚନ୍ଦ୍ରପୁର,୨।୪(ସମିସ):** ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ବ୍ରାହ୍ମଣଦା ଗ୍ରାମରେ ଧାର୍ମିକ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅଷ୍ଟବିଂଶତମ ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ ହୋଇଯାଇଅଛି। ମୁଖ୍ୟକର୍ତ୍ତା ଭାବେ ଗୁଣସାଗର ବିଶ୍ୱାଳଙ୍କ ସହିତ ବିଦ୍ୟାଧର ସା, ସାଗର ବିଶ୍ୱାଳ, କରୁଣାକର ବିଶ୍ୱାଳ, ରମେଶ ସା, ବିଜୟ ସା, ପ୍ରଦୀପ ନାୟକ, କାଳନ୍ଦୀ ବିଶ୍ୱାଳ, ଗୁରୁଚରଣ ବିଶ୍ୱାଳ, ଅଲେଖ ବିଶ୍ୱାଳ, ରମେଶ ସେଠୀ, ପ୍ରମୋଦ ସା ଓ ହରିଶ୍ଚନ୍ଦ୍ର ବିଶ୍ୱାଳ ପୁଷ୍କରିଣୀରୁ ଜଳକଳସ ପୂଜନ କରି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ମହାରାଜ ମାଧବାନନ୍ଦ ଦାଶଙ୍କ ଦ୍ୱାରା ଅଧିବାସ ଏବଂ ପୂଜାର୍ଚ୍ଚନା ସହିତ ଗ୍ରାମ ସଂକୀର୍ତ୍ତନ ଦଳଙ୍କ ଦ୍ୱାରା ହରିନାମ କୀର୍ତ୍ତନ କରାଯାଇଥିଲା, ଦ୍ୱିତୀୟ ଦିନ ରାତ୍ରି ଖଡ଼ିକାଶୂଳବାହାଳୀ, ବେଲଦା, ଓଡ଼ପଡା, ମାଦଳା, ଶଙ୍କରପୁର, ଗୁ?ଆଢ଼ିହି,ଗୋବରଗଳି, ଚଣ୍ଡାଳି, ମିରିଗିମୁଣ୍ଡି, ବଣିଆପଶି, ତରୁଆଁ, ପାଟସୁରା, ଲୁଣହାର, କେନ୍ଦୁଖୁଣ୍ଟା ଓ ଅତା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ହରିନାମ ଓ ଭଜନ ପରିବେଷଣ କରାଯାଇ ଥିଲା। ନାମଯଜ୍ଞ ମଣ୍ଡପ ଠାରେ ରାଧାକୃଷ୍ଣଙ୍କ ମୃଣୟ ମୂର୍ତ୍ତି ତିନିଦିନ ଧରି ପୂଜା ପାଉଥିଲେ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ନାମ ଯଜ୍ଞରେ ସାମିଲ ହୋଇଥିଲେ। ଅପରାହ୍ନରେ ଦିଅଁଙ୍କୁ ଗ୍ରାମରେ ନଗର ଭ୍ରମଣ କରାଇ ସନ୍ଧ୍ୟା ରେ ଦଧିହାଣ୍ଡି ଭଙ୍ଗ କରାଯାଇଥିଲା।

# ତାତି ବଢ଼ାଉଛି ଫୁଙ୍ଗୁଳା ପାହାଡ଼ର ପଥର ଚଟାଣ

ହାଟଡ଼ିହୀ,୨।୪(ସମିସ)



କେନ୍ଦୁଝର ଜିଲ୍ଲାର ସୁସ୍ଥ ପରିବେଶ ଭାବେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ହାଟଡ଼ିହୀ ଅଞ୍ଚଳଟି ଅନ୍ୟତମ। ହାଟଡ଼ିହୀ ବ୍ଲକର ଅନେକ ଗାଁଗଣ୍ଡା ନିକଟସ୍ଥ ଶିମିଳିପାଳ ଅଭୟାରଣ୍ୟର ଜଙ୍ଗଲ ଓ ପାହାଡ଼ ପରିବେଷ୍ଟିତ ପାଦଦେଶକୁ ଲାଗି ରହିଥିବାରୁ ଏହା ଶୀତଳ ପବନ ପ୍ଲାବିତ ପରିବେଶ ଭାବେ ବେଶ୍ ଲୋକପ୍ରିୟ। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ଦୀର୍ଘ କିଛି ବର୍ଷ ହେଲା ସେହି ଜଙ୍ଗଲ ଜମିରୁ ମୋରମ, ପଥର ଓ ମାଙ୍କଡ଼ା ଉତ୍ତୋଳନ କରାଯିବାରୁ ଜଙ୍ଗଲ ସଫା ହେବା ସହ ଗଛଲତା ତଳେ ଲୁଚି ରହିଥିବା ପାହାଡ଼ର ବଡ଼ ବଡ଼ ଚଟାଣ ଏବେ ଫୁଙ୍ଗୁଳା ଭଳି ଖୋଲା ଆକାଶ ତଳେ ଦଣ୍ଡାୟମାନ ହୋଇରହିଛି। ଯାହାକି, ଫୁଙ୍ଗୁଳା ପାହାଡ଼ର ଉତ୍ତପ୍ତ ଜଙ୍ଗଲ ପାଖ ଗାଁମାନଙ୍କରେ ବେଶ୍ ଅନୁଭବ ହେବାରେ ଲାଗିଛି। ଗତ ୨ଦିନ ତଳେ ତାପମାତ୍ର ୩୭/୩୮ ଡିଗ୍ରୀ ରହିଥିଲା ବେଳେ ସୋମବାର ୪୦ ଡିଗ୍ରୀ ହୋଇଥିବା ନେଇ ଅନୁଭବ ହୋଇଛି। ବ୍ୟାପକ ଜଙ୍ଗଲ କ୍ଷୟ, ଖଣିଖନନ ପାଇଁ ପରିବେଶ ନଷ୍ଟ ହୋଇଯାଇଥିବାରୁ ପାହାଡ଼, ହୁଡ଼ି ଗୁଡ଼ିକ ବୃକ୍ଷଶୂନ୍ୟ ହୋଇ ଫୁଙ୍ଗୁଳା ହୋଇପଡିଛି। ଏଭଳି ବହୁ ପଥର ଚଟାଣ ଫୁଙ୍ଗୁଳା ହୋଇ ନଣ୍ଡା ପାହାଡ଼ ଭଳି ଦିଶିଲାଣି। ପ୍ରଚଣ୍ଡ ଗ୍ରୀଷ୍ମର ପ୍ରଭାବ ଯୋଗୁ ଏହି ପଥର ଚଟାଣ, ଫୁଙ୍ଗୁଳା ପାହାଡ଼ ଉତ୍ତପ୍ତ ହୋଇ ପରିବେଶକୁ ଉତ୍ତାପ ବିକିରଣ କରି ତତଲା କରିଦେଉଛି। ଏକ ପକ୍ଷରେ ବୃଦ୍ଧି ପାଉଥିବା କଂକ୍ରିଟ ରାସ୍ତାଘାଟ, କୋଠାବାଡି, ବନ୍ଧକେନାଲ ଅନ୍ୟପକ୍ଷରେ ଖଣିଖନନ, ଶିଳ୍ପାୟନ, ଜଙ୍ଗଲ ନଷ୍ଟ ବହୁ ପରିମାଣରେ ଭାରୀଯାନ ଚଳାଚଳ ଆଦି ଅଞ୍ଚଳର ତାପମାତ୍ରା ବୃଦ୍ଧିର କାରଣ ହୋଇଛି। ଗତ ୨୦ବର୍ଷ ମଧ୍ୟରେ ଜଳବାୟୁରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳିଛି। ଅଦିନିଆ ବର୍ଷା ଓ ତାପମାତ୍ରାରେ ଅସ୍ୱାଭାବିକ ବୃଦ୍ଧି ସମସ୍ତଙ୍କୁ ନୟାନ୍ତ କରିଦେଉଛି। ଅଞ୍ଚଳର ବଡ଼ ବଡ଼ ପ୍ରସ୍ତର ଖଣ୍ଡ, ପାହାଡ଼ ଉନ୍ମୁକ୍ତ ପଡ଼ି ରହିଥିଲେ ହେଁ ବନୀକରଣ କରାଯାଉନି। ଗ୍ରୀଷ୍ମ ଋତୁରେ ଜଙ୍ଗଲ ଓ ସବୁଜ ବଳୟ ଅଭାବରୁ ପ୍ରସ୍ତର ଗୁଡ଼ିକ ଉପରେ ସିଧାସଳଖ ସୂର୍ଯ୍ୟାଲୋକ ପଡୁଛି। ପ୍ରସ୍ତର ଗୁଡ଼ିକ ଉତ୍ତପ୍ତ ହୋଇ ଏହାର ପ୍ରତିଫଳନରେ ସମଗ୍ର ଅଞ୍ଚଳ ଉତ୍ତପ୍ତ ହୋଇପଡୁଛି। ଅଞ୍ଚଳର ରାମଚଣ୍ଡୀ, ଗଡଚଣ୍ଡୀ, ବଉଳା, ରାଇଘାଟି, ଲାଞ୍ଜିହୁଡ଼ି, ଆଦି ଅଞ୍ଚଳରେ ବଡ଼ ପଥର ଖଣ୍ଡ, ପ୍ରସ୍ତର ଚଟାଣ, ଲଣ୍ଡା ପାହାଡ଼ ଓ ପଥର ପାହାଡ଼ ଆଦି ପରିବେଶର ଉତ୍ତାପକୁ ବୃଦ୍ଧି କରୁଛି। ଉକ୍ତ ଅଞ୍ଚଳରେ ବନୀକରଣ ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ କିଛି ବର୍ଷ ପରେ ସମଗ୍ର ଅଞ୍ଚଳର ତାପମାତ୍ରା ବୃଦ୍ଧିପାଇ ସାଂଘାତିକ କରିଦେବ ବୋଲି ଆଶା ପ୍ରକଟ କରାଯାଇଛି।

## ଯୋଡ଼ାରେ ଓଡ଼ିଶା ଦିବସ ପାଳିତ



**ଯୋଡା,୨।୪(ସମିସ):** ଯୋଡା ଉତ୍କଳ ଦିବସ ସମାରୋହ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରାତଃ ସମୟରେ ସମାରୋହ ଟ୍ରଷ୍ଟର ସଦସ୍ୟ ମାନେ ଉତ୍କଳୀୟ ପରମ୍ପରା ଓ ସଂସ୍କୃତି ବହନ କରୁଥିବା ବିଭିନ୍ନ ପ୍ରକାର ଝାଙ୍କି ସମଗ୍ର ଯୋଡ଼ା ସହର ପରିକ୍ରମା କରିଥିଲେ। ବିଭିନ୍ନ ଛକ ସ୍ଥାନମାନଙ୍କରେ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏନଏସି ଗେଟ ଛକ ଠାରୁ ଶୋଭାଯାତ୍ରାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ ସହିତ ସହର ପରିକ୍ରମା କରାଯାଇଥିଲା। ଅପରାହ୍ନରେ ଯୋଡ଼ା ତଥା ଆଖପାଖ ଅଞ୍ଚଳର ବହୁ ପ୍ରତିଭାବାନ ନୃତ୍ୟ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଟାଟାଷ୍ଟିଲ ଯୋଡା କେନ୍ଦ୍ରୀୟ ଖେଳ ପଡିଆରେ ଓଡିଶା ଦିବସ ପାଳନ ଅବସରରେ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଟାଟାଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର, ଟାଟାଷ୍ଟିଲ ଗନ୍ଧଲପଦା ପ୍ରୋଜେକ୍ଟ ଓ କଲମଙ୍ଗ ମୁଖ୍ୟ ଦୀପକ ବେହେରା, ଉତ୍କଳ ଦିବସ ସେବା ଟ୍ରଷ୍ଟ ସଭାପତି ସିଦ୍ଧାର୍ଥ କର, ସମ୍ପାଦକ ବେଣୁଧର ବେହେରା, ଉପସଭାପତି ପ୍ରକାଶ ମହାନ୍ତି, ସହ ସମ୍ପାଦକ ମାନସ ରଞ୍ଜନ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍କଳ ଦିବସ ସମାରୋହ ସେବା ଟ୍ରଷ୍ଟର ଯୁଗ୍ମ ସମ୍ପାଦକ ଅମରଦୀପ କେଜିରୱାଲ,ସରୋଜ କୁମାର ସାହୁ, ଦୀପକ ମହାପାତ୍ର, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ,ଦୁର୍ଗା ପ୍ରସାଦ ମହାନ୍ତି, ଚର୍ଚ୍ଚିଲ ମହାକୁଡ, ପବିତ୍ର ଦାସ, ନିରଞ୍ଜନ ବହିଦାରଙ୍କ ସହ ଅନ୍ୟ ସଦସ୍ୟଙ୍କ ନେତୃତ୍ୱରେ ସୁରୁଖୁରୁରେ ଉତ୍କଳ ଦିବସ ସମାପନ ହୋଇଥିଲା।

## ଯୁବ ସଂଗଠକଙ୍କ ସ୍ମୃତିରେ ମହମବତି ଶୋଭାଯାତ୍ରା




**ରାମଚନ୍ଦ୍ରପୁର,୨।୪(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ଗ୍ରାମର ଯୁବ ସଂଗଠକ ତଥା କେନ୍ଦୁଝର ଜିଲ୍ଲା ଯାଦବ ସଂଘର ଉପଦେଷ୍ଟା ଅଜୟକୁମାର ଦାସଙ୍କ ପରଲୋକରେ ଜିଲ୍ଲା ଯାଦବ ସଂଘ ପକ୍ଷରୁ ଗଭିର ଶୋକ ବ୍ୟକ୍ତ କରାଯିବା ସହ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଆଜି ଏକ ମହମବତି ଶୋଭାଯାତ୍ରା ଏବଂ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଗ୍ରାମ ପରିକ୍ରମା ପରେ ଜଗନ୍ନାଥ ମନ୍ଦିର ନିକଟରେ ଏକତ୍ରୀତ ହୋଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଯାଦବ ସଂଘ ସଂପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ରାଜ୍ୟ ଉପଦେଷ୍ଟା ନୃସିଂହଚରଣ ଦାସ, ଜିଲ୍ଲା ଉପଦେଷ୍ଟା ହରିହର ବେହେରା, ବ୍ଲକ ସଭାପତି ବିଜୟକୁମାର ଦାସ, ବ୍ଲକ ସମ୍ପାଦକ ପ୍ୟାରିମୋହନ ବାରିକ, ଯୁବମୋର୍ଚ୍ଚା ସଭାପତି ଅମୂଲ୍ୟକୁମାର ବାରିକ, ଅଞ୍ଜନ ବେହେରା, ବ୍ଲକ ଉପଦେଷ୍ଟା ଜଳଧର ବେହେରା, ବିଜୟ ଦାସ, ଦୁଃଶାସନ ଖିଲାର, ମନୋଜକୁମାର ଦାସ, ବରିଷ୍ଠ ଉପଦେଷ୍ଟା ଅନାଦୀ ଚରଣ ବେହେରା, ବଳରାମ ବେହେରା, ବେଣୁଧର ବେହେରା, କୁଳମଣୀ ବେହେରା ସମେତ ଶ୍ରୀନିବାସ ବାରିକ, ପବିତ୍ର ପଲେଇ, ଶ୍ରୀକ୍ଷେତ୍ର ପଲେଇ, ପ୍ରଶନ୍ନ ପଲେଇ, କାହ୍ନୁଚରଣ ପଲେଇ, ଅଶୋକ ବାରିକ ସମେତ ଶତାଧିକ ଯାଦବ ପରିବାର ସଦସ୍ୟ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଫଟୋଗ୍ରାଫିରେ ସଫଳ ମୃତ୍ୟୁଞ୍ଜୟ

## ଛତିଶଗଡ଼ରେ ହେଲେ ପୁରସ୍କୃତ




**ଚମ୍ପୁଆ,୨।୪(ସମିସ):** ଚମ୍ପୁଆ ସଦର ମହକୁମାର ମୃତ୍ୟୁଞ୍ଜୟ ସାହୁ ପେଶାରେ ଜଣେ ଫଟୋଗ୍ରାଫର। ଫଟୋଗ୍ରାଫର କ୍ଷେତ୍ରରେ ସଫଳତା ପାଇଁ ସେ ଛତିଶଗଡ ଠାରେ ଅନୁଷ୍ଠିତ ଫଟୋଗ୍ରାଫି ପ୍ରତିଯୋଗିତାରେ ଟ୍ରାଡିସନାଲ ଫଟୋଗ୍ରାଫି ପାଇଁ ପୁରସ୍କୃତ ହୋଇଛନ୍ତି। ଛତିଶଗଡ ଠାରେ ଡବ୍ଲୁପିସିସି ଦ୍ୱାରା ଅନୁଷ୍ଠିତ ଏହି ଫଟୋଗ୍ରାଫି ପ୍ରତିଯୋଗିତାରେ ପ୍ରାୟ ୫୦ରୁ ଉଦ୍ଧ୍ୱର୍ ପ୍ରତିଯୋଗି ଭାଗ ନେଇଥିବା ବେଳେ ଚମ୍ପୁଆ ଅଞ୍ଚଳର ମୃତ୍ୟୁଞ୍ଜୟ ଏଥିରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଇଣ୍ଡୋର ଫଟୋଗ୍ରାଫି, ଆଉଟଡୋର ଫଟୋଗ୍ରାଫି, ଟ୍ରାଡିସନାଲ ଫଟୋଗ୍ରାଫି, ରାମରେନାଲ ଫଟୋଗ୍ରାଫି, ବଟରଫ୍ଲାଏ ଫଟୋଗ୍ରାଫି, ସ୍ପିଲିଟ୍ ଫଟୋଗ୍ରାଫି ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଟ୍ରାଡିସନାଲ ଫଟୋଗ୍ରାଫି ପ୍ରତିଯୋଗିତାରେ ମୃତ୍ୟୁଞ୍ଜୟ ସଫଳ ପ୍ରତିଯୋଗୀ ଭାବେ ନିଜକୁ ଉପସ୍ଥାପନା କରିଥିବାରୁ ତାଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ମୃତ୍ୟୁଞ୍ଜୟ ମଲ୍ଟିମିଡିଆ ଓ ଗ୍ରାଫିକ ଡିଜାଇନରେ ଡିପ୍ଲୋମା କରିଥିବା ବେଳେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ନିଜକୁ ଜଣେ ସଫଳ ପ୍ରତିଯୋଗି ଭାବେ ପ୍ରତିପାଦନ କରିପାରିଥିଲେ। ଆଗାମୀ ଦିନରେ ସ୍ଥାନିୟ ଅଞ୍ଚଳରେ ଫଟୋଗ୍ରାଫି କ୍ଷେତ୍ରରେ ଶିକ୍ଷାପ୍ରଦାନ ପାଇଁ ଇଚ୍ଛା ରଖିଥିବା ମୃତ୍ୟୁଞ୍ଜୟ ଦୀର୍ଘ ବର୍ଷ ଧରି ଜଣେ ସାମ୍ବାଦିକ ଭାବେ କାର୍ଯ୍ୟ କରିଥିଲେ।

## ଚମ୍ପୁଆ ଶିଶୁମନ୍ଦିରରେ ଅଭିଭାବକ ବୈଠକ

**ଚମ୍ପୁଆ,୨।୪(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି ସାମୂହିକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ବୈଠକର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମ୍ପାଦକ ଭୋଳାନାଥ ମିଶ୍ର ବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ରମାକାନ୍ତ ପ୍ରଧାନ ଅଭିଭାବକ ମାନଙ୍କର ଭୂମିକା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସଭାପତି ସଦାନନ୍ଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ସମିତିର ସଦସ୍ୟା ପ୍ରଭାସିନୀ ନାଏକ, ସଦସ୍ୟା ମିନତି ମହାନ୍ତ ଆଦି ମଞ୍ଚାସୀନ ଥିଲେ। ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସରୋଜ କୁମାର ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ମୋଟ ୨୫୦ ଜଣ ଅଭିଭାବକ ଅଭିଭାବିକା ଉପସ୍ଥିତ ରହି ବୈଠକକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା', ସେବକ ସେବିକା ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶିଶୁ ମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ପାଳିତ



**ତେଲକୋଇ,୨।୪(ସମିସ):** ତେଲକୋଇ ବ୍ଲକ ମୁଖ୍ୟାଳୟର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ସାଧାରଣ ସଭା, ପୂର୍ବତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା, ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ପୂର୍ବତନ ସାଂସଦ ଅନନ୍ତ ଚରଣ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପାଲଲହଡା ଉପଖଣ୍ଡ ଖୁଲୁଡିର ଶ୍ରୀନିର୍ଲିପ୍ତାନନ୍ଦ ସରସ୍ୱତୀ ଉପସ୍ଥିତ ରହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟା ଛୈଳବାଳା ନାୟକ, ବିଦ୍ୟାଳୟର ପ୍ରଥମ ଛାତ୍ର ପଙ୍କଜ ପ୍ରଧାନ ଯୋଗ ଦେଇଥିବା ବେଳେ ବିଶେଷ ଅତିଥିଙ୍କ ମଧ୍ୟର ଅବସରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ମହାନ୍ତ, ପୂର୍ବତନ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ, ବିଜୟ କୁମାର ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟାପକ ବନଜ ବିଶ୍ୱାଳ ଓ ଚାରିଗଡ ମହାବିଦ୍ୟାଳୟର ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀ ଦେଶ ସେବାରେ ନିଜକୁ ସାମିଲ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଦୁର୍ଯୋଧନ ନାୟକ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ରଛାତ୍ରୀ ତଥା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ସହିତ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦୋକାନ ଭିତରକୁ ପଶିଗଲା ବୋଲେରୋ



**ପାଟଣା,୨।୪(ସମିସ):** ପାଟଣା ବଜାରରେ ଥିବା ଏକ ବୈଦ୍ୟୁତିକ ସାମଗ୍ରୀ ଦୋକାନ ଭିତରକୁ ଏକ ବୋଲେର ଗାଡି ପଶିଯାଇଥିଲା। ଦୋକାନ ମାଲିକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଦୋକାନର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦୋକାନ ମାଲିକ ସଞ୍ଜୟ ବାରିକ କହିଛନ୍ତି। ସୂଚନା ଅନୁସାରେ ବୋଲେରଟିକୁ ରାସ୍ତା କଡ଼ରେ ବିନା ହ୍ୟାଣ୍ଡ ବ୍ରେକ ଲଗାଇ ପାର୍କିଂ କରାଯାଇଥିଲା। ଫଳରେ ହଠାତ୍ ଗାଡ଼ିଟି ଦୋକାନ ଆଡ଼କୁ ଗଡିଯାଇ ଦୋକାନ ଭିତରକୁ ପଶିଯାଇଥିଲା।

## ବିଜେପି ସାଂସଦ ପ୍ରାର୍ଥୀଙ୍କ ସାଂଗଠନିକ ବୈଠକ



**ତେଲକୋଇ,୨।୪(ସମିସ):** କେନ୍ଦୁଝର ଲୋକସଭା ଆସନରେ ବିଜେପିରୁ ସାଂସଦ ପ୍ରାର୍ଥୀ ହୋଇଥିବା ପୂର୍ବତନ ସାଂସଦ ଅନନ୍ତ ଚରଣ ନାୟକ ମଙ୍ଗଳବାର ତେଲକୋଇରେ ଏକ ସାଂଗଠନିକ ବୈଠକ କରିଛନ୍ତି। ତେଲକୋଇ ବ୍ଲକର ଦୁଇଟି ମଣ୍ଡଳର ସମସ୍ତ ବରିଷ୍ଠ ଏବଂ ସକ୍ରିୟ ନେତୃତ୍ୱଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶ୍ରୀ ନାୟକ ନିର୍ବାଚନ ପାଇଁ ପ୍ରାର୍ଥୀ ଅପେକ୍ଷା ସଂଗଠନ ଏବଂ ବିଚାରଧାରାର ଆବଶ୍ୟକତା ରହିଥାଏ ବୋଲି ପ୍ରକାଶ କରିଛନ୍ତି। ଟିକଟ ମିଳିବା ପରେ ଏହା ଅନନ୍ତଙ୍କ ପ୍ରଥମ ବୈଠକ।










### ଅଠରଦେଉଳକୁ ମିଳିଲାନି ପ୍ରବେଶ ଅନୁମତି

# ବାଥୁଡ଼ି ସମ୍ପ୍ରଦାୟର ଜାତୀୟ ରାଜପଥ ଅବରୋଧ



**ଯଶିପୁର, ୨।୪(ସମିସ)**

ବାଥୁଡି ସମ୍ପ୍ରଦାୟର ଆରାଧ୍ୟ ଦେବତା ହେଉଛନ୍ତି ବଡାମ ଠାକୁର। ବଡାମ ଠାକୁରଙ୍କ ମୁଖ୍ୟ ପୂଜାସ୍ଥଳ ରହିଛି ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳ ଅଠର ଦେଉଳଠାରେ। ମଙ୍ଗଳବାର ହଜାର ହଜାର ବାଥୁଡି ସମ୍ପ୍ରଦାୟର ଶ୍ରଦ୍ଧାଳୁ ଅଠରଦେଉଳକୁ ପ୍ରବେଶ କରିବା ନିମନ୍ତେ ଅନୁମତି ନ ମିଳିବାରୁ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଆଜି ବାଥୁଡି ସମ୍ପ୍ରଦାୟର ହଜାର ହଜାର ଲୋକ ଶିମିଳିପାଳର ଅଠରଦେଉଳକୁ ପୂଜାର୍ଚ୍ଚନା କରିବା ପାଇଁ ଯାଉଥିବା ବେଳେ ଅଭୟାରଣ୍ୟ କର୍ତ୍ତୃପକ୍ଷ ପ୍ରବେଶ ଅନୁମତି ଦେଇ ନ ଥିଲେ। ଫଳରେ ବାଥୁଡି ସମ୍ପ୍ରଦାୟର ଲୋକେ ଏହାକୁ ବିରୋଧ କରି ୪୯ ନମ୍ବର ଜାତୀୟ ରାଜପଥର ଯଶିପୁର-ଧୋବାଡିହା ଖଇରୀଗେଟ ନିକଟରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଦୁଇ ଘଣ୍ଟା ଧରି ରାସ୍ତା ଅବରୋଧ ହେବା ପରେ ବହୁ ଯାନବାହନ ଅଟକି ରହିଥିଲା। ପରେ ସ୍ଥାନୀୟ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିଲେ କି ବାଥୁଡି ସମ୍ପ୍ରଦାୟର ଲୋକେ ଶୁଣିନଥିଲେ। ଖବର ପାଇ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର, ଯଶିପୁର ଥାନା ପୁଲିସ ଅଧିକାରିଣୀ ସଂଯୁକ୍ତା ମହାଳିକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

## ସକାଳୁଆ ସ୍କୁଲ ଆରମ୍ଭ; ଦୁଇଟି ବିଦ୍ୟାଳୟରେ ପଡ଼ିଛି ତାଲା




**ମୋରଡ଼ା, ୨।୪(ସମିସ):** ଏପ୍ରିଲ ୨ ତାରିଖରୁ ରାଜ୍ୟରେ ଆ।ରମ୍ଭ ହୋଇଛି ସକାଳୁଆ ସ୍କୁଲ। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜନିତ ପ୍ରବଳ ଖରା ଯୋଗୁଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏପ୍ରିଲ ପହିଲାରୁ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ସବୁ ସକାଳୁଆ ହୋଇଛି। ସକାଳ ୭ରୁ ୧୧ଟା ୩୦ ଯାଏଁ ସ୍କୁଲ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଖୋଲା ରହିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଆସୁଥିବା ସମସ୍ତ ସରକାରୀ, ବେସରକାରୀ, ଅନୁଦାନ ପ୍ରାପ୍ତ, ଅଣଅନୁଦାନପ୍ରାପ୍ତ ସ୍କୁଲରେ ଏହା ଲାଗୁ ହୋଇଛି। ଏଥିସହ ସ୍କୁଲରେ ଗ୍ରୀଷ୍ମ ମୁକାବିଲା ନେଇ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି; କିନ୍ତୁ ମୋରଡ଼ା ବ୍ଲକରେ ପ୍ରଥମ ଦିନରେ ହିଁ ବ୍ୟତିକ୍ରମ ଦେଖାଦେଇଛି। ମୋରଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ଚିଲବସା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ହାଣ୍ଡିଭଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟ ମଙ୍ଗଳବାର ତାଲା ପଡ଼ିଥିଲା। ଏପରିକି ଶିକ୍ଷକମାନେ ପୂର୍ବରୁ ମଧ୍ୟ ଠିକ ସମୟରେ ଆସୁନଥିବାର ଅଭିଯୋଗ ମଧ୍ୟ ହୋଇଛି। ତେବେ ଚିଲବସା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଗନ ଟୁଡୁଙ୍କୁ ଯୋଗାଯୋଗ କରିବାରୁ ୧୧ଟାରେ ଛୁଟି ହେବାର ଥିବାବେଳେ ମୁଁ ଛୁଟି ନ ହେବା ଘଣ୍ଟେ ପୂର୍ବରୁ ପଳାଇ ଆସିଛି ବୋଲି କହିଛନ୍ତି। ସେହିପରି ହାଣ୍ଡିଭଙ୍ଗା ସ୍କୁଲର ପ୍ରଧାନ ଶିକ୍ଷକ ପଦ୍ମଲୋଚନଙ୍କୁ ପଚାରିବାରୁ ସେ ଫୋନ ଉଠାଇ ନ ଥିଲେ। ହାଣ୍ଡିଭଙ୍ଗା ସ୍କୁଲଟି ଲୋଧା ଗ୍ରାମରେ ଥିବାରୁ ସେ ପ୍ରତ୍ୟେକଦିନ ବିଳମ୍ବରେ ଆସନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଡାକୋଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ମାଳତୀ ତ୍ରିପାଠୀ ଦୀର୍ଘଦିନ ହେଲା ଏକାକୀ ପିଲାଙ୍କୁ ପଢ଼ାଇବା ସହିତ ସମସ୍ତ କାମ କରୁଛନ୍ତି। ତେବେ ଆଜି ବିଦ୍ୟାଳୟର କାମରେ ସେ ବ୍ୟାଙ୍କକୁ ଯାଇଥିଲେ। ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ସେଠୀ ଓ ବ୍ଲକ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣାର ତଦନ୍ତ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ସଟ୍‌ସର୍କିଟ୍‌ରୁ ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

ବେତନଟୀ, ୨।୪(ସମିସ): ବେତନଟୀ ଉପକଣ୍ଠ ଶୁଖିଲାହାର ଗ୍ରାମରେ ମଙ୍ଗଳବାର ଅପରାହ୍ଣରେ ସଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡିଯାଇଛି। ଫାୟାରଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଗ୍ରାମର ଈଶ୍ୱରଚନ୍ଦ୍ର ବେହେରାଙ୍କ ପରିବାର ମଧ୍ୟାହ୍ନଭୋଜନ ପରେ ବିଶ୍ରାମ ନେଉଥିବା ବେଳେ ରୋଷଘରେ ସଟ୍‌ସର୍କିଟରୁ ନିଆ ଲାଗିଯାଇଥିଲା। ଫଳରେ ରେଫ୍ରିଜିରେଟର ସମ୍ପୂର୍ଣ୍ଣ ଜଳିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ଏବଂ ବହୁ ସାମଗ୍ରୀ ଜଳିଯାଇଛି। ତେବେ ନିଆଁ ଲିଭାଇବା ସମୟରେ ଓଦା କାନ୍ଥ ଚାର୍ଜ ହୋଇଯିବାରୁ ଜଣେ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ।

## ଦୁଇମାସ ପରେ ଆତ୍ମସମର୍ପଣ କଲା ଦୁଷ୍କର୍ମ ଅଭିଯୁକ୍ତ

**ବୈଶିଙ୍ଗା, ୨।୪(ସମିସ):** ଜଣେ ମହିଳାଙ୍କୁ ଦୁଷ୍କର୍ମ ମାମଲାରେ ଫେରାର ଅଭିଯୁକ୍ତ ଦୁଇମାସ ପରେ ମଙ୍ଗଳବାର ବେତନଟୀ ଜେଏମଏଫସି କୋର୍ଟରେ ଆତ୍ମସମର୍ପଣ କରିଛି। ପରେ ଜାମିନ ନାମଞ୍ଜୁର ପରେ ତାକୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ବୈଶିଙ୍ଗା ଥାନା ଅଧୀନ ଯୁଗୋଳ ଗ୍ରାମର ବିରଞ୍ଚି ଦାସଙ୍କ ପୁଅ ବିନୟ ଦାସ। ପୀଡିତାଙ୍କ ଅଭିଯୋଗ ମୁତାବକ ଘରେ କେହି ନ ଥିବାର ସୁଯୋଗ ନେଇ ବିନୟ ଛୁରୀ ଦେଖାଇ ବଳପୂର୍ବକ ଦୁଷ୍କର୍ମ କରିବା ସହିତ ନଗ୍ନଭିଡିଓ ଉତ୍ତୋଳନ କରିଥିଲା। ପରେ ଏହି ଭିଡିଓ ଭାଇରାଲ କରିବାର ଧମକ ଦେଇ ୧୦ ହଜାର ଟଙ୍କା ଆଦାୟ କରିବା ସହିତ ଦୁଷ୍କର୍ମ ମଧ୍ୟ କରିଥିଲା। କିଛିଦିନ ପରେ ପୁଣି ଏକଲକ୍ଷ ଟଙ୍କା ମାଗିଥିଲା। ଏଥିରେ ଅକ୍ଷମତା ପ୍ରକାଶ କରିବାରୁ ବିନୟ ନଗ୍ନଭିଡିଓ ସ୍ୱାମୀଙ୍କ ନିକଟକୁ ପଠାଇବା ସହିତ ଭାଇରାଲ କରିବାର ଧମକ ମଧ୍ୟ ଦେଇଥିବା ଏତଲାରେ ଦର୍ଶାଯାଇଛି। ଶେଷରେ ନିରୁପାୟ ପୀଡିତା ସ୍ୱାମୀଙ୍କୁ ଜଣାଇବା ସହିତ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଗତ ଜାନୁଆରୀ ୨୭ ତାରିଖରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଆଗୁଆ ଜାମିନ ନ ମିଳିବାରୁ ଅଭିଯୁକ୍ତ ଶେଷରେ ଆତ୍ମସମର୍ପଣ କରିଛି। ଜାମିନ ନାମଞ୍ଜୁର ପରେ ମୁଦାଲା ବିନୟକୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଆମ୍ବୁଲାନ୍ସ ଧକ୍କାରେ ସ୍କୁଟି ଚାଳକ ମୃତ

**କରଞ୍ଜିଆ, ୨।୪(ସମିସ):** ମଙ୍ଗଳବାର କରଞ୍ଜିଆ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ଶାସନର ବରିଷ୍ଠ ପୂଜକ ସୁବୋଧ ପଣ୍ଡାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ପୂଜକ ସୁବୋଧ ପଣ୍ଡା ଏକ ସ୍କୁଟିରେ ଗୋଲେଇ ପଟେ କୌଣସି କାମରେ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ପ୍ରାଣୀ ଚିକିତ୍ସାଳୟର ଆମ୍ବୁଲାନ୍ସ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ସୁବୋଧ ପଣ୍ଡା ଛିଟିକି ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ହେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ଘଟଣାସ୍ଥଳରୁ ଆମ୍ବୁଲାନ୍ସଟି ଫେରାର ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପରେ କରଞ୍ଜିଆ ଥାନା ଅଧିକାରୀ ନିରଜ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଆମ୍ବୁଲାନ୍ସକୁ ପ୍ରାଣୀ ଚିକିତ୍ସାଳୟରୁ ଜବତ କରାଯାଇଥିବା ନେଇ ସୂଚନା ଦେଇଥିଲେ। ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଅଧିକ ତଦନ୍ତ କରୁଛି ପୁଲିସ।

## ଠିକା ସଂସ୍ଥା କ୍ୟାମ୍ପରୁ ୬ଟି ବ୍ୟାଟେରୀ ଚୋରି

**ମୋରଡ଼ା, ୨।୪(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ ଚୋରମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କିଛିଦିନ ପୂର୍ବେ ଚିତ୍ରଡା ଜିଓ ଟାୱାରରୁ ବସ୍ତା ଅଞ୍ଚଳର ଜଣେ ବ୍ୟକ୍ତି ବ୍ୟାଟେରୀ ଚୋରି କରୁଥିବା ସମୟରେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲା। ପୁଣି ସୋମବାର ଚିତ୍ରଡା ଫାଣ୍ଡି ଅଧୀନ ଗଡ଼ିଗାଁ ପଞ୍ଚାୟତର କୁଣ୍ଢେଇ ଗ୍ରାମ ନିକଟରେ ସୁବର୍ଣ୍ଣରେଖା କେନାଲ ନିର୍ମାଣ କରୁଥିବା ଏକ ଠିକାଦାର ସଂସ୍ଥା କ୍ୟାମ୍ପରୁ ବ୍ୟାଟେରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନଙ୍କ ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ଉକ୍ତ କ୍ୟାମ୍ପରୁ ଛଅଟି ବ୍ୟାଟେରୀ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। କ୍ୟାମ୍ପର ମ୍ୟାନେଜର ଶିବଶଙ୍କର ଦତ୍ତ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ଅଧିକ ତଦନ୍ତ କରୁଛି।

## ବସ୍ ଧକ୍କାରେ ସାଇକଲ ଚାଳକ ମୃତ

**ଖୁଣ୍ଟା/କୁଆମରା, ୨।୪(ସମିସ):** ଖୁଣ୍ଟା ଥାନା ଉଦଳା-ଖୁଣ୍ଟା ରାସ୍ତା କଲେଜ ଛକ ନିକଟରେ ମଙ୍ଗଳବାର ଅପରାହ୍ଣରେ ଏକ ବସ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବୃଦ୍ଧ ଜଣକ ସାଇକଲରେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ମୃତକ ଜଣକ ହେଲେ ଖୁଣ୍ଟା ଥାନା ଜାମଶୂଳୀ ଗ୍ରାମର ଦୁଃଖିଶ୍ୟାମ ହାଁସଦା (୬୦)। ଦୁଃଖିଶ୍ୟାମ କୌଣସି କାର୍ଯ୍ୟରେ ଖୁଣ୍ଟାକୁ ଆସି ସାଇକଲରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଉଦଳାରୁ ବାରିପଦା ଅଭିମୁଖେ ଆସୁଥିବା ଏକ ଘରୋଇ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଉଦ୍ଧାର କରାଯାଇ ଖୁଣ୍ଟା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆର୍‌ପଟାରେ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୁଆମରା, ୨।୪(ସମିସ):** ଗୋପବନ୍ଧୁନଗର ବ୍ଲକ ଆରପଟା ଗ୍ରାମରେ ମା' ସର୍ବମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ ହୋଇଛି। ରବିବାର ପୂର୍ବାହ୍ଣରେ ଭକ୍ତମାନଙ୍କ ଦ୍ୱାରା ୧୨୦ କଳସ ଶୋଭାଯାତ୍ରା ସ୍ଥାନୀୟ ପୋଖରୀରୁ ବାହାରି ଗ୍ରାମ ପରିକ୍ରମା କରିବା ପରେ ମା'ଙ୍କ ପୀଠରେ ପହଞ୍ଚିଥିଲା। ପରେ ସୂର୍ଯ୍ୟ ପୂଜା, ଚଣ୍ଡୀପାଠ, ବିଷ୍ଣୁ ଯଜ୍ଞ ଆଦି ସମାପନ ହୋଇଛି। ମୁଖ୍ୟ ପୁରୋହିତ ସଞ୍ଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ମୋଟ ୧୦ ଜଣ ବ୍ରାହ୍ମଣ ପ୍ରତିଷ୍ଠା କାର୍ଯ୍ୟ ତୁଲାଇଥିଲେ। ପ୍ରଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଚଣ୍ଡୀପାଠ କାର୍ଯ୍ୟ ହୋଇଥିଲା। କର୍ତ୍ତାଭାବେ ହରେକୃଷ୍ଣ ପାତ୍ର, ବୀରେନ୍ଦ୍ର ଦଳେଇ, ରତିକାନ୍ତ ଖମାରୀ, ରବୀନ୍ଦ୍ର ଦଳେଇଙ୍କ ସମେତ ସପତ୍ନୀକ ପୂଜା କାର୍ଯ୍ୟ ତୁଲାଇଥିଲେ। ରଞ୍ଜନ କୁମାର ପରିଡ଼ା, କମଳଲୋଚନ ଦଳେଇ, ନିରଞ୍ଜନ ଦଳେଇ, ଅଭିମନ୍ୟୁ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କୁଆମରା ପଞ୍ଚାୟତ ଉପରକଡଦା ଗ୍ରାମରେ ମାଆ ମଙ୍ଗଳାଙ୍କ ପୀଠରେ ବାର୍ଷିକ ଉତ୍ସବ ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି।

### ମା' ବାସୁଳୀଙ୍କ ଉଡ଼ାପର୍ବ ପ୍ରସ୍ତୁତି ବୈଠକ

## ଉଡ଼ାପର୍ବରେ ସାମିଲ ହେବେ ୬୦ ଭକ୍ତା




**ଠାକୁରମୁଣ୍ଡା, ୨।୪(ସମିସ):** ଠାକୁରମୁଣ୍ଡା ଅଧିଷ୍ଠାତ୍ରୀ ଦେବୀଙ୍କ ଚଳିତବର୍ଷ ପବିତ୍ର ଉଡ଼ା ପର୍ବକୁ ବେଶ ଶୃଙ୍ଖଳାର ସହିତ ପାଳନ କରିବା ନିମନ୍ତେ ମଙ୍ଗଳବାର ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମା' ବାସୁଳୀ ଉଡ଼ାଯାତ୍ରା କମିଟିର ସଭାପତି ତଥା ସ୍ଥାନୀୟ ତହସିଲଦାର ଡ. ସୁଶ୍ରୀ ସୁପ୍ରିୟା ଉପସ୍ଥିତ ସଭ୍ୟ ତଥା ଲାଇନ ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ସର୍ବାଧିକ ୬୦ ଜଣ ଭକ୍ତା ଉଡ଼ାପର୍ବରେ ସାମିଲ ହେବାକୁ ଥିବାବେଳେ ଯଥା ସମୟରେ ଖୁଣ୍ଟ ଦଣ୍ଡା ପ୍ରସ୍ତୁତ କରିବା ସହିତ ଭକ୍ତାମାନଙ୍କ ପିଠିରେ କଣ୍ଟା ଫୋଡା ଏବଂ ଉଡ଼ା ପର୍ବ କରାଯିବା ପାଇଁ କମିଟି ସଭାପତ ପରାମର୍ଶ ଦେବା ସହିତ ଏଥିରେ ସହଯୋଗ କରିବାକୁ ଠାକୁରମୁଣ୍ଡା ଓ ମହୁଲଡିହା ଥାନା ଅଧିକାରୀ ଏବଂ ବିଦ୍ୟୁତ, ଜଳ ଯୋଗାଣ, ଅଗ୍ନିଶମ ଓ ଅନ୍ୟ ଅଧିକାରୀଙ୍କୁ ନିବେଦନ କରିଥିଲେ। ବୈଠକରେ ବିଶେଷ ଅତିଥି ଭାବେ ସ୍ଥାନୀୟ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ଅତିରିକ୍ତ ତହସିଲଦାର ବିଷ୍ଣୁଚରଣ ବାରିକ, ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, କମିଟି ସମ୍ପାଦକ ଶିରୀଶ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ନିଜର ମତ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦ ବୈଠକ ପରିଚାଳନା କରିଥିଲେ। କମିଟି ପକ୍ଷରୁ ଶରତ ନାଏକ, ଭକ୍ତବନ୍ଧୁ ମହାନ୍ତ ଗତ ବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିବାବେଳେ ଦିଗଧର ସରପଞ୍ଚ ମଳୟ ପରିମାଣିକ, ତରାମରା ସରପଞ୍ଚ ବ୍ରହ୍ମସ୍ମା ନନ୍ଦ ଦେହୁରୀ, ତାଳପଦା ସରପଞ୍ଚ ପ୍ରତିନିଧି ଦଶରଥ ବନପଦିଆ, ୱାର୍ଡ ମେମ୍ବର ତରୁଣ କୁମାର ସାହୁ, କମିଟି ସଦସ୍ୟ ଭାସ୍କର ପଣ୍ଡା, ଅଗ୍ନିଶମ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ଲାଇନ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କଣ୍ଟା ଫୋଡା ଶାଳକୁ ଶୃଙ୍ଖଳିତ କରିବା, ସମସ୍ତ ଛକ ଓ ଗଳିରେ ବିଦ୍ୟୁତ ଆଲୋକ, ପାନୀୟ ଜଳର ବ୍ୟବସ୍ଥା ପାଇଁ ଅନୁରୋଧ କରାଯାଇଥିଲା। ଯାତ୍ରାରେ ଦୋକାନ ବଜାର, ମିନା ବଜାର, ଉଡ଼ା ପ୍ୟାଣ୍ଡେଲରେ ମନୋରଞ୍ଜନ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

## ଜୟନ୍ତୀରେ ସହୀଦ ନୁଦୁରାମ ସୋରେନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

**ରାଇରଙ୍ଗପୁର, ୨।୪(ସମିସ):** ବୀରଚକ୍ର ସହିଦ ନାଏବ ସୁବେଦାର ନୁଦୁରାମ ସୋରେନଙ୍କ ଜୟନ୍ତୀ ପାଳିତ ହୋଇଛି। ସେ ଏପ୍ରିଲ ୨ ୧୯୭୭ ମସିହାରେ ରାଇରଙ୍ଗପୁର ବ୍ଲକ ବଡ ଚମ୍ପାଉଦା ଗ୍ରାମରେ ଜନ୍ମଲାଭ କରିଥିଲେ। ସେ ଶତ୍ରୁ ବିପକ୍ଷରେ ଲଢି ଗଲୱାନ ଘାଟିରେ ୧୬ ଜୁଲାଇ ୨୦୨୦ ମସିହାରେ ସହିଦ ହୋଇଥିଲେ। ତାଙ୍କର ଦେଶ ପାଇଁ ତ୍ୟାଗପୂତ ଜୀବନ ମନୋଭାବ ନିମନ୍ତେ ରାଇରଙ୍ଗପୁରବାସୀ ସମେତ ଓଡ଼ିଶାର ସମସ୍ତ ଜନମାନସରେ ଚିରସ୍ମରଣୀୟ ରହିଥିବେ। ତାଙ୍କର ଜୟନ୍ତୀ ପାଳନ ଅବସରରେ ରାଇରଙ୍ଗପୁର ସହରସ୍ଥ ବସଷ୍ଟାଣ୍ଡ ନିକଟବର୍ତ୍ତୀ ନୁଦୁରାମ ସୋରେନ ପ୍ରତିମୂର୍ତ୍ତି ନିକଟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସଭାପତି ପଦ୍ମଲୋଚନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ପ୍ରିୟଦର୍ଶିନୀ ବେହେରା, ସମ୍ମାନିତ ଅତିଥି ମେଜର ମହେନ୍ଦ୍ର ମହାନ୍ତ, ଡକ୍ଟର ରମେଶ ଚନ୍ଦ୍ର ମାର୍ଣ୍ଡି, ଅଧ୍ୟାପକ ବିଜୟ କୁମାର ରାମ, ମୁଚିରାମ ମାଝୀ ତଥା ଆବାହକ ଭାବେ ନୁଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ମନୋରଞ୍ଜନ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସୁଶେନ ମୁଣ୍ଡା, ଶୁକଦେବ ଗିରି, ହିମାଂଶୁ ଭୂୟାଁ, ପଦ୍ମଲୋଚନ ବିନ୍ଧାଣୀ ତଥା ଟ୍ରଷ୍ଟର ଅନ୍ୟାନ୍ୟ ସଦସ୍ୟଗଣ ଯୋଗ ଦେଇଥିଲେ। ଅତିଥିଗଣ ସହିଦ ନୁଦୁରାମ ସୋରେନଙ୍କ ସ୍ମୃତିଚାରଣ କରି ତାଙ୍କର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କର କୃତିତ୍ୱ ପାଇଁ ରାଇରଙ୍ଗପୁର ଏବଂ ଓଡ଼ିଶାର ପୁରପଲ୍ଲୀ ଗର୍ବିତ ବୋଲି ସ୍ଲୋଗାନ ଦେଇଥିଲେ।



## ଡକାୟତି ଯୋଜନା ବେଳେ ପୁଲିସର ଚଢ଼ଉ; ୩ ଆନ୍ତଃରାଜ୍ୟ ଡକାୟତ ଗିରଫ



**ରାଇରଙ୍ଗପୁର, ୨।୪(ସମିସ):** ସୋମବାର ବିଳମ୍ବିତ ରାତ୍ରିରେ ଟାଉନ ଥାନା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଖବର ପାଇ ସହର ନିକଟ ଭାଲୁବସା ପେଟ୍ରୋଲ ପମ୍ପ ପଛପଟେ ୫ ଜଣ ଅଜଣା ଯୁବକ କିଛି ମାରଣାସ୍ତ୍ର ଧରି ଡକାୟତି ଯୋଜନା କରୁଥିଲେ। ଏହି ସମୟରେ ପୁଲିସ ଚଢଉ କରି ୩ ଜଣଙ୍କୁ ଧରିବାକୁ ସକ୍ଷମ ହୋଇଥିଲା ବେଳେ ଅନ୍ୟ ୨ ଜଣ ରାତିର ସୁଯୋଗ ନେଇ ଖସି ପଳାଇଛନ୍ତି। ପୁଲିସ ଫେରାର ଡକାୟତଙ୍କୁ ଖୋଜୁଛି। ଏ ନେଇ ରାଇରଙ୍ଗପୁର ଟାଉନ ଥାନାରେ ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ପୂର୍ବରୁ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିଲେ ବୋଲି ସୂଚନା ମିଳିଛି। ଚଢଉ ସମୟରେ ପୁଲିସ ଘଟଣାସ୍ଥଳରୁ ଗୋଟିଏ ଲୁହାରଡ, ଗୋଟିଏ ଖେଳଣା ପିସ୍ତଲ, ୩ଟି ଆଲୁମିନିୟମ୍ ପ୍ଲେଟ୍, ୩ଟି ମୋବାଇଲ ଫୋନ, ୩ଟି ଏଟିଏମ୍ କାର୍ଡ, ୩ଟି ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ନଗଦ ୪୭୦ ଟଙ୍କା ଓ ଗୋଟିଏ ଧଳା ରଙ୍ଗର ମାରୁତି କାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁକେଶ ତିୱାରୀ, ଝାଡଖଣ୍ଡର ଖାଇରୁଲ ବସ୍ୱର, ଉତ୍ତର ପ୍ରଦେଶର ଏମ୍‌ଡି ଇସହଦ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର; ୯୨ ୟୁନିଟ୍ ସଂଗୃହୀତ

**ବାରିପଦା, ୨।୪(ସମିସ):** ପ୍ରତିବର୍ଷ ଖରାଦିନେ ପ୍ରାୟ ୩ ମାସ ରକ୍ତଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଥାଏ। ଏହି ସମୟରେ କାଲୁରାମ ଦୁର୍ଗା ପ୍ରସାଦ (କେଡିପି) ମେଗା ସୋପ ତାର ୧୩ ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରିଥିବାରୁ ରକ୍ତଭଣ୍ଡାର ଅଧିକାରୀ ଡଃ ସୌମ୍ୟରଞ୍ଜନ ନାୟକ ସାଧୁବାଦ ଜଣାଇଛନ୍ତି। ଶିବିରରେ ମୋଟ ୯୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଡଃ ନାୟକଙ୍କ ନେତୃତ୍ୱରେ ପୁଣ୍ଡରୀକାକ୍ଷ ଦାସ, ରୁଚିକା ଖୁରାନା, ସବିତା ଶେଜପଡ଼ା, ଶକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରେଡ଼କ୍ରସ ସଭ୍ୟ ଅମର କୁମାର ସେଠୀ ଓ ନିରୋଜ କୁମାର ପୋଥାଳ, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ପ୍ରଭାତ ମହାନ୍ତି, ଅନନ୍ତ ଦାସ ଓ ଜିତୁ ଖଣ୍ଡେଲୱାଲ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଦୁର୍ଗାପ୍ରସାଦ ମୋଦୀ, ସୁମନ ମୋଦୀ, ଗୌରବ ମୋଦୀ ଓ ଖୁଶବୁ ମୋଦୀ ପ୍ରମୁଖ ଶିବିର ପରିଚାଳନା କରିବାରେ ସହାୟତା କରିଥିଲେ।



### ବେଲପାଳ ଘାଟରେ ୧୪୪ ଧାରା ଲାଗୁ

# ଆଗୁଆଡ଼ ବେଆଇନ୍ ବାଲି ଡମ୍ପିଂ ଉପରେ ଚଢ଼ଉ

**ବଡସାହି, ୨।୪(ସମିସ)**

ବଡସାହି ବ୍ଲକ ଦେଇ ପ୍ରବାହିତ ହେଉଥିବା ବୁଢାବଳଙ୍ଗ ନଦୀ ଶଯ୍ୟାରୁ ପ୍ରତିଦିନ ବେଆଇନଭାବେ ବାଲି ଉତ୍ତୋଳନ ହେଉଥିବା ନେଇ ଅଭିଯୋଗ ହେଉଛି। ତେବେ ଏହାକୁ ରୋକିବାରେ ପ୍ରଶାସନ ବିଫଳ ହୋଇଥିବା ବେଳେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀଶଯ୍ୟା ଗଭୀର ହେବା ସହିତ ପଠା କ୍ଷୟ ହେବାରେ ଲାଗିଛି। ଲିଜ ବିହୀନ ଘାଟରୁ ବେଆଇନ ଉତ୍ତୋଳନ କରାଯାଇ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରାଯାଉଛି। ପୂର୍ବରୁ ରାଜସ୍ୱ ବିଭାଗ ଏହା ବୁଝୁଥିବା ବେଳେ ଏବେ ଖଣି ବିଭାଗ ଏହାର ତଦାରଖ କରୁଛି; ମାତ୍ର କର୍ମଚାରୀ ଅଭାବ ଓ ଖଣି ବିଭାଗକୁ ନୂତନ ଭାବେ ଦାୟିତ୍ୱ ହସ୍ତାନ୍ତର ହୋଇଥିବାରୁ ଏହାକୁ ଢାଲ କରି ବିଭାଗ-ବିଭାଗ ମଧ୍ୟରେ କାଦୁଅ ଫିଙ୍ଗାଫିଙ୍ଗି ଚାଲିଛି। ଏହା ବେଆଇନ କାରବାର କରୁଥିବା ବାଲି ମାଫିଆଙ୍କୁ ବେଶ ସୁହାଉଛି। ସେହିପରି ବେଲପାଳ ଘାଟରେ ବେଆଇନ ଉତ୍ତୋଳନକୁ ନେଇ ରାଜସ୍ୱ, ଖଣି ଓ ବଡସାହି ପୁଲିସ ଉପସ୍ଥିତିରେ ୧୪୪ଧାରା ଲାଗୁ ପାଇଁ ସୁପାରିସ କରାଯାଇଛି। ସେହିପରି ଦୁର୍ଗାପୁର ପଞ୍ଚାୟତ ଆଗୁଆଡ ଗ୍ରାମରେ ଏକ ବେଆଇନ ବାଲି ଡମ୍ପିଂ ଉପରେ ଖଣି ବିଭାଗ ଓ ପୁଲିସ ଚଢଉ କରି ଜବତ କରିଛି। ଗଚ୍ଛିତ କରାଯାଇଥିବା ବାଲିକୁ ନେଇ ୬ଲକ୍ଷ ୩୨ ହଜାର ଟଙ୍କା ଜୋରିମାନା କରାଯାଇଥିବା ଖଣି ଅଧିକାରୀ ଉଦୟ ଭାନୁ ସାହୁ ପ୍ରକାଶ କରିଛନ୍ତି। ଏହି ଡମ୍ପିଂ ତପନ କୁମାର ସାହୁ କରିଥିବା ଜଣାପଡ଼ିଛି। ଟଙ୍କା ପୈଠ ପାଇଁ ସେ ଦୁଇ ଦିନ ସମୟ ମାଗି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି; ନଚେତ ବିଭାଗ ପକ୍ଷରୁ ମାମଲା ରୁଜୁ ହେବ ବୋଲି ଖଣି ଅଧିକାରୀ ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ବଡସାହି ଆଇଆଇସି ଉମାଶଙ୍କର ନାୟକ ମଧ୍ୟ ବାଲି ଡମ୍ପିଂ ଜବତ ହୋଇଥିବାର ସ୍ୱୀକାର କରିବା ସହିତ କେତେ ଫାଇନ ହୋଇଛି, ଖଣି ବିଭାଗ ଜଣାଇଲେ ତାହା ଜଣାପଡ଼ିବ। ସେହିପରି ଦୁର୍ଗାପୁର ପଞ୍ଚାୟତ କୁଲକୋଠା ଗ୍ରାମର ୧୦ ନମ୍ବର ୱାର୍ଡରେ ଥିବା ବିଶ୍ୱାଳସାହି, ଡାହିସାହି ଓ ସ୍କୁଲ ସାହି ବେଆଇନ ବାଲି ଘାଟରୁ ପ୍ରତିଦିନ ଶହଶହ ଟ୍ରିପ ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ହୋଇଆସୁଛି। ମାଫିଆମାନେ ଶହଶହ ଟ୍ରିପ ବାଲି ଡମ୍ପିଂ କରି କାରବାର ଚଳାଇଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।



## କଂଗ୍ରେସର ଲୋକସଭା ପ୍ରାର୍ଥୀ ତାଲିକା

| | |
|---|---|
| ବରଗଡ଼ | ସଞ୍ଜୟ ଭୋଇ |
| ସୁନ୍ଦରଗଡ଼ | ଜନାର୍ଦ୍ଦନ ଦେହୁରୀ |
| ବଲାଙ୍ଗୀର | ମନୋଜ ମିଶ୍ର |
| କଳାହାଣ୍ଡି | ଦ୍ରୌପଦୀ ମାଝୀ |
| ନବରଙ୍ଗପୁର | ଭୁଜବଳ ମାଝୀ |
| କନ୍ଧମାଳ | ଅମୀର ଚାନ୍ଦ ନାୟକ |
| ବ୍ରହ୍ମପୁର | ରଶ୍ମିରଞ୍ଜନ ପଟ୍ଟନାୟକ |
| କୋରାପୁଟ | ସପ୍ତଗିରି ଶଙ୍କର ଉଲାକା |

## ବିଧାନସଭା ପ୍ରାର୍ଥୀ ତାଲିକା

| | |
|---|---|
| ପଦ୍ମପୁର | ଟଙ୍କଧର ସାହୁ |
| ବିଜେପୁର | କିଶୋର ଦଫାଦାର |
| ବରଗଡ଼ | ନିପନ କୁମାର ଦାସ |
| ଭଟଲୀ | ବ୍ରହ୍ମା ମହାକୁଡ଼ |
| ବ୍ରଜରାଜନଗର | କିଶୋର ଚନ୍ଦ୍ର ପଟେଲ |
| ତଳସରା | ପ୍ରବୋଧ ତିର୍କୀ |
| ସୁନ୍ଦରଗଡ଼ | ସୁଧାରାଣୀ ରାଉଡ଼ିଆ |
| ବୀରମିତ୍ରପୁର | ଜେଏମ୍‌ଏମ୍ ପ୍ରାର୍ଥୀ |
| ରଘୁନାଥପାଲି | ଗୋପାଳ ଦାସ |
| ରାଉରକେଲା | ବୀରେନ୍ଦ୍ରନାଥ ପଟ୍ଟନାୟକ |
| ରାଜଗାଙ୍ଗପୁର | ଡ. ସି ଏସ୍ ରାଜନ ଏକ୍କା |
| ବଣାଇ | ସିପିଆଇ-ଏମ୍ ପ୍ରାର୍ଥୀ |
| ଲୋଇସିଂହା | ଓମ୍ ପ୍ରକାଶ କୁମ୍ଭାର |
| ପାଟଣାଗଡ଼ | ଅନୀଲ ମେହେର |
| ବଲାଙ୍ଗିର | ସମରେନ୍ଦ୍ର ମିଶ୍ର |
| କଣ୍ଟାବାଂଜି | ସନ୍ତୋଷ ସିଂ ସାଲୁଜା |
| ନୂଆପଡ଼ା | ଶରତ ପଟ୍ଟନାୟକ |
| ଉମରକୋଟ | ସନରାଜ ଗଣ୍ଡ |
| ଝରିଗାଁ | ହାରାବତୀ ଗଣ୍ଡ |
| ନବରଙ୍ଗପୁର | ଦିଲୀପ ପ୍ରଧାନୀ |
| ଡାବୁଗାଁ | ଲିପିକା ମାଝୀ |
| ଲାଞ୍ଜିଗଡ଼ | ବଳଭଦ୍ର ମାଝୀ |
| ଜୁନାଗଡ଼ | ତୁଳେଶ୍ୱର ନାଏକ |
| ଧର୍ମଗଡ଼ | ରଶ୍ମିରେଖା ରାଉତ |
| ଭବାନୀପାଟଣା | ସାଗର ଚରଣ ଦାସ |
| ନର୍ଲା | ଭକ୍ତ ଚରଣ ଦାସ |
| ବାଲିଗୁଡ଼ା | ସୁରଦ ପ୍ରଧାନ |
| ଜି.ଉଦୟଗିରି | ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ |
| ଫୁଲବାଣୀ | ପ୍ରତିଭା କହଁର |
| କଣ୍ଟାମାଳ | ମନୋଜ ଆଚାର୍ଯ୍ୟ |
| ବୌଦ୍ଧ | ନବ କୁମାର ମିଶ୍ର |
| ଭଂଜନଗର | ପ୍ରଶାନ୍ତ ବିଷୋୟୀ |
| ପୋଲସରା | ଅଗସ୍ତି ବରଦା |
| କବିସୂର୍ଯ୍ୟନଗର | ଚିରଂଜୀବ ବିଷୋୟୀ |
| ସୋରଡ଼ା | ହରିକ୍ରିଷ୍ଣା ରଥ |
| ସାନଖେମୁଣ୍ଡି | ରମେଶ ଚନ୍ଦ୍ର ଜେନା |
| ଚିକିଟି | ରବୀନ୍ଦ୍ର ନାଥ ଦ୍ୟାନସାମନ୍ତରାୟ |
| ମୋହନା | ଦାଶରଥି ଗମାଙ୍ଗ |
| ପାରଳାଖେମୁଣ୍ଡି | ବିଜୟ ପଟ୍ଟନାୟକ |
| ଗୁଣୁପୁର | ସତ୍ୟଜିତ୍ ଗମାଙ୍ଗ |
| ବିଷମ କଟକ | ନୀଳମାଧବ ହିକକା |
| ରାୟଗଡ଼ା | କାଡ୍ରାକା ଆଲାପସ୍ୱାମୀ |
| ଲକ୍ଷ୍ମୀପୁର | ପବିତ୍ର ସାଉଣ୍ଟା |
| କୋଟପାଡ଼ | ଅନାମ ଦିଆନ |
| ଜୟପୁର | ତାରାପ୍ରସାଦ ବାହିନୀପତି |
| କୋରାପୁଟ | କୃଷ୍ଣଚନ୍ଦ୍ର କୁଳଦୀପ |
| ପଟାଙ୍ଗୀ | ରାମଚନ୍ଦ୍ର କାଡାମ |
| ମାଲକାନଗିରି | ମାଳା ମାଧି |
| ଚିତ୍ରକୋଣ୍ଡା | ମଙ୍ଗୁ ଖିଲ |

### ଭକ୍ତଙ୍କୁ ନର୍ଲା ଓ ସାଗରଙ୍କୁ ଭବାନୀପାଟଣା ଟିକଟ

# କଂଗ୍ରେସରେ 'ଅସନ୍ତୋଷ' ବିସ୍ଫୋରଣ

**ଭବାନୀପାଟଣା, ୨।୪ (ସମିସ):** "ପୁତ୍ର ମୋହେ କଳାହାଣ୍ଡି କଂଗ୍ରେସ ଧ୍ୱଂସ।" କଂଗ୍ରେସ କର୍ମୀ ଓ ନେତାଙ୍କ ମହଲରେ ଏଭଳି କିଛି ରୋଚକ ଚର୍ଚ୍ଚା ଆଲୋଚନା କଳାହାଣ୍ଡି ରାଜନୀତିକୁ ଉଷ୍ମ କରିଛି। ମଙ୍ଗଳବାର କଂଗ୍ରେସ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ନର୍ଲା ଓ ଭବାନୀପାଟଣା (ସଂରକ୍ଷିତ) ଆସନରେ ଯଥାକ୍ରମେ ଭକ୍ତ ଚରଣ ଦାସ ଓ ତାଙ୍କ ପୁଅ ସାଗର ଚରଣ ଦାସଙ୍କୁ ଟିକଟ ମିଳିବା ପରେ ଦଳୀୟ କର୍ମୀ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। କଂଗ୍ରେସର ଗୋଟିଏ ଗୋଷ୍ଠୀ କହିଛନ୍ତି, ଭକ୍ତଙ୍କ ମନମୁଖୀ କାର୍ଯ୍ୟ ପାଇଁ କଳାହାଣ୍ଡି କଂଗ୍ରେସରେ ଦିନକୁ ଦିନ ଅସନ୍ତୋଷ ବଢ଼ି ଚାଲିଥିବା ବେଳେ ତାଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ଇତିମଧ୍ୟରେ ଅନେକ ପୁରୁଖା ଓ ନୂଆ ନେତା କଂଗ୍ରେସ ଛାଡ଼ି ବିଜେଡି ଓ ବିଜେପିରେ ମିଶି ସାରିଛନ୍ତି। ଆଉ ଯେଉଁମାନେ ବାକି ଅଛନ୍ତି, ଭକ୍ତଙ୍କ ଏକଛତ୍ରବାଦ ଦେଖି ଦଳ ଛାଡ଼ିବାକୁ ସଜବାଜ ହେଉଛନ୍ତି। ଭକ୍ତ କେବଳ ନିଜର ଏବଂ ନିଜ ପୁଅର ରାଜନୈତିକ ଭବିଷ୍ୟତ ସୁରକ୍ଷା ପାଇଁ ଦଳର ଭବିଷ୍ୟତକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଉଛନ୍ତି ବୋଲି ଏହି ଗୋଷ୍ଠୀ ଅଭିଯୋଗ କରିଛନ୍ତି।



ଅପରପକ୍ଷେ, ଏହାର ପ୍ରତିବାଦରେ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ସାଉଲ ମଙ୍ଗରାଜ ସମେତ କିଛି ଅସନ୍ତୁଷ୍ଟ କଂଗ୍ରେସ ନେତା ଓ କର୍ମୀ ଭକ୍ତଙ୍କ ବିରୋଧରେ ରଣହୁଙ୍କାର ଦେଇ ଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଭକ୍ତ ଦାସ ଦଳିତ କାର୍ଡ ଖେଳି ଏଆଇସିସିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ଥିବା ବେଳେ ବାରମ୍ବାର ନିଜେ ହାରିବା ସତ୍ତ୍ୱେ ଟିକଟ ପାଇଛନ୍ତି। ବର୍ତ୍ତମାନ ତାଙ୍କ ପୁଅଙ୍କ ଭବିଷ୍ୟତ ଗଠନ ପାଇଁ ଶ୍ରୀ ଦାସ

### ବାପା-ପୁଅଙ୍କୁ ନେଇ କଳାହାଣ୍ଡି କଂଗ୍ରେସରେ କମ୍ପନ

ଅନ୍ୟମାନଙ୍କୁ ଅବହେଳା କରୁଛନ୍ତି। ଗତ ୨୦୧୯ ନିର୍ବାଚନରେ ପୁଅ ସାଗର ଚରଣ ଦାସଙ୍କୁ ଭବାନୀପାଟଣା ସଂରକ୍ଷିତ ଆସନରେ ପ୍ରାର୍ଥୀ କରାଯାଇଥିଲା। ଏଥିପାଇଁ ଅନେକ ଦିନରୁ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ଦଳକୁ ମଜଭୁତ କରିଥିବା ଅନେକ କର୍ମୀ କଂଗ୍ରେସ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ସେହି ନିର୍ବାଚନରେ ସାଗର ଦାସ ମାତ୍ର ୩୫, ୪୯୯ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଉକ୍ତ ନିର୍ବାଚନରେ ବିଜେଡିର ଦୁଷ୍ମନ୍ତ ନାଏକଙ୍କୁ ୫୮, ୩୭୯ ଭୋଟ ମିଳିଥିଲା। ପ୍ରଦୀପ୍ତ ନାଏକ ୬୨, ୪୬୬ ଭୋଟ ପାଇ ବିଜୟୀ ହୋଇଥିଲେ। ତଥାପି ଭକ୍ତ

ଚଳିତ ନିର୍ବାଚନରେ ପୁଅ ସାଗରକୁ ଭବାନୀପାଟଣା ସଂରକ୍ଷିତ ଆସନ ପାଇଁ ପ୍ରାର୍ଥୀ କରିବାରେ ସକ୍ଷମ ହୋଇଛନ୍ତି ଏବଂ ନିଜେ ଅଣସଂରକ୍ଷିତ ନର୍ଲା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଏହାଦ୍ୱାରା ଅନେକ ସାଧାରଣ ବର୍ଗ ଏବଂ ସଂଖ୍ୟାଗରିଷ୍ଠ ଅନୁସୂଚିତ ଜାତି ଆଶାୟୀ ପ୍ରାର୍ଥୀଙ୍କ ରାଜନୈତିକ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି ବୋଲି ଏହି ଅସନ୍ତୋଷ ଗୋଷ୍ଠୀ ଅଭିଯୋଗ



କରିଛନ୍ତି। ଯିଏ କର୍ମୀଙ୍କୁ ଭଲରେ ଚିହ୍ନି ନାହିଁ, ସେଭଳି ଲୋକଙ୍କୁ ଡାକି ଟିକେଟ ଦିଆଯାଉଛି। ଆଜି ଯୋଗଦେଲେ କାଲି ଟିକଟ ମିଳୁଛି ଅଥଚ ପୁରୁଣା କର୍ମୀ ସବୁବେଳେ ଅଣଦେଖା ହୋଇ ରହୁଛନ୍ତି। ଭକ୍ତଙ୍କ ଏଭଳି ମନମୁଖୀ କାର୍ଯ୍ୟ ଯୋଗୁଁ କଂଗ୍ରେସର ପାରମ୍ପରିକ ଭୋଟ କଂଗ୍ରେସଠାରୁ ଦୂରେଇ ଯାଉଛି ବୋଲି ସେମାନେ କହିଛନ୍ତି। ଆଜି ହୋଇଥିବା ଟିକଟ ବଣ୍ଟନରେ ଯଦି ଦଳ ପକ୍ଷରୁ ପୁନର୍ବିଚାର କରାନଯାଏ, ତେବେ ଚଳିତ ନିର୍ବାଚନରେ କଂଗ୍ରେସ ବଡ଼ ବିପର୍ଯ୍ୟୟର ସାମ୍ନା କରିବ ବୋଲି ଅସନ୍ତୁଷ୍ଟ କଂଗ୍ରେସ ନେତା ଓ କର୍ମୀ ପ୍ରକାଶ କହିଛନ୍ତି।

# ଏଥର ଧର୍ମଗଡ଼ ଦେଖିବ ବଡ଼ ଲଢ଼େଇ

### ହେଭିୱେଟ୍ ପୁଷ୍ପେନ୍ଦ୍ରଙ୍କୁ ସାମ୍ନା କରିବେ ସୁଧୀର ଓ ରଶ୍ମିରେଖା

**କୋକସରା,୨।୪(ସମିସ):** ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳରେ ରାଜନୀତି ପୂରା ସରଗରମ ହୋଇଉଠିଛି। ପୂର୍ବତନ ମନ୍ତ୍ରୀ ତଥା କଳାହାଣ୍ଡି ରାଜନୀତିର ହେଭିୱେଟ୍ ନେତା ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପ୍ରାର୍ଥୀ କରିଛି ବିଜୁ ଜନତା ଦଳ। ଅନେକଥର ବିଧାୟକ ଓ ମନ୍ତ୍ରୀ ରହି ଆସିଥିବା ଶ୍ରୀ ସିଂଦେଓ ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ଅଛନ୍ତି।



ଏହି ଆସନରେ ପୁଷ୍ପେନ୍ଦ୍ରଙ୍କ ବିରୋଧରେ ବିଜେପିର ସୁଧୀର ପାଟଯୋଶୀ ଓ କଂଗ୍ରେସର ରଶ୍ମିରେଖା ରାଉତ ଲଢ଼େଇ କରିବେ।



ରଶ୍ମିରେଖା ପୂର୍ବରୁ ସରପଞ୍ଚ ଥିବା ବେଳେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସଭାନେତ୍ରୀ ଅଛନ୍ତି। ଏହାସହ ବିଭିନ୍ନ ସଂଗଠନ ସହ ଜଡ଼ିତ ରହି ତୃଣମୂଳସ୍ତରରେ ସାଧାରଣ ଜନତାଙ୍କ ସହ ସମ୍ପର୍କ ସ୍ଥାପନ କରି ପାରିଛନ୍ତି। ଏପଟେ ସୁଧୀର ଜଣେ ଅଭିଜ୍ଞ ଆଇନଜୀବୀ। କିନ୍ତୁ ସେ ପ୍ରଥମଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇବେ। କଳାହାଣ୍ଡି ଲୋକସଭା ଆସନରେ ବିଜେଡିରୁ ଲମ୍ବୋଦର ନିଆଲ, ବିଜେପିରୁ ମାଳବିକା କେଶରୀ ଦେଓ ଓ କଂଗ୍ରେସରୁ ଦ୍ରୌପ୍ରଦୀ ମାଝୀ ପ୍ରାର୍ଥୀ ହୋଇଛନ୍ତି। ତେଣୁ କଳାହାଣ୍ଡିର ଏକ ଗୁରୁତ୍ୱପୂର୍ଣ୍ଣ ଆସନ ଧର୍ମଗଡ଼ରେ ଏଥର ଲୋକେ ଏକ ବଡ଼ ଲଢ଼େଇ ଦେଖିବେ। ଏଥିପାଇଁ ତିନି ପ୍ରମୁଖ



ଦଳ ବିଜେଡି, ବିଜେପି ଓ କଂଗ୍ରେସ ସମରସଜ୍ଜା ଆରମ୍ଭ କରିଦେଇଛନ୍ତି। ଗତକାଲି ବିଜେଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଧର୍ମଗଡ଼ ଗସ୍ତ କରି ବିଭିନ୍ନ ଦେବଦେବୀ ପୀଠ ଦର୍ଶନ କରି କର୍ମୀ ଓ ଜନତାଙ୍କ ସହ ଭାବବିନିମୟ କରିଥିଲେ। ଏହା ପୂର୍ବରୁ ଧର୍ମଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ କୋକସରାରେ କର୍ମୀ ସମାବେଶ କରି ସାରିଛନ୍ତି। ମଙ୍ଗଳବାର କଳମପୁରରେ ଶ୍ରୀ ସିଂଦେଓ ଓ ଶ୍ରୀନିଆଲଙ୍କ ଉପସ୍ଥିତରେ ବିଜେଡିର କର୍ମୀ ସମାବେଶ ହୋଇଛି। ଏପଟେ ଆଜି ବିଜେପି ଓ କଂଗ୍ରେସର ପ୍ରାର୍ଥୀ ଘୋଷଣା ହୋଇଥିବାରୁ ଏହି ଦୁଇ ଦଳର ପ୍ରାର୍ଥୀ ଜନସମ୍ପର୍କରେ ଟିକିଏ ପଛରେ ପଡ଼ି ଯାଇଛନ୍ତି। ତେବେ ଆଗକୁ ୩ ଦଳର ପ୍ରଚାର ଜୋର ଧରିବା ସହ ଲଢ଼େଇ ଜୋରଦାର ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ବିଜେପିର ବିଧାନସଭା ପ୍ରାର୍ଥୀ ତାଲିକା

| | | | |
|---|---|---|---|
| ପଦ୍ମପୁର | ଗୋବର୍ଦ୍ଧନ ଭୋଇ | ଉମରକୋଟ | ନିତ୍ୟାନନ୍ଦ ଗଣ୍ଡ |
| ବିଜେପୁର | ସନତ କୁମାର ଗର୍ଡିଆ | ନବରଙ୍ଗପୁର | ଗୌରୀଶଙ୍କର ମାଝୀ |
| ବରଗଡ଼ | ଅଶ୍ୱିନୀ କୁମାର ଷଡ଼ଙ୍ଗୀ | ଲାଞ୍ଜିଗଡ଼ | ରମେଶ ଚନ୍ଦ୍ର ମାଝୀ |
| ଅତାବିରା | ନିହାର ରଞ୍ଜନ ମହାନନ୍ଦ | ଜୁନାଗଡ଼ | ମନୋଜ କୁମାର ମେହେର |
| ଭଟଲି | ଇରାଶିଷ ଆଚାର୍ଯ୍ୟ | ଧର୍ମଗଡ଼ | ସୁଧୀର ପାଟଯୋଶୀ |
| ବ୍ରଜରାଜ ନଗର | ସୁରେଶ ପୂଜାରୀ | ଭବାନୀପାଟଣା | ପ୍ରଦୀପ୍ତ କୁମାର ନାୟକ |
| ଝାରସୁଗୁଡ଼ା | ଟଙ୍କଧର ତ୍ରିପାଠୀ | ନର୍ଲା | ଅନିରୁଦ୍ଧ ପଧାନ |
| ତଳସରା | ଭବାନୀ ଶଙ୍କର ଭୋଇ | ବାଲିଗୁଡ଼ା | ଶ୍ରୀମତୀ କଳ୍ପନା କୁମାର କହଁର |
| ସୁନ୍ଦରଗଡ଼ | ଶ୍ରୀମତୀ କୁସୁମ ଟେଟେ | ଜି.ଉଦୟଗିରି | ମାନଗୋବିନ୍ଦ ପ୍ରଧାନ |
| ବୀରମିତ୍ରପୁର | ଶଙ୍କର ଓରାମ | ଫୁଲବାଣୀ | ଉମାର ଚରଣ ମଲ୍ଲିକ |
| ରଘୁନାଥପଲ୍ଲୀ | ଦୁର୍ଗାଚରଣ ତନ୍ତୀ | କଣ୍ଟାମାଳ | କହ୍ନାଇ ଚରଣ ଡାଙ୍ଗ |
| ରାଜଗାଙ୍ଗପୁର | ନରସିଂହ ମିଞ୍ଜ୍ | ବୌଦ୍ଧ | ସରୋଜ ପ୍ରଧାନ |
| ବଣାଇ | ଶ୍ରୀମତୀ ସେବତୀ ନାୟକ | ବଡ଼ମ୍ବା | ସମ୍ବିତ୍ ତ୍ରିପାଠୀ |
| କୁଚିଣ୍ଡା | ରବିନାରାୟଣ ନାଏକ | ବାଙ୍କୀ | ତୁଷାରକାନ୍ତ ଚକ୍ରବର୍ତ୍ତୀ |
| ରେଙ୍ଗାଲି | ନାଉରି ନାୟକ | ଆଠଗଡ଼ | ଅଭୟ କୁମାର ବାରିକ |
| ସମ୍ବଲପୁର | ଜୟନାରାୟଣ ମିଶ୍ର | ଚୌଦ୍ୱାର କଟକ | ନୟନ କିଶୋର ମହାନ୍ତି |
| ରେଢ଼ାଖୋଲ | ଦେବେନ୍ଦ୍ର ମହାପାତ୍ର | ନିଆଳି | ଛବି ମଲ୍ଲିକ |
| ଦେବଗଡ଼ | ସୁବାସ ଚନ୍ଦ୍ର ପାଣିଗ୍ରାହୀ | କଟକ ସଦର | ପ୍ରକାଶ ଚନ୍ଦ୍ର ସେଠୀ |
| ଆନନ୍ଦପୁର | ଆଲୋକ କୁମାର ସେଠୀ | ମାହାଙ୍ଗା | ସୁମନ୍ତ କୁମାର ଘଡ଼େଇ |
| କେନ୍ଦୁଝର | ମୋହନ ଚରଣ ମାଝୀ | ପାଟକୁରା | ତେଜେଶ୍ୱର ପରିଡ଼ା |
| ଯଶୀପୁର | ଗଣେଶ ରାମ ସିଂହ ଖୁଣ୍ଟିଆ | ଆଳି | କୃଷ୍ଣଚନ୍ଦ୍ର ପଣ୍ଡା |
| ଉଦଳା | ଭାସ୍କର ମଢ଼େଇ | ମହାକାଳପଡ଼ା | ଡ. ଦୁର୍ଗା ପ୍ରସନ୍ନ ନାୟକ |
| ବଡ଼ସାହି | ସନାତନ ବିଜୁଳି | ପାରାଦ୍ୱୀପ | ସମ୍ପଦ କୁମାର ସ୍ୱାଇଁ |
| ବାରିପଦା | ପ୍ରକାଶ ସୋରେନ୍ | ତିର୍ତ୍ତୋଲ | ରାଜକିଶୋର ବେହେରା |
| ମୋରଡ଼ା | ଡ. କୃଷ୍ଣଚନ୍ଦ୍ର ମହାପାତ୍ର | ନିମାପଡ଼ା | ଶ୍ରୀମତୀ ପ୍ରତିଭା ପରିଡ଼ା |
| ଜଳେଶ୍ୱର | ବ୍ରଜ ପ୍ରଧାନ | ପୁରୀ | ଜୟନ୍ତ କୁମାର ଷଡ଼ଙ୍ଗୀ |
| ବାଲେଶ୍ୱର | ମାନସ କୁମାର ଦତ୍ତ | ବ୍ରହ୍ମଗିରି | ଶ୍ରୀମତୀ ଉପାସନା ମହାପାତ୍ର |
| ରେମୁଣା | ଗୋବିନ୍ଦ ଚନ୍ଦ୍ର ଦାସ | ସତ୍ୟବାଦୀ | ଓମ୍ ପ୍ରକାଶ ମିଶ୍ର |
| ସୋର | ରାଜେନ୍ଦ୍ର ଦାସ | ପିପିଲି | ଆଶ୍ରିତ କୁମାର ପଟ୍ଟନାୟକ |
| ସିମୁଳିଆ | ପଦ୍ମଲୋଚନ ପଣ୍ଡା | ଜୟଦେବ | ଅରବିନ୍ଦ ଢ଼ାଲି |
| ଭଦ୍ରକ | ସୀତାଂଶୁ ଶେଖର ମହାପାତ୍ର | ଭୁବନେଶ୍ୱର(ମଧ୍ୟ) | ଜଗନ୍ନାଥ ପ୍ରଧାନ |
| ଧାମନଗର | ସୂର୍ଯ୍ୟବଂଶୀ ସୂରଜ | ଭୁବନେଶ୍ୱର(ଉତ୍ତର) | ପ୍ରିୟଦର୍ଶୀ ମିଶ୍ର |
| ଚାନ୍ଦବାଲି | ମନମୋହନ ସାମଲ | ଏକାମ୍ର ଭୁବନେଶ୍ୱର | ବାବୁ ସିଂହ |
| ବିଝାରପୁର | ଶ୍ରୀମତୀ ବବିତା ମଲ୍ଲିକ | ଜଟଣୀ | ବିଶ୍ୱରଞ୍ଜନ ବଡ଼ଜେନା |
| ବଡ଼ଚଣା | ଅମର କୁମାର ନାୟକ | ଚିଲିକା | ପୃଥ୍ୱୀରାଜ ହରିଚନ୍ଦନ |
| ଧର୍ମଶାଳା | ଶ୍ରୀମତୀ ସ୍ମୃତିରେଖା ପାଢ଼ୀ | ରଣପୁର | ତାପସ ରଞ୍ଜନ ମାର୍ଥା |
| ଯାଜପୁର | ଗୌତମ ରାୟ | ଖଣ୍ଡପଡ଼ା | ଦୁଷ୍ମନ୍ତ ସ୍ୱାଇଁ |
| କୋରେଇ | ଆକାଶ ଦାସ ନାୟକ | ଦଶପଲ୍ଲା | ରାଘବ ମଲ୍ଲିକ |
| ସୁକିନ୍ଦା | ପ୍ରଦୀପ ବଳସାମନ୍ତ | ନୟାଗଡ଼ | ଶ୍ରୀମତୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ |
| ଢ଼େଙ୍କାନାଳ | କୃଷ୍ଣଚନ୍ଦ୍ର ପାତ୍ର | ଭଞ୍ଜନଗର | ପ୍ରଦ୍ୟୁମ୍ନ କୁମାର ନାୟକ |
| କାମାକ୍ଷାନଗର | ଶତ୍ରୁଘ୍ନ ଜେନା | ପୋଲସରା | ଗୋକୁଳା ନନ୍ଦ ମଲ୍ଲିକ |
| ପରଜଙ୍ଗ | ବିଭୂତି ଭୂଷଣ ଜେନା | କବିସୂର୍ଯ୍ୟନଗର | ପ୍ରତାପ ଚନ୍ଦ୍ର ନାୟକ |
| ପାଲଲହଡ଼ା | ଅଶୋକ ମହାନ୍ତି | ଖଲ୍ଲିକୋଟ | ପୂର୍ଣ୍ଣଚନ୍ଦ୍ର ସେଠୀ |
| ତାଳଚେର | କାଳନ୍ଦୀ ଚରଣ ସାମଲ | ଛତ୍ରପୁର | କୃଷ୍ଣଚନ୍ଦ୍ର ନାୟକ |
| ଅନୁଗୁଳ | ପ୍ରତାପ ଚନ୍ଦ୍ର ପ୍ରଧାନ | ଆସ୍କା | ସରୋଜ କୁମାର ପାଢ଼ୀ |
| ଛେଣ୍ଡିପଦା | ଅଗସ୍ତି ବେହେରା | ସୋରଡ଼ା | ନୀଳମଣି ବିଶୋଇ |
| ଆଠମଲ୍ଲିକ | ସଞ୍ଜୀବ ସାହୁ | ହିଞ୍ଜିଳି | ଶିଶିର ମିଶ୍ର |
| ବୀରମହାରାଜପୁର | ରଘୁନାଥ ଜଗଦଲା | ଗୋପାଳପୁର | ବିଭୂତି ଭୂଷଣ ଜେନା |
| ସୋନପୁର | ପ୍ରମୋଦ ମହାପାତ୍ର | ବ୍ରହ୍ମପୁର | କେ.ଅନୀଲ କୁମାର |
| ଲୋଇସିଂହା | ଡ. ମୁକେଶ ମହାଲିଙ୍ଗ | ଦିଗପହଣ୍ଡି | ସିଦ୍ଧାନ୍ତ ମହାପାତ୍ର |
| ପାଟଣାଗଡ଼ | କନକ ବର୍ଦ୍ଧନ ସିଂହଦେଓ | ଚିକିଟି | ମନୋରଞ୍ଜନ ଦ୍ୟାନ ସାମନ୍ତରାୟ |
| ଇଲାଙ୍ଗୀର | ଗୋପଳଜୀ ପାଣିଗ୍ରାହୀ | ପାରଳାଖେମୁଣ୍ଡି | କେ. ନାରାୟଣ ରାଓ |
| ଟିଟିଲାଗଡ଼ | ନବୀନ ଜୈନ | ଗୁଣୁପୁର | ତ୍ରିନାଥ ଗମାଙ୍ଗ |
| କଣ୍ଟାବାଂଝୀ | ଲକ୍ଷ୍ମଣ ବାଗ୍ | କୋରାପୁଟ | ରଘୁରାମ ମାଛ |
| ନୂଆପଡ଼ା | ଅଭିନନ୍ଦନ କୁମାର ପଣ୍ଡା | ପଟ୍ଟାଙ୍ଗୀ | ଚୈତନ୍ୟ ହନ୍ତାଳ |
| ଖରିଆର | ହିତେଶ କୁମାର ବଗର୍ତ୍ତି | ମାଲକାନଗିରି | ନରସିଂହ ମାଡ଼କାମୀ |

### ୪ ବିଧାୟକଙ୍କୁ ଦୋହରାଇଲା ବିଜେପି

# ମଉଳିଗଲା ଦଳଡିଆଁଙ୍କ ଆଶା

**ବାରିପଦା, ୨।୪(ସମିସ):** ବିଜେପି ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ମଙ୍ଗଳବାର ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବା ବେଳେ ସବୁ ପ୍ରାର୍ଥୀ ବିଜେପିର ପୁରୁଣା ମୁହଁ। ଫଳରେ ବିଧାୟକ ଟିକଟ ଆଶାରେ ଅନ୍ୟ ଦଳ ଛାଡ଼ି ବିଜେପିରେ ଯୋଗଦେଇଥିବା ଆଶାୟୀମାନେ ନିରାଶ ହୋଇଛନ୍ତି। ପ୍ରକାଶିତ ତାଲିକା ଅନୁଯାୟୀ, ବାରିପଦା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ବିଧାୟକ ପ୍ରକାଶ ସୋରେନ, ଉଦଳା ପାଇଁ ବିଧାୟକ ଭାସ୍କର ମଢ଼େଇ, ବଡ଼ସାହି ପାଇଁ ବିଧାୟକ ସନାତନ ବିଜୁଳି, ଯଶିପୁର ପାଇଁ ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ମୋରଡ଼ା ପାଇଁ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନାମ ଘୋଷଣା କରିଛି। ତେବେ କୃଷ୍ଣଚନ୍ଦ୍ର ଗତ ନିର୍ବାଚନରେ ମୋରଡ଼ା ନିର୍ବାଚନମଣ୍ଡଳୀରୁ ବିଜେପିରୁ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିର ବିଧାୟକ ରାଜକିଶୋର ଦାସଙ୍କଠାରୁ ପରାସ୍ତ ହୋଇଥିଲେ। ଏହି ଘୋଷଣା ପରେ ଟିକଟ ଆଶାରେ ଅନ୍ୟ ଦଳରୁ ଇସ୍ତଫା ଦେଇ ବିଜେପିରେ ମିଶିଥିବା ଆଶାୟୀ ନିରାଶ ହୋଇଛନ୍ତି। ତାଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଅଳ୍ପ ଦିନର ବ୍ୟବଧାନରେ ପ୍ରତାରଣା ପାଲଟିଛି।

### ବିଜେପି ପାଇଁ ହୋଇପାରେ ବୁମେରାଂ







ବଡ଼ସାହି ନିର୍ବାଚନମଣ୍ଡଳୀର ୨୪ନଂ ଜିଲ୍ଲା ପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ ବିଜେଡି ଛାଡି ବଡ଼ସାହି ବିଧାୟକ ପ୍ରାର୍ଥୀ ହେବା ପାଇଁ ବିଜେପିରେ ଯୋଗଦାନ କରିଥିଲେ। କିନ୍ତୁ ଦଳ ତାଙ୍କୁ ନିରାଶ କରିଛି। ସେହିପରି ପୂର୍ବତନ କଂଗ୍ରେସ ଜିଲ୍ଲା ଯୁବ ସଭାପତି ତଥା ପିସିସି ସଦସ୍ୟ ରାକେଶ ସିଂ ବାରିପଦା ବିଧାୟକ ପ୍ରାର୍ଥୀ ଟିକଟ ଆଶାରେ ବିଜେପିରେ ସାମିଲ ହୋଇଥିଲେ; କିନ୍ତୁ ସେ ମଧ୍ୟ ଟିକଟରୁ ବଞ୍ଚିତ ହୋଇଛନ୍ତି। ଏହା ଆଗାମୀ ସାଧାରଣ ନିର୍ବାଚନରେ ବିଜେପି ପାଇଁ ବୁମେରାଂ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

ସେହିପରି ଘୋଷଣା ହୋଇନଥିବା ସାରସକଣା ବିଧାନସଭା ପ୍ରାର୍ଥୀ ଆଶାରେ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ମିଶିଥିବା ପୂର୍ବତନ ବିଧାୟକ ଭାଦବ ହାଁସଦା ଏବଂ ତାଙ୍କ ସମର୍ଥକମାନେ ଏବେ ଆଶା ଆଶଙ୍କାରେ ରହିଛନ୍ତି। ଏଠାରୁ ବିଧାୟକ ଥିବା ଡାଃ ବୁଡାନ ମୁର୍ମୁଙ୍କ ନାମ ପ୍ରାର୍ଥୀ ତାଲିକାରେ ପ୍ରକାଶ ପାଇ ନଥିବାରୁ ସେ ନିରାଶ ହୋଇଛନ୍ତି। ଅପରପକ୍ଷରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ତଥା ମୟୂରଭଞ୍ଜ ସାଂସଦ ଇଂ. ବିଶେଶ୍ୱର ଟୁଡୁ ମଧ୍ୟ ବିଜେପିରୁ ବାରିପଦା ବିଧାୟକ ଟିକଟ ପାଇଁ ଆଶାୟୀ ଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ସେ ମଧ୍ୟ ଟିକଟରୁ ବଞ୍ଚିତ ହୋଇଛନ୍ତି। ତେବେ ସେ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରୁ ଟିକଟ ପାଇବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ତାଙ୍କୁ ଆଗକୁ ଟିକଟ ଦିଆଯାଉଛି କି ଚଳିତ ନିର୍ବାଚନରେ ବଞ୍ଚିତ କରାଯାଉଛି, ତାହା ଦେଖିବାକୁ ଅପେକ୍ଷା ରହିଛି। ଅନ୍ୟପକ୍ଷେ ବିଜେପି ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ଯେଉଁମାନଙ୍କୁ ଟିକଟ ଦିଆଯାଇଛି, ଜଣଙ୍କୁ ଛାଡ଼ି ଅବଶିଷ୍ଟ ୪ ଜଣଙ୍କ ସଙ୍ଗଠନ ସେତେ ମାତ୍ରା ସୁଦୃଢ଼ ନ ଥିବା ରାଜନୈତିକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

■ ଉଦଳାବିଧାନସଭାନିର୍ବାଚନମଣ୍ଡଳୀ

# ଭାସ୍କରଙ୍କ ପୁନର୍ବାର ପ୍ରାର୍ଥିତ୍ୱକୁ ନେଇ ଯୁବଗୋଷ୍ଠୀ ଅସନ୍ତୁଷ୍ଟ

**ଉଦଳା, ୨।୪ (ସମିସ):** ମଙ୍ଗଳବାର ବିଜେପି ୧୧୨ଜଣ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାର ଚର୍ଚ୍ଚିତ ଉଦଳା ସଂରକ୍ଷିତ ଆସନ ପାଇଁ ବିଧାୟକ ଭାସ୍କର ମଢ଼େଇଙ୍କ ନାମରେ ମୋହର ମାରିଛି ଦଳ। ଫଳରେ ବହୁ ଆଶାୟୀଙ୍କ ସ୍ୱପ୍ନ ଚୂରମାର୍ ହୋଇଯାଇଛି। ତିନିଥରର ବିଧାୟକଙ୍କ ଉପରେ ପୁଣି ଭରସା କରିଛି ଦଳ। ୨୦୧୯ରେ ଖୁବ୍ କମ୍ ବ୍ୟବଧାନରେ ବିଜେଡି ପ୍ରାର୍ଥୀଙ୍କୁ ପରାସ୍ତ କରି ତୃତୀୟଥର ବିଧାୟକ ନିର୍ବାଚିତ ହୋଇଥିଲେ ଶ୍ରୀ ମଢ଼େଇ। ତେବେ ଏଥର ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଯୁବଗୋଷ୍ଠୀ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କାରଣ ଗତ ୬ ମାସ ହେବ ଦଳଠାରୁ ଦୂରରେ ରହି ସେ ଅନ୍ୟ ବିକଳ୍ପ ସନ୍ଧାନରେ ଥିଲେ। ଫଳରେ ଉଦଳା ସଂଗଠନ ବିଭିନ୍ନ ଗୋଷ୍ଠୀରେ ବିଭାଜିତ ହୋଇ ନିଜ ନିଜର ଆଶାୟୀଙ୍କୁ ଧରି ଲବି ଆରମ୍ଭ କରିଥିଲେ। ଶେଷରେ ଶ୍ରୀ ମଢ଼େଇଙ୍କ ନାମ ଘୋଷଣା ହେବା ପରେ ବିଜେପିର କେତେକ ଗୋଷ୍ଠୀ ଏବେ ସାମାଜିକ ଗଣମାଧ୍ୟମରେ ଭାସ୍କରବିରୋଧୀ ପ୍ରଚାର ଆରମ୍ଭ କରିଦେଲେଣି। ଏପରିକି ବିରୋଧୀକୁ ଏକପାଖିଆ ବିଜୟ କରିଦେଲେ ବୋଲି ଅସନ୍ତୋଷ କର୍ମୀମାନେ କହି ବୁଲିଲେଣି। ବିଜେପିର କେତେକ ଗୋଷ୍ଠୀ ନିଜ ନିଜର ଆଶାୟୀଙ୍କୁ ପ୍ରାର୍ଥୀ କରିବାକୁ ଉତ୍ସାହିତ ହୋଇପଡ଼ିଥିଲେ ହେଁ ଆଶା ଆଶଙ୍କାରେ ରହିଯାଇଛି। ସୂଚନାଯୋଗ୍ୟ ଯେ ଭାସ୍କର ମଢ଼େଇ ୨୦୦୦-୦୪, ୨୦୦୪-୦୯ ଏବଂ ୨୦୧୯-୨୪ ତିନିଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ଗତ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କଠାରୁ ମାତ୍ର ୧୪୩୩ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ।

## ମାହାଙ୍ଗାରୁ କଟିଲା ଶାରଦାଙ୍କ ଟିକଟ

# ପଦାରେ ପଡ଼ିଲା ଧର୍ମେନ୍ଦ୍ର-ବୈଜୟନ୍ତ ଗୋଷ୍ଠୀକନ୍ଦଳ

### ବିଜେପିରେ ମିଶିବାର ୧୫ ଦିନ ମଧ୍ୟରେ ସୁମନ୍ତଙ୍କୁ ମିଳିଲା ଟିକଟ

**ମାହାଙ୍ଗା,୨।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ବିଭିନ୍ନ ରାଜନୈତିକ ଦଳରେ ସେତିକି ରୋଚକ ପରିସ୍ଥିତି ସୃଷ୍ଟି ହେଉଛି। ବିଶେଷକରି ବିଜେପି ଦଳରେ ଧର୍ମେନ୍ଦ୍ର ଓ ବୈଜୟନ୍ତଙ୍କ କଳି ଏବେ ହାଟରେ ପଡ଼ି ଦାଣ୍ଡରେ ଗଡ଼ିବାକୁ ଲାଗିଲାଣି। ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଦେଖିବାକୁ ମିଳିଛି। ଏହି ନିର୍ବାଚନମଣ୍ଡଳୀର ବିଜେପି ଟିକଟର ପ୍ରମୁଖ ଦାବିଦାର ଥିଲେ ଶାରଦା ପ୍ରଧାନ। ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଦୁଇଥର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଥରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିବା ବେଳେ ଗତ ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ଭାବେ ଲଢ଼ି ପରାଜିତ ହୋଇଥିଲେ ମଧ୍ୟ ସେ ୬୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ। ଶାରଦା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଭାବେ ବେଶ ଜଣାଶୁଣା। ସେ ଦୀର୍ଘ ଦିନ ହେବ ବିଜେପି ସଂଗଠନକୁ ମାହାଙ୍ଗାରେ ସୁଦୃଢ଼ କରିବା ପାଇଁ ପ୍ରୟାସ ଜାରି ରଖିଥିଲେ। କିନ୍ତୁ ୨୦୨୪ ନିର୍ବାଚନରେ ହଠାତ୍ ତାଙ୍କ ଟିକଟ କଟିବାକୁ ନେଇ ଶାରଦାଙ୍କ ସମର୍ଥକ ଓ ବିଜେପି ଦଳ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।



ମାହାଙ୍ଗାରୁ ବିଜେପି ଟିକଟ ପାଇଥିବା ଯୁବନେତା ସୁମନ୍ତ ଘଡ଼େଇ ୧୫ଦିନ ତଳେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନିଜ ସମର୍ଥକଙ୍କ ସହ ମିଶିଥିଲେ। ମିଶିବାର ୧୫ ଦିନ ନ ବିତୁଣୁ ହଠାତ୍ ତାଙ୍କୁ ମାହାଙ୍ଗା ନିର୍ବାଚନମଣ୍ଡଳୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀରେ ବିଜେପି ଟିକଟ ଦେବା ଦଳୀୟ କର୍ମୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ମାହାଙ୍ଗା ବିଜେପି ଦଳ ସଂଗଠନ ପ୍ରତି ସୁମନ୍ତ ଘଡ଼େଇଙ୍କ କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନଥିବା ବେଳେ କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ସାରଦାଙ୍କ ଭଳି ଜଣେ ଦକ୍ଷ ସଂଗଠକଙ୍କ ଟିକଟ କଟିଲା, ସେନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଏବେ ବିଜେପିର ଦଳୀୟ କର୍ମୀଙ୍କ ମହଲରେ ଆଲୋଚନାର ବିଷୟ ହୋଇଛି। ବୈଜୟନ୍ତ ପଣ୍ଡା କେନ୍ଦ୍ରପଡ଼ା ସାଂସଦ ଭାବେ ଛିଡ଼ା ହୋଇଥିବା ବେଳେ ମାହାଙ୍ଗା ନିର୍ବାଚନମଣ୍ଡଳୀ କେନ୍ଦ୍ରପଡ଼ା ସଂସଦୀୟ କ୍ଷେତ୍ରରେ ରହିଛି। ଶାରଦା ପ୍ରଧାନ ଧର୍ମେନ୍ଦ୍ରଙ୍କ ଗୋଷ୍ଠୀର ହୋଇଥିବା ବେଳେ ତାଙ୍କୁ ଚେକ୍ ଦେବା ପାଇଁ ବୈଜୟନ୍ତ ସୁମନ୍ତଙ୍କୁ ମୋହରା ବନାଇ ଗୋଟିଚାଳନା କରିଥିବାର ବିଜେପି ମହଲରେ ଆଲୋଚନା ହେଉଛି। ଆଗାମୀ ଦିନରେ ଏହି ଗୋଟିଚାଳନା ବୈଜୟନ୍ତଙ୍କ ପାଇଁ ମହଙ୍ଗା ପଡ଼ିବା ସହ ବୈଜୟନ୍ତ ଓ ଧର୍ମେନ୍ଦ୍ରଙ୍କ ଗୋଷ୍ଠୀକନ୍ଦଳ ଉଗ୍ରରୂପ ନେବାର ଯଥେଷ୍ଟ ସମ୍ଭାବନା ରହିଥିବା ନେଇ ରାଜନୈତିକ ବିଶାରଦଙ୍କ ପକ୍ଷରୁ କୁହାଯାଉଛି।

# ଚିକିଟି ବିଧାନସଭା ଆସନରେ ନୂଆ ମୁହଁ

**ବ୍ରହ୍ମପୁର,୨।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନରେ ବିଭିନ୍ନ ଦଳ ପକ୍ଷରୁ ଅନେକ ନୂଆ ଚେହେରାଙ୍କୁ ପ୍ରାର୍ଥୀ କରାଯାଇଛି। ସେଥିମଧ୍ୟରୁ ଚିକିଟି ବିଧାନସଭା ଆସନରୁ ରାଣୀ ଉଷାଦେବୀଙ୍କ ଅସୁସ୍ଥତା କାରଣରୁ ତାଙ୍କ ସ୍ଥାନରେ ଯୁବରାଜ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓଙ୍କୁ ପ୍ରାର୍ଥୀ କରିଛି ବିଜୁ ଜନତା ଦଳ। ୪ଟି ପର୍ଯ୍ୟାୟରେ ହେବାକୁ ଥିବା ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଅର୍ଥାତ୍ ଆସନ୍ତା ମେ' ୧୩ରେ ଏଠାରେ ନିର୍ବାଚନ ଅନୁଷ୍ଠିତ ହେବ। ଚିକିଟି ବିଧାନସଭା ଆସନ ପାଇଁ ବିଜେଡିରେ ପ୍ରାର୍ଥିତ୍ୱକୁ ନେଇ କୌଣସି ପ୍ରକାର ଦ୍ୱନ୍ଦ୍ୱ ନଥିବାରୁ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇସାରିଛି। ୬ ଥରର ବିଧାୟିକା ତଥା ଚିକିଟି ରାଜପରିବାର ଉପରେ ନିର୍ବାଚନମଣ୍ଡଳୀର ଭୋଟର୍‌ଙ୍କ ଥିବା ଆସ୍ଥାକୁ ଆଧାର କରି ୨୦୦୦ ମସିହାରୁ ବିଜୁ ଜନତା ଦଳ ରାଣୀ ଉଷାଦେବୀଙ୍କୁ ପ୍ରାର୍ଥୀ କରିଆସିଛି। ବିଜୟୀ ହେବା ପରେ ଉଷାଦେବୀଙ୍କୁ ଦଳରେ ଏପରିକି ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଅଳଙ୍କୃତ ମଧ୍ୟ କରାଯାଇଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱ, ସ୍ୱଚ୍ଛ, ନିର୍ମଳ ଶାସନ ସହିତ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିଷ୍ଠାପର ସେବା ମନୋଭାବ ଓ ଦୂରଦୃଷ୍ଟି ବିଭିନ୍ନ ଯୋଜନା ଆଧାରରେ ଲୋକଙ୍କ ନିକଟତର ହୋଇପାରିଛି ବିଜୁ ଜନତା ଦଳ।



ଚଳିତ ନିର୍ବାଚନରେ ବିଜେଡିର ବରିଷ୍ଠ ନେତ୍ରୀ ତଥା ଚିକିଟି ରାଣୀ ଉଷାଦେବୀ ନିଜର ଅସୁସ୍ଥତା କାରଣରୁ ନିର୍ବାଚନ ଲଢ଼ିବାକୁ ଅନିଚ୍ଛା ପ୍ରକାଶ କରିବା ପରେ ତାଙ୍କ ସ୍ଥାନରେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ଆସନରୁ ଯୁବବର୍ଗଙ୍କ ପ୍ରେରଣାର ଉତ୍ସ ତଥା ଉଚ୍ଚଶିକ୍ଷିତ ଯୁବରାଜ ଶ୍ରୀରୂପ ଦେଓଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ପ୍ରତ୍ୟକ୍ଷ ନିର୍ବାଚନରେ ଏହା ପ୍ରଥମ ପଦାର୍ପଣ ହୋଇଥିଲେ ହେଁ ରାଣୀ ମା'ଙ୍କ ବିଗତ ଦିନର ବିକାଶମୂଳକ କାର୍ଯ୍ୟ ଓ ଲୋକଙ୍କ ଭଲ ପାଇବାକୁ ଆଧାର କରି ଲୋକଙ୍କ ପାଖକୁ ଯିବି ବୋଲି ଶ୍ରୀରୂପ ଦେଓଙ୍କ ମତ ରଖିଛନ୍ତି। ବିଗତ ଦିନରେ ଅଞ୍ଚଳରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଅନେକ କିଛି କରିବାର ଯୋଜନା ମଧ୍ୟ ରହିଛି। ତେବେ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ନୁହେଁ, ବରଂ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସେମାନଙ୍କର ଆବଶ୍ୟକତା ପୂରଣ କରିବି ବୋଲି କହିଛନ୍ତି ଶ୍ରୀରୂପ ଦେଓ।

ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଚଳିତ ଥର ସପ୍ତଦଶ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଚିକିଟି ବିଜ୍ଞାପିତ ଅଞ୍ଚଳ, ଚିକିଟି ଓ ପାତ୍ରପୁର ବ୍ଲକକୁ ନେଇ ଗଠିତ ଏହି ନିର୍ବାଚନ ମଣ୍ଡଳୀ। ଏଠାରେ ଭୋଟରଙ୍କ ସଂଖ୍ୟା ପ୍ରାୟ ୧ଲକ୍ଷ ୮୦ ହଜାର। ପୂର୍ବରୁ ଏହି ଆସନ କଂଗ୍ରେସ ହାତରେ ଥିବା ବେଳେ ରାଜନୀତିରେ ଚିକିଟି ରାଣୀଙ୍କ ଆବିର୍ଭାବ ପରଠାରୁ ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ କାଳ ଧରି ବିଜେଡି ଅକ୍ତିଆରରେ ରହି ଆସିଛି ଏହି ଆସନ। ଏହା ଗଞ୍ଜାମ ଜିଲ୍ଲାର ଏକ ଚର୍ଚ୍ଚିତ ତଥା ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳୀ। ପାତ୍ରପୁରର ଦ୍ୟାନସାମନ୍ତରା ପରିବାର ଓ ଚିକିଟି ରାଜପରିବାର ମଧ୍ୟରେ ଦଶନ୍ଧି ଦଶନ୍ଧି ଧରି ରହିଆସିଛି ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା। ଗତ ୨୦୧୯ ମସିହା ସାଧାରଣ ନିର୍ବାଚନରେ

### ଉଷାଦେବୀଙ୍କ ସ୍ଥାନରେ ଯୁବରାଜ ଶ୍ରୀରୂପ ଦେଓ

ଉଷାଦେବୀଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ ବିଜେପିର ମନୋରଞ୍ଜନ ଦ୍ୟାନସାମନ୍ତରା। ତେବେ ଶତକଡ଼ା ୫୪.୦୮ ପ୍ରତିଶତ ଭୋଟ ପାଇ ପ୍ରତିପକ୍ଷ ବିଜେପି ପ୍ରାର୍ଥୀଙ୍କୁ ପ୍ରାୟ ୨୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଷଷ୍ଠ ଥର ପାଇଁ ବିଜୟୀ ହୋଇଥିଲେ ଉଷାଦେବୀ। ଚଳିତ ନିର୍ବାଚନ ପାଇଁ ନିଜ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ବାଳକୁମାରୀଙ୍କ ଆଶୀର୍ବାଦ ନେଇ ଯୁବରାଜ ଶ୍ରୀରୂପ ଦେଓ ମା' ଉଷା ଦେବୀଙ୍କ ସହିତ ନିଜର ପ୍ରଚାର କାର୍ଯ୍ୟ ଆରମ୍ଭ କରିସାରିଛନ୍ତି। ସେପଟେ ବିଜେପି ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ କଂଗ୍ରେସ ରବୀନ୍ଦ୍ର ଦ୍ୟାନ ସାମନ୍ତରାଙ୍କୁ ଏଠାରୁ ପ୍ରାର୍ଥୀ କରିଛି। ପ୍ରଚାରରେ ବିଜେଡି ବହୁ ଆଗରେ ରହିଥିବା ବେଳେ ଦଳୀୟ କର୍ମୀ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି।

## ରଣପୁର ନିର୍ବାଚନ ମଣ୍ଡଳୀ

# ବିକାଶକୁ ଅସ୍ତ୍ର କରିବ ବିଜେଡି

**ନୟାଗଡ଼, ୨।୪ (ସମିସ):** ନୟାଗଡ଼ ଜିଲ୍ଲା ତଥା ପୁରୀ ସଂସଦୀୟ କ୍ଷେତ୍ର ଅଧୀନ ରଣପୁର ନିର୍ବାଚନମଣ୍ଡଳୀ ସଦାସର୍ବଦା ଚର୍ଚ୍ଚାରେ ରହି ଆସିଛି। ଶାସକ ଓ ବିରୋଧୀ ମଧ୍ୟ ଛକାପଞ୍ଝା ସର୍ବଦା ଲାଗି ରହିଛି। ପୂର୍ବରୁ କଂଗ୍ରେସ ଓ କମ୍ୟୁନିଷ୍ଟ ଶାସନରେ ଶାସିତ ହୋଇ ଆସିଥିବା ଏହି ନିର୍ବାଚନମଣ୍ଡଳୀରେ ବିଜେଡି ଓ ବିଜେପି ମେଣ୍ଟ ସମୟରେ ଗୋଟିଏଥର ଏହି ଆସନରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଥିଲେ। କିନ୍ତୁ ୨୦୦୯ ମସିହା ପରଠାରୁ ଏହି ଆସନ ବିଜେଡି କବ୍‌ଜାରେ ରହିଆସିଛି। ତେବେ ଗତ ପଞ୍ଚାୟତ ନିର୍ବାଚନରେ ବିଜେପି ଖାତାକୁ ଗୋଟିଏ ଜିଲ୍ଲା ପରିଷଦ ଆସନ

### ସୁରମା କରିବେ କ'ଣ?

ଯାଇଥିବା ବେଳେ ରଣପୁର ବ୍ଲକ ଅଧ୍ୟକ୍ଷା ପଦରେ ବିଜେପି ପ୍ରାର୍ଥୀ ନିର୍ମଳା ବେହେରା ଆସନ ଅଳଙ୍କୃତ କରିଥିଲେ। କିନ୍ତୁ ଏନ୍‌ଏସି ନିର୍ବାଚନରେ ବିଜେଡି ବିଜୟୀ ହୋଇଥିଲା। ତେଣୁ ଏଥରର ସାଧାରଣ ନିର୍ବାଚନରେ ଏହି ଆସନରେ ଏଥର କଡ଼ା ଟକ୍କର୍ ହେବ ରାଜନୈତିକ ବିଶାରଦମାନେ ଆଗୁଆ ଠଉରାଇ ସାରିଲେଣି।

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ବିଜେପି ବ୍ଲକ ଅଧ୍ୟକ୍ଷା ନିର୍ମଳାଙ୍କ ସ୍ୱାମୀ ତଥା ଜିଲ୍ଲା ବିଜେପି ସଭାପତି ତାପସ କୁମାର ମାର୍ଥାଙ୍କୁ ପ୍ରାର୍ଥୀ କରିଛି। ଫଳରେ ବିଜେପିରୁ ଆଶାୟୀ ଥିବା ଜନାର୍ଦ୍ଦନ ଦଳବେହେରା ଏବଂ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀଙ୍କୁ ନିରାଶ ହେବାକୁ ପଡ଼ିଛି। ତେଣୁ, ରଣପୁର ବିଜେପିରେ ସୁପ୍ତ ଅବସ୍ଥାରେ ଥିବା ଗୋଷ୍ଠୀକନ୍ଦଳ ବିଜେଡିକୁ ଫାଇଦା ଦେଇପାରେ ବୋଲି ଆଲୋଚନା ହେଉଛି।

ସତ୍ୟନାରାୟଣ ତୃତୀୟଥର ପାଇଁ ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି। ସତ୍ୟନାରାୟଣ ଏହି ଆସନରୁ ୨୦୦୯ ଏବଂ ୨୦୧୯ ମସିହା ନିର୍ବାଚନରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଗତ ସାଧାରଣ ନିର୍ବାଚନରେ ବିଜେପି ପ୍ରାର୍ଥୀ ସୁରମା ପାଢ଼ୀଙ୍କଠାରୁ





୪ ହଜାର ୨୫୧ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ସତ୍ୟନାରାୟଣ ୬୯ ହଜାର ୮୪୯ ଖଣ୍ଡ ଭୋଟ ପାଇଥିବା ବେଳେ ସୁରମା ୬୫ ହଜାର ୫୯୮ ଖଣ୍ଡ ଭୋଟ ପାଇଥିଲେ।

ଏହି ବିଧାନସଭା ଆସନରେ ବିଜେଡି ବିକାଶ ଓ ଉନ୍ନତିକୁ ପ୍ରସଙ୍ଗ କରି ନିର୍ବାଚନ ବୈତରଣୀ ପାର୍ ହେବାକୁ ଯୋଜନା ରଖିଥିବା ବେଳେ ବିଜେପି କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାକୁ ନେଇ ଲୋକଙ୍କ ନିକଟତର ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରଣପୁର ମଣିନାଗ ପୀଠ, ରଣପୁର ଜଗନ୍ନାଥ ମନ୍ଦିର ବିକାଶକୁ ପ୍ରାଧାନ୍ୟ ଦେଇଥିବା ବେଳେ ସ୍ଥାନୀୟ ବିକାଶ ପାଇଁ ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ସେହିଭଳି ଭାବେ ରାସ୍ତାଘାଟ ଉନ୍ନତି ସହ ଆଞ୍ଚଳିକ ସମସ୍ୟାକୁ ଦୂରୀଭୂତ ହୋଇଛି। ଏହା ବିଜେଡିର ମୁଖ୍ୟ ପ୍ରସଙ୍ଗ ପାଲଟିବ ବୋଲି ଆଲୋଚନା ହେଉଛି। ବିଜେପିରୁ ନିରାଶା ହେବା ପରେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ, ତାକୁ ନେଇ ଆଲୋଚନା ଜୋର୍ ଧରିଛି। ଅପରପକ୍ଷେ କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନଥିବାରୁ ଦୌଡ଼ରେ ପଛରେ ରହିଛି ବୋଲି ସାଧାରଣରେ କୁହାଯାଉଛି।

ସୂଚନାଯୋଗ୍ୟ, ଏହି ଆସନରୁ ରଣପୁର ରାଣୀ ବସନ୍ତ ମଞ୍ଜରୀ ଦେବୀ କଂଗ୍ରେସରୁ ୧୯୫୧ରୁ ୧୯୬୧ ପର୍ଯ୍ୟନ୍ତ ବିଧାୟକ ରହିଥିଲେ। ୧୯୬୧ ମସିହାରେ କଂଗ୍ରେସରୁ ବଜେନ୍ଦ୍ର ଚନ୍ଦ୍ର ସିଂ, ୧୯୬୭ରୁ ୧୯୭୧ ମସିହା ମଧ୍ୟରେ କଂଗ୍ରେସରୁ ରଘୁ ରାୟ ଏବଂ ସିପିଆଇଏମ୍‌ରୁ ରାମଚନ୍ଦ୍ର ରାମ ବିଧାୟକ ହୋଇଥିଲେ। ୧୯୭୧ରୁ ୧୯୮୦ ପର୍ଯ୍ୟନ୍ତ ରମେଶ ଚନ୍ଦ୍ର ପଣ୍ଡା ସିପିଆଇଏମ୍‌ରୁ ବିଧାୟକ ହୋଇଥିଲେ। ୧୯୮୦ରୁ ୧୯୯୦ ଏବଂ ୧୯୯୫ରୁ ୨୦୦୪ ପର୍ଯ୍ୟନ୍ତ କଂଗ୍ରେସରୁ ରମାକାନ୍ତ ମିଶ୍ର ବିଧାୟକ ହୋଇଥିଲେ। ୧୯୯୦ରୁ ୧୯୯୫ ଶରତ ଚନ୍ଦ୍ର ମିଶ୍ର ଜନତା ଦଳରୁ ବିଧାୟକ ହୋଇଥିଲେ। ୨୦୦୪ ମସିହାରେ ମେଣ୍ଟ ସରକାରରେ ବିଜେପିରୁ ସୁରମା ପାଢ଼ୀ ବିଧାୟକ ହୋଇଥିଲେ। ୨୦୧୪ ରୁ ୨୦୧୯ ବିଜେଡିରୁ ରବି ନାରାୟଣ ମହାପାତ୍ର ବିଧାୟକ ହୋଇଥିଲେ।

## କନ୍ଧମାଳ ଜିଲ୍ଲା ବିଜେପିରେ ଫାଟ

# ସାଂସଦ ପ୍ରାର୍ଥୀଙ୍କ କୁଶପୁତ୍ତଳିକା ପୋଡ଼ିଲେ ବିଜେପି କର୍ମୀ

**ଫୁଲବାଣୀ, ୨।୪ (ସମିସ):** କନ୍ଧମାଳ ଲୋକସଭା ଆସନ ପାଇଁ ବିଜେପି ସୁକାନ୍ତ ପାଣିଗ୍ରାହୀଙ୍କ ନାମ ଘୋଷଣା କରିବା ପରେ ଜିଲ୍ଲା ବିଜେପିରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। କିଛି ଦିନ ତଳେ, ବିଜେପିର ସ୍ଥାନୀୟ ନେତା ସାମ୍ବାଦିକ ସମ୍ମିଳନୀ କରି ପ୍ରାର୍ଥୀଙ୍କ ବିରୋଧରେ ବିଷ

### 'ଗୋ ବ୍ୟାକ୍ ସୁକାନ୍ତ' ନାରା ଦେଲେ କର୍ମୀ

ଉଗାରିଥିବା ବେଳେ ଆଜି ସୁକାନ୍ତଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଅମାନତ ହରାଇଥିବା ନେତାଙ୍କୁ କାହିଁକି କନ୍ଧମାଳରେ ପ୍ରାର୍ଥୀ କରାଗଲା ବୋଲି ପ୍ରଶ୍ନ କରିଛନ୍ତି। ଏହାସହ ସୁକାନ୍ତଙ୍କ ଭଳି ଆମଦାନୀ ନେତାଙ୍କ ବଦଳରେ ସ୍ଥାନୀୟ ଜଣେ ନେତାକୁ ପ୍ରାର୍ଥୀ କରିବାକୁ ସେମାନେ ଦାବି ଦୋହରାଇଛନ୍ତି।



ସୂଚନାନୁଯାୟୀ, ଆଜି ଶହଶହ ବିଜେପି କର୍ମୀ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ସାଂସଦ ପ୍ରାର୍ଥୀ ସୁକାନ୍ତଙ୍କ କୁଶପୁତ୍ତଳିକା ଦାହ କରିବା ସହ 'ସୁକାନ୍ତ ପାଣିଗ୍ରାହୀ ଗୋ-ବ୍ୟାକ୍' ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ କହିଛନ୍ତି ଯେ ନିର୍ବାଚନ ଆସିଲେ, ସୁକାନ୍ତଙ୍କୁ କନ୍ଧମାଳରେ ଦେଖାମିଳେ। କିନ୍ତୁ ବାକି ସମୟରେ ସେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଆନ୍ତି ବୋଲି ଅନୁସୂଚିତ ଜନଜାତି ମୋର୍ଚ୍ଚାର ପୂର୍ବତନ ସଭାପତି ଅନନ୍ତ ଦିଗାଳ ଅଭିଯୋଗ କରିଛନ୍ତି। ତେଣୁ ତାଙ୍କ ପ୍ରାର୍ଥିତ୍ୱ ପ୍ରତ୍ୟାହାର କରାଯାଉ ବୋଲି ସେ ଦାବି କରିଛନ୍ତି। ଅପରପକ୍ଷେ ଜିଲ୍ଲା ବିଜେପି ପକ୍ଷରୁ କୁହାଯାଇଛି ଯେ ଏବେ ବି ସମୟ ଅଛି, ରାଜ୍ୟ ବିଜେପି ସଭାପତି ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରାର୍ଥୀ ବଦଳାନ୍ତୁ। କନ୍ଧମାଳ ଜିଲ୍ଲାର ଦଳୀୟ ନେତା, କାହାକୁ ବି ପ୍ରାର୍ଥୀ କରନ୍ତୁ। ନଚେତ୍ ଆଗାମୀ ଦିନରେ ଏହାର ଘୋର୍ ବିରୋଧ କରାଯିବ।

## କଟକ ସଦର ବିଧାନସଭା କ୍ଷେତ୍ର

# ହାଟ୍ରିକ ବିଜୟ ଲକ୍ଷ୍ୟରେ ଚନ୍ଦ୍ରସାରଥୀ, ପ୍ରାର୍ଥୀ ବଦଳାଇଲା ବିଜେପି

**କଟକ, ୨।୪(ସମିସ):** ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ କଟକ ସଦର ବିଧାନସଭା ଆସନରେ ବିଜେଡିର ଚନ୍ଦ୍ରସାରଥୀ ବେହେରା ଓ ବିଜେପିର ପ୍ରକାଶ ସେଠୀଙ୍କ ମଧ୍ୟରେ ଲଢେଇ ହେବ। ବିଜେଡି ପରେ ବିଜେପି ତା'ର ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ପକ୍ଷରୁ ଏ ଯାଏଁ ପ୍ରାର୍ଥୀ ଚୂଡ଼ାନ୍ତ ହୋଇପାରିନାହିଁ। ଦଳର ସ୍ଥିତିକୁ ନେଇ ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ କର୍ମୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ୨୦୦୯ରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷଣ ହୋଇଥିଲା କଟକ ସଦର ଆସନ। ଏହା ପରଠାରୁ ବିଜେଡି ଲଗାତାର ତିନି ଥର ଜିତି ଏହି ନିର୍ବାଚନମଣ୍ଡଳୀରେ ଦବଦବା ଜାହିର କରିଆସିଛି। ୨୦୦୯ରେ

### ୨୦୧୯ ନିର୍ବାଚନ ଫଳାଫଳ

ଚନ୍ଦ୍ରସାରଥୀ ବେହେରା(ବିଜେଡି)-୮୬,୩୨୯ ଖଣ୍ଡ ଭୋଟ(୫୫.୪୧ପ୍ରତିଶତ)
ଦିଲ୍ଲୀପ କୁମାର ମଲ୍ଲିକ(ବିଜେପି)-୬୦,୨୫୦ଖଣ୍ଡ ଭୋଟ(୩୮.୬୭ପ୍ରତିଶତ)
ଅଭିଷେକ ମହାନନ୍ଦ(କଂଗ୍ରେସ)-୬୨୨୯ ଖଣ୍ଡ ଭୋଟ(୪ପ୍ରତିଶତ)

ବିଜେଡି ପ୍ରାର୍ଥୀ କାଳିନ୍ଦୀ ବେହେରା ବିଜୟ ଲାଭ କରିଥିଲେ। ୨୦୧୪ ଓ ୨୦୧୯ରେ କାଳିନ୍ଦୀଙ୍କ ପୁତ୍ର ଚନ୍ଦ୍ରସାରଥୀ ଲଗାତାର ଦୁଇଥର ବାଜିମାତ କରି ୨୦୨୪ରେ ହାଟ୍ରିକ ବିଜୟ ଲକ୍ଷ୍ୟରେ ରହିଛନ୍ତି। ଅନ୍ୟପଟରେ ସଦର ବିଧାନସଭା କ୍ଷେତ୍ରରେ ବିଜେପି ପ୍ରାର୍ଥୀ ହୋଇ ଦିଲ୍ଲୀପ ମଲ୍ଲିକ ଗତ ୨୦୦୯, ୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ କ୍ରମାଗତ ପରାଜୟ ବରଣ କରିଥିଲେ। ଆସନ୍ତା ୨୦୨୪ ନିର୍ବାଚନରେ ବିଜେପି ଆଉ ଦିଲ୍ଲୀପଙ୍କୁ ପ୍ରାର୍ଥୀ ନକରି ଇଂ ପ୍ରକାଶ ସେଠୀଙ୍କୁ ଟିକେଟ ଦେଇଛି। ଫଳରେ ଟିକେଟ ଦୌଡ଼ରେ ଥିବା ଦିଲ୍ଲୀପଙ୍କ ଏକାନ୍ତ ଅନୁଗତ ପ୍ରଦୀପଙ୍କୁ ନିରାଶ ହେବାକୁ ପଡ଼ିଛି। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଏକ ପ୍ରକାର ନେତୃତ୍ୱ ସଂକଟ ଦେଇ ଗତି କରୁଛି। ଯଦି କଂଗ୍ରେସର ସ୍ଥିତି ଦେଖାଯାଏ, ତାହେଲେ ୧୯୯୫ମସିହାରେ ଶେଷ ଥର ଲାଗି ଦଳ ଜିତିଥିଲା। କଟକ ସଦର ଆସନରୁ କଂଗ୍ରେସ ପ୍ରାର୍ଥୀ ବିଜୟଲକ୍ଷ୍ମୀ ସାହୁ ଜିତି ବିଧାୟକ ହୋଇ ପାରିଥିଲେ। ପ୍ରତିଥର ନିର୍ବାଚନରେ କଂଗ୍ରେସ ଏହି ବିଧାନସଭା କ୍ଷେତ୍ରରେ ନିଜର ପ୍ରାର୍ଥୀ ବଦଳାଇଛି। ତଥାପି ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରିଆସିଛି। ୨୦୦୯ରେ ଅସୀମା ମହାନନ୍ଦ ,୨୦୧୪ରେ ଚନ୍ଦ୍ରଶେଖର ସାମଲ ଓ ୨୦୧୯ ଲଢେଇରେ ଅଭିଷେକ





ମହାନନ୍ଦ କଂଗ୍ରେସ ପ୍ରାର୍ଥୀ ହୋଇ ବିପୁଳ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ବିଜେଡି ଓ ବିଜେପି ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ କଂଗ୍ରେସ କାହାକୁ ପ୍ରାର୍ଥୀ କରୁଛି ତାହା ଦେଖିବାକୁ ବାକି ରହିଛି । ସେହିପରି ୨୦୦୦ ମସିହା ବିଜେପି-ବିଜେଡି ମେଣ୍ଟ ସମୟରେ ବିଜେପି ପ୍ରାର୍ଥୀ ନିବେଦିତା ପ୍ରଧାନ ଏହି ଆସନରୁ ଜିତିଥିବା ବେଳେ ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଭାତ ରଂଜନ ବିଶ୍ୱାଳ ବିଜୟୀ ହୋଇ ପାରିଥିଲେ। ଗତ ୨୦୧୯ ନିର୍ବାଚନ ପୂର୍ବରୁ ବିଜେଡିର ତିନି ତିନି ଜଣ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଓ ସେହି ସମୟରେ ବ୍ଲକ ଅଧ୍ୟକ୍ଷା ଥିବା ଜନୈକା ମହିଳା ନେତ୍ରୀ ବିଜେପିରେ ସାମିଲ ହୋଇଥିଲେ ବି ଏହା ନିର୍ବାଚନ ଫଳକୁ ବିଜେପି ସପକ୍ଷରେ ପ୍ରଭାବିତ କରିପାରିନଥିଲା, ବରଂ ଚନ୍ଦ୍ରସାରଥୀ ୨୦୧୪ ତୁଳନାରେ ୨୦୧୯ରେ ଅଧିକ ଭୋଟ ବ୍ୟବଧାନରେ ଜିତିଥିଲେ।

## ବ୍ରହ୍ମଗିରିରୁ ଉପାସନାଙ୍କୁ ପ୍ରାର୍ଥୀ କଲା ବିଜେପି

# ଗୋଳିଆ ପାଣିରୁ ଫାଇଦା ନେବାକୁ ଉମାଙ୍କ ସଜବାଜ

**ପୁରୀ,୨।୪(ସମିସ):** ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବ୍ରହ୍ମଗିରି ବିଧାନସଭା ଆସନରୁ ଏଥର ବିଜେପି ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ଝିଅ ଉପାସନା ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି। ଉପାସନାଙ୍କ ନାଁ ଘୋଷଣା ପରେ ଏବେ ତାଙ୍କ ଦାଦା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଆଭିମୁଖ୍ୟ କ'ଣ ରହିବ, ତାକୁ ନେଇ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଯେହେତୁ ୨୦୧୯ ନିର୍ବାଚନରେ ଏଠାରୁ ବିଜେପିରୁ ପ୍ରତିଦ୍ୱନ୍ଦ୍ୱିତା କରି ଲଳିତେନ୍ଦୁ ବିଜୟୀ ହୋଇଥିଲେ, ଏଥର ତାଙ୍କୁ ରିପିଟ୍ କରାଯାଇପାରେ ବୋଲି ତାଙ୍କ ସମର୍ଥକମାନେ ବେଶ୍ ଆଶାବାଦୀ ଥିଲେ। ହେଲେ ସେମିତି କିଛି ହେଲାନି। ଲଳିତେନ୍ଦୁଙ୍କୁ ବାଦ୍ ଦେଇ ତାଙ୍କ ଝିଆରୀ ଉପାସନାଙ୍କ ଉପରେ ଭରସା କରିଛି ଦଳ। ଏବେ ସବୁଠୁ ବଡ଼ କଥା ହେଉଛି, ଉପାସନାଙ୍କୁ କ'ଣ ତାଙ୍କ ଦାଦା ଲଳିତେନ୍ଦୁ ସମର୍ଥନ ଦେବେ? ଯଦି ସେମାନଙ୍କ ଭିତରେ ସବୁକିଛି ଠିକ୍‌ଠାକ୍ ରହିଛି, ତେବେ ଦଳ କ'ଣ ପାଇଁ ଜଣେ ଷ୍ଟାଣ୍ଡିଂ-ବିଧାୟକଙ୍କୁ ବାଦ୍ ଦେଇ ତାଙ୍କ ପରିବାରରୁ ଆଉ ଜଣଙ୍କୁ ପ୍ରାର୍ଥୀ କଲା? ଏଭଳି ପ୍ରଶ୍ନରେ ଏବେ ଛନ୍ଦି ହେଉଛନ୍ତି ବ୍ରହ୍ମଗିରି ବିଜେପି କର୍ମୀ। ଅନ୍ୟପଟେ ବିଜେପିର ଏଭଳି ଗୋଳିଆ ପାଣିରୁ ଫାଇଦା ନେବାକୁ ଚାହିଁ ରହିଛନ୍ତି ବିଜେଡି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ।

### ଦାଦାଙ୍କ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା

ପୁରୀ ଜିଲାର ଅନ୍ୟତମ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ବ୍ରହ୍ମଗିରି। ୨୦୧୯ରେ ଲୁଲୁଙ୍କ ପରଲୋକ ପରେ ହଲ୍‌ଚଲ ହୋଇଯାଇଥିଲା ବ୍ରହ୍ମଗିରିର ରାଜନୈତିକ ସମୀକରଣ। ଲୁଲୁଙ୍କ ଭାଇ ଲଳିତେନ୍ଦୁ ଏବଂ ଝିଅ ଉପାସନା ହାତ ସହ ସମ୍ପର୍କ ଛିନ୍ନ କରି ପଦ୍ମକୁ ଭରସା କରିଥିଲେ। ଶେଷରେ ବିଜେପି ଲଳିତେନ୍ଦୁଙ୍କୁ ପ୍ରାର୍ଥୀ କରି ସଫଳତା ମଧ୍ୟ ପାଇଥିଲା। ହେଲେ ନିର୍ବାଚନ ଜିତିବା ପରେ ବ୍ରହ୍ମଗିରିବାସୀ ଯେଉଁ ଆଶା ଓ ଭରସା କରିଥିଲେ, ସେମାନଙ୍କୁ ସେତିକି ସମର୍ଥନ ମିଳିନଥିଲା। ପ୍ରାୟ ଦୁଇରୁ ଅଢ଼େଇବର୍ଷ ହେବ ଲଳିତେନ୍ଦୁ ଏତେଟା ନିଜ ଅଞ୍ଚଳରେ ସକ୍ରିୟ ନ ଥିଲେ। ଅନ୍ୟପକ୍ଷରେ ଝିଆରୀ ଉପାସନା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ବୁଲିବା ଆରମ୍ଭ କରିଥିଲେ। ନିଜ ବାପା ଲୁଲୁଙ୍କ କଥାକୁ ଆଗକୁ ଆଣି ବ୍ରହ୍ମଗିରିବାସୀଙ୍କ ମନ ଜିଣିବାକୁ ଉଦ୍ୟମ କରୁଥିଲେ। ହେଲେ ଲୋକେ ଯାହାଙ୍କୁ ଭୋଟ ଦେଇ ତାଙ୍କଠାରୁ ଅଞ୍ଚଳ ପାଇଁ କିଛି ପାଇବାର ଆଶା ରଖିଥିଲେ, ତାଙ୍କୁ କିନ୍ତୁ ଭଲରେ ମନ୍ଦରେ ପାଖରେ ପାଉ ନଥିଲେ। ସେ ଧାରା ଏବେ ବି ବଜାୟ ରହିଛି।





ଏସବୁ ଭିତରେ ଏଥର ବିଜେପି କାହାକୁ ପ୍ରାର୍ଥୀ କରିବ, ତାକୁ ନେଇ ବ୍ରହ୍ମଗିରି ଭୋଟର୍‌ଙ୍କ ମଧ୍ୟରେ ଦୀର୍ଘଦିନ ହେବ ଆଶା ଆଶଙ୍କା ଲାଗି ରହିଥିଲା। ଏବେ ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ବେଳେ ଦଳ ଦାଦାଙ୍କୁ ବାଦ୍ ଦେଇ ଝିଆରୀ ଉପାସନାଙ୍କ ଉପରେ ଭରସା କରିଛି। ଏହି ଘୋଷଣା ପରେ ଏବେ ଲଳିତେନ୍ଦୁଙ୍କ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଉପାସନାଙ୍କୁ ସମର୍ଥନ କରିବେ ନା ନିରବ ରହିବେ; ତାକୁ ନେଇ କର୍ମୀ ସନ୍ଦେହରେ। ବିଜେପିର ଏଭଳି ସ୍ଥିତିକୁ ଦେଖି ବେଶ୍ ଉତ୍ସାହିତ ଅଛନ୍ତି ବିଜେଡି ସମର୍ଥକ। ଆସନ ଅଦଳବଦଳ ପରେ ବ୍ରହ୍ମଗିରିରୁ ବିଜେଡି ପ୍ରାର୍ଥୀ ହୋଇଥିବା ଉମାକାନ୍ତ ସାମନ୍ତରାୟ ବିଜେପିର ଏହି ଗୋଳିଆ ସ୍ଥିତିରୁ ବେଶ୍ ଫାଇଦା ନେବାକୁ ସଜବାଜ ହେଉଥିବା କର୍ମୀଙ୍କ ମହଲରୁ ଶୁଣିବାକୁ ମିଳୁଛି।



ଆମେ ସମସ୍ତେ ମିଶି ଓଡ଼ିଶା ରାଜ୍ୟକୁ ଏଭଳି ଗଢ଼ିତୋଳିବା ଯେମିତି ସାରା ପୃଥିବୀର ଲୋକେ କହି ଉଠିବେ ଯେ ଓଡ଼ିଶା ହେଉଛି ସେମାନଙ୍କ ସ୍ୱପ୍ନର ରାଜ୍ୟ।
-ବିଜୁ ପଟ୍ଟନାୟକ


ସକାଳ
THE SAKALA


## ବାଂଲାଦେଶରେ ଅକାରଣ ଭାରତ ବିରୋଧୀ ସ୍ୱର

# ବିବଶ ବିରୋଧୀଙ୍କ ରାଜନୈତିକ ହତାଶା

ଚଳିତବର୍ଷ ଜାନୁଆରୀରେ ଅନୁଷ୍ଠିତ ବାଂଲାଦେଶ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଆୱାମି ଲିଗ୍ ଦଳ ଏକତରଫା ଭାବେ ବିପୁଳ ଭୋଟ୍‌ରେ ରେକର୍ଡ ପଞ୍ଚମ ଥର ପାଇଁ ବିଜୟୀ ହେବା ପରେ ସେ ଦେଶର ହତାଶ ରାଜନୈତିକ ବିରୋଧୀ ଏବଂ ସେମାନଙ୍କର ସମର୍ଥକମାନେ ଏବେ ଭାରତକୁ ନିଶାଣ କରିଛନ୍ତି। ସାଧାରଣ ନିର୍ବାଚନକୁ ବର୍ଜନ କରିଥିବା ଦେଶର ମୁଖ୍ୟ ବିରୋଧୀଦଳ ବିଏନ୍‌ପି ସମେତ ଅନ୍ୟାନ୍ୟ ରାଜନୈତିକ ଦଳମାନେ ହସିନାଙ୍କ ବିଜୟ ଓ କ୍ଷମତା ବଜାୟ ରଖିବା ପଛରେ ଭାରତ, ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ହାତ ଥିବା ଅଭିଯୋଗ କରୁଛନ୍ତି। ଏବେ ଏହି ହତାଶ ରାଜନେତା ଓ ସେମାନଙ୍କ ସମର୍ଥକମାନେ 'ଭାରତ ହଟ୍' (ଇଣ୍ଡିଆ ଆଉଟ୍) ଅଭିଯାନ ଆରମ୍ଭ କରିଛନ୍ତି। ଏହାର ମୁଖ୍ୟ କାର୍ପେଟଦାରମାନେ ବିଦେଶରେ ରହୁଥିବା ବେଳେ ଏହି ଅଭିଯାନକୁ ସଫଳ କରିବାକୁ ସେମାନେ ବାଂଲାଦେଶକୁ ଅର୍ଥ ପଠାଇ ନିଜର ଅନୁଗତ ଓ ଭକ୍ତମାନଙ୍କ ଜରିଆରେ ଭାରତ ବିରୋଧୀ ଅଭିଯାନ ଚଳାଉଛନ୍ତି।

ବାଂଲାଦେଶରେ ଯାହା ଚାଲିଛି ତାହା ସେଠାକାର ଆଭ୍ୟନ୍ତରୀଣ ସମସ୍ୟା। ସେଥିରେ ଭାରତର କୌଣସି ସମ୍ପୃକ୍ତି ନାହିଁ। ନିଜର ଅପକର୍ମ ଓ ଅଯୋଗ୍ୟତା ପାଇଁ ଭାରତକୁ ଗାଳି କରି ବିରୋଧ କରିବା ଏବଂ ଭାରତୀୟ ଦ୍ରବ୍ୟକୁ ବର୍ଜନ କରିବାର ଧମକ ଦେବା ଔଷଧ ବିକଳରେ ତାଟିଆ କାମୁଡ଼ିବା ସଙ୍ଗେ ସମାନ। ଏହି ହତାଶ ଭାରତ ବିରୋଧୀ ମନୋଭାବ ପଛରେ ମୁଷ୍ଟିମେୟ ଗୋଷ୍ଠୀର ହାତ ରହିଛି ଏବଂ ଏହାଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ସେଭଳି କୌଣସି ପ୍ରଭାବ ପଡ଼ିବା ସମ୍ଭାବନା କ୍ଷୀଣ। ଏହା ରାଜନୈତିକ ପ୍ରତିହିଂସାର ଏକ ନିରର୍ଥ ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାପଛରେ ବାଂଲାଦେଶର ସରକାର ଏବଂ ଅଧିକାଂଶ ଜନତାଙ୍କର ସମର୍ଥନ ନ ରହିବା ସ୍ୱାଭାବିକ। ଗୋଟିଏ ଅଞ୍ଚଳ ବା ଭୂଖଣ୍ଡର ଶକ୍ତିଶାଳୀ ରାଷ୍ଟ୍ରକୁ ତାହାର ଦୁର୍ବଳ ପଡ଼ୋଶୀମାନେ ସବୁ କଥାରେ ଦୋଷ ଦେବା ଏକ ରାଜନୈତିକ ବାସ୍ତବତା। ସ୍ୱଭାବତଃ ଶାଗ ଖିଆ ପେଜ ଖିଆକୁ ଦେଖି ପାରେ ନାହିଁ ଏବଂ ଏହି 'ଅଦେଖା ପଣ' ଏକ ମାନସିକ ପ୍ରକ୍ରିୟା। ତେଣୁ ବାଂଲାଦେଶ ଯଦି ପାକିସ୍ତାନ, ନେପାଳ ଓ ମାଳଦ୍ୱୀପ ପଥରେ ଯିବ, ତାହାର ପରିଣତି କ'ଣ ହେବ, ତାହାର ବର୍ଣ୍ଣନା ଅନାବଶ୍ୟକ। ଭାରତ ସରକାର ନିଜର ନିକଟ ପଡ଼ୋଶୀଙ୍କ ପାଇଁ ଏକ ସ୍ୱତନ୍ତ୍ର ନୀତି କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ସେମାନଙ୍କୁ ଅଗ୍ରାଧିକାର ଦିଆଯାଇଛି। ଏହା 'ନେବର ଫାଷ୍ଟ ପଲିସି'(ପଡ଼ୋଶୀ ପ୍ରଥମ) ନାମରେ ପରିଚିତ। ଏଥିରେ ବାଂଲାଦେଶ, ଭୁଟାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ, ଆଫଗାନିସ୍ତାନ ଆଦି ଦେଶକୁ ଆର୍ଥିକ ସହାୟତା ସହିତ ବାଣିଜ୍ୟ କାରବାରରେ ଭାରତ ପ୍ରମୁଖତା ଦେଉଛି। କୋହଳ ବାଣିଜ୍ୟ ନୀତି ଅବଲମ୍ବନ କରି ସେସବୁ ଦେଶରୁ ବିଭିନ୍ନ ସାମଗ୍ରୀ ଆମଦାନୀ କରୁଛି ଏବଂ ସେଠାକାର ଘରୋଇ ବଜାରର ଚାହିଦା ଦେଖି ଭାରତ ନାନାବିଧ ସାମଗ୍ରୀ ପଠାଉଛି। ଗୋଟିଏ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରଙ୍କ ସହିତ ସମ୍ପର୍କ ସ୍ଥାପନରେ ଯେଉଁ ମର୍ଯ୍ୟାଦା ଏବଂ ଶିଷ୍ଟାଚାର ରଖାଯିବା କଥା ଭାରତ ତାହାକୁ ଭୁଲିନାହିଁ। ସମ୍ପୃକ୍ତ ରାଷ୍ଟ୍ରଙ୍କ ସହ ଅଗ୍ରାଧିକାରଭିତ୍ତିକ ବାଣିଜ୍ୟ ଚୁକ୍ତି ସମ୍ପାଦିତ ହୋଇ ତାହାର ସର୍ତ୍ତ ଅନୁସାରେ କାମ କରାଯାଉଛି। ଭାରତ ପଡ଼ୋଶୀ ରାଷ୍ଟ୍ରଙ୍କ ବଜାର, ଅର୍ଥନୀତି, ରାଜନୀତି ଓ ସାମାଜିକ କ୍ରିୟାକଳାପକୁ ନିୟନ୍ତ୍ରଣ କରୁନାହିଁ କିମ୍ବା ସେସବୁ ଦେଶରେ ନିଜର ସାମଗ୍ରୀ ଗଦା କରି ଅଧସ୍ତନ ରାଷ୍ଟ୍ରଭାବେ ସେମାନଙ୍କୁ ରଖିନି। ଏହାସତ୍ତ୍ୱେ କିଏ ଯଦି ଭାରତର ପ୍ରଭାବ ଓ ପ୍ରତିଷ୍ଠାରେ ଈର୍ଷାନ୍ୱିତ ହୋଇ କୁତ୍ସାରଟନା କରିବ, ତାହା ସେମାନଙ୍କର ସମସ୍ୟା ଓ ହୀନମନ୍ୟତା। ଭାରତ କୌଣସି ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ରାଜନୀତିରେ ହସ୍ତକ୍ଷେପ କରେ ନାହିଁ। ଶ୍ରୀଲଙ୍କା ଓ ମାଳଦ୍ୱୀପ ତାହାର ସଦ୍ୟ ଉଦାହରଣ। ସର୍ବୋପରି ବାଂଲାଦେଶକୁ ଏକ ନୂତନ ରାଷ୍ଟ୍ର ଭାବେ ଜନ୍ମନେବାର ଶ୍ରେୟ ଭାରତକୁ ଦିଆଯାଉଥିଲେ ମଧ୍ୟ ଗୋଟିଏ ଅଧିକ ସମ୍ପନ୍ନ ଓ ବୃହତ୍ ପ୍ରତିବେଶୀ ରାଷ୍ଟ୍ରଭାବେ ଭାରତ ନିଜର ବଡ଼ଭାଇ ପଣ ବାଂଲାଦେଶ ଉପରେ କେବେ ହେଲେ ଲଦି ଦେଇନାହିଁ।

ବାଂଲାଦେଶରେ ଏବେ ଯେଉଁ ଭାରତ ବିରୋଧୀ ଅଭିଯାନ ଚାଲିଛି, ତାହାର ନେତୃତ୍ୱ ନେଉଛନ୍ତି ପ୍ୟାରିସ୍‌ରେ ରହୁଥିବା ଜଣେ ବାଂଲାଦେଶୀ ଡାକ୍ତର ପିନାକୀ ଭଟ୍ଟାଚାର୍ଯ୍ୟ। ସେ ହସିନାଙ୍କର ଜଣେ ତୀବ୍ର ସମାଲୋଚକ ଏବଂ ଏବେ ସ୍ୱେଚ୍ଛାକୃତ ନିର୍ବାସନରେ ବିଦେଶରେ ରହୁଛନ୍ତି। ତାଙ୍କୁ ଆଉ କେତେକ ବିଦେଶରେ ଥିବା ବାଂଲାଦେଶୀ ପ୍ରଭାବଶାଳୀ ଲୋକ ସମର୍ଥନ କରୁଛନ୍ତି। ତେବେ ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କର ମତ ହେଲା ବାଂଲାଦେଶରେ ଏଭଳି ଭାରତ ବିରୋଧୀ ପ୍ରଚାରର ବିଶେଷକିଛି ପ୍ରଭାବ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ପଡ଼ିବ ନାହିଁ। ବାଂଲାଦେଶରେ ସ୍ଥିର ସରକାର ରହୁ, ଭାରତ ଏହା ଚାହେଁ ଏବଂ ସେଠି ଯିଏ କ୍ଷମତାକୁ ଆସିବ, ତା' ସହିତ ଭଲ ସମ୍ପର୍କ ରଖିବାକୁ ବାଧ୍ୟ। ବାଂଲାଦେଶ ଦକ୍ଷିଣ-ଏସିଆର ଏକ ଗରିବ ଦେଶ। ପେଟ୍ରୋଲିୟମ, ବସ୍ତ୍ର, କୋଇଲା, ଖାଦ୍ୟଶସ୍ୟ, ମସଲା, ଅନ୍ୟାନ୍ୟ ସାମଗ୍ରୀ, ବୈଦ୍ୟୁତିକ ଯନ୍ତ୍ରପାତି, ମେସିନାରୀଠାରୁ ଆରମ୍ଭ କରି ସିମେଣ୍ଟ, ଲୁହା ଆଦି ସବୁ ଜିନିଷ ଏହା ଭାରତରୁ ଦ୍ୱିପାକ୍ଷିକ ଅଗ୍ରାଧିକାର ଭିତ୍ତିକ ଚୁକ୍ତିରେ ଶସ୍ତାରେ ଆମଦାନୀ କରେ। ଦୁଇଦେଶ ମଧ୍ୟରେ ଧାର୍ମିକ ଭିନ୍ନତା ସତ୍ତ୍ୱେ ଏକ ନିବିଡ଼ ସାଂସ୍କୃତିକ ସମ୍ପର୍କ ରହିଆସିଛି। ସେହି ସମ୍ପର୍କର ଦୃଢ଼ତା ଧର୍ମ ଓ ରାଷ୍ଟ୍ରଠାରୁ ଅଧିକ ପ୍ରଭାବଶାଳୀ। ଅନ୍ୟପକ୍ଷରେ ବାଂଲାଦେଶରେ ଚୀନ୍ ପଶି ସେଠାରେ ଋଣ ଯୋଗାଣ ଓ ଅନ୍ୟାନ୍ୟ କାର୍ଯ୍ୟରେ ସହାୟତା ଦେବାକୁ ବାରମ୍ବାର ଉଦ୍ୟମ କରୁଛି। ତେବେ ଶେଖ ହସିନା ଏଥିପାଇଁ ଚୀନ୍‌କୁ ପୂର୍ଣ୍ଣ ଅନୁମତି ଓ ସୁଯୋଗ ଦେଉ ନାହାନ୍ତି। ତାଙ୍କର ଭୟ ଚୀନ୍ ଋଣଯନ୍ତାରେ ଫସିଲେ ବାଂଲାଦେଶ ସର୍ବସ୍ୱାନ୍ତ ହୋଇଯିବ। ଶ୍ରୀଲଙ୍କା ଘଟଣା ପରେ ସେ ଭାରତ ପ୍ରତି ଅଧିକ ଢଳିଛନ୍ତି।

ଆପଣାର ବିଫଳତା ପାଇଁ ପରକୁ ନିନ୍ଦିବା ହତାଶାର ଚରମ ନିଦର୍ଶନ। ବାଂଲାଦେଶରେ ଏବେ ଯେଉଁ ଭାରତ ବିରୋଧୀ ସ୍ୱର ଉଠୁଛି, ତାହା ବେଶୀଦିନ ରହିବ ନାହିଁ ବୋଲି ଆମେ ଆଶା କରୁ। ସେ ଦେଶର ଅଧିକାଂଶ ଲୋକ ଏହି ଶସ୍ତା ରାଜନୈତିକ ଆହ୍ୱାନର ଉଦ୍ଦେଶ୍ୟ ବୁଝିଛନ୍ତି। ସେମାନେ ଭଲ ଭାବେ ଜାଣିଛନ୍ତି ଯେ ଭାରତ ସହିତ ସୁସମ୍ପର୍କ ବୃଦ୍ଧି ବାଂଲାଦେଶରେ ବିକାଶର ରାସ୍ତା ସୁଗମ କରିବ। ଭାରତବର୍ଷକୁ ବାଂଲାଦେଶ ବାର୍ଷିକ ପ୍ରାୟ ୧୫ ବିଲିୟନ ଡଲାର ମୂଲ୍ୟର ବିଭିନ୍ନ ସାମଗ୍ରୀ ରପ୍ତାନି କରେ। ଅପରପକ୍ଷରେ ବାଂଲାଦେଶ ଭାରତକୁ ପ୍ରାୟ ବାର୍ଷିକ ୨ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥାଏ। ସେଥିମଧ୍ୟରେ ସବୁଠୁ ଅଧିକ ପ୍ରାକୃତିକ ଗ୍ୟାସ, ମାଛ, ଝୋଟ, ପନିପରିବା ଓ ଫଳ ରହିଛି। ଏବେ ବାଂଲାଦେଶରେ ଚାଉଳ ସଙ୍କଟ ଦେଖାଦେଇଛି। ଭାରତ ସେଠାକାର ଖାଦ୍ୟାଭାବ ଦୂର କରିବାକୁ ଚାଉଳ ଓ ଗହମ ସୁଲଭ ମୂଲ୍ୟରେ ପଠାଉଛି।

ଏଭଳି ରାଜନୈତିକ ଆହ୍ୱାନ ଓ କାଦୁଅ ଫିଙ୍ଗା ଘଟଣା ମଝିରେ ମଝିରେ ଉଠେ, ଯାହାର ଭିତ୍ତି ଅତ୍ୟନ୍ତ ଦୁର୍ବଳ। ବାଂଲାଦେଶରେ ଏବେ ଯେଉଁ ଭାରତ ବିରୋଧୀ ସ୍ୱର କାଁ ଭାଁ କେଉଁଠି ଶୁଭୁଛି, ତାହା ସାମୟିକ ଏବଂ ସମୟକ୍ରମେ ସ୍ୱାଭାବିକ ହୋଇଯିବ। ଶେଖ ହସିନା ସହିତ ଭାରତ ସରକାରଙ୍କର ଯେଉଁ ସମନ୍ୱୟ ଓ ସଦ୍‌ଭାବ ରହିଛି, ତାହା ବିଶେଷ ଉଲ୍ଲେଖଯୋଗ୍ୟ। ଏହା ଉଭୟ ଦ୍ୱିପାକ୍ଷିକ, ଆନ୍ତର୍ଜାତିକ ରାଜନୀତି ପାଇଁ ମଧ୍ୟ ଶୁଭଙ୍କର।

# ଓଡ଼ିଆ ଅସ୍ମିତାର ଉତ୍ତରଣ




ଡକ୍ଟର ଧରଣୀଧର ନାଥ
ମୋ: ୯୯୩୭୨୨୨୦୨୨


୧୯୩୬ ମସିହା ପହିଲା ଅପ୍ରେଲ୍ ଦିନ ବହୁ ଘାତପ୍ରତିଘାତ ମଧ୍ୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା। ଏ ଦିନଟି ଥିଲା ସମଗ୍ର ବିଶ୍ୱରେ ଓଡ଼ିଶାର ଅନନ୍ୟତା ଓ ସ୍ୱକୀୟତାର ଘୋଷଣା। ଉପେକ୍ଷିତ ଓ ନିକ୍ଷେପିତ ଓଡ଼ିଆ ଜାତିର ଅଭ୍ୟୁଦୟର ପ୍ରତୀକ।

୧୮୦୩ରେ ଇଷ୍ଟଇଣ୍ଡିଆ କଂପାନୀ ଓଡ଼ିଶା ଅଧିକାର କରିବା ବେଳକୁ ଭାରତରେ ଶାସନ ବ୍ୟବସ୍ଥାର ଭିତ୍ତିଭୂମି ଥିଲା ବହୁଭାଷୀ ଅଞ୍ଚଳମାନଙ୍କୁ ମିଶାଇ ଗୋଟିଏ ଗୋଟିଏ ବଡ଼ ପ୍ରେସିଡେନ୍‌ସିରେ ସାମିଲ କରିବା। ଫଳରେ ଓଡ଼ିଆ ଜାତି ବିଚ୍ଛିନ୍ନ ହୋଇ ଏକାଧିକ ପ୍ରେସିଡେନ୍‌ସି ଅଧୀନରେ ରହିବାକୁ ବାଧ୍ୟ ହେଲା। ଏହି ପୃଷ୍ଠଭୂମିରେ ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାକୁ ଛାରଖାର କରିଦେଲା। ଏହି ଲୋମହର୍ଷଣକାରୀ ବିଭୀଷିକା ମଧ୍ୟରୁ ଜନ୍ମଲାଭ କରିଥିଲା ଓଡ଼ିଆଭାଷୀ ଜନସାଧାରଣଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଗଠନର ଭାବନା। ଶିକ୍ଷାର ପ୍ରଚାର ସହ ସମ୍ବାଦପତ୍ରର ଆବିର୍ଭାବ ଓଡ଼ିଶାରେ ନବଜାଗରଣର ସୂତ୍ରପାତ କରାଇଥିଲା। ଓଡ଼ିଆ ଭାଷା ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସକୁ ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ। ପ୍ରଥମ ପର୍ଯ୍ୟାୟ - ସାଂସ୍କୃତିକ ଜାଗରଣ (୧୮୬୬-୧୯୧୯), ଦ୍ୱିତୀୟ ପର୍ଯ୍ୟାୟ - (୧୯୨୦-୧୯୩୦) ଏବଂ ତୃତୀୟ ପର୍ଯ୍ୟାୟ (୧୯୩୧-୧୯୩୬)।

ପ୍ରଥମ ପର୍ଯ୍ୟାୟରେ ସାମ୍ବାଦିକ, ସାହିତ୍ୟିକ, ବିଭିନ୍ନ ସଂଗଠନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୧୮୬୬ରୁ ୧୯୦୦ ମଧ୍ୟରେ ପ୍ରକାଶିତ ସମ୍ବାଦପତ୍ର ଓ ପତ୍ରିକାଗୁଡ଼ିକର ମୂଳ ଲକ୍ଷ୍ୟଥିଲା ରାଜନୈତିକ, ସାହିତ୍ୟିକ, ସାମାଜିକ ଆଦି ବିଷୟ ଉପରେ ଜନମତ ସୃଷ୍ଟି କରିବା। ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ନିମିତ୍ତ ୧୮୫୫ରେ ବୋର୍ଡ ଅଫ୍ ରେଭେନ୍ୟୁର ସଭ୍ୟ ହେନେରୀ ରିକେଟସ୍ ପ୍ରସ୍ତାବ ଦେଇଥିଲେ। ନଅଙ୍କ ଦୁର୍ଭିକ୍ଷର ଲୋମହର୍ଷଣକାରୀ ବିଭୀଷିକା ପରେ ଭାରତ ସଚିବ ସାର୍ ଷ୍ଟାଫୋର୍ଡ଼ ନର୍ଥକୋଟ ୧୮୬୮ରେ ଓଡ଼ିଶା ପାଇଁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଓ ସ୍ୱତନ୍ତ୍ର ପ୍ରାଦେଶିକ ସରକାର ଗଠନର ଆବଶ୍ୟକତା ସମ୍ପର୍କରେ ପ୍ରଶାସନିକ ସ୍ତରରେ ସୂଚନା ଦେଇଥିଲେ। ୧୮୭୫ରେ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେ ଲେଫଟ୍‌ନାଣ୍ଟ ଗଭର୍ଣ୍ଣରଙ୍କୁ ସ୍ମାରକପତ୍ର ଦେଇଥିଲେ। ୧୮୭୬ରେ ବୈକୁଣ୍ଠନାଥ ଦେ ଏବଂ ବିଚିତ୍ରାନନ୍ଦ ଦାସ ଲେଫଟ୍‌ନାଣ୍ଟ ଗଭର୍ଣ୍ଣର ରିଚାର୍ଡ ଟେମ୍ପଲଙ୍କ ନିକଟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ନିମିତ୍ତ ଦାବିପତ୍ର ପ୍ରଦାନ କରିଥିଲେ। ୧୮୮୫ ନଭେମ୍ବର ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିବା ବଙ୍ଗ ପ୍ରଦେଶର ଲେଫଟ୍‌ନାଣ୍ଟ ଗଭର୍ଣ୍ଣରଙ୍କୁ ଓଡ଼ିଆ ଭାଷାଭାଷୀମାନଙ୍କର ଏକତ୍ରୀକରଣ, ଓଡ଼ିଶା ଡିଭିଜନ୍ ସହ ସମ୍ବଲପୁର ଓ ଗଂଜାମର ମିଶ୍ରଣ ଆଦି ବିଷୟରେ ସ୍ମାରକପତ୍ର ଦେଇଥିଲେ। ୧୮୮୮ ନଭେମ୍ବର ମାସରେ ମଧୁସୂଦନ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ସାର୍ ଷ୍ଟୁଆର୍ଟ କଲଭିନ୍ ବେଲୀଙ୍କୁ ବିଖଣ୍ଡିତ ଓଡ଼ିଶାର ଦୁର୍ଭାଗ୍ୟପୂର୍ଣ୍ଣ ପରିଣତି ସମ୍ପର୍କରେ ପତ୍ର ଲେଖିଥିଲେ। ଏହି ଉପଲକ୍ଷେ ବାଙ୍କୀର ପଣ୍ଡିତ ଗୋବିନ୍ଦ ରଥ ଯେଉଁ ବ୍ୟଙ୍ଗ କବିତା ରଚନା କରିଥିଲେ ଓଡ଼ିଆ ସାହିତ୍ୟରେ ତାହା ପ୍ରଥମ ବ୍ୟଙ୍ଗ କବିତାର ମର୍ଯ୍ୟାଦା ଦାବି କରେ। ୧୮୯୫ ଜୁଲାଇ ମାସରେ ଓଡ଼ିଶାର କମିଶନର ଏଚ୍.ଜି. କୁକ୍ ତାଙ୍କ ବାର୍ଷିକ ରିପୋର୍ଟରେ ସମ୍ବଲପୁର ଓ ଗଞ୍ଜାମକୁ ଓଡ଼ିଶାରେ ମିଶାଇବା ପାଇଁ ଉଲ୍ଲେଖ କରିଥିଲେ। ଏହି ରିପୋର୍ଟକୁ ଆଧାର କରି ୧୮୯୭ରେ ମଧୁସୂଦନ ଦାସ ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ଲର୍ଡ ଜର୍ଜ ହେମିଲଟନଙ୍କୁ ସ୍ମାରକପତ୍ର ଦେଇଥିଲେ। ତାଙ୍କରି ସୁପାରିସକ୍ରମେ ୧୯୧୮ରେ ଅନ୍ୟ ଏକ ସ୍ମାରକପତ୍ର ବଡ଼ଲାଟ୍ ଲର୍ଡ କର୍ଜନଙ୍କୁ ଦିଆଗଲା। ୧୯୦୮ ମସିହାରେ ମଧୁସୂଦନ ଇଂଲଣ୍ଡରେ 'ଅଶାନ୍ତିମୟ ଭାରତ' ନାମକ ପୁସ୍ତିକା ପ୍ରକାଶ କରିଥିଲେ ଏବଂ ବ୍ରିଟିଶ ପାର୍ଲାମେଣ୍ଟର ସଭ୍ୟମାନଙ୍କୁ ଓଡ଼ିଶା ଆନ୍ଦୋଳନ ସମ୍ପର୍କରେ ସୂଚାଇ ଥିଲେ।

୧୮୭୨ରେ ଗଠିତ ହୋଇଥିଲା 'ଗଞ୍ଜାମ ଓଡ଼ିଆ ହିତବାଦିନୀ ସଭା'। ଏହି ଅନୁଷ୍ଠାନଟି ଓଡ଼ିଆ ଭାଷା ଅଞ୍ଚଳର ଏକତ୍ରୀକରଣ ନିମିତ୍ତ ବହୁ ଉଦ୍ୟମ କରିଥିଲା। ୧୯୦୩ ଏପ୍ରିଲ୍ ୧୧ ଓ ୧୨ ତାରିଖ ଦିନ ଓଡ଼ିଆ ସମ୍ମିଳନୀ ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିଲା। ୧୯୦୩ ଡିସେମ୍ବର ୩୦ ଓ ୩୧ରେ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜାତୀୟ ସମିତିର ସମ୍ପ୍ରସାରିତ ରୂପ। ସେହିପରି ୧୮୯୫ ଜାନୁଆରୀ ୧୫ ତାରିଖ ଦିନ ସେଣ୍ଟ୍ରାଲ ପ୍ରଭିନ୍‌ସର ଚିଫ୍ କମିଶନର ସମ୍ବଲପୁର କୋର୍ଟ କଚେରୀମାନଙ୍କରୁ ଓଡ଼ିଆ ଭାଷା ଉଚ୍ଛେଦ କରି ହିନ୍ଦୀ ଭାଷା ପ୍ରଚଳନ କଲେ। ୮୨ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଗଲା। ସମ୍ବଲପୁରର ନେତୃସ୍ଥାନୀୟ ବ୍ୟକ୍ତି ଧରଣୀଧର ମିଶ୍ର ଭାଇସ୍‌ରାୟ ଲର୍ଡ଼ ଏଲଗିନଙ୍କ ନିକଟକୁ ପତ୍ର ପଠାଇଲେ। ୧୯୦୦ ମସିହା ଡିସେମ୍ବର ୧୬ରେ ଲର୍ଡ଼ କର୍ଜନ ପୁରୀ, ଭୁବନେଶ୍ୱର ଗସ୍ତ ସମୟରେ ସମ୍ବଲପୁର, ଗଞ୍ଜାମ ଏବଂ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ନିମିତ୍ତ ଲୋକେ ଅବଗତ କରାଇଥିଲେ। ୧୯୦୧ରେ ସମ୍ବଲପୁରର ଏକ ପ୍ରତିନିଧି ଦଳ ନାଗପୁର ଠାରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ଏଣ୍ଡ୍ରୁ ଫ୍ରେଜରଙ୍କୁ ସାକ୍ଷାତ କରି ଦାବି ପତ୍ର ଦେଲେ। ୧୯୦୧ ସେପ୍ଟେମ୍ବରରେ ସିମିଳାଠାରେ ଅନୁଷ୍ଠିତ ଶିକ୍ଷାନୀତି ସମ୍ମିଳନୀରେ ଉପସ୍ଥିତ ଆଣ୍ଡ୍ରୁ ଫ୍ରେଜର ବଡ଼ଲାଟଙ୍କ ସହ ଆଲୋଚନା ପରେ ସମ୍ବଲପୁର ଗସ୍ତ କରି ସରଜମିନ ତଦନ୍ତ ପାଇଁ ଭାଇସ୍‌ରୟ ନିର୍ଦ୍ଦେଶ ଦେଇଥିଲେ। ଫ୍ରେଜରଙ୍କ ରିପୋର୍ଟ ଅନୁସାରେ ବନ୍ଦ ହୋଇଥିବା ପ୍ରାଥମିକ ବିଦ୍ୟାଳୟ ଖୋଲାଯିବା ସହ ୧୯୦୨ ଜୁଲାଇ ମାସଠାରୁ ଓଡ଼ିଆ ପୁଣି ସମ୍ବଲପୁରର ସରକାରୀ ଭାଷା ହେଲା। ବଙ୍ଗଳା, କେନ୍ଦ୍ର ପ୍ରଦେଶ ଓ ମାନ୍ଦ୍ରାଜ ପ୍ରେସିଡେନ୍‌ସି ଗୁଡ଼ିକର ପୁନର୍ଗଠନ ନିମିତ୍ତ ଲର୍ଡର୍ କର୍ଜନ, ଗୃହବିଭାଗ ସଦସ୍ୟ ତେନିଜଲ୍ ଇବେଡସନ୍ ଏବଂ ଆଣ୍ଡ୍ରୁ ଫ୍ରେଜର ଏକ ଚିଠା ପ୍ରସ୍ତୁତ କରିଥିଲେ। ଏହି ଚିଠା ଗୃହ ସଚିବ ରିସ୍‌ଲେଙ୍କ ଦସ୍ତଖତରେ ୧୯୦୩ ମସିହା ଡିସେମ୍ବର ୩ ତାରିଖ ଦିନ ବଙ୍ଗଳା, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ସରକାରଙ୍କ ନିକଟକୁ ପଠାଯାଇଥିଲା। ଏହାକୁ ରିସଲେ ସର୍କୁଲାର କୁହାଯାଏ। ଲର୍ଡ କର୍ଜନ ୧୯୦୫ ମସିହା ଫେବୃୟାରୀ ୨ ତାରିଖ ଦିନ ପୁନର୍ଗଠନ ପ୍ରସ୍ତାବକୁ ଚୂଡ଼ାନ୍ତ ଅନୁମୋଦନ ନିମିତ୍ତ ଲଣ୍ଡନ ପଠାଇଥିଲେ। ବିଲାତ ସରକାର ଜୁନ୍ ୯ ତାରିଖ ଦିନ ଏହି ଚିଠା ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲେ। ଏହା ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଅକ୍ଟୋବର ୧୬ ତାରିଖରୁ ସମ୍ବଲପୁର ଓ ୫ଟି ଓଡ଼ିଆ ଗଡ଼ଜାତ ରାଜ୍ୟର ଓଡ଼ିଶା ସହ ମିଶ୍ରଣ କାର୍ଯ୍ୟକାରୀ ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିଲା। ଭାରତ ସରକାର ୧୯୦୫ ସେପ୍ଟେମ୍ବର ୧ରେ ୨୮୩୩ ନମ୍ବର ବିଶିଷ୍ଟ ବିଜ୍ଞପ୍ତି ଜାରି କରିବା ସହ ଗୃହ ବିଭାଗ ତରଫରୁ ୧୯୦୫ ଅକ୍ଟୋବର ୧୬ରେ ପ୍ରକାଶିତ ୩୩୪୦ ନମ୍ବର ବିଜ୍ଞପ୍ତି ଦ୍ୱାରା ମଧ୍ୟପ୍ରଦେଶକୁ ହସ୍ତାନ୍ତରିତ କରିଥିଲେ। ଏହାହିଁ ଥିଲା ଓଡ଼ିଆ ଜାତୀୟତାର ପ୍ରଥମ ଉନ୍ମେଷ।

ମଣ୍ଟେଗୁ ଚେମସ୍ ଫୋର୍ଡ଼ ରିପୋର୍ଟରେ ଭାଷା ଭିତ୍ତିରେ ପ୍ରଦେଶ ଗଠନ ସୁପାରିସ ଥିବାରୁ ବିହାର-ଓଡ଼ିଶା ଲେଜିଲେଟିଭ କାଉନସିଲ୍‌ରେ ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଏବଂ ସଚ୍ଚିଦାନନ୍ଦ ସିହ୍ନା ମିଶି ଆଗତ କରିଥିବା ପ୍ରସ୍ତାବ ୨୦ ଫେବୃୟାରୀ ୧୯୨୦ରେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ କ୍ରମେ ଫିଲିପ୍-ଡଫ୍ କମିଟି ୧୯୨୪ରେ ନିଯୁକ୍ତ ହେଲା। ଫିଲିପ୍-ଡଫ୍ କମିଟି ରିପୋର୍ଟ ସରକାରଙ୍କୁ ଡିସେମ୍ବର ୨୬ ତାରିଖରେ ଦାଖଲ କରାଯାଇଥିଲା। ଜନଗଣନାଭିତ୍ତିକ ତଥ୍ୟ ଅନୁସାରେ ଓଡ଼ିଆମାନେ ସଂଖ୍ୟାଗରିଷ୍ଠ ଥିବାରୁ ଜୟପୁର, କୋରାପୁଟ ଓ ନବରଙ୍ଗପୁର ଓଡ଼ିଶା ସପକ୍ଷରେ କମିଶନ ସୁପାରିସ କରିଥିଲେ। ଅନୁରୂପ ସୁପାରିସ ଗଞ୍ଜାମ ଜିଲ୍ଲାର ସବୁ ଜମିଦାରୀ ପାଇଁ ହୋଇଥିଲା। ଏହି ସମୟରେ କେନ୍ଦ୍ର ବିଧାନସଭାରେ ଓଡ଼ିଶା ପ୍ରସଙ୍ଗକୁ ତେଜୀୟାନ କରିବା ଦିଗରେ ଓଡ଼ିଆ ସଦସ୍ୟ ନୀଳକଣ୍ଠ ଦାଶଙ୍କ ମହତ୍ତ୍ୱ ଭୂମିକା ଥିଲା। ମଧୁସୂଦନଙ୍କ ସହଯୋଗୀ ଉତ୍କଳ ସମ୍ମିଳନୀ ନେତା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ବ୍ରଜସୁନ୍ଦର ଦାସ, ଲକ୍ଷ୍ମୀଧର ମହାନ୍ତି, ଭିକାରୀ ଚରଣ ପଟ୍ଟନାୟକ ଏବଂ ଓଡ଼ିଶା ବିଧାନ ପରିଷଦର ଓଡ଼ିଆ ବିଧାୟକମାନେ ସାଇମନ କମିଶନକୁ ୧୯୨୮ ଡିସେମ୍ବର ୧୨ ତାରିଖ ଦିନ ପାଟନା ଠାରେ ସାକ୍ଷାତ କରିଥିଲେ। ୧୯୩୦ ସେପ୍ଟେମ୍ବର ୧ ତାରିଖ ଦିନ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇ ଓଡ଼ିଶା ଓ ସିନ୍ଧୁ ପ୍ରଦେଶ ଗଠନର ପ୍ରସ୍ତାବ ଇଂଲଣ୍ଡ ସରକାରଙ୍କ ନିକଟକୁ ପ୍ରେରିତ ହେଲା। ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୀମା କମିଶନ ନିଯୁକ୍ତ କରିବାକୁ ଭାରତ ସରକାର ଇଂଲଣ୍ଡ ସରକାରଙ୍କ ଅନୁମତି ପ୍ରାର୍ଥନା କରିଥିଲେ। ୧୯୩୧ ମସିହା ଜାନୁୟାରୀ ୧୬ ତାରିଖରେ ପାରଳା ରାଜା ଏକ ସ୍ମାରକପତ୍ର ଗୋଲଟେବୁଲ ବୈଠକରେ ଉପସ୍ଥାପନ କାଳରେ ଏକ ଆବେଗପୂର୍ଣ୍ଣ ଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ଭାଷାଭାଷୀମାନଙ୍କ ଦାବି ଯୁକ୍ତିଯୁକ୍ତ ଥିବାରୁ ସ୍ୱତନ୍ତ୍ର ପ୍ରଦେଶର ପ୍ରଶାସନିକ, ଆର୍ଥିକ ଓ ଉକ୍ତ ପ୍ରଦେଶର ସୀମାରେଖା ନିର୍ଦ୍ଧାରଣ କରିବା ପାଇଁ ସାର୍ ସାମୁଏଲ ଓଡୋନେଲଙ୍କ ଅଧ୍ୟକ୍ଷତାରେ ଏକ କମିଟି ୧୯୩୧ ସେପ୍ଟେମ୍ବର ୧୮ରେ ନିଯୁକ୍ତ କଲେ। ଏହି ରିପୋର୍ଟରେ ବିହାରର ସିଂହଭୂମ୍, ମଧ୍ୟପ୍ରଦେଶର ବିଳାସପୁର, ଜୟପୁର ଜମିଦାରୀ, ପାରଳାଖେମୁଣ୍ଡି ଜମିଦାରୀକୁ ଓଡ଼ିଶାରୁ ବାଦ୍ ଦିଆଯାଇଥିଲା। ତୃତୀୟ ଗୋଲଟେବୁଲ ବୈଠକ (୧୯୩୨ ନଭେମ୍ବର ୨୭ରୁ ଡିସେମ୍ବର ୨୫) ପରେ ଭାରତର ଶାସନ ଓ ସମ୍ବିଧାନ ସଂସ୍କାରର ଶ୍ୱେତପତ୍ର ବ୍ରିଟିଶ ସରକାର ୧୯୩୩ ମାର୍ଚ୍ଚ ୧୮ ତରିଖ ଦିନ ପ୍ରକାଶ କରିଥିଲେ। ସେଥିରେ ଓଡ଼ିଆ ଭୂମି ପାରଳାଖେମୁଣ୍ଡି ଜୟପୁର ଓ ଜଳନ୍ତର ପ୍ରଭୃତିକୁ ନିଷ୍ଠୁର ଭାବେ ଓଡ଼ିଶାରୁ କାଟି ଦିଆଗଲା। ଓଡୋନେଲ କମିଟି ସୁପାରିସ ବିରୁଦ୍ଧରେ ଓଡ଼ିଶାରେ ଜନମତ ହେଲା ତୀବ୍ର ଓ ପ୍ରଚଣ୍ଡ। ପାରଳା ରାଜା, ଖଲ୍ଲିକୋଟ ରାଜା, ଲିଙ୍ଗରାଜ ପାଣିଗ୍ରାହୀ, ଭୁବନାନନ୍ଦ ଦାସ, ଶ୍ୟାମ ସୁନ୍ଦର ଗନ୍ତାୟତ ଆଦି ଲଣ୍ଡନରେ ଭାରତ ବ୍ୟାପାର ବିଭାଗ ମନ୍ତ୍ରୀ ସାମୁଏଲ ହୋଏରଙ୍କୁ ସାକ୍ଷାତ କରି ନିଷ୍ପତ୍ତି ବଦଳାଇବାକୁ ଚାପ ଦେଇଥିଲେ। ସଚ୍ଚିଦାନନ୍ଦ ସିହ୍ନା ମଧ୍ୟ ଯୁଗ୍ମ ସଂସଦୀୟ କମିଟିକୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକର ପୁନର୍ବିଚାର କରି ଜୟପୁର ଜମିଦାରୀ ସମେତ ପାରଳାଖେମୁଣ୍ଡିର ମାଳଅଞ୍ଚଳ, ଜଳନ୍ତରା ମାଳିଆ ଓ ପାରଳାଖେମୁଣ୍ଡି ଜମିଦାରର ତିରିଶ ଶଫକ ଏବଂ ପାରଳାଖେମୁଣ୍ଡି ସହର ଓଡ଼ିଶାକୁ ଫେରାଇଲେ।

ଓଡ଼ିଶା ପ୍ରଦେଶର ଶାସନ ବ୍ୟବସ୍ଥାର ରୂପ ରେଖ ତିଆରି ପାଇଁ ୧୯୩୩ ଜୁନ୍ ୨୪ ତାରିଖ ଦିନ ସାର୍ ଜନ୍ ଅଷ୍ଟିନ ହବାକ୍‌ଙ୍କ ଅଧ୍ୟକ୍ଷତାରେ ଆଠଜଣିଆ ସଭ୍ୟ ବିଶିଷ୍ଟ ଏକ ପ୍ରଶାସନିକ କମିଟି ଗଠିତ ହେଲା। ଏଥିରେ ସଦସ୍ୟ ରହିଲେ ମଧୁସୂଦନ ଦାସ, ଲକ୍ଷ୍ମୀଧର ମହାନ୍ତି, ନାରାୟଣ ଚନ୍ଦ୍ର ଧୀରନରେନ୍ଦ୍ର, ନୀଳମଣି ସେନାପତି, ଲୋକନାଥ ସେନାପତି ଏବଂ ଗୌରଚନ୍ଦ୍ର ଦେବ। ୧୯୩୩ ମସିହା ଡିସେମ୍ବର ୨୦ ତାରିଖ ଦିନ ରିପୋର୍ଟ ପ୍ରକାଶିତ ହେଲା। ୧୯୩୬ ଜାନୁଆରୀ ୨୦ ତାରିଖ ଦିନ ନୂତନ ଓଡ଼ିଶା ଗଠନ ଆଇନର ଚିଠା ପ୍ରସ୍ତାବ ବ୍ରିଟିଶ ମନ୍ତ୍ରିମଣ୍ଡଳ ଦ୍ୱାରା ଗୃହୀତ ହେଲା। ପରେ ପାର୍ଲିଆମେଣ୍ଟରେ ଉପସ୍ଥାପିତ ହେଲା। ଏହାକୁ ଭାରତ ସରକାର (ଓଡ଼ିଶା ପ୍ରଦେଶ ଗଠନ) ଆଦଶେ ୧୯୩୬ ନାମରେ ଅଭିହିତ କରାଯାଇଥିଲା। ହାଉସ୍ ଅଫ୍ ଲର୍ଡସ ଓ ହାଉସ୍ ଅଫ୍ କମନସ୍ ସମ୍ରାଟଙ୍କୁ ଫେବୃୟାରୀ ମାସରେ ପ୍ରିଭିକାଉନ୍‌ସିଲର ପରାମର୍ଶ କରି ଏହାର ଅନୁମୋଦନ କରିବାକୁ ପ୍ରାର୍ଥନା କରିଥିଲେ। ୧୯୩୬ ମାର୍ଚ୍ଚ ୩ ତାରିଖ ଦିନ ସମ୍ରାଟ ଏହି ଆଇନକୁ ବକିଂମହାମ୍ ପ୍ରାସାଦାରେ ସ୍ୱୀକୃତି ପ୍ରଦାନ କଲେ। ତଦନୁସାରେ ନୂତନ ପ୍ରଦେଶ ଗଠନର ସାମ୍ବିଧାନିକ ସ୍ୱୀକୃତି ମିଳିଗଲା। ୧୯୩୬ ମସିହା ମାର୍ଚ୍ଚ ୩ ତାରିଖ ଦିନ ମନ୍ତ୍ରିପରିଷଦ ଭାରତ ସରକାର - ଓଡ଼ିଶା ପ୍ରଦେଶ ଗଠନ ଆଦେଶ ୧୯୩୬ ରାଜକୀୟ ଘୋଷଣା ଅନୁସାରେ ଏପ୍ରିଲ ୧ ତାରିଖ ଠାରୁ ନୂତନ ପ୍ରଦେଶ କାର୍ଯ୍ୟକାରୀ ହେବା ବିଜ୍ଞପ୍ତି ପ୍ରକାଶ ପାଇଲା। ସାର୍ ଜନ୍ ଅଷ୍ଟିନ୍ ହବାକ ଓଡ଼ିଶାର ଗଭର୍ଣ୍ଣୟ ଭାବେ ନିଯୁକ୍ତ ପାଇଲେ। ଏପ୍ରିଲ୍ ପହିଲା ଦିନ ପାଟନା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ସାର୍ କୋଟନୀ ଟେରେଲ ରେଭେନ୍‌ସା କଲେଜ ହଲ୍‌ରେ ସାର୍ ଜନ୍ ଅଷ୍ଟିନ୍ ହବାକ୍‌ଙ୍କୁ ଓଡ଼ିଶାର ଗଭର୍ଣ୍ଣୟ ଭାବରେ ପଦ ଓ ଗୋପନୀୟତାର ଶପଥପାଠ କରାଇଲେ। ଓଡ଼ିଆ ଜାତିର ଇତିହାସରେ ଏହା ଏକ ଅବିସ୍ମରଣୀୟ ଦିବସ।

# ଭାରତର 'ୟୁରୋପୀୟ ମୁକ୍ତବାଣିଜ୍ୟ ରାଜିନାମା'




ସନ୍ତୋଷ କୁମାର ମିଶ୍ର
କଟକ, ମୋ: ୯୪୩୭୧୨୮୪୬୪


ଗତ ମାର୍ଚ୍ଚ ୧୦ ତାରିଖ ଦିନ ଭାରତ ଓ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଙ୍ଗଠନ (ଇଏଫ୍‌ଟିଏ) ମଧ୍ୟରେ ବହୁ ପ୍ରତୀକ୍ଷିତ ଓ ଚର୍ଚ୍ଚିତ ବାଣିଜ୍ୟ ଓ ଆର୍ଥିକ ଭାଗିଦାରୀ ରାଜିନାମା ସ୍ୱାକ୍ଷରିତ ହୋଇଯାଇଛି। ଇଏଫ୍‌ଟିଏରେ ୟୁରୋପର ମାତ୍ର ଚାରୋଟି ଦେଶ (ଆଇଲ୍ୟାଣ୍ଡ, ଲିଞ୍ଚେନଷ୍ଟାଇନ, ନରୱେ ଓ ସ୍ୱିଜରଲ୍ୟାଣ୍ଡ) ଅନ୍ତର୍ଭୁକ୍ତ। ସେମାନେ ୟୁରୋପ ସଂଘର ସଦସ୍ୟ ନୁହନ୍ତି। ୧୯୬୦ରେ ଗଠିତ ଏହି ସଙ୍ଗଠନ ଅନ୍ୟ ଦେଶମାନଙ୍କ ସହିତ ବାଣିଜ୍ୟ ନିମନ୍ତେ ସ୍ୱତନ୍ତ୍ର ଚୁକ୍ତିପତ୍ର ସ୍ୱାକ୍ଷର କରିଥାଏ। ଏହି ବୁଝାମଣା ହେବା ପୂର୍ବରୁ ବିଗତ ୧୬ ବର୍ଷ ମଧ୍ୟରେ ଭାରତ ଓ ଇଏଫ୍‌ଟିଏ ମଧ୍ୟରେ ୨୧ ଥର ମନ୍ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବଶେଷରେ ଉଭୟ ପକ୍ଷ ସମସ୍ତ ବିଷୟ ଉପରେ ସହମତ ହେବାରୁ ଏହି ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଐତିହାସିକ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ପରେ ଭାରତର ଅର୍ଥନୀତି ଲାଭବାନ ହେବା ସହିତ କର୍ମ ନିଯୁକ୍ତି ସୃଷ୍ଟି ହେବ ଓ ନୂତନ ଉଦ୍‌ଭାବନ, ଗବେଷଣା ଓ ବିକାଶ କ୍ଷେତ୍ରରେ ଅଗ୍ରଗତି ଘଟିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଉଛି।

ଇଏଫ୍‌ଟିଏରେ ସ୍ୱିଜରଲ୍ୟାଣ୍ଡ ସର୍ବବୃହତ ଓ ଶକ୍ତିଶାଳୀ ସଦସ୍ୟ ରାଷ୍ଟ୍ର। ବର୍ତ୍ତମାନ ସ୍ୱିଜରଲ୍ୟାଣ୍ଡ ଉଦ୍ଭାବନ ଓ ଗବେଷଣା କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରୁଛି। ଦୁଇ ପକ୍ଷ ମଧ୍ୟରେ ନିକଟରେ ସ୍ୱାକ୍ଷରିତ ହୋଇଥିବା ରାଜିନାମା ଅନୁଯାୟୀ ଆଗାମୀ ଏକ ଦଶନ୍ଧି ମଧ୍ୟରେ ଭାରତ ଉଭୟ ଉତ୍ପାଦନ ଓ ସେବା କ୍ଷେତ୍ରରେ ଇଏଫ୍‌ଟିଏ ସଦସ୍ୟ ରାଷ୍ଟ୍ରମାନଙ୍କଠାରୁ ମିଳିତ ଭାବରେ ମୋଟ ୫ ହଜାର କୋଟି ଡଲାରର ବିଦେଶୀ ପୁଞ୍ଜି ବିନିଯୋଗ ପ୍ରାପ୍ତ କରିବ। ଏହାର ପରବର୍ତ୍ତୀ ପାଞ୍ଚ ବର୍ଷ ମଧ୍ୟରେ ପୁର୍ନବାର ଉପରୋକ୍ତ ପରିମାଣର ପୁଞ୍ଜି ବିନିଯୋଗ ହେବ। ଏହାଫଳରେ ପ୍ରାୟ ଦଶ ଲକ୍ଷ ପ୍ରତ୍ୟକ୍ଷ କର୍ମ ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

ତେବେ ଏହି ରାଜିନାମା ସ୍ୱାକ୍ଷରିତ ହେବା ପରେ ସାଧାରଣ ଜନତା କିପରି ଭାବରେ ଉପକୃତ ହେବେ ତାହା ଏକ ପ୍ରମୁଖ ପ୍ରସଙ୍ଗ। ଭାରତ ଓ ଇଏଫ୍‌ଟିଏ ମଧ୍ୟରେ ବର୍ତ୍ତମାନ ବାଣିଜ୍ୟ କ୍ଷତିର ପରିମାଣ ପ୍ରାୟ ୧.୯ କୋଟି ଡଲାର। ଅର୍ଥାତ ଭାରତର ସେହି ଦେଶମାନଙ୍କୁ ରପ୍ତାନୀ ତୁଳନାରେ ସେମାନଙ୍କଠାରୁ ଆମଦାନୀ ଢେର୍ ଅଧିକ। ଭାରତ ଓ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ସର୍ବାଧିକ ବାଣିଜ୍ୟ କାରବାର ହୁଏ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଆଇଲ୍ୟାଣ୍ଡ ସହିତ ଭାରତର ରପ୍ତାନୀ ୧୩୦ ଲକ୍ଷ ଡଲାର ଥିବା ବେଳେ ଆମଦାନୀ ୫୦ ଲକ୍ଷ ଡଲାର ରହିଛି। ସେହିପରି ନରୱେ ଓ ସ୍ୱିଜରଲ୍ୟାଣ୍ଡ ସହିତ ରପ୍ତାନୀ ଯଥାକ୍ରମେ ୪୮.୪ ଓ ୧୩୮.୨ କୋଟି ଡଲାର ଥିବା ବେଳେ ଆମଦାନୀ ଯଥାକ୍ରମେ ୭୮.୨ ଓ ୧୯୬୫.୭ କୋଟି ଡଲାର ରହିଛି। ଲିଞ୍ଚେନଷ୍ଟାଇନକୁ ରପ୍ତାନୀ ଶୂନ୍ୟ ଥିବା ବେଳେ ଆମଦାନୀ ୮୦ ଲକ୍ଷ ଡଲାର ରହିଛି। ଏହି ରାଜିନାମା ସ୍ୱାକ୍ଷରିତ ହେବା ପରେ ଭାରତ ସରକାର ଧୀରେ ଧୀରେ ଇଏଫ୍‌ଟିଏ ସଦସ୍ୟ ଦେଶମାନଙ୍କ ପାଇଁ ସୀମା ଶୁଳ୍କ ହ୍ରାସ କରିବେ। ସାଧାରଣତଃ ଭାରତ ସ୍ୱିଜରଲ୍ୟାଣ୍ଡରୁ ଅତି ଦାମିକା ହାତ ଘଡ଼ି, କାନ୍ଥ ଘଣ୍ଟା, ଚକୋଲେଟ୍, ମଦ, ବିସ୍କୁଟ, ବିରଳ ସାମୁଦ୍ରିକ ମାଛ, ଶ୍ୱେତ କଫି, ଅତି ଦାମିକା ରନ୍ଧନ ତୈଳ, ଭୂମଧ୍ୟସାଗରୀୟ ଫଳ, ଦାମିକା ରଙ୍ଗ ଓ ପୋଷାକ, ହୀରା ଓ ଅନ୍ୟ ରତ୍ନପଥର ଇତ୍ୟାଦି ଆମଦାନୀ କରିଥାଏ। ତେଣୁ ଏଗୁଡ଼ିକ ଆଗାମୀ ଦିନରେ ଶସ୍ତା ହେବ। ଏହାସହିତ ଅତି ଦାମିକା ଔଷଧ, ଟିକା ଓ ଚିକିତ୍ସା ପଦ୍ଧତିରେ ଉପଯୋଗ ହେଉଥିବା କିଛି ଯନ୍ତ୍ର ଓ ଉପକରଣର ମୂଲ୍ୟ ମଧ୍ୟ ହ୍ରାସ ପାଇପାରେ। ଏଥିସହିତ ବିଦେଶୀ ସ୍ମାର୍ଟ ଫୋନ୍, ଇସ୍ପାତ୍ ଓ ଲୁହା ସାମଗ୍ରୀ ଶସ୍ତା ହୋଇ ପାରେ। ଯଦିଓ ଭାରତ ସ୍ୱିଜରଲ୍ୟାଣ୍ଡରୁ ବହୁତ ପରିମାଣରେ ସ୍ୱର୍ଣ୍ଣ ଆମଦାନୀ କରିଥାଏ, କିନ୍ତୁ ସ୍ୱର୍ଣ୍ଣ ଉପରୁ ସୀମା ଶୁଳ୍କ ହ୍ରାସ ପାଇବ ନାହିଁ ବୋଲି ସହମତି ପ୍ରକାଶ ପାଇଛି। ଆର୍ଥିକ ବର୍ଷ ୨୦୨୨-୨୩ ରେ ଭାରତ ସ୍ୱିଜରଲ୍ୟାଣ୍ଡରୁ ୧୨୬୦ କୋଟି ଡଲାରର ସ୍ୱର୍ଣ୍ଣ ଆମଦାନୀ କରିଥିଲା।

ଭାରତରେ ସ୍ୱର୍ଣ୍ଣ ଧାତୁ କ୍ରୟ କରିବା ଏକ ଉତ୍ତମ ପୁଞ୍ଜି ନିବେଶ ରୂପେ ଗ୍ରହଣ କରାଯାଏ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୨ରେ ଭାରତରେ ମୋଟ ୭୧୩ ଟନ ସୁନା ଆମଦାନୀ ହୋଇଥିବା ବେଳେ ୨୦୨୩ ରେ ୭୩୪ ଟନ ସୁନା ଆମଦାନୀ ହୋଇଛି। ଏହାଫଳରେ ପ୍ରଚୁର ପରିମାଣରେ ଡଲାର ବ୍ୟୟ କରିବାକୁ ପଡୁଛି। ସରକାର କିନ୍ତୁ ଡିଜିଟାଲ ସ୍ୱର୍ଣ୍ଣରେ ନିବେଶ କରିବାକୁ ଉତ୍ସାହିତ କରି ଆସୁଛନ୍ତି। କିନ୍ତୁ ଏହା ସେତେ ସଫଳ ହେଉ ନାହିଁ। ଭାରତ ସରକାର ସ୍ୱର୍ଣ୍ଣ ଉପରେ ସୀମା ଶୁଳ୍କ ବୃଦ୍ଧି କରି ଚାଲିଥିଲେ ମଧ୍ୟ ଏହି ଧାତୁର ଆମଦାନୀ ହ୍ରାସ ପାଉ ନାହିଁ। ତେଣୁ ଇଏଫ୍‌ଟିଏ ରାଜିନାମାରେ ସ୍ୱର୍ଣ୍ଣକୁ ବାଦ୍ ଦିଆ ଯାଇଛି। ଏହାସହିତ ଖାଦ୍ୟ ସୁରକ୍ଷା, ଘରୋଇ ବଜାର ଓ କୃଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ କୃଷି ଓ ଦୁଗ୍ଧ ଜାତୀୟ ଖାଦ୍ୟ ସାମଗ୍ରୀ ମଧ୍ୟ ରାଜିନାମାରୁ ବାଦ୍ ପଡ଼ିଛି।

ସାଧାରଣତଃ ସ୍ୱିଜରଲ୍ୟାଣ୍ଡରେ ଅନେକ ଭଲ ଔଷଧ ଉତ୍ପାଦକ ଅଛନ୍ତି। ସେମାନେ ବହୁତ ଗବେଷଣା କରି ଅତ୍ୟାଧୁନିକ ଟିକା ଓ ଔଷଧ ଉତ୍ପାଦନ କରନ୍ତି। ଭାରତର ଉତ୍ପାଦକମାନେ ସେମାନଙ୍କ ପରୀକ୍ଷଣର ଫଳାଫଳକୁ ବ୍ୟବହାର କରି ଭାରତରେ ତାହାର ପ୍ରତିରୂପ ବା ଜେନେରିକ ଔଷଧ ଓ ଟିକା ପ୍ରସ୍ତୁତ କରନ୍ତି। ଏହା ଯଥେଷ୍ଟ ଶସ୍ତା ହୁଏ ଓ ଭାରତର ସାଧାରଣ ଲୋକ ଉପକୃତ ହେବା ସହିତ ଅନ୍ୟ ଏସୀୟ ଓ ଆଫ୍ରିକୀୟ ଦେଶଗୁଡ଼ିକ ମଧ୍ୟ ଉପକୃତ ହୁଅନ୍ତି। କିନ୍ତୁ ସ୍ୱିଜରଲ୍ୟାଣ୍ଡ ସରକାର ପରୀକ୍ଷଣ ତଥ୍ୟ ବ୍ୟବହାର ନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହାଦ୍ୱାରା ସ୍ୱିଜରଲ୍ୟାଣ୍ଡର ସତ୍ତ୍ୱ ଅଧିକାର ପ୍ରାପ୍ତ (ପେଟେଣ୍ଟ) ଔଷଧ ଉତ୍ପାଦକମାନେ ଲାଭବାନ ହୋଇଥା'ନ୍ତେ। କିନ୍ତୁ ଭାରତ ସରକାର ଏହାକୁ ଗ୍ରହଣ କରିଲେ ନାହିଁ। ତେଣୁ ଜୀବନ ରକ୍ଷାକାରୀ ଟିକା ଓ ଔଷଧର ମୂଲ୍ୟ ବହୁତ ବୃଦ୍ଧି ପାଇବ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଥିଲା ତାହାର ଅବସାନ ଘଟିଛି।

ଭାରତର ରପ୍ତାନୀକାରୀ କେତେ ଦୂର ଉପକୃତ ହେବେ ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଆଗାମୀ ଦିନରେ ଭାରତ ସରକାର ସୀମା ଶୁଳ୍କ ହ୍ରାସ କରିବାକୁ ଯାଉଥିବାରୁ ବିଶେଷ ଭାବରେ ସୁଇଜରଲ୍ୟାଣ୍ଡର ରପ୍ତାନୀକାରୀମାନେ ଭାରତ ପରି ଏକ ବିଶାଳ ବଜାରରେ ଯଥେଷ୍ଟ ବ୍ୟବସାୟ କରି ଲାଭ ଅର୍ଜନ କରିବେ। କିନ୍ତୁ ଦୁର୍ଭାଗ୍ୟବଶତଃ ଭାରତର ରପ୍ତାନୀକାରୀମାନେ ଏଥିରୁ ବଞ୍ଚିତ ରହିବେ। ମୁକ୍ତ ବାଣିଜ୍ୟ ରାଜିନାମା ପାଇଁ ଆଲୋଚନା ଚାଲିଥିବା ବେଳେ ସ୍ୱିଜରଲ୍ୟାଣ୍ଡ ସରକାର ୨୦୨୨ରେ ସୀମା ଶୁଳ୍କ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ। ଗତ ଜାନୟାରୀ ପହିଲାରୁ ଏହାକୁ ଲାଗୁ ମଧ୍ୟ କରାଯାଇଛି। ଏହି ନୂତନ ନିୟମ ଅନୁସାରେ ସ୍ୱିଜରଲ୍ୟାଣ୍ଡ ସରକାର ସମସ୍ତ ପ୍ରକାର ଔଦ୍ୟୋଗିକ ବସ୍ତୁ ଉପରୁ ସୀମା ଶୁଳ୍କକୁ ହଟାଇ ଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ସ୍ୱିଜରଲ୍ୟାଣ୍ଡ ବଜାର ସମଗ୍ର ବିଶ୍ୱ ପାଇଁ ସମାନ ଭାବରେ ଉନ୍ମୁକ୍ତ ହୋଇଯାଇଛି। ଏହାଦ୍ୱାରା ଭାରତୀୟ ରପ୍ତାନୀକାରୀମାନେ ସମସ୍ତଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବେ ଓ ମୁକ୍ତ ବାଣିଜ୍ୟ ରାଜିନାମା ସତ୍ତ୍ୱେ ଭାରତର ବ୍ୟବସାୟୀମାନେ ବିଶେଷ ଭାବରେ ଉପକୃତ ହେବେ ନାହିଁ। ତେଣୁ ମୋଟାମୋଟି ଆକାରରେ ରାଜିନାମାକୁ ତର୍ଜମା କରିଲେ ଜଣାପଡ଼େ ଯେ ଭାରତକୁ ହଠାତ୍ କୌଣସି ଆର୍ଥିକ ଓ ବାଣିଜ୍ୟିକ ଲାଭ ଇଏଫ୍‌ଟିଏ ରାଜିନାମାରୁ ମିଳିବା ପରି ସୁଯୋଗ ନାହିଁ। ସଙ୍ଗଠନ ପକ୍ଷରୁ ଯେଉଁ ପୁଞ୍ଜି ବିନିଯୋଗ ହେବ ଓ ସେଥିରୁ ରାଷ୍ଟ୍ର କେତେ ଲାଭ ଅର୍ଜନ କରିବ ତାହା ବହୁତ ଦୂର ଭବିଷ୍ୟତର କଥା। ରାଜିନାମାଟି ବାଣିଜ୍ୟ ଅପେକ୍ଷା ବିଦେଶୀ ପୁଞ୍ଜି ନିବେଶ ଉପରେ ଅଧିକ କେନ୍ଦ୍ରୀଭୂତ। କାରଣ ଯଦି ଇଏଫ୍‌ଟିଏ ନିଜର ପ୍ରତିଶ୍ରୁତି ଅନୁଯାଇ ପୁଞ୍ଜି ବିନିଯୋଗ ନ କରେ ତେବେ ଭାରତ ମଧ୍ୟ ସୀମା ଶୁଳ୍କ ହ୍ରାସ କରିବ ନାହିଁ ବୋଲି ଚୁକ୍ତି ହୋଇଛି।

ଭାରତ ପରି ପ୍ରଗତିଶୀଳ ରାଷ୍ଟ୍ର ଅଧିକରୁ ଅଧିକ ମୁକ୍ତ ବାଣିଜ୍ୟ ରାଜିନାମା ଉପରେ ଗୁରୁତ୍ୱ ପ୍ରଦାନ କରିବା ଆବଶ୍ୟକ। ଭାରତ ବର୍ତ୍ତମାନ ସୁଦ୍ଧା ୧୩ ଟି ମୁକ୍ତ ବାଣିଜ୍ୟ ରାଜିନାମାରେ ସ୍ୱାକ୍ଷର କରି ସାରିଛି। ୟୁରୋପ ସଙ୍ଘ, ବ୍ରିଟେନ ଓ ମେକ୍ସିକୋ ସହିତ ମୁକ୍ତ ବାଣିଜ୍ୟ ରାଜିନାମା ପାଇଁ ଚେଷ୍ଟା ଚାଲିଛି। କାରଣ ଜାତିସଙ୍ଘ ଓ କୋପ୍ ଯେପରି ନିଷ୍କ୍ରିୟ ହୋଇଯାଉଛି ସେହିପରି ବିଶ୍ୱ ବାଣିଜ୍ୟ ସଙ୍ଗଠନ ମଧ୍ୟ ବିକଶିତ ରାଷ୍ଟ୍ରମାନଙ୍କ ଅଧୀନରୁ ମୁକୁଳି ପାରୁ ନାହିଁ। ନିକଟରେ ଆବୁଧାବିରେ ବିଶ୍ୱ ବାଣିଜ୍ୟ ସଙ୍ଗଠନର ତ୍ରୟୋଦଶତମ ମନ୍ତ୍ରିସ୍ତରୀୟ ବୈଠକରେ ଖାଦ୍ୟ ସୁରକ୍ଷା ଓ କୃଷିଭିତ୍ତିକ ରିହାତିକୁ ଆଧାର କରି ଭାରତ ଉପରେ ଯେଉଁପ୍ରକାରର କୂଟନୈତିକ ଆକ୍ରମଣ ହେଲା, ତାକୁ ଦେଖିବା ପରେ ଭବିଷ୍ୟତରେ ବିକଶିତ ରାଷ୍ଟ୍ରମାନଙ୍କ ସ୍ୱାର୍ଥ ଆଗରେ ବିକାଶଶୀଳ ଓ ଗରିବ ରାଷ୍ଟ୍ରମାନେ ନିଜର ଦାବି ପୂରଣ କରିବା ପାଇଁ ସମର୍ଥ ହେବେ ବୋଲି ଜଣା ପଡୁନାହିଁ। ବିଶ୍ୱ ବାଣିଜ୍ୟ ସଙ୍ଗଠନରେ ସଂସ୍କାର ଚରମ ଆବଶ୍ୟକତା ଥିଲେ ମଧ୍ୟ ଏହା ପ୍ରାୟ ଅସମ୍ଭବ। ତେଣୁ ଏପରି ସ୍ଥଳରେ ଆର୍ଥିକ ଜଗତୀକରଣ ଯୁଗରେ ତିଷ୍ଠି ରହିବା ପାଇଁ ଭାରତ ନିମନ୍ତେ ଉପଯୁକ୍ତ, ନିରପେକ୍ଷ ଓ ସନ୍ତୁଳିତ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ରାଜିନାମା ଏକ ସର୍ବୋତ୍ତମ ବିକଳ୍ପ।


ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ରାଜ୍ୟ ସୀମାରେ ଟଳିଲେ ୯ ରୁ ଉର୍ଦ୍ଧ୍ୱ ମାଓବାଦୀ

### ବର୍ଷକ ମଧ୍ୟରେ ବଡ଼ ସଫଳତା

**ମାଲକାନଗିରି, ୨।୪ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ପୁଲିସ୍ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୯ରୁ ଉର୍ଦ୍ଧ୍ୱ ମାଓବାଦୀ ନିହତ ହୋଇଥିବା ବେଳେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ସୂଚନାନୁଯାୟୀ, ବିଜାପୁରରେ ଲୋକସଭା ନିର୍ବାଚନ ପୂର୍ବରୁ ପୁଲିସ ପକ୍ଷରୁ ମାଓ ବିରୋଧୀ ଅଭିଯାନକୁ ଜୋରଦାର କରାଯାଇଛି। ମଙ୍ଗଳବାର ଜିଲ୍ଲାର ଲେଣ୍ଡରା ଓ କରଚୋଲି ଜଙ୍ଗଲରେ ପୁଲିସ, ଡିଆରଜି, କୋବରା ବାହିନୀ ପକ୍ଷରୁ ମିଳିତ ରୂପେ ତଲାସି ଅଭିଯାନ ଜାରି ରହିଥିବା ବେଳେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନମାନେ ଏହର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଏହି ଗୁଳି ବିନିମୟ ହୋଇଥିବା ବେଳେ ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ ଏବଂ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ପ୍ରାୟ ୪ ଘଣ୍ଟା ଧରି ଏହି ଗୁଳି ବିନିମୟ ପରେ ଅଞ୍ଚଳରେ ଯବାନମାନେ ପୁନଃ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଏଥିରେ ୯ରୁ ଉର୍ଦ୍ଧ୍ୱ ମାଓବାଦୀଙ୍କ ମୃତଦେହ ସହ ବହୁ ଅତ୍ୟାଧୁନିକ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଓ ମାଓ ସାମଗ୍ରୀ ଜବତ ହୋଇଛି। ଏହି ଗୁଳି ବିନିମୟରେ ଆହୁରି ଅଧିକ ମାଓବାଦୀ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି।

### ତାପସଙ୍କ ପ୍ରାର୍ଥିତ୍ୱକୁ ବିରୋଧ

## 'ସମ୍ବିତ ପାତ୍ର ଗୋ-ବ୍ୟାକ୍' ନାରାରେ କମ୍ପିଲା ରଣପୁର




**ନୟାଗଡ଼, ୨।୪ (ସମିସ):** ନୟାଗଡ଼ ଜିଲ୍ଲା ରଣପୁର ବିଧାନସଭା ଆସନ ପାଇଁ ବିଜେପି ଜିଲ୍ଲା ସଭାପତି ତଥା ରଣପୁର ବ୍ଲକ୍ ଅଧକ୍ଷା ନିର୍ମଳା ବେହେରାଙ୍କ ସ୍ୱାମୀ ତାପସ କୁମାର ମାର୍ଥାଙ୍କ ନାମ ଘୋଷଣା କରିଛି। ଏହି ଆସନ ପାଇଁ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଆଶାୟୀ ଥିଲେ। ଏହାକୁ ନେଇ ଆଜି ରଣପୁର ବିଜେପି କାର୍ଯ୍ୟାଳୟରେ ସୁରମାଙ୍କ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତାପସଙ୍କୁ ପ୍ରାର୍ଥୀ ଘୋଷଣା ପଛରେ ପୁରୀ ଲୋକସଭା ବିଜେପି ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ହାତ ରହିଥିବା ଅଭିଯୋଗ କରି ସେମାନେ ଗର୍ଜିଛନ୍ତି। 'ସମ୍ବିତ ପାତ୍ର ଗୋ-ବ୍ୟାକ୍' ସହ ସୁରମା ଅପା ଜିନ୍ଦାବାଦ ନାରା ଦେଇଛନ୍ତି। ଏହାସହ ରଣପୁର ରାଜନୀତିରୁ ସମ୍ବିତଙ୍କୁ ହଟାଇବା ପାଇଁ ରାଜ୍ୟ ବିଜେପି ପଦକ୍ଷେପ ଗ୍ରହଣ କରୁ

**ବିଜେପି କାର୍ଯ୍ୟାଳୟରେ ସୁରମା ସମର୍ଥକଙ୍କ ବିକ୍ଷୋଭ**

ବୋଲି ସେମାନେ ଦାବି କରିଛନ୍ତି। ସେହିପରି ସମ୍ବିତ ବିଜେପି କର୍ମୀଙ୍କୁ ଅଣଦେଖା ଓ ହତୋତ୍ସାହିତ କରୁଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ସମ୍ବିତଙ୍କ ପାଇଁ ନୟାଗଡ଼ରୁ ନେତ୍ରୀ ଇରାନୀ ରାୟ ହତୋତ୍ସାହିତ ହୋଇ ଦଳ ଛାଡ଼ିଥିବା ବେଳେ ଆଜି ରଣପୁର ସୁରମାଙ୍କୁ ଅଣଦେଖା କରାଯିବା ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି।

■ ରାଜେନ୍ଦ୍ର ସୋରରୁ ବିଜେପି ପ୍ରାର୍ଥୀ

## ବିଜେପି ଅଫିସ୍‌ରେ ତାଲା ପକାଇଲେ ଅସନ୍ତୁଷ୍ଟ ଗୋଷ୍ଠୀ



**ସୋର, ୨।୪ (ସମିସ):** ଆଜି ବିଜେପି ତରଫରୁ ସୋର ବିଧାୟକ ପ୍ରାର୍ଥୀ ଭାବେ ଧାମନଗରର ରାଜେନ୍ଦ୍ର ଦାସଙ୍କ ନାମ ଘୋଷଣା ହେବା ପରେ ସୋର ବିଜେପି କର୍ମୀ ମହଲରେ ଉତ୍ତେଜନା ପ୍ରକାଶ ପାଇବା ସହିତ ତାଙ୍କର ପ୍ରାର୍ଥିତ୍ୱକୁ ତୀବ୍ର ବିରୋଧ କରାଯାଇଛି। ଏହି ଉପଲକ୍ଷେ ଆଜି ଅପରାହ୍ଣରେ ବରଫ କଳ ଛକସ୍ଥିତ ବିଜେପି କାର୍ଯ୍ୟାଳୟରେ ରାକେଶ ମଲ୍ଲିକଙ୍କ ଆବାହକତ୍ୱରେ ଏକ ବୈଠକ ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପି ନେତା ରବୀନ୍ଦ୍ର କୁମାର ଜେନା, ମୃତ୍ୟୁଞ୍ଜୟ ଜେନା, ପାରିଷଦ ରଞ୍ଜନ ଦାସ, ସସ୍ମିତା ଦାସ, ବିକ୍ରମ କେଶରୀ ମହାପାତ୍ର, କମଳାକାନ୍ତ ଘଡ଼ାଇ, ରାଜାରାମ ମହାପାତ୍ର, ନଳିନୀକାନ୍ତ ମହାପାତ୍ର, ଖଗେନ୍ଦ୍ରନାଥ ପ୍ରଧାନ, ମିହିର ପାଣି, ତନୟା ମହାପାତ୍ର, ସୋର ଏବଂ ବାହାନଗା ବ୍ଲକର ସମସ୍ତ ମଣ୍ଡଳ ସଭାପତି, କିଶୋର ଚନ୍ଦ୍ର ବେହେରା, ରବୀନ୍ଦ୍ର କୁମାର ମହାଲିକ, ସନ୍ତୋଷ କୁମାର ସାହୁ, ରଜତ ମହାପାତ୍ର, ପ୍ରମୋଦ ନାୟକ ଯୋଗଦେଇ ସୋର ପାଇଁ ଘୋଷିତ ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରାଯାଇ ଜଣେ ସୋର ନିର୍ବାଚନ ମଣ୍ଡଳୀର ଅଧିବାସୀଙ୍କୁ ପ୍ରାର୍ଥୀ କରାନଯିବା ପର୍ଯ୍ୟନ୍ତ ସୋର ବିଜେପି କାର୍ଯ୍ୟାଳୟ ବନ୍ଦ ରହିବା ସହିତ ସମସ୍ତ କାର୍ଯ୍ୟକ୍ରମ ବନ୍ଦ ରହିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସୋର ନିର୍ବାଚନମଣ୍ଡଳୀର ପାଖାପାଖି ୪୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇ କ୍ଷୋଭ ପ୍ରକାଶ କରିବା ସହ ନିଜ ମାଟିର ଜଣେ ନେତାଙ୍କୁ ପ୍ରାର୍ଥୀ କରାଯିବା ପାଇଁ ଦାବି କରିଥିଲେ। ପ୍ରଥମେ କର୍ମୀମାନେ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ "ରାଜୁ ଦାସ ହାଏ ହାଏ, ରାଜୁ ଦାସ ଗୋ-ବ୍ୟାକ୍" ଆଦି ନାରା ଦେଇଥିଲେ। ପରେ ଉକ୍ତ କର୍ମୀମାନେ ବିଜେପି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୭୦ ହଜାର...

ଛୁଇଁଛି, ଯାହାକି ଏହି ଧାତୁ ମୂଲ୍ୟରେ ଆଉ ଏକ ବଡ଼ ରେକର୍ଡ। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ ଆଗାମୀ ଦିନରେ ସୁନା ଦର ଆହୁରି ବୃଦ୍ଧି ହୋଇପାରେ। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୯,୧୧୦ ଟଙ୍କା ରହିଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଏହା ୧୦ ଗ୍ରାମ ପିଛା ୭୦,୩୯୦ ଟଙ୍କାରେ ପହଞ୍ଚିଛି। ତେବେ ସହରରେ ଆଜି ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୩,୧୦୦ ଟଙ୍କା ଛୁଇଁଛି। ସେହିପରି ଦେଶରେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୭୯,୦୦୦ ଟଙ୍କାରେ ପହଞ୍ଚିଛି। ତେବେ ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ରୁପା ମୂଲ୍ୟ ୮୦,୦୦୦ ଟଙ୍କା ଛୁଇଁ ପୂର୍ବ ସମସ୍ତ ରେକର୍ଡ ଭାଙ୍ଗିଛି।

ଏ ସମ୍ପର୍କରେ ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି, ସୁନା ଦର ୧୦ ଗ୍ରାମ ପିଛା ୭୦ ହଜାର ଟଙ୍କାରୁ ଅଧିକର ଐତିହାସିକ ସ୍ତରରେ ପହଞ୍ଚିବା ସତ୍ତ୍ୱେ ଗତ ସପ୍ତାହରେ ଏହି ମୂଲ୍ୟବାନ ଧାତୁର ବିକ୍ରିରେ ଉତ୍ସାହଜନକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ଏହା ଗତବର୍ଷର ସମାନ ସମୟ ତୁଳନାରେ ପ୍ରାୟ ୨୫% ବୃଦ୍ଧିକୁ ଦର୍ଶାଉଛି। ସୁନା ଦର ଅଭୂତପୂର୍ବ ଉଚ୍ଚ ସ୍ତରରେ ପହଞ୍ଚିବା ସତ୍ତ୍ୱେ ଗ୍ରାହକମାନେ ଏହାକୁ ଏକ ଲାଭଦାୟକ ନିବେଶ ବିକଳ୍ପ ଭାବରେ ବିବେଚନା କରୁଛନ୍ତି। ଆଗାମୀ ବିବାହ ଋତୁ ଆରମ୍ଭ ହେବା ଓ ଅକ୍ଷୟ ତୃତୀୟାରେ ସୁନା ଗହଣା କ୍ରୟରେ ବୃଦ୍ଧି ଘଟିବ ବୋଲି ଆମେ ଆଶା କରୁଛୁ। ସୁନା ଦରରେ ଏହି ଅଭିବୃଦ୍ଧି ଧାରା କେବଳ ନିବେଶକଙ୍କ ଦୃଷ୍ଟି ଆକର୍ଷଣ କରିନାହିଁ ବରଂ ବଜାରକୁ ଆଶାବାଦୀ ମଧ୍ୟ କରିଛି। ଆମେ ଏକ ନିରନ୍ତର ସୁନା ଚାହିଦା ଆଶା କରୁଛୁ ଯାହା ଭବିଷ୍ୟତର ବିକ୍ରୟ ଏବଂ ଗ୍ରାହକ ଓ ଶିଳ୍ପ ପାଇଁ ଏକ ସମୃଦ୍ଧ ଋତୁକୁ ନେଇ ଆଶାବାଦୀ।

## କ୍ଷମା ମାଗିଲେ...

ପରବର୍ତ୍ତୀ ଶୁଣାଣି ବେଳେ ହାଜର ହେବାକୁ ନିର୍ଦ୍ଦେଶ ଦେଇ କହିଛନ୍ତି, ସବୁ ସୀମା ଲଂଘିସାରିଛ। ଏହା ପୂର୍ଣ୍ଣତଃ ଅବଜ୍ଞା। କେବଳ ସୁପ୍ରିମକୋର୍ଟ ନୁହେଁ, ଦେଶର ପ୍ରତ୍ୟେକ କୋର୍ଟଙ୍କ ଆଦେଶକୁ ସମ୍ମାନ ଦେଇ ନିଶ୍ଚୟ ପାଳନ କରିବାକୁ ହେବ। କୋର୍ଟ ସରକାରୀ ଓକିଲଙ୍କଠାରୁ ଜାଣିବାକୁ ଚାହିଁଥିଲେ, ଭ୍ରାମକ ବିଜ୍ଞାପନ, ଅନ୍ୟ ଆଧୁନିକ ଚିକିତ୍ସା ପଦ୍ଧତିର ନିନ୍ଦାପ୍ରଚାର ଚାଲିଥିବା ବେଳେ ସରକାର ଚୁପ୍ ରହିଥିଲେ କାହିଁକି? ପତଞ୍ଜଳିର ଜଡ଼ିବୁଟି ଔଷଧ ଅନେକ ଜଟିଳ ରୋଗ ଭଲ କରିଥାଏ ମର୍ମରେ ଭ୍ରାମକ ବିଜ୍ଞାପନ ଆଉ ନଦେବାକୁ ସୁପ୍ରିମକୋର୍ଟରେ ୨୧ ନଭେମ୍ବର ୨୦୨୩ରେ ପତଞ୍ଜଳି କମ୍ପାନୀ ଲିଖିତ ସମ୍ମତି(ଅଣ୍ଡରଟେକିଂ) ଦେଇଥିଲା ଯେ କମ୍ପାନୀ ପ୍ରସ୍ତୁତ ଓ ବିକ୍ରି କରୁଥିବା ଉତ୍ପାଦର ବିଜ୍ଞାପନ ଓ ବ୍ରାଣ୍ଡିଂ କରାଯିବା ବେଳେ ପ୍ରଚଳିତ କୌଣସି ଆଇନର ଉଲ୍ଲଂଘନ କରିବ ନାହିଁ। ପୁଣି ପତଞ୍ଜଳି କମ୍ପାନୀ ସହ ସମ୍ପୃକ୍ତ କେହି ବ୍ୟକ୍ତି ଅନ୍ୟ କୌଣସି ଆଧୁନିକ ଔଷଧ ଓ ଚିକିତ୍ସା ବ୍ୟବସ୍ଥାର ଅସାରତା ସମ୍ପର୍କରେ ଗଣମାଧ୍ୟମରେ ବିବୃତି ଦେବେନାହିଁ। ଏପରି ଅଣ୍ଡରଟେକିଂ ଦେବା ପରେ ବି ପତଞ୍ଜଳି କମ୍ପାନୀ ତା'ର ଔଷଧର ଚମତ୍କାରୀ ଗୁଣବତ୍ତା ଓ ସମ୍ପୂର୍ଣ୍ଣ ଆରୋଗ୍ୟ ପ୍ରଦାନକାରୀ ଶକ୍ତି ସମ୍ପର୍କରେ ବିଜ୍ଞାପନ ଦେବା ବନ୍ଦ କରିନଥିଲା। ଆଇଏମଏ ପକ୍ଷରୁ ସେ ନେଇ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ କୋର୍ଟ ଆଚାର୍ଯ୍ୟ ବାଲକ୍ରିଷ୍ଣ ଓ ବାବା ରାମଦେବଙ୍କୁ ନୋଟିସ୍ ଜାରି କରିଥିଲେ। କିନ୍ତୁ ଉଭୟେ ସେହି ନୋଟିସର ଉତ୍ତର ଦେଇନଥିଲେ। ଏଥିରେ କ୍ଷୁବ୍ଧ ହୋଇ କୋର୍ଟ ଆଚାର୍ଯ୍ୟ ବାଲକ୍ରିଷ୍ଣ ଓ ରାମଦେବଙ୍କୁ ଏପ୍ରିଲ ୨ ତାରିଖରେ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଓ କାହିକି ସେମାନଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ନିଆନଯିବ ତାହା ଜଣାଇବାକୁ ଗତ ୧୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଆଜି ଉଭୟେ ଅଦାଲତରେ ହାଜର ହୋଇ କ୍ଷମା ପ୍ରାର୍ଥନା କରିଛନ୍ତି। ଇଣ୍ଡିଆନ୍ ମେଡିକାଲ ଆସୋସିଏସନ (ଆଇଏମଏ) ସୁପ୍ରିମକୋର୍ଟରେ ଏକ ଯାଚିକା ଦାଖଲ କରି ଜଣାଇଥିଲା ଯେ ପତଞ୍ଜଳି ଆୟୁର୍ବେଦ ଲିମିଟେଡ ଓ ବାବା ରାମଦେବ ଏକ ନିନ୍ଦାପ୍ରଚାର ଅଭିଯାନ ଚଳାଇ କୋଭିଡ୍ ଭ୍ୟାକ୍ସିନେସନକୁ ଆସାର, ଅଦରକାରୀ ଓ ଠକାମୀ ବୋଲି କହୁଛନ୍ତି ଏବଂ ଆଲୋପ୍ୟାଥି ଭଳି ଆଧୁନିକ ଚିକିତ୍ସା ପଦ୍ଧତିର ନିନ୍ଦାଗାନ କରୁଛନ୍ତି। ଆଇଏମଏ ପକ୍ଷରୁ ପ୍ରାର୍ଥନା କରାଯାଇଥିଲା ଯେ ଭ୍ରାମକ ବିଜ୍ଞାପନ ପ୍ରଚାରରୁ ଓ ଆଧୁନିକ ଔଷଧ ଓ ଚିକିତ୍ସା ବ୍ୟବସ୍ଥାର ଅସାରତା ସମ୍ପର୍କରେ ଗଣମାଧ୍ୟମରେ ବିବୃତି ଦେବାରୁ ପତଞ୍ଜଳି ଆୟୁର୍ବେଦ ଲିମିଟେଡକୁ ରୋକାଯାଉ। ସେହି ମାମଲାରେ ଆଜି ଉଭୟେ ଅଦାଲତରେ ହାଜର ହୋଇ କ୍ଷମା ପ୍ରାର୍ଥନା କରିଛନ୍ତି।

## ଶଙ୍ଖ ବ୍ୟୂହରେ...

ନେତୃତ୍ୱରେ ବିଜେପି ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନ ଲଢ଼ିଥିଲେ ହେଁ ବିଜେଡିର ଅଭେଦ୍ୟ ଗଡ଼କୁ ଭେଦ କରିବା ସମ୍ଭବ ହୋଇ ନାହିଁ। ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ସହିତ ଗତ ପୌର ଓ ପଞ୍ଚାୟତ ନିର୍ବାଚନ ସମେତ ଏକାଧିକ ଉପ ନିର୍ବାଚନରେ ମଧ୍ୟ ଦଳର ସମାନ ଅବସ୍ଥା ହୋଇଛି। ରାଜ୍ୟ ବିଜେପି ଏକ ନମ୍ବର ନେତା କୁହାଯାଉଥିବା ଧର୍ମେନ୍ଦ୍ରଙ୍କ ବିରୋଧରେ ପ୍ରାର୍ଥୀ ହେବାକୁ ନିଜେ ମଇଦାନକୁ ଓହ୍ଲାଇଛନ୍ତି ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ବିଜେଡିରୁ ପ୍ରଣବଙ୍କ ପ୍ରାର୍ଥିତ୍ୱ ପରେ ସମ୍ବଲପୁର ଲୋକସଭା ଆସନ ଏବେ ସାରା ଦେଶର ଅନ୍ୟତମ ଚର୍ଚ୍ଚିତ ଆସନରେ ସାମିଲ ହୋଇଛି। ପ୍ରଣବଙ୍କ ସପକ୍ଷରେ ସମ୍ବଲପୁରରେ ସୃଷ୍ଟ ଜନ ସମର୍ଥନ ବିଜେପିକୁ ଅଡୁଆରେ ପକାଇଛି। ଅନୁରୂପ ଭାବରେ ବିଜେଡିରୁ ଉଭୟ ଲୋକସଭା ଓ ରାଜ୍ୟସଭାରେ ୨ ଥର ଲେଖାଏଁ ସାଂସଦ ହୋଇଥିବା ବୈଜୟନ୍ତ ପଣ୍ଡା ବିଜେପିରୁ ପୁନର୍ବାର କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ହୋଇଛନ୍ତି। ଗତ ନିର୍ବାଚନରେ ସେ ବିଜେଡି ପ୍ରାର୍ଥୀଙ୍କଠାରୁ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ। ଏଥର ଏହି ଆସନ ଦଖଲ ଲକ୍ଷ୍ୟରେ ବିଜେଡି ନୂଆ ରଣନୀତି ପ୍ରସ୍ତୁତ କରିଛି। ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ପ୍ରଥମ ଥର ପାଇଁ ସାଂସଦ ପ୍ରାର୍ଥୀ ଭାବେ ବୈଜୟନ୍ତଙ୍କୁ ମୁକାବିଲା କରିବେ। ବିଜେଡିର ନିଜସ୍ୱ ସଙ୍ଗଠନ, ଅଂଶୁମାନଙ୍କ ବ୍ୟକ୍ତିଗତ ଭୋଟ ଓ ତାଙ୍କ ପିତାଙ୍କ ଲୋକପ୍ରିୟତା ସହ ଅସନ୍ତୁଷ୍ଟ ବିଜେପିର ଭୋଟ ପ୍ରାରମ୍ଭରୁ ପରିଣାମର ଇଙ୍ଗିତ ଦେଇ ସାରିଛି।

ବିଜେଡିରୁ ୬ଥର ନିର୍ବାଚିତ କଟକ ସାଂସଦ ଭର୍ତ୍ତୃହରି ଦଳତ୍ୟାଗ କରି ଏବେ ବିଜେପି ପ୍ରାର୍ଥୀ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ରାଜନୀତିରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି, ମାତ୍ର ପ୍ରାରମ୍ଭରୁ ସେ ତାଙ୍କର ପରାଜୟ ସ୍ୱୀକାର କରି ସାରିଛନ୍ତି। ବ୍ୟକ୍ତି ବା ପ୍ରାର୍ଥୀ ନୁହେଁ, ଲୋକମାନେ ଚିହ୍ନ ଦେଖି ଭୋଟ ଦିଅନ୍ତି ବୋଲି ମତ ଦେଇ ଗତ ୬ଥର ନିର୍ବାଚନରେ ତାଙ୍କର ବିଜୟ ପଛରେ କେବଳ ଶଙ୍ଖ ଚିହ୍ନ ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅବଦାନକୁ ସେ ସ୍ୱୀକାର କରିଛନ୍ତି। ତେଣୁ ଚଳିତ ନିର୍ବାଚନରେ ତାଙ୍କ ବିରୋଧରେ ପ୍ରଥମ ଥର ପ୍ରାର୍ଥୀ ହୋଇଥିବା ବିଜେଡି ପ୍ରାର୍ଥୀଙ୍କ ବିଜୟଅବଧାରିତ ବୋଲି ସେ ଏକପ୍ରକାର ମାନି ସାରିଲେଣି ବୋଲି ମଧ୍ୟ କୁହାଯାଉଛି। ଅନୁରୂପ ଭାବରେ ଗତ ନିର୍ବାଚନରେ ସବୁଠୁ ଚର୍ଚ୍ଚାରେ ରହିଥିବା ଭୁବନେଶ୍ୱର ଆସନରେ ଏଥର ବିଜେଡି ସମ୍ପୂର୍ଣ୍ଣ ନବାଗତ ଓ ଯୁବ ଚେହେରାଙ୍କୁ ପ୍ରାର୍ଥୀ କରିଛି। ରାଜନୀତିରେ ନୂଆ ହୋଇଥିଲେ ହେଁ ଏକ ଦୀର୍ଘ ଓ ସମୃଦ୍ଧ ରାଜନୈତିକ ପୃଷ୍ଠଭୂମିରୁ ମନ୍ମଥ ଆସିଛନ୍ତି। ଭୁବନେଶ୍ୱର ଲୋକସଭା ଅଞ୍ଚଳରେ ବିଜେଡିର ଦୃଢ଼ ସଙ୍ଗଠନ, ବିଜେପି ପ୍ରାର୍ଥୀ ଅପରାଜିତାଙ୍କ ବିରୋଧରେ ଦଳୀୟ ଅସନ୍ତୋଷ, ମନ୍ମଥଙ୍କ ପିତା ସୁର ରାଉତରାୟଙ୍କ ଜନ ସମ୍ପର୍କ ସବୁ ବିଜେଡି ସପକ୍ଷରେ ଯିବା ପରି ମନେ ହେଉଛି ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରିବା ଆରମ୍ଭ କରିଛନ୍ତି।

ସମ୍ପ୍ରତି ଚର୍ଚ୍ଚାରେ ଥିବା ୪ ଲୋକସଭା ଆସନ ମଧ୍ୟରୁ ଉଭୟ ଦଳ ଗତ ନିର୍ବାଚନରେ ୨ଟି ଲେଖାଏଁ ବିଜୟୀ ହୋଇଥିଲେ। ମାତ୍ର ଆଗାମୀ ଦିନରେ ଫଳାଫଳ କ'ଣ ହେବ ଓ କାହା ସପକ୍ଷରେ ଜନାଦେଶ ଆସିବ ତାହା କେବଳ ଭବିଷ୍ୟତ ହିଁ କହିବ।

## ୪୯ ଆସନରେ...

ଦିଗପହଣ୍ଡି, ସାଂସଦ ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ନୂଆପଡ଼ାରୁ ପ୍ରାର୍ଥୀ କରିଛି ବିଜେପି।

ଚଳିତ ଥର ନିଜର ୨୨ଜଣ ସିଟିଂ ବିଧାୟକଙ୍କ ମଧ୍ୟରୁ ୧୭ଜଣଙ୍କ ଉପରେ ଦଳ ପୁଣିଥରେ ଆସ୍ଥା ପ୍ରକଟ କରିଛି। ତେବେ ମାଲକାନଗିରିର ସିଟିଂ ବିଧାୟକ ଆଦିତ୍ୟ ମାଢ଼ୀ ଓ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କୁ ଦଳ ଚଳିତଥର ଟିକେଟ ଦେଇନି। ଆଦିତ୍ୟଙ୍କ ସ୍ଥାନରେ ଦଳ ନରସିଂହ ମାଡକାମୀଙ୍କୁ ଏବଂ ଲଳିତେନ୍ଦୁଙ୍କ ବଦଳରେ ତାଙ୍କ ଝିଅାରୀ ଉପାସନା ମହାପାତ୍ରଙ୍କୁ ବ୍ରହ୍ମଗିରିରୁ ଟିକେଟ୍ ଦେଇଛି। ସେହିପରି ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀଙ୍କୁ ଦଳ ପୂର୍ବରୁ ମୟୂରଭଞ୍ଜ ସାଂସଦ ପ୍ରାର୍ଥୀ କରିସାରିଛି। ଅପରପକ୍ଷେ ବିଜେଡିରୁ ଆସିଥିବା ଅରବିନ୍ଦ ଢାଲିଙ୍କୁ ବିଜେପି ଜୟଦେବରୁ ପ୍ରାର୍ଥୀ କରିଥିବା ବେଳେ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ଦିଗପହଣ୍ଡି, ଆକାଶଦାସ ନାୟକଙ୍କୁ କୋରେଇରୁ ପ୍ରାର୍ଥୀ କରିଛି।

ଅନ୍ୟପକ୍ଷରେ ମହିଳାଙ୍କ ପାଇଁ ସଂରକ୍ଷଣ ଓ ନାରୀ ବନ୍ଦନ କଥା କହୁଥିବା ବିଜେପିର ବିଧାନସଭା ପ୍ରାର୍ଥୀ ସୂଚୀରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇ ନାହିଁ। ୧୧୨ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୮ଟି ଆସନରେ ମହିଳାଙ୍କୁ ଦଳ ଟିକଟ ଦେଇଛି। ବିଧାୟିକା କୁସୁମ ଟେଟେ ପୁଣିଥରେ ସୁନ୍ଦରଗଡ଼ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବାବେଳେ ବଣାଇଁରେ ସେବତୀ ନାୟକ, ବିଞ୍ଝାରପୁରରେ ବବିତା ମଲ୍ଲିକ, ଧର୍ମଶାଳାରେ ସ୍ମୃତିରେଖା ପହି, ବାଲିଗୁଡାରେ କଳ୍ପନା କୁମାର କହଁର, ନିମାପଡାରେ ପ୍ରଭାତୀ ପରିଡ଼ା, ବ୍ରହ୍ମଗିରିରେ ଉପାସନା ମହାପାତ୍ର, ନୟାଗଡରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ଟିକଟ ମିଳିଛି।

ନିକଟରେ ବିଜେପିରେ ଯୋଗ ଦେଇଥିବା ରଘୁରାମ ମାଛ କୋରାପୁଟରୁ, ପୂର୍ଣ୍ଣଚନ୍ଦ୍ର ସେଠୀ ଖଲ୍ଲିକୋଟ, ପ୍ରିୟଦର୍ଶୀ ମିଶ୍ର ଭୁବନେଶ୍ୱର-ଉତ୍ତରରୁ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ସେହିପରି ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କୁ ସୋର, ଆଠମଲ୍ଲିକରୁ ସଞ୍ଜିବ ସାହୁ, କଂଗ୍ରେସ ଛାଡ଼ି ବିଜେପିରେ ମିଶିଥିବା ନିହାର ରଞ୍ଜନ ମହାନନ୍ଦଙ୍କୁ ଅତାବିରାରୁ ପ୍ରାର୍ଥୀ କରାଯାଇଛି।

## ନୂଆପଡ଼ାରୁ ଶରତ...

ଆସନରୁ ତାରା ପ୍ରସାଦ ବାହିନୀପତି, କଣ୍ଟାବାଞ୍ଜିରୁ ସନ୍ତୋଷ ସିଂ ସାଲୁଜା, ନର୍ଲାରୁ ଭକ୍ତ ଦାସ, ରାଜଗାଙ୍ଗପୁରରୁ ରାଜନ ଏକ୍କା, ଲାଞ୍ଜିଗଡ଼ରୁ ବଳଭଦ୍ର ମାଝୀ, ମୋହନାରୁ ଦାଶରଥି ଗମାଙ୍ଗ, ସାନଖେମୁଣ୍ଡିରୁ ରମେଶ ଜେନା ପ୍ରତିଦ୍ୱନ୍ଦ୍ୱିତା କରିବେ। ବ୍ରଜରାଜନଗର ଆସନରୁ କିଶୋର ପଟେଲଙ୍କୁ ଦଳ ପ୍ରାର୍ଥୀ କରିଛି ଏବଂ କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କୁ ଦଳ ବଲାଙ୍ଗୀର ଟିକଟ ଦେଇଛି। ଅନ୍ୟପକ୍ଷରେ ପ୍ରଶାସକରୁ ରାଜନେତା ପାଲଟିଥିବା ବିଜୟ ପଟ୍ଟନାୟକ ପାରଳାଖେମୁଣ୍ଡିରୁ ପ୍ରାର୍ଥୀ ହୋଇଛନ୍ତି।

କଂଗ୍ରେସ ପକ୍ଷରୁ ଘୋଷଣା ହୋଇଥିବା ୪୯ ଟି ବିଧାନସଭା ଆସନ ମଧ୍ୟରୁ ୪୭ ଜଣ କଂଗ୍ରେସ ପ୍ରାର୍ଥୀ ରହିଥିବା ବେଳେ ବୀରମିତ୍ରପୁର ଆସନ ଜେଏମ୍ଏମ୍ ଓ ବଣାଇଁ ଆସନ ସିପିଆଇ-ଏମ୍ ପାଇଁ ଛାଡ଼ିଛି। ୪୯ ଆସନ ମଧ୍ୟରୁ ୧୨ ଆସନରେ ଗତ ନିର୍ବାଚନର ପ୍ରାର୍ଥୀଙ୍କୁ ଦଳ ପୁନର୍ବାର ଟିକଟ ଦେଇଛି। ସେହିପରି ୮ ଲୋକସଭା ଆସନ ମଧ୍ୟରେ ବର୍ତ୍ତମାନ କୋରାପୁଟ ସାଂସଦ ଥିବା ସପ୍ତଗିରି ଉଲ୍ଲାକାଙ୍କୁ ଦଳ ପୁଣି ଥରେ କୋରାପୁଟରୁ ପ୍ରାର୍ଥୀ କରିଛି। ଅଭିନେତାରୁ ରାଜନେତା ପାଲଟିଥିବା ମନୋଜ ମିଶ୍ରଙ୍କୁ ଦଳ ବଲାଙ୍ଗୀରରୁ ଲୋକସଭା ପ୍ରାର୍ଥୀ ଭାବେ ବାଛିଛି। ନବରଙ୍ଗପୁରରୁ ଦଳ ଭୁଜବଳ ମାଝୀଙ୍କୁ ଦଳ ଲୋକସଭା ପ୍ରାର୍ଥୀ କରିଛି।

## ଜନମତ ଆଧାରରେ...

ଉପାଦେୟତାକୁ ଅଧିକ ବୃଦ୍ଧି କରିବା ପାଇଁ ଶ୍ରୀ ପାଣ୍ଡିଆନ୍ ସାମାଜିକ ଗଣମାଧ୍ୟମରେ ଏକ ଭିଡିଏ ଜାରି କରିଛନ୍ତି। ଏହା ପ୍ରସାରିତ ହେବା ପରେ ନବୀନ ଓଡ଼ିଶା ମ୍ୟାଜିକ କାଡର୍‌କୁ ନେଇ ଯୁବବର୍ଗଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଅନେକ ଯୁବବର୍ଗ ଏହି କାଡର୍ ବ୍ୟବସ୍ଥାକୁ ସ୍ୱାଗତ କରିବା ସହ ନିଜର ମତାମତ ପ୍ରଦାନ କରିଛନ୍ତି। ମତାମତ ଦେବାକୁ ଇଚ୍ଛୁକ ବ୍ୟକ୍ତିମାନେ nomc.odisha@gmail.com ରେ ମେଲ୍ କରି ମତାମତ ପ୍ରଦାନ କରିପାରିବେ ବୋଲି ସୋସିଆଲ ମିଡ଼ିଆ ପୋଷ୍ଟରେ କୁହାଯାଇଛି।

ସୂଚନାଯୋଗ୍ୟ, 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ। ଯାହା ଯୁବକଙ୍କୁ ଶୈକ୍ଷିକ ଶିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ। ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ। ଶାରିରିକ ଏବଂ ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ। ଯାହା ସେମାନଙ୍କୁ ସେମାନଙ୍କ କ୍ୟାରିଅର ଅଭିବୃଦ୍ଧି ଏବଂ ବ୍ୟକ୍ତିତ୍ୱର ବିକାଶରେ ସାହାଯ୍ୟ କରିବ। 'ସମୃଦ୍ଧିର ପାସପୋର୍ଟ' କୁହାଯାଉଥିବା ଏହି କାର୍ଡରେ ବସ୍, ଟ୍ରେନ, ବିମାନରେ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ ଓ ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂରାଜୀ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିଅମ୍‌ରେ ପ୍ରବେଶ, ଜର୍ନାଲ୍ ଏବଂ ସେମିନାରଗୁଡିକରେ ପ୍ରବେଶ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ଛାତ୍ରଛାତ୍ରୀମାନେ ବିଶେଷ ସୁବିଧା ପାଇ ପାରିବେ। ଶିଳ୍ପ ସହିତ ଯୋଗାଯୋଗ କରି ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଁ ସୁଯୋଗ ପ୍ରଦାନ କରିବ। ଏହି କାର୍ଡ ଆସନ୍ତା ଅଗଷ୍ଟ ୧୫ ତାରିଖ ଅର୍ଥାତ ସ୍ୱାଧିନତା ଦିବସରେ ବଣ୍ଟନ କରାଯିବ।

## ରାଜ୍ୟ ବିଜେପିରେ...

ଚର୍ଚ୍ଚା ସୃଷ୍ଟି କରିଛି। ଦୁଇ ଦିନ ତଳେ ଖୋର୍ଦ୍ଧା ଜିଲ୍ଲାର ବିଜେପି ଟିକେଟ ଆଶାୟୀ କାଳିଚରଣ ଖଣ୍ଡାୟତରାୟ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟକୁ ଆସି ପ୍ରଶାନ୍ତ ଜଗଦେବ ଓ ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ ପ୍ରବଳ ନାରାବାଜି କରିଥିଲେ। ଟିକେଟ ନମିଳିଲେ ଭୟଙ୍କର ପରିଣାମ ଦେଖିବାକୁ ମିଳିବ ବୋଲି ସିଧା ସିଧା ଚରମବାଣୀ ଶୁଣାଇଥିଲେ କାଳୁ। ଆଜି ଦୁଇପାଦ ଆଗକୁ ଯାଇ ଧର୍ମଶାଳା ବିଜେପି ଟିକେଟ ଆଶାୟୀ ହିମାଂଶୁ ସାହୁଙ୍କ ସମର୍ଥକମାନେ ପ୍ରବଳ ଗଣ୍ଡଗୋଳ କରିଛନ୍ତି। ସେଠାରୁ ଅନ୍ୟତମ ଆଶାୟୀ ସ୍ମୃତିରେଖା ପହିଙ୍କୁ ଟିକଟ ମିଳିବା ପରେ ହଜାର ହଜାର ସଂଖ୍ୟାରେ ହିମାଂଶୁଙ୍କ ସମର୍ଥକମାନେ ରାଜ୍ୟକାର୍ଯ୍ୟାଳୟକୁ ଆସି ପ୍ରତିବାଦ କରିଥିଲେ। ଟିକେଟ ପରିବର୍ତ୍ତନ କରି ହିମାଂଶୁଙ୍କୁ ଟିକେଟ ନମିଳିଲେ ସେମାନେ ଚରମ ନିଷ୍ପତ୍ତି ନେବେ ବୋଲି ହିମାଂଶୁଙ୍କ ସମର୍ଥକମାନେ ଖୋଲା ଚେତାବନୀ ଦେଇଛନ୍ତି। ସେହିପରି ବିଜେପିର ଟାଣୁଆ ନେତ୍ରୀ ତଥା ରଣପୁର ଆଶାୟୀ ସୁରମା ପାଢ଼ୀଙ୍କ ଟିକଟ କଟିବା ପରେ ମଧ୍ୟ ସେଠାରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରାର୍ଥୀ ତାପସ ରଞ୍ଜନ ମାର୍ଥାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ସୁରମାଙ୍କ ସମର୍ଥକମାନେ ପ୍ରବଳ ହୋ ହଲ୍ଲା, ପାଟିତୁଣ୍ଡ କରିଛନ୍ତି। ଅନୁରୂପ ଭାବେ ଖଣ୍ଡପଡ଼ାରେ ବିଜେପି ରାଜ୍ୟ ଯୁବ ସଭାପତି ଅଭିଲାଷ ପଣ୍ଡାଙ୍କୁ ଟିକଟ ନମିଳିବା ପରେ ତାଙ୍କର ସମର୍ଥକମାନେ ସାମାଜିକ ଗଣମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର(ରାଜୁ) ଦାସଙ୍କୁ ସୋରରୁ ଟିକଟ ମିଳିବା ପରେ ସେଠାରେ ସ୍ଥିତି ଅସମ୍ଭାଳ ହୋଇଛି। "ବାହାର ନେତାଙ୍କ ରାଜ୍ ସୋରରେ ଚଳିବ ନାହିଁ" ବୋଲି ନାରା ଦେଇ ସ୍ଥାନୀୟ ବିଜେପି କର୍ମୀମାନେ ପ୍ରବଳ ଅସନ୍ତୋଷ ପ୍ରକଟ କରିଛନ୍ତି। ଭୁବନେଶ୍ୱର ଉତ୍ତରରେ ପ୍ରିୟଦର୍ଶୀ ମିଶ୍ରଙ୍କୁ ଦଳ ଟିକଟ ପ୍ରଦାନ କରିବା ପରେ ଅନ୍ୟତମ ଆଶାୟୀ ଯୁଗାଂଶୁ ପଣ୍ଡା ଏହାକୁ ତୀବ୍ର ବିରୋଧ କରିବା ସହ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଏଥିପାଇଁ ସିଧାସଳଖ ଦାୟୀ କରିଛନ୍ତି। ସେହିପରି ଜୟଦେବ ଆସନରୁ ଅରବିନ୍ଦ ଢାଲିଙ୍କୁ ଟିକଟ ମିଳିବା ପରେ ଅନ୍ୟ ଆଶାୟୀଙ୍କ ମଧ୍ୟରେ ଚରମ ଅସନ୍ତୋଷ ଦେଖିବାକୁ ମିଳିଛି। ଏପରିକି ଢାଲିଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି ଆଶାୟୀ ସତ୍ୟପ୍ରିୟ ବେହେରାଙ୍କ ସମର୍ଥକ। କେବଳ ଏତିକି ନୁହେଁ, ଦଳର ପ୍ରାର୍ଥିତ୍ୱକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପି କର୍ମୀଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ଏପରିକି ଟିକଟ ପାଇନଥିବା ବିଜେପିର ଅନେକ ନେତାଏ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା କରିବାକୁ ନିଜ ସମର୍ଥକଙ୍କ ସହ ଆଲୋଚନା ଆରମ୍ଭ କରିଥିବା ଜଣାପଡ଼ିଛି। ଏପରି ହେଲେ ବିଜେପି ଆସନ୍ତା ନିର୍ବାଚନରେ ସର୍ବାଧିକ କ୍ଷତି ସହିପାରେ ବୋଲି ରାଜନୀତିକ ବିଶେଷଜ୍ଞ ଆଶଙ୍କା ପ୍ରକାଶ କରିଛନ୍ତି। କଂଗ୍ରେସକର୍ମୀ ମହଲରେ ମଧ୍ୟ ଟିକଟ ବଣ୍ଟନକୁ ନେଇ ଅନୁରୂପ ଅସନ୍ତୋଷ ପ୍ରକାଶ ପାଇଛି। ଟିକଟ ଦାବି କରି ଦଳର ଅସନ୍ତୁଷ୍ଟ ନେତାମାନେ ଆଜି କଂଗ୍ରେସ ଭବନରେ ପ୍ରବଳ ହଟଗୋଳ କରିଛନ୍ତି। ଜଳେଶ୍ୱର କଂଗ୍ରେସ ଟିକେଟ ଆଶାୟୀ ସୁଦର୍ଶନ ଦାସ ନିଜ ସମର୍ଥକଙ୍କ ସହ ଟିକେଟ ଦାବିରେ ଅଡ଼ି ବସିଥିଲେ। ସୁଦର୍ଶନ ଟିକେଟ ପାଉନଥିବା ଆଶଙ୍କା କରି ସେମାନଙ୍କ ସମର୍ଥକ ପିସିସି ଅଫିସରେ ଧାରଣାରେ ବସିଥିବା ବେଳେ ସଭାପତି ସେମାନଙ୍କୁ ବୁଝାସୁଝା କରିଥିଲେ। ଯାହାକୁ ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି। ଟିକଟରୁ ବଞ୍ଚିତ ଆଶାୟୀ ପ୍ରାର୍ଥୀଙ୍କ ଅସନ୍ତୋଷର ବହ୍ନି ଆଗାମୀ ଦିନରେ କେଉଁ ରୂପ ନେବ ତାହାକୁ ନେଇ ରାଜନୈତିକ ମହଲରେ ଆକଳନ ଆରମ୍ଭ ହୋଇଛି। ଏପରିକି ନିର୍ବାଚନ ପରିପ୍ରେକ୍ଷିରେ ଦଳର ପ୍ରଦର୍ଶନକୁ ପ୍ରଭାବିତ କରିବା ନେଇ ଆଶଙ୍କା କରାଯାଉଛି।

## ବେଲଜିୟମ୍‌ରେ ଉତ୍କଳ ଦିବସ



**ଭୁବନେଶ୍ୱର, ୨।୪ (ସମିସ):** ବେଲଜିୟମ୍‌ର ରାଜଧାନୀ ବ୍ରସେଲସ୍‌ଠାରେ ବେଲଜିୟମ୍ ଓଡ଼ିଆ ଆସୋସିଏସନ୍ ପକ୍ଷରୁ ଉତ୍କଳ ଦିବସ ଓ ହୋଲି ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବେଲଜିୟମ୍‌ର ମିସନ୍ ଇନ୍ ଇଣ୍ଡିଆ ଆମ୍ବାସିର ଡେପୁଟି ଚିଫ୍ ଦେବାଶିଷ ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ସହ ଓଡ଼ିଆ ସିନେମାର ଲୋକପ୍ରିୟ ଗୀତଗୁଡ଼ିକ ମଧ୍ୟ ପରିବେଷଣ କରାଯାଇଥିଲା। ଏହାସହ କୁନିକୁନି ପିଲାଙ୍କ ମଧ୍ୟରେ ଫ୍ୟାସନ୍ ଓ ରାମ୍ପ୍ ସୋ' କରାଯାଇଥିଲା। କାର୍ଯ୍ୟକ୍ରମରେ ବେଲଜିୟମ୍‌ରେ ରହୁଥିବା ପ୍ରବାସୀ ଓଡ଼ିଆମାନେ ଓଡ଼ିଶାର ପାରମ୍ପରିକ ବସ୍ତ୍ର ପରିଧାନ କରି ଉତ୍କଳ ଦିବସର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହାସହ ସାମୂହିକ ଭାବେ ହୋଲି ଅନୁଷ୍ଠିତ ହୋଇଥିଲା।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା** CAD-3

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ଫୋନ୍ : (୦୬୭୪) ୨୩୯୩୫୨୪

ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍ : www.oshb.org

**ବିଜ୍ଞାପନ**

ପତ୍ର ସଂଖ୍ୟା: ୭୦ | ତା. ୨୦.୦୩.୨୦୨୪

H-272/2013

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦାଖଲ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୧ ୰ ଦୁଃଶାସନ ମହାରଣା, ପିତା-୰ବାସୁଦେବ ମହାରଣା, ସା-ସା-ବୁରୁଝରୀ, ପୋ-ନୁଆଗାଁ, ଥାନା-କୋଦଳା, ଜିଲ୍ଲା-ଗଞ୍ଜାମ | ଏଲ୍.ଆଇ.ଜି -୬୩୯ LIG-639 ଦୁମୁଦୁମା ହାଉସିଂ ପ୍ରକଳ୍ପ ୨ ୟ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା | ୧-ରତ୍ନାକର ମହାରଣା-(ବି.ପୁତ୍ର) ୨-ରବୀନ୍ଦ୍ର ମହାରଣା-(ବି.ପୁତ୍ର) ୩-ମମତା କୁମାରୀ ମହାରଣା-(ବି.କନ୍ୟା) ୪-ଗୀତାଞ୍ଜଳି ମହାରଣା-(ବି.କନ୍ୟା) ୫-ସବିତା ମହାରଣା-(କନ୍ୟା) ୬-ରାଜେନ୍ଦ୍ର ମହାରଣା- (ପୁତ୍ର) |

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0003/2425



**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact-Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Priyadarshini, W/o- Sai Prakash Jena, Plot No. 7D/1185, CDA, Sector-9, Dist- Cuttack, Pin-753014, Odisha declare by this affidavit No. 591, dated- 02/04/2024, that now onwards I shall be known as **PRIYADARSHINI JENA** for all future purposes.

**AFFIDAVIT**

I, Meenati Das, W/o- Satyabrata Das, resident of At/Po/Ps- Bariguda, Near Block Coloni, Dist- Koraput, Pin-764056, Odisha declare by this affidavit No.5832, dated- 30/03/2024, that now onwards I shall be known as **MINATI BEHERA** for all future purposes.

**AFFIDAVIT**

I Kum Neelam Agrawal, D/o- Late Naarad Mal Agrawal, Resident At - HIG - 4 / 4, BDA Colony, Po / Ps- Chandrasekharpur, Bhubaneswar,-751016, Dist-Khordha, Odisha. Declare by this affidavit No.68AA933504 on dated 27.03.2024 that now onwards I shall be known as **NILAM AGRAWAL** for all future puporses.

**କବଲା ହଜିଛି**

ଆମ୍ଭେ ଶ୍ରୀମତୀ ମିନା କୁମାରୀ ପ୍ରଧାନ ସ୍ୱା:- ବାମଦେବ ପ୍ରଧାନ,ସା:-ବାବୁଲି ପଡ଼ା, ଅଳଗୁମ ଥାନା:-ସତ୍ୟବାଦୀ,ଜି:-ପୁରୀ। ଏତଦ୍ୱାରା ଘୋଷଣା କରୁଛି ଯେ ମୁଁ ତା୧୫.୧୧.୨୦୦୬ରିଖ ରେ ଶ୍ରୀ ସୁରେନ୍ଦ୍ର ନାୟକ,ପି:-ସ୍ୱର୍ଗତ ରମେଶ ଚନ୍ଦ୍ର ନାୟକ,ସା:-କୁଣ୍ଡେଇ ବେଣ୍ଟ ସାହି, ଥାନା:- ପୁରୀ ଟାଉନ,ଜି:-ପୁରୀ,ଓଡ଼ିଶା ଙ୍କ ଠାରୁ କିଣିଥିବା ଖ.ନଂ:-୩୩/୩୮୦ ପ୍ଲଟ ନଂ:- ୧୫୭/୬୧୧ ରୁ ଏ୦.୦୨.୭୦ ଓ ଖ.ନଂ:- ୩୩/୩୮୦ ପ୍ଲଟ ନଂ ୧୮୧/୬୧୨ରୁ ଏ ୦.୦୧.୩୦ ଉଭୟ ପ୍ଲଟ ର ମୋଟ ଏରିଆ ଏ୦.୦୪.୦୦୦ RSD no:-4879 ତା୧୫/୧୧/୨୦୦୬ ଅରିଜିନାଲ ଜମି ରେଜିଷ୍ଟ୍ରେସନ କୋବଲାଟି ତା୨୩/୦୮/୨୦୧୮ ମରିଚିକୋଟ ଛକ ନିକଟରୁ ଫେରୁଥିବା ସମୟରେ କେଉଁଠାରେ ହଜି ଯାଇଛି। ତେଣୁ ଆମ୍ଭେ ଟାଉନ ଥାନା କେସ ନଂ:-୧୨ ତା୨୩/୦୮/୨୦୧୮ରିଖ ଓ ପୁନଃ ଟାଉନ ଥାନା କେସ ନଂ:-୧୪ ତା୩୦/୦୩/୨୦୨୪ ଦିନ ଟାଉନ ଥାନାରେ ଜଣାଇ ଅଛୁ। ତେଣୁ ଏହି କବଲାଟି କେହି ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କଲେ ଆମ୍ଭେ ଦାୟୀ ରହିବୁ ନାହିଁ। କେହି ସହୃଦୟ ବ୍ୟକ୍ତି ପାଇଥିଲେ ମୋ: ନଂ:- ୯୮୬୧୦୮୪୪୪୭ କୁ ଯୋଗାଯୋଗ କରି ଫେରାଇଦେଲେ ଉପକୃତ ହେବି।

# ଇଡି ନିଶାଣରେ ଆଉ ୪ ଆପ୍ ନେତା

## ବିଜେପିରେ ମିଶିବାକୁ ପ୍ରବର୍ତ୍ତାଯାଉଛି: ଆତିଶୀ

ନୂଆଦିଲ୍ଲୀ, ୨।୪(ଏଜେନ୍ସି)

: ଆମ୍ ଆଦମୀ ପାର୍ଟି(ଆପ୍) ମନ୍ତ୍ରୀ ଆତିଶୀ ଆଜି ଭାରତୀୟ ଜନତା ପାର୍ଟି(ବିଜେପି) ଉପରେ ଦୋଷାରୋପ କରି କହିଛନ୍ତି, ବିଜେପି ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ଜରିଆରେ ଅଫର ପଠାଇଛି ଯେ ସେ ବିଜେପିରେ ଯୋଗ ଦେଇ ନିଜ କ୍ୟାରିୟରକୁ ଉର୍ଦ୍ଧ୍ୱଗାମୀ କରିପାରିବେ। ଅନ୍ୟଥା ମାସକ ଭିତରେ ତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗିରଫ କରିବ। ଏକ ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲୀ ମନ୍ତ୍ରୀ ଆତିଶୀ ଆଜି କହିଛନ୍ତି, ଯାହାଙ୍କ ଜରିଆରେ ମୋତେ ବିଜେପିରେ ଯୋଗ ଦେବାକୁ ପ୍ରବର୍ତ୍ତା ଯାଇଥିଲା ସେହି ବ୍ୟକ୍ତି ମୋତେ କହିଛନ୍ତି, ଆମ୍ ଆଦମୀ ପାର୍ଟିକୁ ଓ ତାହାର ସମସ୍ତ ନେତାଙ୍କୁ ରାଜନୀତିରୁ ହଟାଇ ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପି ମନସ୍ଥ କରିସାରିଛନ୍ତି। ପ୍ରଥମେ ସେମାନେ ଆପର ଆଗଧାଡ଼ିର ନେତା ମନୀଷ ସିସୋଦିଆ, ସତ୍ୟେନ୍ଦ୍ର ଜୈନ, ସଞ୍ଜୟ ସିଂହଙ୍କୁ ଓ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଜେଲରେ ଭର୍ତ୍ତି କରିଛନ୍ତି। ଏବେ ଲୋକସଭା ନିର୍ବାଚନ ପୂର୍ବରୁ ଆଉ ୪ଜଣ ଆପ୍ ନେତାଙ୍କୁ ଗିରଫ କରାଯିବା ବିଜେପି ଚାହୁଁଛି। ସେମୋନେ ମୋତେ, ସୌରଭ ଭରଦ୍ୱାଜ, ଦୁର୍ଗେଶ ପାଠକ ଓ ରାଘବ ଚଢ଼ାଙ୍କୁ ଗିରଫ କରିବେ। ତେବେ ଆତିଶୀ ତାଙ୍କୁ ବିଜେପିରେ ଯୋଗ ଦେବାକୁ ଅଫର୍ ଦେଇଥିବା ବ୍ୟକ୍ତିଙ୍କ ନାମ ପ୍ରକାଶ କରିନାହାନ୍ତି। ଆତିଶୀ କହିଛନ୍ତି, ଅରବିନ୍ଦ ଗିରଫ ହୋଇ ଜେଲ ଯିବା ପରେ ଆପ୍ ଆପେ ଭାଙ୍ଗିଯିବ ବୋଲି ବିଜେପି ଭାବିଛି। କାରଣ ଆପର ସମସ୍ତ ଛାମୁଆଁ ନେତା ଜେଲରେ ଅଛନ୍ତି। ମୋତେ କୁହାଯାଇଛି, ପ୍ରଥମେ ଇଡି ମୋ ଘରେ ଚଢ଼ଉ କରିବ। ମୋତେ ସମନ ଦିଆଯାଇ ଡକାଯିବ ଓ ଗିରଫ କରାଯିବ। ଏହିପରି ସୌରଭ, ଦୁର୍ଗେଶ ଓ ରାଘବଙ୍କୁ ମଧ୍ୟ ଗିରଫ କରାଯିବ।



### ସୁନୀତାଙ୍କୁ ଭେଟିଲେ ଆପ୍ ବିଧାୟକ



ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଏପ୍ରିଲ ୧୫ ଯାଏ ଜେଲ ହାଜତକୁ ପଠାଯିବା ପରେ ଆମ୍ ଆଦମୀ ପାର୍ଟି (ଆପ୍)ର ୫୫ଜଣ ବିଧାୟକ ଆଜି ଅରବିନ୍ଦଙ୍କ ପତ୍ନୀ ସୁନିତାଙ୍କୁ ଭେଟିଥିଲେ। ସେମାନେ ସୁନିତାଙ୍କୁ ଜଣାଇଥିଲେ ଯେ ଆପ୍ ରାଷ୍ଟ୍ରୀୟ ଆବାହକ ଓ ମୁଖ୍ୟମନ୍ତ୍ରୀ ଭାବେ ଅରବିନ୍ଦ ଜେଲରୁ ସରକାର ଚଳାନ୍ତୁ। ଦିଲ୍ଲୀର ଦୁଇକୋଟି ଜନତା କେଜ୍ରିଓ୍ୱାଲଙ୍କ ସମର୍ଥନରେ ଅଛନ୍ତି। ତେଣୁ କସ୍ମିନ୍ କାଳେ କେଜ୍ରିଓ୍ୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନଦିଅନ୍ତୁ। କେଜ୍ରିଓ୍ୱାଲ ଗତ ମାର୍ଚ୍ଚ ୨୧ରେ ଗିରଫ ହୋଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ରିମାଣ୍ଡରେ ୧୧ ଦିନ ରହିବା ପରେ ଏବେ ଏପ୍ରିଲ ୧୫ ଯାଏ ଜେଲ ହାତରେ ରହିବେ। ତେଣୁ ସୁନିତା ପାର୍ଟିର ଜନତା ଓ ଗଣମାଧ୍ୟମ ସହ ଯୋଗାଯୋଗ ଦାୟିତ୍ୱ ସମ୍ଭାଳୁଛନ୍ତି। ସେ ୩ଟି ଡିଜିଟାଲ ମିଡିଆ ବ୍ରିଫିଂ କଲେଣି। ଗତ ରବିବାର ଦିଲ୍ଲୀରେ ଇଣ୍ଡି ମେଣ୍ଟର ପ୍ରତିବାଦ ପ୍ରଦର୍ଶନ ସଭାରେ ସୁନିତା ମଞ୍ଚାସୀନ ଥିଲେ ଓ ସ୍ୱାମୀ ଅରବିନ୍ଦ ଜେଲରୁ ପଠାଇଥିବା ବାର୍ତ୍ତା ପାଠ କରିଥିଲେ।

### ସଞ୍ଜୟ ସିଂହଙ୍କୁ ଜାମିନ ମିଳିଲା



ଦିଲ୍ଲୀ ମଦ ନୀତି ନିର୍ଦ୍ଧାରଣରେ ଦୁର୍ନୀତି ଓ ସେ ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗିରଫ ହୋଇ ଦିଲ୍ଲୀର ତିହାର ଜେଲରେ ୬ମାସରୁ ଅଧିକ କାଳର ବନ୍ଦୀ ଜୀବନ କଟାଇଥିବା ଆମ୍ ଆଦମୀ ପାର୍ଟି ନେତା ତଥା ସାଂସଦ ସଞ୍ଜୟ ସିଂହଙ୍କୁ ଆଜି ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ସଞ୍ଜୟଙ୍କ ଜାମିନ ଓ୍ୱଦନର ବିଚାର କରି କୋର୍ଟ ଇଡିକୁ ପ୍ରଶ୍ନ କରିଥିଲେ. ଟ୍ରାଏଲ ଚାଲିନାହିଁ, କଥିତ ୨କୋଟି ଲାଞ୍ଚ ଟଙ୍କା ଜବଦ ହୋଇପାରିନାହିଁ ତ ଅଭିଯୁକ୍ତ କାହିଁକି ୬ମାସରୁ ଅଧିକ କାଳ ଜେଲରେ ରହିବେ? ଅତିରିକ୍ତ ସଲିସିଟର ଜେନେରାଲ ଏସଭି ରାଜୁଙ୍କୁ କୋର୍ଟ କହିଥିଲେ, ଇଡି ସହ ଆଲୋଚନା କରି ଜଣାନ୍ତୁ, ସଞ୍ଜୟଙ୍କୁ କଷ୍ଟୋଡିରେ ନେବାକୁ ଇଡି ଚାହୁଁଛି କି ନାହିଁ। ସଞ୍ଜୟଙ୍କୁ କଷ୍ଟୋଡିରେ ନେବାକୁ ଚାହୁଁନାହୁଁ ବୋଲି ଇଡି ଜଣାଇବା ପରେ କୋର୍ଟ ତାଙ୍କୁ ଜାମିନ ମଞ୍ଜୁର କରିଛନ୍ତି।

## ଜେଲ୍‌ରେ ରାତି କାଟିଲେ କେଜ୍ରିଓ୍ୱାଲ



ନୂଆଦିଲ୍ଲୀ,୨।୪(ଏଜେନ୍ସି): ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ୧୫ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯିବା ପରେ ସେ ଗତକାଲି ତିହାର ୨ ନମ୍ବର ଜେଲ୍‌ରେ ଏକୁଟିଆ ରାତି ବିତାଇଛନ୍ତି। ପ୍ରାୟ ୧୦ ବର୍ଷ ପରେ ପୁଣି ସେ ତିହାର ଜେଲକୁ ଆସିଥିଲା ବେଳେ ତାଙ୍କୁ ବ୍ୟାରାକ୍ ପରିବର୍ତ୍ତେ ସେଲରେ ରଖାଯାଇଛି। ଜେଲ୍ ପ୍ରଶାସନ ସୂଚନା ଅନୁଯାୟୀ, କେଜ୍ରିଓ୍ୱାଲଙ୍କୁ ରାତିରେ ତାଙ୍କ ଘର ପ୍ରସ୍ତୁତ ଖାଦ୍ୟ ଦିଆଯାଇଥିଲା ବେଳେ ଘରୁ ଆସିଥିବା କମ୍ବଳ, ତକିଆ ଏବଂ ଗଦି ଦିଆଯାଇଥିଲା। ରାତ୍ର ଭୋଜନ ପରେ କେଜ୍ରିଓ୍ୱାଲ ଶ୍ରୀମଦ ଭଗବତ୍ ଗୀତା, ରାମାୟଣ ଏବଂ 'ହାଓ ପ୍ରାଇମିନିଷ୍ଟର ଡିସାଇଡ' ପୁସ୍ତକ ମାଗିଥିଲେ। ରାତିରେ ସେ କିଛି ଘଣ୍ଟା ଶୋଇଥିଲେ ହେଁ ତା' ପୂର୍ବରୁ ରାମାୟଣ ଏବଂ ମହାଭାରତ ପଢିଥିବା କୁହାଯାଇଛି।

## ମହୁଆଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା

ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ଟିଏମ୍‌ସି ନେତ୍ରୀ ମହୁଆ ମୋଇତ୍ରଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ତାଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ରୁଜୁ କରିଛି। ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲାରେ ସିବିଆଇ ଏତଲା ଆଧାରରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମହୁଆ ବିଦେଶୀ ମୁଦ୍ରା ପରିଚାଳନା ଆଇନ (ଫେମା) ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ଇଡି ଫେମା ସମ୍ବନ୍ଧିତ ଅନ୍ୟ ଏକ ମାମଲାରେ ମହୁଆଙ୍କୁ ସମନ ପଠାଇ ଗତ ୨୮ ତାରିଖରେ ହାଜର ହେବାକୁ କହିଥିଲା। କିଛି ଫରେନ ଟ୍ରାଞ୍ଜାକ୍ସନ ଏବଂ ଏକ ଏନଆରଆଇ ଖାତା ସମ୍ବନ୍ଧିତ କାରବାର ଏଜେନ୍ସିର ଯାଞ୍ଚ ପରିସରରେ ରହିଛି। ତେବେ ମହୁଆ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବା ଦର୍ଶାଇ ହାଜର ହେବାକୁ ମନା କରିଦେଇଥିଲେ। ପରେ ଏଜେନ୍ସି ତାଙ୍କୁ ତୃତୀୟ ସମନ ଜାରି କରିଥିଲା।



## ପୁଣି ୧୭ ପ୍ରାର୍ଥୀଙ୍କ ତାଲିକା ପ୍ରକାଶକଲା କଂଗ୍ରେସ

ନୂଆଦିଲ୍ଲୀ,୨।୪(ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନ ତାରିଖ ପାଖେଇ ଆସୁଥିଲା ବେଳେ କଂଗ୍ରେସ ୪ଟି ରାଜ୍ୟ ପାଇଁ ମଙ୍ଗଳବାର ୧୭ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, ବିହାର ଏବଂ ପଶ୍ଚିମବଙ୍ଗର ବିଭିନ୍ନ ଲୋକସଭା ଆସନ ପାଇଁ ଏହି ତାଲିକା ଜାରି କରାଯାଇଛି। ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଓ୍ୱାଇ ଏସ୍ ଜଗନ ମୋହନ ରେଡ୍ଡିଙ୍କ ଭଉଣୀ ତଥା ରାଜ୍ୟ କଂଗ୍ରେସ ସଭାପତି ଓ୍ୱାଇ ଏସ ଶର୍ମିଳା ରେଡ୍ଡିଙ୍କୁ ଦଳ କଡ଼ାପା ଆସନରେ ପ୍ରାର୍ଥୀ କରିଛି। ବିହାରର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ତାରିକ୍ ଅନଓ୍ୱାରଙ୍କୁ କଟିହାରରୁ ପ୍ରାର୍ଥୀ କରାଯାଇଥିଲା ବେଳେ ମହମ୍ମଦ ଜାଭେଦଙ୍କୁ କିଷନଗଞ୍ଜରୁ ପ୍ରାର୍ଥୀ କରାଯାଇଛି। ସେହିପରି ପଶ୍ଚିମବଙ୍ଗର ଦାର୍ଜିଲିଂ ଆସନରେ ମୁନିଷ ତମାଙ୍ଗଙ୍କୁ ଦଳ ପ୍ରାର୍ଥୀ ଭାବେ ଘୋଷଣା କରିଛି।

## ଡମ୍ଫର-ଅଟୋ ଧକ୍କା; ୭ ମୃତ



ଚିତ୍ରକୂଟ, ୨।୪ (ଏଜେନ୍ସି): ଉତ୍ତରପ୍ରଦେଶ ଚିତ୍ରକୂଟର ଅମାନପୁର ଗ୍ରାମ ନିକଟରେ ମଙ୍ଗଳବାର ସକାଳେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ଅଟୋ ଏବଂ ଡମ୍ଫର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଅଟୋରେ ଯାତ୍ରା କରୁଥିବା ୭ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ତେବେ ଡମ୍ଫର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସୂଚନା ଅନୁଯାୟୀ ଅଟୋ ଏକ ଗାଡ଼ିକୁ ଅତିକ୍ରମ କରି ଆଗକୁ ଯିବାକୁ ଚାହୁଁଥିଲା। ଏହି ସମୟରେ ଡମ୍ଫର ସହ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଅଟୋ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। କିଛି ଲୋକ ଗାଡ଼ି ଭିତରେ ଫସି ଯାଇଥିବାବେଳେ ଆଉ କିଛି ରାସ୍ତା ଉପରେ ପଡ଼ି ଯାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲା। ଅଟୋରେ ଫସି ଯାଇଥିବା ଲୋକଙ୍କୁ କ୍ରେନ୍ ମାଧ୍ୟମରେ ବାହାର କରାଯାଇଥିଲା।

## ଜଳିଗଲା ୬୦ରୁ ଅଧିକ ବସ୍ତି

କାନପୁର, ୨।୪ (ଏଜେନ୍ସି): ଉତ୍ତରପ୍ରଦେଶ କାନପୁରର ରାଖିମଣ୍ଡିରେ ମଙ୍ଗଳବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। କିଛି ସମୟ ମଧ୍ୟରେ ଏହି ନିଆଁ ବିକଟାଳ ରୂପ ଧାରଣ କରିଥିଲା। ଦେଖୁ ଦେଖୁ ୬୦ରୁ ଅଧିକ ବସ୍ତି, କବାଡ଼ିଆ ଗୋଦାମ ଏବଂ ଦୋକାନ ଜଳି ପାଉଁଶ ହୋଇ ଯାଇଥିଲା। ୫୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଉଠିଥିଲା। ଏହାର ଧୂଆଁ ପ୍ରାୟ ୩ କିମି ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ଲୋକେ ଯେନତେନ ପ୍ରକାରରେ ପଳାଇ ନିଜ ଜୀବନ ରକ୍ଷା କରିବାରେ ସକ୍ଷମ ହୋଇଥିଲେ। ସୂଚନା ଅନୁଯାୟୀ ବସ୍ତି ନିକଟରେ ଥିବା ଏକ ଅଳିଆ ଗଦା ପୋଡ଼ିବା ପାଇଁ ନିଆଁ ଲଗାଯାଇଥିଲା। ଏଥିରୁ ନିଆଁ ବସ୍ତିକୁ ବ୍ୟାପି ଯାଇଥିଲା ବୋଲି କୁହାଯାଉଛି। ସୂଚନା ଦିଆଯିବା ସତ୍ତ୍ୱେ ଦମକଳ ବାହିନୀ ଦେଢ଼ ଘଣ୍ଟା ପରେ ପହଞ୍ଚି ଥିଲା। ତେଣୁ ଅଧିକ କ୍ଷୟକ୍ଷତି ହୋଇଥିଲା।

● ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏମ୍‌ଆରଆଇ ସ୍କାନର୍

## ମସ୍ତିଷ୍କର ପ୍ରଥମ ଫଟୋ ଉଠାଇଲା




ସାକ୍‌ଲେ, ୨।୪ (ଏଜେନ୍ସି): ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏମଆର୍‌ଆଇ ସ୍କାନର ମନୁଷ୍ୟ ମସ୍ତିଷ୍କର ପ୍ରଥମ ଫଟୋ ଉତ୍ତୋଳନ କରିଛି। ଏହା ରହସ୍ୟମୟ ମସ୍ତିଷ୍କ ବିଷୟରେ ନୂଆ ଏବଂ ସଠିକ୍ ତଥ୍ୟ ଜାଣିବାରେ ସହାୟକ ହେବ। ସହଜରେ ରୋଗର ସନ୍ଧାନ କରିବ। ଫ୍ରାନ୍ସ ଅଟୋମିକ ଏନର୍ଜି କମିଶନ (ସିଇଏ) ପ୍ରଥମ ଥର ପାଇଁ ୨୦୨୧ରେ ଏହି ମେସିନକୁ ବ୍ୟବହାର କରିଥିଲା। ପ୍ରଥମେ ଏକ କଖାରୁର ସ୍କାନ କରାଯାଇଥିଲା। ମାତ୍ର ଏବେ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମନୁଷ୍ୟ ମସ୍ତିଷ୍କର ସ୍କାନ ପାଇଁ ଏହାକୁ ସବୁଜ ସଙ୍କେତ ଦେଇଛନ୍ତି। ଗତ କିଛି ମାସ ହେଲା ୨୦ରୁ ଅଧିକ ସ୍ୱେଚ୍ଛାସେବୀ ଏହି ଏମଆରଆଇ ମେସିନ ଭିତରେ ପ୍ରବେଶ କରିଥିଲେ। ଏହା ପ୍ୟାରିସ ସାକଲେ ସହରରେ ରହିଛି।

### ଅରୁଣାଚଳ ପ୍ରସଙ୍ଗରେ ଚୀନ୍‌କୁ ଭାରତର କଡ଼ା ଜବାବ

## ନାମ ପରିବର୍ତ୍ତନ ବାସ୍ତବତାକୁ ବଦଳାଇ ପାରିବନି

ନୂଆଦିଲ୍ଲୀ,୨।୪(ଏଜେନ୍ସି)

ଅରୁଣାଚଳକୁ ଦକ୍ଷିଣ ତିବ୍ବତର ଅଂଶ ବୋଲି ଦାବି କରିଆସୁଥିବା ଚୀନ୍ ଏବେ ପୁଣି ଏକ ନୂଆ ଚାଲ ଖେଳିଛି। କଳେ ବଳେ କୌଶଳେ ଅରୁଣାଚଳ ପ୍ରଦେଶ ଉପରେ କବ୍‌ଜା କରିବାକୁ ମସୁଧା କରିଥିବା ଚୀନ୍ ନୂଆ ଯୋଜନା କରି ଏବେ ଏହି ପ୍ରଦେଶର ୩୦ ସ୍ଥାନର ନାଁ ବଦଳାଇ ଦେଇଛି। ଏହି ନୂଆ ନାମକରଣକୁ ନେଇ ବେଜିଂ ପକ୍ଷରୁ ଏକ ତାଲିକା ପ୍ରକାଶ କରାଯାଇଥିଲା ବେଳେ ଏହାକୁ ଭାରତ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଅରୁଣାଚଳ ପ୍ରଦେଶ ଭାରତର ଅଂଶ ରହିଥିଲା ଏବଂ ରହିବ ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଚୀନକୁ କଡ଼ା ଜବାବ ଦିଆଯାଇଛି। ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ରଣଧିର ଜୟସଓ୍ୱାଲ କହିଛନ୍ତି ଯେ, ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନର ନାମ ବଦଳାଇ ଚୀନ୍ ମୂର୍ଖତାର ପରିଚୟ ଦେଇଛି। କେବଳ ନାମ ବଦଳାଇଲେ ବାସ୍ତବତା ବଦଳିଯାଏନି, ଏହାକୁ ଚୀନ୍ ବୁଝିବା ଦରକାର ବୋଲି ସେ କହିଛନ୍ତି। ଚୀନ୍‌ର ଏଭଳି ପ୍ରୟାସକୁ ଆମେ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରୁଛୁ। ମନଗଢ଼ା ନାଁ ରଖିବାଦେବା ଦ୍ୱାରା ବାସ୍ତବତା ବଦଳିଯିବ ନାହିଁ। ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଆଉ ରହିବ ବୋଲି ଜୟସଓ୍ୱାଲ କହିଛନ୍ତି। ସେହିପରି ଏହି ପ୍ରସଙ୍ଗକୁ ନେଇ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି, 'ନାମ ପରିବର୍ତ୍ତନ କରି ଚୀନ୍ କିଛି ବି ହାସଲ କରିପାରିବ ନାହିଁ। ଯଦି କେହି କାହାର ଘରର ନାଁ ପରିବର୍ତ୍ତନ କରେ, ତେବେ ସେହି ଘର କ'ଣ ସଂପୃକ୍ତ ବ୍ୟକ୍ତିଙ୍କ ହୋଇଯିବ କି ' ବୋଲି ଜୟଶଙ୍କର ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚୀନ୍ ବାରମ୍ବାର ଅରୁଣାଚଳ ପ୍ରଦେଶକୁ ନିଜର ବୋଲି ଦାବି କରିଆସୁଥିଲା ବେଳେ ନିଜର ଭୌଗୋଳିକ ମାନଚିତ୍ରରେ ମଧ୍ୟ ଏହାକୁ ସ୍ଥାନ ଦେଇଛି। ନିକଟରେ ଅରୁଣାଚଳ ପ୍ରଦେଶର ୩୦ଟି ସ୍ଥାନର ନାଁ ବଦଳାଇ ଚୀନ୍ ଏକ ତାଲିକା ଜାରି କରିଥିଲା। ଯେଉଁଥିରେ ସଂପୃକ୍ତ ଅଞ୍ଚଳର ନାମ ମାଣ୍ଡାରିନ ଅକ୍ଷରରେ ଲେଖା ହୋଇଥିବା ଦେଖିବାକୁ ମିଳିଥିଲା।



### ୬ ରାଜ୍ୟ ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କଲେ ଇସି

## ଯୋଗେନ୍ଦ୍ର, ରଜନୀକାନ୍ତ, ହିମାଳିନୀଙ୍କୁ ଓଡ଼ିଶା ଦାୟିତ୍ୱ

ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ନିର୍ବାଚନ କମିଶନ ମଙ୍ଗଳବାର ୬ ରାଜ୍ୟ ପାଇଁ ସ୍ୱତନ୍ତ୍ର ଜେନେରାଲ ଏବଂ ପୁଲିସ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଏହା ସହିତ ନିର୍ବାଚନ ବ୍ୟୟ ନିରୀକ୍ଷଣ ଲାଗି ଭାରତୀୟ ରାଜସ୍ୱ ସେବାର ପୂର୍ବତନ ଅଧିକାରୀଙ୍କୁ ୫ ରାଜ୍ୟରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଏମାନେ ବାହୁବଳ ଏବଂ ମିଥ୍ୟା ପ୍ରଚାରକୁ ରୋକି ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ କରାଇବାରେ ଇସିଙ୍କୁ ସହାୟତା କରିବେ। ସୂଚନା ଅନୁଯାୟୀ ବିହାର ପାଇଁ ରାଜସ୍ଥାନ କ୍ୟାଡରର ଅବସରପ୍ରାପ୍ତ ଅଧିକାରୀ ମନଜିତ ସିଂହ ଏବଂ ପୂର୍ବତନ ଆଇପିଏସ ବିବେକ ଦୁବେ, ମହାରାଷ୍ଟ୍ର ପାଇଁ ପୂର୍ବତନ ଆଇଏଏସ ଧର୍ମେନ୍ଦ୍ର ଏସ. ଗଙ୍ଗୱାର ଏବଂ ଆଇପିଏସ ଏନକେ ମିଶ୍ରଅରା, ୟୁପି ପାଇଁ ଆଇଏଏସ (ଅବସରପ୍ରାପ୍ତ) ଅଜୟ ଭି ନାୟକ ଏବଂ ପୂର୍ବତନ ଆଇପିଏସ ମନମୋହନ ସିଂ, ଆନ୍ଧ୍ରପ୍ରଦେଶ ପାଇଁ ୧୯୮୭ ବ୍ୟାଚର୍ ଆଇଏଏସ ରାମ ମୋହନ ମିଶ୍ରା ଓ ପୂର୍ବତନ ଆଇପିଏସ ଦୀପକ ମିଶ୍ରା, ପୂର୍ବତନ ଆଇଏଏସ ଆଲୋକ ସିହ୍ନା ଓ ଅବସରପ୍ରାପ୍ତ ଆଇପିଏସ ଅନିଲ କୁମାର ଶର୍ମାଙ୍କୁ ପଶ୍ଚିମବଙ୍ଗ ଏବଂ ପୂର୍ବତନ ଆଇଏସ ଯୋଗେନ୍ଦ୍ର ତ୍ରିପାଠୀ ଏବଂ ପୂର୍ବତନ ଆଇପିଏସ ରଜନୀକାନ୍ତ ମିଶ୍ରାଙ୍କୁ ଓଡ଼ିଶା ଦାୟିତ୍ୱ ଦିଆଯାଇଛି। ସେହିପରି ପୂର୍ବତନ ଆଇଆରଏସ ରାଜେଶ ତୁଟେଜାଙ୍କୁ ଉତ୍ତରପ୍ରଦେଶ, ହିମାଳିନୀ କଶ୍ୟପଙ୍କୁ ଓଡ଼ିଶା, ବି ମୁରଲୀ କୁମାରଙ୍କୁ କର୍ଣ୍ଣାଟକ, ନୀନା ନିଗମଙ୍କୁ ଆନ୍ଧ୍ରପ୍ରଦେଶ ଏବଂ ବିଆର ବାଳକୃଷ୍ଣଙ୍କୁ ତାମିଲନାଡୁ ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ (ବ୍ୟୟ ନିରୀକ୍ଷଣ) ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଇସି ନିର୍ବାଚନରେ ଭୁଲ୍ ତଥ୍ୟର ସକ୍ରିୟ ମୁକାବିଲା ପାଇଁ 'ମିଥ୍ ଭର୍ସେସ୍ ରିଅଲିଟି ରେଜିଷ୍ଟର'ର ଶୁଭାରମ୍ଭ କରିଛନ୍ତି।

### ୫ ରାଜ୍ୟର ୮ ଜିଲ୍ଲାପାଳ, ୧୨ ଏସ୍‌ପିଙ୍କ ବଦଳି କଲେ ଇସି

ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ଲୋକସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ (ଇସି) ମଙ୍ଗଳବାର ୫ ରାଜ୍ୟର ୮ ଜିଲ୍ଲାପାଳ ଏବଂ ୧୨ ଏସ୍‌ପିଙ୍କୁ ବଦଳି କରିଦେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନ (ସିଇସି) ରାଜୀବ କୁମାରଙ୍କ ନେତୃତ୍ୱରେ ବସିଥିବା ନିୟମିତ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବିହାର, ଝାଡ଼ଖଣ୍ଡ, ଆସାମ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଏହି ଅଧିକାରୀମାନଙ୍କୁ ତୁରନ୍ତ ନିଜ କନିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ କୁହାଯାଇଛି। ସାଧାରଣ ନିର୍ବାଚନ ଶେଷ ନ ହେବା ପର୍ଯ୍ୟନ୍ତ ଏମାନଙ୍କୁ କୌଣସି ନିର୍ବାଚନ ଦାୟିତ୍ୱ ନ ଦେବାକୁ କୁହାଯାଇଛି। ସେହିପରି ରାଜ୍ୟମାନଙ୍କୁ ଆଇଏଏସ ଏବଂ ଆଇପିଏସଙ୍କ ନାମ ତାଲିକା ପ୍ରଦାନ କରିବାକୁ ଇସି ନିର୍ଦ୍ଦେଶ ଦେଇଛନ୍ତି।

## ତୃତୀୟ ଥର ଇଜିପ୍ଟ ରାଷ୍ଟ୍ରପତି ହେଲେ ଅଲ୍-ସିସି

କାଇରୋ, ୨।୪ (ଏଜେନ୍ସି)

ଅବଦେଲ ଫତେହ ଅଲ୍-ସିସି (୬୯) ତୃତୀୟ ଥର ପାଇଁ ଇଜିପ୍ଟର ରାଷ୍ଟ୍ରପତି ହୋଇଛନ୍ତି। ସେ ସୋମବାର ସଂସଦ ଭବନରେ ଶପଥ ଗ୍ରହଣ କରିଛନ୍ତି।



୨୦୩୦ ପର୍ଯ୍ୟନ୍ତ ସେ ରାଷ୍ଟ୍ରପତି ପଦରେ ରହିବେ। ଏହା ତାଙ୍କର ଶେଷ କାର୍ଯ୍ୟକାଳ ହେବ ବୋଲି କୁହାଯାଉଛି। କାରଣ ଆଉ ଥରେ ନିର୍ବାଚନ ଲଢ଼ିବାକୁ ଚାହିଁଲେ ତାଙ୍କୁ ସମ୍ବିଧାନରେ ପରିବର୍ତ୍ତନ କରିବାକୁ ପଡ଼ିବ। ଅଲ୍-ସିସି ଗତ ବର୍ଷ ଡିସେମ୍ବରରେ ହୋଇଥିବା ନିର୍ବାଚନରେ ୮୯.୬ ପ୍ରତିଶତ ଭୋଟ ସହିତ ବୃହତ ବିଜୟ ହାସଲ କରିଥିଲେ। ତାଙ୍କ ଶପଥ ଗ୍ରହଣ ସହିତ ଇଜିପ୍ଟର ନୂଆ ପ୍ରଶାସନିକ ରାଜଧାନୀର ଉଦ୍‌ଘାଟନ ହୋଇଛି। ଏହା କାଇରୋର ପୂର୍ବରେ ରହିଛି। ସୂଚନା ଅନୁଯାୟୀ ରାଷ୍ଟ୍ରପତି ମହମ୍ମଦ ମୋର୍ସିଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ ହେବା ପରେ ଅଲ୍-ସିସି ପ୍ରଥମ ଥର ପାଇଁ ୨୦୧୩ରେ ଦେଶରେ ରାଷ୍ଟ୍ରପତି ହୋଇଥିଲେ।

### ଇସ୍ରାଏଲ ଆକ୍ରମଣରେ ପ୍ରମୁଖ ଜେନେରାଲଙ୍କ ମୃତ୍ୟୁ ଘଟଣା

## ଯୁଦ୍ଧ ଘୋଷଣା କରିବ ଇରାନ !

ତେହରାନ,୨।୪(ଏଜେନ୍ସି)

୨୦୨୦ରେ ଇରାନର ' ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପ(ଆଇଆରଜିସି)ର ପ୍ରମୁଖ ଜେନେରାଲ କ୍ୟାସିମ୍ ସୋଲେମାନି ଆମେରିକା ଆକ୍ରମଣରେ ପ୍ରାଣ ହରାଇଥିଲେ। ଆଇଆରଜିସିର ଅନ୍ୟତମ ସେନା ୱିଙ୍ଗ ' ଅଲ୍ କୁଦ୍ ଫୋର୍ସ'ର ମୁଖ୍ୟ ଭାବେ ଜେନେରାଲ ସୋଲେମାନୀ ସେତେବେଳେ ବାଗଦାଦ୍‌ରେ ରହି ନିଜର କାର୍ଯ୍ୟ ଚଳାଇଥିଲା ବେଳେ ଏଠାକାର ବିମାନ ବନ୍ଦର ଦେଇ ଯାଉଥିବା ବେଳେ ଆମେରିକାର ଡ୍ରୋନ ଆକ୍ରମଣର ଶିକାର ହୋଇଥିଲେ। ଏହି ବିଷୟକୁ ନେଇ ସେତେବେଳେ ଇରାନ ଆମେରିକା ଉପରେ କ୍ଷୁବ୍ଧ ହେବା ସହିତ ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ର ଇସ୍ରାଏଲ ବିରୋଧରେ ପରୋକ୍ଷ ଯୁଦ୍ଧ ଘୋଷଣା କରିଥିଲା। ଇରାନ ସହ ଇରାକ୍, ୟେମେନ ଏବଂ ସିରିଆର ବହୁ ଆତଙ୍କବାଦୀ ସଂଗଠନ ସମୂହ ଭାବେ ଆମେରିକା ବିରୋଧରେ ଲଢ଼ିବାକୁ ପଣ କରିଥିଲେ। ହିଜବୁଲ୍ଲା, ହମାସ୍ ଏବଂ ହୁତିଶ୍ ଭଳି ସଂଗଠନ ଆରମ୍ଭ କରିଥିବା ଆମେରିକା ବିରୋଧୀ ଯୁଦ୍ଧ ଆଜି ବି ଜାରି ରହିଛି। କିନ୍ତୁ ଏହି ଘଟଣା ଇରାନ ମନରୁ ଲିଭି ନଥିଲା ବେଳେ ଇସ୍ରାଏଲ ଆକ୍ରମଣରେ ଗତକାଲି ଆଇଆରଜିସିର ଆଉ ଜଣେ ଟପ୍ ଜେନେରାଲଙ୍କ ମୃତ୍ୟୁ ହେବା ଘଟଣା ଇରାନକୁ ଦୋହଲାଇ ଦେଇଛି। ସିରିଆର ଡାମାସ୍କସ୍ଥିତ ଇରାନ ରାଷ୍ଟ୍ରଦୂତ କାର୍ଯ୍ୟାଳୟକୁ ଲାଗି ରହିଥିବା ଏକ ବିଲ୍ଡିଂ ଉପର ଇସ୍ରାଏଲ ଏୟାର ଷ୍ଟ୍ରାଇକ୍ କରିଥିଲା ବେଳେ ଏଥିରେ ଇରାନ ଆଇଆରଜିସିର ମେଜର ଜେନେରାଲ ମହମ୍ମଦ ରେଜା ଜାହେଦିଙ୍କ ମୃତ୍ୟୁ ହୋଇଛି। ମହମ୍ମଦ ରେଜା ସିରିଆ ଏବଂ ଲେବାନନରେ ୨୦୦୮ରୁ ୨୦୧୬ ପର୍ଯ୍ୟନ୍ତ ଆଇଆରଜିସି କମାଣ୍ଡିଂ ନେତୃତ୍ୱ ନେଇଥିଲେ। ତାଙ୍କ ଛଡ଼ା ଏହି ଘଟଣାରେ ବ୍ରିଗେଡିୟର ଜେନେରାଲ ମହମ୍ମଦ ହାଦି ହାଜି ରାହିମିଙ୍କ ମୃତ୍ୟୁ ହେବା ଘଟଣା ଇରାନ ରାଜନୀତିକୁ ଆହୁରି ଉଷ୍ମ କରିଦେଇଛି। ଏହି ଘଟଣା ପରେ ସୋମବାର ମଧ୍ୟ ରାତ୍ରରେ ଇରାନ ରାଷ୍ଟ୍ରପତି ରାଇସି ସୁପ୍ରିମ ନ୍ୟାସନାଲ ସୁରକ୍ଷା ପରିଷଦ ବୈଠକ ଡକାଇ ପରବର୍ତ୍ତୀ ପଦକ୍ଷେପ ପାଇଁ ଆଲୋଚନା କରିଛନ୍ତି। କେବଳ ଆଲୋଚନା ନୁହେଁ, ଇରାନ ତୁରନ୍ତ ଇସ୍ରାଏଲ ବିରୋଧରେ ଯୁଦ୍ଧ ଘୋଷଣା କରିବାକୁ ପ୍ରସ୍ତୁତ ହେଉଥିବା କୁହାଯାଉଛି। ଇରାନ ଇସ୍ରାଏଲ ବିରୋଧରେ ଯୁଦ୍ଧ କରିବା ଅର୍ଥ ଆମେରିକା ସହିତ ପରୋକ୍ଷ ଯୁଦ୍ଧ କରିବା ସହ ସମାନ। ଯଦି ଈରାନ ଏଭଳି କିଛି ପଦକ୍ଷେପ ନିଏ ତେବେ ମଧ୍ୟପ୍ରାଚ୍ୟ ସ୍ଥିତି ପୁଣିଥରେ ଗମ୍ଭୀର ହେବାର ଆଶଙ୍କା ବଢ଼ିଛି।








## ହାଇପ୍ରୋଫାଇଲ ସିଟ୍ - ବାଏନାଡ଼

# ରାହୁଲଙ୍କ ପାଇଁ ସମସ୍ୟା !




କଂଗ୍ରେସ ତଥା ମୁଖ୍ୟ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଚଳିତ ଲୋକସଭା ନିର୍ବାଚନରେ କେଉଁଠୁ ଲଢିବେ ତାହାକୁ ନେଇ ବେଶ କିଛି ଦିନ ତର୍ଜମା ଚାଲିଥିଲା । ସେ କଂଗ୍ରେସର ପୂର୍ବ ଗଡ଼ ଆମେଥିରୁ ଲଢିବେ କି କେରଳର ବାଏନାଡ଼ରୁ ଲଢିବେ ତାହାକୁ ନେଇ କିଛି ଦିନ ମନ୍ଥନ ଚାଲିବା ପରେ ଶେଷରେ ବାଏନାଡରୁ ହିଁ ସେ ନିର୍ବାଚନ ଲଢିବେ ବୋଲି ଘୋଷଣା କରାଗଲା । କିନ୍ତୁ ଏବେ ବି ଉତ୍ତରପ୍ରଦେଶର ଆମେଥି କିମ୍ବା ରାଏବରେଲିକୁ ନେଇ ସସପେନ୍ସ ଲାଗି ରହିଛି । ରାହୁଲ ଆମେଥିରୁ ଲଢିବେ ବୋଲି କୁହାଯାଉ ନ ଥିଲେ ହେଁ ସେ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରାଯାଇ ନାହିଁ। କାରଣ ରାହୁଲଙ୍କ ପାଇଁ ଏଥର ବାଏନାଡ ସମସ୍ୟାବହୁଳ ହୋଇପଡ଼ିଛି । କେରଳର ଏହି ସଂସଦୀୟ କ୍ଷେତ୍ର ୨୦୦୯ ରେ ଗଠନ ହେବା ପରେ ଏଠାରେ ମୂଳରୁ କଂଗ୍ରେସ ହିଁ ବିଜୟୀ ହୋଇ ଆସିଥିଲା । ବାଏନାଡର ଜନସଂଖ୍ୟା ସ୍ଥିତିକୁ ବିଚାର କଲେ ଏଠାରେ ମୁସଲମାନଙ୍କ ସଂଖ୍ୟା ୪୬ ପ୍ରତିଶତ ରହିଥିବା ବେଳେ ହିନ୍ଦୁଙ୍କ ସଂଖ୍ୟା ୪୦ ଏବଂ ଖ୍ରୀଷ୍ଟିୟାନ ସଂପ୍ରଦାୟ ଲୋକଙ୍କ ସଂଖ୍ୟା ୧୩ ପ୍ରତିଶତ ରହିଛି । ମୁସଲମାନ ସଂଖ୍ୟା ଅଧିକ ରହିଥିବାରୁ ଏଠାରେ ଇଣ୍ଡିଆନ ୟୁନିୟନ ଅଫ୍ ମୁସଲିମ ଲିଗ୍(ଆଇୟୁଏମଏଲ)ର ପ୍ରଭାବ ଯଥେଷ୍ଟ ଅଧିକ ରହିଛି । ଆଇୟୁଏମଏଲ ସହିତ କଂଗ୍ରେସ ନେତୃତ୍ୱରେ କେରଳରେ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ(ୟୁଡିଏଫ) ପ୍ରତିଦ୍ୱନ୍ଦ୍ୱିତା କରିଆସୁଛି ।

ଏହିକ୍ରମରେ ୨୦୦୯ ଏବଂ ୨୦୧୪ରେ କଂଗ୍ରେସ ବାଏନାଡ ଲୋକସଭା ଆସନରେ ବିଜୟୀ ହୋଇଥିଲା । ୨୦୧୪ ଲୋକସଭା ନିର୍ବାଚନରେ କଂଗ୍ରେସକୁ ଏଠାରେ ୪୧ ପ୍ରତିଶତ ଭୋଟ ମିଳିଥିଲା ବେଳେ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସିପିଆଇକୁ ୩୯ ପ୍ରତିଶତ ଭୋଟ ମିଳିଥିଲା । କିନ୍ତୁ ୨୦୧୯ ନିର୍ବାଚନରେ କଂଗ୍ରେସ ଏଠାରେ ସବୁ ରେକର୍ଡ ଅତିକ୍ରମ କରିଥିଲା । ଏହି ବର୍ଷ ଲୋକସଭା ନିର୍ବାଚନରେ ଆମେଥିରେ ରାହୁଲ ପରାଜୟ ବରଣ କରିବା ଅନୁଭବ କରିବା ପରେ ମୁସଲମାନ ବହୁଳ ବାଏନାଡ ଆସନକୁ ସୁରକ୍ଷିତ ମନେ କରିଥିଲେ । ସେ ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା ବେଳେ ରାହୁଲଙ୍କୁ ୬୫ ପ୍ରତିଶତ ଭୋଟ ମିଳିଥିଲା । କିନ୍ତୁ ୨୦୨୪ ନିର୍ବାଚନରେ ଏଠାକାର ସ୍ଥିତି ବଦଳିଯାଇଛି । କେରଳରେ ମୁଖ୍ୟତଃ କଂଗ୍ରେସ ନେତୃତ୍ୱ ୟୁଡିଏଫ ଏବଂ ବାମପନ୍ଥୀ ଦଳ ଏଲଡିଏଫ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ବେଳେ ଏଥର ବିଜେପିକୁ ନେଇ ତ୍ରିକୋଣୀୟ ଲଢେଇ ହେବ ବୋଲି କ୍ଷେତ୍ର ପ୍ରସ୍ତୁତ ହୋଇଛି । ବାଏନାଡ ଲୋକସଭା ନିର୍ବାଚନ କ୍ଷେତ୍ରରେ ୭ଟି ବିଧାନସଭା କ୍ଷେତ୍ର ରହିଛି । ଏହାକୁ ଦୃଷ୍ଟି ଦେଇ ବିଜେପି ଏବଂ ଏଲଡିଏଫ ଚଳିତ ଥର ଅଧିକ ସକ୍ରିୟ ହେବା ସହିତ ନୂଆ ରଣନୀତି ପ୍ରସ୍ତୁତ କରିଛନ୍ତି । ପୂର୍ବରୁ ବାଏନାଡକୁ ଏତେଟା ଗୁରୁତ୍ୱ ଦେଉନଥିବା ଏବଂ ଉଦାର ମନୋଭାବ ପୋଷଣ କରିଆସିଥିବା ଏଲଡିଏଫ ଏଥରକ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୁଖୀ ହୋଇଛି । ସିପିଆଇ ରାଷ୍ଟ୍ରୀୟ ସାଧାରଣ ସଂପାଦକ ଡି ରାଜା ନିଜ ପତ୍ନୀ ଆନ୍ନି ରାଜାଙ୍କୁ ଏଠାରେ ପ୍ରାର୍ଥୀ କରିଛନ୍ତି । ଆନ୍ନି ସିପିଆଇର ସର୍ବ ଭାରତୀୟ ମହିଳା ମହାସଂଘ ଅଧ୍ୟକ୍ଷା ରହିଥିଲା ବେଳେ ସିପିଆଇ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀର ମଧ୍ୟ ସଦସ୍ୟ ରହିଛନ୍ତି । ଏଲଡିଏଫ ଚଳିତ ନିର୍ବାଚନକୁ ଏକ ପ୍ରତିଷ୍ଠାର ନିର୍ବାଚନ ଭାବେ ବିବେଚନା କରୁଥିବାରୁ ଦଳୀୟ କର୍ମୀ ଏବଂ ନେତା ଆହୁରି ସକ୍ରିୟ ହୋଇପଡ଼ିଛନ୍ତି ।

ସେହିପରି ବିଜେପି ମଧ୍ୟ ବାଏନାଡ ନିର୍ବାଚନ କ୍ଷେତ୍ର ସହିତ କେରଳର ଅନ୍ୟାନ୍ୟ ଆସନ ପାଇଁ ଗମ୍ଭୀରତାର ସହ ବିଚାର କରୁଛି । କେବଳ ତିରୁଅନନ୍ତପୁରମ ବିଧାନସଭା ଆସନକୁ ଛାଡି ପୂର୍ବରୁ କେରଳର ଅନ୍ୟ କୌଣସି ବିଧାନସଭା କିମ୍ବା ଲୋକସଭା କ୍ଷେତ୍ରରେ ବିଜେପି ସଫଳତା ହାସଲ କରିପାରି ନାହିଁ । କିନ୍ତୁ ୨୦୧୯ ପରଠାରୁ ବିଜେପି କେରଳ ପାଇଁ ନୂଆ ଫର୍ମୁଲା ପ୍ରସ୍ତୁତ କରିବା ସହିତ ଅଧିକ ଭୋଟ୍ ଶେୟାର ହାସଲ କରିବାକୁ ରଣନୀତି ପ୍ରସ୍ତୁତ କରିଛି । କେରଳରେ ମୁସଲମାନ ଭୋଟରଙ୍କୁ ବାଦ୍ ଦେଇ ହିନ୍ଦୁ ଏବଂ ଖ୍ରୀଷ୍ଟିୟାନ ସଂପ୍ରଦାୟର ଏକ ମିଳିତ ଭୋଟବାଙ୍କ ପ୍ରସ୍ତୁତ କରିବାକୁ ଉଦ୍ୟମ ଜାରି ରଖିଛି । ଗୋଆ ଏବଂ ଉତ୍ତର ପୂର୍ବାଞ୍ଚଳର ଖ୍ରୀଷ୍ଟିଆନ ବିଜେପି ନେତା କେରଳରେ ଏହି କାର୍ଯ୍ୟସାଧନ ପାଇଁ କସରତ୍ ଆରମ୍ଭ କରିଦେଇଛନ୍ତି ।

ଏହିକ୍ରମରେ ବିଜେପି ବାଏନାଡରେ ରାହୁଲଙ୍କ ବିରୋଧରେ ରାଜ୍ୟ ବିଜେପି ମୁଖ୍ୟ କେ ସୁରେନ୍ଦ୍ରନଙ୍କୁ ଛିଡ଼ା କରିଛି । ତେଣୁ ୨୦୧୯ ତୁଳନାରେ ୨୦୨୪ରେ ବାଏନାଡ ଲୋକସଭା କ୍ଷେତ୍ର ଅଧିକ ପ୍ରତିଦ୍ୱନ୍ଦ୍ୱିତାମୁଖୀ ହେବାକୁ ଯାଉଛି । କଂଗ୍ରେସ କେବଳ ମୁସଲମାନ ଭୋଟରଙ୍କୁ ଦୃଷ୍ଟିରେ ରଖି ଏଠାରେ ରାହୁଲଙ୍କୁ ଛିଡା କରିଛି । କିନ୍ତୁ ଚଳିତ ଥର ଏଲଡିଏଫ-ୟୁଡିଏଫ-ବିଜେପି ମଧ୍ୟରେ ତ୍ରିକୋଣୀୟ ଲଢ଼େଇ ହେବାକୁ ଯାଉଥିବାରୁ ରାହୁଲଙ୍କ ପାଇଁ ଆଶଙ୍କା ସୃଷ୍ଟି ହୋଇଛି । ସବୁଠାରୁ ରୋଚକ କଥା ହେଲା ବିରୋଧୀ ଇଣ୍ଡିଆ ମେଣ୍ଟରେ ସର୍ବଭାରତୀୟ ସ୍ତରରେ ୟୁଡିଏଫ ଏବଂ ଏଲଡିଏଫ ସଦସ୍ୟ ରହିଛନ୍ତି । କିନ୍ତୁ କେରଳରେ ପରସ୍ପର ସହ ଲଢେଇ କରୁଛନ୍ତି । ଯଦି ଏହି ତ୍ରିକୋଣୀୟ ଲଢେଇରେ ବାମପନ୍ଥୀ ଏବଂ ବିଜେପି କିଛି ଅଧିକ ହାରରେ ଭୋଟ ହାତେଇ ନିଅନ୍ତି ତେବେ ରାହୁଲଙ୍କ ପାଇଁ ନିଶ୍ଚିତ ଭାବେ ସମସ୍ୟା ବଢିବ । ତେଣୁ କଂଗ୍ରେସ ରାହୁଲଙ୍କୁ ଆମେଥି କିମ୍ବା ରାଏ ବରେଲିରୁ ପ୍ରାର୍ଥୀ କରିବା ପ୍ରସଙ୍ଗରେ ଏବେ ବି ସସ୍ପେନ୍ସରେ ରହିଥିବା ରାଜନୀତିକ ମହଲରେ ଚର୍ଚ୍ଚା ଚାଲିଛି ।

> “୨୦୧୯ ରେ କେରଳର ବାଏନାଡ୍ ଲୋକସଭା କ୍ଷେତ୍ରରେ ରାହୁଲ ଗାନ୍ଧୀ ନିର୍ବାଚନ ଲଢିବା ସମସ୍ତଙ୍କ ପାଇଁ ଅପ୍ରତ୍ୟାଶିତ ଥିଲା । ଇଣ୍ଡିଆନ ୟୁନିୟନ ମୁସଲିମ ଲିଗ୍(ଆଇୟୁଏମଏଲ) ଏବଂ ଏଠାକାର ୪୬ ପ୍ରତିଶତ ମୁସଲମାନ ଭୋଟରଙ୍କ ସମର୍ଥନରେ ରାହୁଲ ଏହି ନିର୍ବାଚନରେ ରେକର୍ଡ ବିଜୟ ହାସଲ କରିଥିଲେ । କିନ୍ତୁ ଚଳିତ ନିର୍ବାଚନରେ ଏହି ଆସନରେ ଏଲ୍‌ଡିଏଫ୍-ୟୁଡିଏଫ୍-ବିଜେପିର ତ୍ରିମୁଖୀ ଲଢ଼େଇକୁ ନେଇ ରାହୁଲଙ୍କ ପାଇଁ ସମସ୍ୟା ବଢିଛି ।”

## ୫୮ ବର୍ଷ ଦେଶ ଚଳାଇଛି ଉତ୍ତରପ୍ରଦେଶ

# ୟୁପି ଦେଇଛି ୯ ପ୍ରଧାନମନ୍ତ୍ରୀ

ଭାରତୀୟ ରାଜନୀତିରେ ଉତ୍ତରପ୍ରଦେଶର ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ରାଜ୍ୟ ସବୁବେଳେ ଟ୍ରମ୍ପ କାର୍ଡ ରହିଆସିଛି । ଆଗକୁ ମଧ୍ୟ ଏହି ଧାରା ଜାରି ରହିବ । ୭୭ ବର୍ଷର ସ୍ୱାଧୀନ ଭାରତ ଇତିହାସରେ ଉତ୍ତରପ୍ରଦେଶ ୫୮ ବର୍ଷ ପର୍ଯ୍ୟନ୍ତ ଦେଶକୁ ଚଳାଇଛି । ଏହି ରାଜ୍ୟ ଦେଶକୁ ୯ ପ୍ରଧାନମନ୍ତ୍ରୀ ଦେଲାଣି । ଏହି ପ୍ରଧାନମନ୍ତ୍ରୀମାନେ ୫୮ ବର୍ଷ ପର୍ଯ୍ୟନ୍ତ ଶାସନ କରିଛନ୍ତି । କେବଳ ସେତିକି ନୁହେଁ ଏହି ରାଜ୍ୟ ଦିଲ୍ଲୀ ଆସନର ଭାଗ୍ୟ ସ୍ଥିର କରୁଛି । ଯେଉଁ ଦଳ ଉତ୍ତରପ୍ରଦେଶରୁ ୫୦ରୁ ଅଧିକ ଲୋକସଭା ଆସନ ଜିତିଛି, ସେହି ଦଳ ପୂର୍ଣ୍ଣ ବହୁମତ ସହ ଦିଲ୍ଲୀରେ ସରକାର ଗଠନ କରିଛି । ମାତ୍ର କେବଳ ୫ ଥର ଏହି ଧାରାରେ ପରିବର୍ତ୍ତନ ହୋଇଛି । ୟୁପିରେ ୫୦ରୁ କମ୍ ଆସନ ହାସଲ କରିଥିବା ଦଳ କେନ୍ଦ୍ରରେ ସରକାର ବନାଇଛି । ଆଉ ୫୦ରୁ ଅଧିକ ଆସନ ଜିତିଥିବା ଦଳ ୧୨ ଥର ଦେଶ ଚଳାଇଛି ।

> ୫୦ରୁ ଅଧିକ ଆସନ ଜିତିଥିବା ଦଳ ୧୨ ଥର ଗଢ଼ିଛି ସରକାର

ଏ ପର୍ଯ୍ୟନ୍ତ ଦେଶରେ ୧୭ ଥର ସାଧାରଣ ନିର୍ବାଚନ ହେଲାଣି । ଏଥିରୁ କଂଗ୍ରେସ ୬ ଥର ଏବଂ ବିଜେପି ୪ ଥର ୫୦ରୁ ଅଧିକ ଆସନ ଜିତିଛି । ଥରେ ଲେଖାଏଁ ଭାରତୀୟ ଲୋକଦଳ ଏବଂ ଜନତା ଦଳ ଏହି ସଫଳତା ପାଇଛି । ୧୭ ନିର୍ବାଚନରେ ଦେଶକୁ ୧୪ ପ୍ରଧାନମନ୍ତ୍ରୀ ଚେହେରା ମିଳିଛନ୍ତି । ଏଥିରୁ ୯ ପ୍ରଧାନମନ୍ତ୍ରୀ ୟୁପିରୁ ଜିତିଛନ୍ତି । କେବଳ ୫ ଜଣ ଅନ୍ୟ ରାଜ୍ୟରୁ ନିର୍ବାଚିତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ମୋରାରଜୀ ଦେଶାଇ, ପିଭି ନରସିଂହ ରାଓ, ଏଚ୍‌ଡି ଦେବଗୌଡ଼ା, ଇନ୍ଦ୍ରକୁମାର ଗୁଜରାଲ ଏବଂ ମନମୋହନ ସିଂହ ସାମିଲ ଅଛନ୍ତି । ମାତ୍ର ୨ ଥର ୫୦ରୁ କମ୍ ଆସନ ଜିତିଥିଲେ ମଧ୍ୟ ୟୁପିରୁ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି । ୧୯୬୭ ନିର୍ବାଚନରେ କଂଗ୍ରେସ ୪୭ଟି ଆସନ ଜିତିଥିଲେ ମଧ୍ୟ ଇନ୍ଦିରା ଗାନ୍ଧୀ ୟୁପିରୁ ପ୍ରଧାନମନ୍ତ୍ରୀ ଚେହେରା ହୋଇଥିଲେ ।

୧୯୫୨ରେ କଂଗ୍ରେସ ୟୁପିରୁ ୮୧ ଆସନ ଜିତିଥିଲା । ଏହାକୁ ମିଶାଇ ଦେଶରୁ ମୋଟ ୩୬୪ ଆସନ ପାଇଥିଲା ଏବଂ ଜବାହାରଲାଲ ନେହେରୁ ପ୍ରଧାନମନ୍ତ୍ରୀ ହୋଇଥିଲେ । ଏହା ବାଦ୍ କଂଗ୍ରେସ ୧୯୫୭ରେ ରାଜ୍ୟରୁ ୭୦, ୧୯୬୨ରେ ୬୨, ୧୯୬୭ରେ ୪୭, ୧୯୭୧ରେ ୭୩ ଆସନ ଜିତି ଥିଲା । ସେହିପରି ୧୯୭୭ରେ ଭାରତୀୟ ଲୋକ ଦଳ ସମସ୍ତଙ୍କୁ ଚମକାଇ ଦେଇଥିଲା । ଏହି ଦଳ ୟୁପିରୁ ୮୫ ସହିତ ଦେଶରୁ ମୋଟ ୨୯୫ ଆସନ ପାଇଥିଲା । ପ୍ରଥମେ ମୋରାରଜୀ ଦେଶାଇ ଏବଂ ପରେ ଚୌଧୁରୀ ଚରଣ ସିଂହ ପ୍ରଧାନମନ୍ତ୍ରୀ ହୋଇ ଦେଶ ଚଳାଇ ଥିଲେ । ୧୯୮୦ରେ ପୁଣି କଂଗ୍ରେସ ସରକାରକୁ ଫେରିଥିଲା । ୟୁପିରୁ ୫୧ ଆସନ ଜିତି ଇନ୍ଦିରା ଗାନ୍ଧୀ ପୁଣି ପ୍ରଧାନମନ୍ତ୍ରୀ ହୋଇଥିଲେ । ୧୯୮୪ରେ ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ରେକର୍ଡ କରିଥିଲା । ଦଳ ୟୁପିରୁ ୮୩ ସହିତ ସାରା ଦେଶରୁ ୪୧୫ ଆସନରେ ଜିତି ଥିଲା । ଏହା ପରେ ଜନତା ଦଳ ୧୯୮୯ରେ ୟୁପିରୁ ୫୪, ୧୯୯୧ରେ କଂଗ୍ରେସ ୫ ଆସନ ଜିତିବା ସତ୍ତ୍ୱେ ନରସିଂହ ରାଓଙ୍କ ନେତୃତ୍ୱରେ ସରକାର ଗଠନ କରିଥିଲା । ଏହା ପର ନିର୍ବାଚନରେ ବିଜେପି ବଡ଼ ଦଳ ଭାବେ ଉଭା ହୋଇଥିଲା । ଏହି ଦଳ ୟୁପିରୁ ୫୨ ଆସନ ଜିତି ସରକାର ଗଠନ କରିଥିଲା । ସେହିପରି ୧୯୯୬ରେ ବିଜେପି ୫୨, ୧୯୯୮ରେ ୫୭, ୧୯୯୯ରେ ୨୯, ୨୦୦୪ରେ କଂଗ୍ରେସ ୯ଟି, ୨୦୦୯ରେ ୨୧ଟି, ୨୦୧୪ରେ ବିଜେପି ୭୨ଟି ଏବଂ ୨୦୧୯ରେ ୬୨ ଆସନ ଜିତିଥିଲା । ସୂଚନାଯୋଗ୍ୟ ଯେ ୧୯୬୭ ପର୍ଯ୍ୟନ୍ତ ୟୁପିରେ ୮୬ ଲୋକସଭା ଆସନ ଥିଲା । ଏହା ପରେ ଗୋଟିଏ ଆସନ ହ୍ରାସ ଘଟି ୧୯୯୯ ପର୍ଯ୍ୟନ୍ତ ୮୫ ରହିଥିଲା । ପରେ ଏହା ୮୦କୁ ହ୍ରାସ ପାଇଥିଲା । ତିନି ଥର ପାଇଁ ଗୋଟିଏ କାର୍ଯ୍ୟକାଳରେ ୨ ପ୍ରଧାନମନ୍ତ୍ରୀ (ଜବାହାରଲାଲ ନେହେରୁ ଏବଂ ଲାଲ ବାହାଦୂର ଶାସ୍ତ୍ରୀ, ମୋରାରଜୀ ଦେଶାଇ ଏବଂ ଚୌଧୁରୀ ଚରଣ ସିଂହ, ଭିପି ସିଂହ ଏବଂ ଚନ୍ଦ୍ରଶେଖର) ରହିଥିଲେ । ୧୯୯୬ରେ ୩ ପ୍ରଧାନମନ୍ତ୍ରୀ (ଅଟଳ ବିହାରୀ ବାଜପେୟୀ, ଏଚ୍‌ଡି ଦେବଗୌଡ଼ା ଏବଂ ଇନ୍ଦ୍ର କୁମାର ଗୁଜରାଲ) ଥିଲେ ।



# ମହିଳା କୈନ୍ଦ୍ରିକ ହେଉଛି ଦିଲ୍ଲୀ ରାଜନୀତି

## ସ୍ୱରାଜ କରିବେ ସୁନୀତାଙ୍କ ମୁକାବିଲା

ଦିଲ୍ଲୀ ରାଜନୀତି ଏବେ ନୂଆ ମୋଡ ନେଇଛି । କ୍ଷମତା କେନ୍ଦ୍ର ଏବେ ମହିଳା କୈନ୍ଦ୍ରିକ ହେବାରେ ଲାଗିଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ପରେ ଆମ୍ ଆଦମୀ ପାର୍ଟି (ଆପ୍) ତାଙ୍କ ପତ୍ନୀ ସୁନୀତା କେଜ୍ରିୱାଲଙ୍କୁ ସମ୍ମୁଖ ଯୋଦ୍ଧା ବନାଇଛି । ଏହାକୁ ଦେଖି ବିଜେପି ମଧ୍ୟ ନିଜ ରଣନୀତିରେ ପରିବର୍ତ୍ତନ କରିଛି । ମହିଳା ନେତ୍ରୀଙ୍କୁ ଜବାବ ଦେବା ପାଇଁ ଦିବଂଗତ ବୈଦେଶିକ ତଥା ମୁଖ୍ୟମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଝିଅ ବାଁଶୁରୀଙ୍କୁ ଆଗକୁ ଆଣିଛି । ବିଜେପି ହାଇକମାଣ୍ଡ ମଧ୍ୟ ଏହି ରଣନୀତିକୁ ଜାରି ରଖିବାକୁ ସଙ୍କେତ ଦେଇଥିବା ସୂଚନା ମିଳିଛି । ପୂର୍ବରୁ ମଧ୍ୟ କଂଗ୍ରେସ ଏହି ରଣନୀତି ଆପଣାଇ ଥିଲା । ଦିଲ୍ଲୀ ବିଧାନସଭାର ଦ୍ୱିତୀୟ ନିର୍ବାଚନରେ ସୁଷମା ସ୍ୱରାଜଙ୍କ ବିରୋଧରେ ଦିବଂଗତ ମୁଖ୍ୟମନ୍ତ୍ରୀ ଶୀଳା ଦୀକ୍ଷିତଙ୍କୁ ବିଜେପି ବିରୋଧରେ ଉପସ୍ଥାପନ କରିଥିଲା । କେଜ୍ରିୱାଲ ନ୍ୟାୟିକ ହେପାଜତକୁ ଯିବା ପରେ ଆପ୍ ସହାନୁଭୂତି କାର୍ଡ ଖେଳୁଛି । ପ୍ରଥମେ ଏହି ଦଳ ଦିଲ୍ଲୀ ମନ୍ତ୍ରୀ ଆତିଶୀଙ୍କୁ ଆଗକୁ ଆଣିଥିଲା । କିନ୍ତୁ ସେ ଦୁର୍ନୀତି ମାମଲାରେ ଫସିବାର ସମ୍ଭାବନା ରହିଥିବାରୁ ରଣନୀତିରେ ପରିବର୍ତ୍ତନ କରି ସୁନୀତାଙ୍କୁ ଆଗକୁ ଆଣିଥିଲା । ଏହି ସହାନୁଭୂତି କାର୍ଡକୁ ଟକ୍କର ଦେବା ପାଇଁ ବିଜେପି ରଣନୀତିକାର ମହିଳା ବ୍ରିଗେଡକୁ ଆଗକୁ ଆଣିଛନ୍ତି । ଏବେ ଦିଲ୍ଲୀବାସୀ ରଣନୀତିରେ ହେଉଥିବା ରୋଚକ ପରିବର୍ତ୍ତନକୁ ଦେଖୁଛନ୍ତି । 'ଇଣ୍ଡି' ମେଣ୍ଟ ରାମଲୀଳା ମୈଦାନରେ କରିଥିବା ରାଲିକୁ ନେଇ ରାଜନୈତିକ ମହଲରେ ଆରୋପ ପ୍ରତ୍ୟାରୋପର ଧାରା ଜାରି ରହିଛି । ଏଭଳି ସମୟରେ ସୁନୀତାଙ୍କୁ ବାଁଶୁରୀ ପ୍ରଶ୍ନବାଣ ମାରିଛନ୍ତି । ସେ ଏବେ ଅଘୋଷିତ ମୁଖ୍ୟମନ୍ତ୍ରୀ କି ବୋଲି ସ୍ପଷ୍ଟ କରିବାକୁ କହିଛନ୍ତି । କାରଣ କେଜ୍ରିୱାଲଙ୍କ ସରକାରୀ ଚୌକିକୁ ବ୍ୟବହାର କରି ସେ ଏବେ ସାମ୍ବାଦିକ ସମ୍ମିଳନୀ କରୁଛନ୍ତି ।





ଦିନେ ସୁଷମା ବିଜେପିର ଟ୍ରମ୍ପ କାର୍ଡ ଥିଲେ । ଦ୍ୱିତୀୟ ବିଧାନସଭା ନିର୍ବାଚନରେ ବିଜେପି ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରିଥିଲେ । ସେହିପରି କଂଗ୍ରେସ ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ଦିଲ୍ଲୀର ଦାୟିତ୍ୱ ଶୀଳାଙ୍କୁ ଦେଇ ରାଜନୈତିକ ଲଢ଼େଇକୁ ରୋଚକ ବନାଇ ଦେଇଥିଲା । ମୁଖ୍ୟମନ୍ତ୍ରୀ ଭାବେ ସୁଷମା ଭଲ କାମ ମଧ୍ୟ କରୁଥିଲେ । ତେବେ ପିଆଜ ଦରଦାମ ବୃଦ୍ଧି ଯୋଗୁଁ ବିଜେପି ଏହି ନିର୍ବାଚନ ହାରି ଯାଇଥିଲା ।

## ମହୀଶୂରର ଯୁବରାଜା ବିଜେପି ପ୍ରାର୍ଥୀ

# ନିଜ ନାମରେ ଘର ନାହିଁ କି ଗାଡ଼ି

ଭାରତର କୌଣସି ରାଜବଂଶର ସଦସ୍ୟଙ୍କ କଥା ସାମ୍ନାକୁ ଆସିଲେ ତାଙ୍କର ଅଚଳାଚଳ ସମ୍ପତ୍ତି, ବିଳାସପୂର୍ଣ୍ଣ ଗାଡି କଥା ପ୍ରସଙ୍ଗକ୍ରମେ ଆପେ ଆପେ ଯୋଡି ହୋଇଯାଏ । କିନ୍ତୁ ମହୀଶୂରର ଯୁବରାଜ ଯଦୁବୀର କ୍ରିଷ୍ଣରାଜା ଦତ୍ତା ୱାଦିୟାରଙ୍କ କ୍ଷେତ୍ରରେ ଏହା ଏକ ବ୍ୟତିକ୍ରମ । କ୍ରିଷ୍ଣରାଜା ମହୀଶୂର ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ହୋଇଛନ୍ତି । କିନ୍ତୁ ତାଙ୍କ ନାମରେ କୌଣସି ଘର, ସମ୍ପତ୍ତି କିମ୍ବା ଗାଡି ନାହିଁ । ଯାହା କିଛି ଅଛି ତାହା ପରିବାରର ଯୌଥ ସମ୍ପତ୍ତି । ନିର୍ବାଚନ ପୂର୍ବରୁ କ୍ରିଷ୍ଣରାଜା ସତ୍ୟପାଠ ଦାଖଲ କରି ଏହା କହିଛନ୍ତି । ତାଙ୍କ ପାରିବାରିକ ମୋଟ ସମ୍ପତ୍ତି ମୂଲ୍ୟ ୯ କୋଟି ଟଙ୍କା ହେବ ବୋଲି ସେ ଦର୍ଶାଇଥିଲା ବେଳେ ଏଥିରେ ତାଙ୍କ ପତ୍ନୀ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ଭାଗ ରହିଛି ବୋଲି କହିଛନ୍ତି । ୩୨ ବର୍ଷୀୟ କ୍ରିଷ୍ଣରାଜା କର୍ଣ୍ଣାଟକ ବିଜେପିର ପ୍ରବକ୍ତା ରହିଥିଲା ବେଳେ ଦଳ ତାଙ୍କୁ ମହୀଶୂରରେ କଂଗ୍ରେସ ପ୍ରାର୍ଥୀ ଏମ ଲକ୍ଷ୍ମଣଙ୍କ ବିରୋଧରେ ଅବତୀର୍ଣ୍ଣ କରାଇଛି ।





## ନିର୍ବାଚନ ପାଇଁ ବିଜେପିର ରଣନୀତି

# ଦୁର୍ନୀତିଖୋରଙ୍କୁ ଅଭିଯୁକ୍ତର ଟ୍ୟାଗ୍

ଦୁର୍ନୀତି ଅଭିଯୋଗ ଆଣି ବିରୋଧୀ ପକ୍ଷର ନେତାମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ନୁହେଁ, କେବଳ ଅଭିଯୁକ୍ତର ମୋହର(ଟ୍ୟାଗ୍) ଲଗାଇ ସେମାନଙ୍କୁ ଆତଙ୍କିତ କରିରଖିବା ଓ ନିର୍ବାଚନ ପାଖେଇଲେ ମାମଲା ଝମେଲାରୁ ମୁକ୍ତିଦେବାର କଥା ଦେଇ ନିଜପଟକୁ ଟାଣିନେଇ ବିରୋଧୀ ଗୋଠକୁ ନିରାଶ ଓ ହତୋତ୍ସାହିତ କରିବା ହେଉଛି ଭାରତୀୟ ଜନତା ପାର୍ଟି(ବିଜେପି)ର ମୁଖ୍ୟ ଅଘୋଷିତ ରଣନୀତି । ତେବେ ଘୋଷିତ ଇସ୍ତାହାରରେ କୁହାଯାଉଛି ଯେ ୨୦୨୪ ଲୋକସଭା ନିର୍ବାଚନ ହେଉଛି ଦୁର୍ନୀତି ଓ ପରିବାରବାଦ ବନାମ ବିକାଶିତ ଭାରତ ନିର୍ମାଣର ପ୍ରତିବଦ୍ଧତା । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ଝାଡଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଜେଲ ପଠାଇ ବିଜେପି ସରକାର ଦୁର୍ନୀତିଖୋରଙ୍କୁ ଦଣ୍ଡିତ କରିବାକୁ ସଙ୍କଳ୍ପବଦ୍ଧ ବୋଲି ଲୋକଙ୍କୁ ଯେଉଁ ବାର୍ତ୍ତା ଦେଇଛି । ତାହାର ଏହା ଅର୍ଥ କରାଯାଇପାରେ ଯେ ଆଗାମୀ ଦିନରେ ସମସ୍ତ ବିରୋଧୀ ଦଳର ନେତା ଓ ସେମାନଙ୍କ ସନ୍ତାନସନ୍ତତି, ଆତ୍ମୀୟସ୍ୱଜନଙ୍କ ପଛରେ ସିବିଆଇ, ଇଡି ଓ ଆଇଟି ଭଳି କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିଙ୍କୁ ଲଗାଇ ଭୟଭୀତ, ଆତଙ୍କିତ କରାଯିବ । ବିରୋଧୀ ନେତା ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ବେଆଇନ କାରବାର ଓ ସନ୍ଦେହଜନକ ନେଣଦେଣର ତଦନ୍ତ ତ୍ୱରାନ୍ୱିତ କରାଇବା, ସେମାନଙ୍କୁ ଗିରଫ କରି ଲୋକଚକ୍ଷୁରେ ନିନ୍ଦିତ କରାଇବା ଉପରେ ବିଜେପି ରଣନୈତିକ ପ୍ରାଥମିକତା ଦେଉଛି ।

ଗତକାଲି ଉତ୍ତରପ୍ରଦେଶର ମିରଟରେ ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପିର ପ୍ରଚାର ଅଭିଯାନର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ମୋଦୀ ଅଟକିବ ନାହିଁ, ଦୁର୍ନୀତିରେ ଲିପ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ।' ଗତ କିଛି ବର୍ଷ ଧରି ମୋଦୀଙ୍କ ଇସାରାରେ କେନ୍ଦ୍ରୀୟ ଯାଞ୍ଚ୍ ଏଜେନ୍ସିଗୁଡ଼ିକ ବିରୋଧୀ ଦଳର ନେତାମାନଙ୍କୁ ଓ ସେମାନଙ୍କ ପାଖଲୋକ, ଫାଇନାନ୍ସରମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ନୁହେଁ, କେବଳ ଅଭିଯୁକ୍ତର ପରିଚୟ ଦେବାକୁ ମାତ୍ରାଧିକ ଉତ୍ସାହର ସହ ଲାଗିପଡ଼ିଛନ୍ତି । ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ସାଧାରଣ ଲୋକଙ୍କ ଭଳି ଅଦାଲତରେ ହାଜିରା ଦେଇ ଜାମିନରେ ଅଛନ୍ତି । ଦିଲ୍ଲୀ ମଦନୀତି ନିର୍ଦ୍ଧାରଣରେ ଦୁର୍ନୀତି ଓ ମନିଲଣ୍ଡରିଂ ଅଭିଯୋଗରେ ଆମ ଆଦମୀ ପାର୍ଟି(ଆପ)ର ଦୁଇ ନେତା ମନୀଷ ସିସୋଦିଆ ଓ ସଞ୍ଜୟ ସିଂହ ଗିରଫ ହୋଇ ଜେଲରେ ଥିବା ବେଳେ ଏବେ ସେହି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ରାଜସାକ୍ଷୀଙ୍କ ବୟାନ ଆଧାରରେ ଗିରଫ କରାଯାଇଛି । ଝାଡଖଣ୍ଡରେ ହେମନ୍ତ ସୋରେନ୍ ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କୁ ଏକ ଜମି କାରବାରରେ ଦୁର୍ନୀତି କରିଥିବା ଅଭିଯୋଗରେ ଗିରଫ କରାଯିବାରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଜେଲ ଯାଇଛନ୍ତି । କେଜ୍ରିୱାଲ କିନ୍ତୁ ଗିରଫ ହେବା ପରେ ବି ଇସ୍ତଫା ଦେଇନାହାନ୍ତି ଓ ଜେଲରୁ ସେ ରାଜ୍ୟ ଶାସନ ଚଳାଇପାରିବେ ବୋଲି ତାଙ୍କ ଦଳର ନେତାମାନେ କହୁଛନ୍ତି । ମହାରାଷ୍ଟ୍ରର ଅଶୋକ ଚଭନ, ଅଜିତ ପାୱାର ଓ ପ୍ରଫୁଲ୍ଲ ପଟେଲଙ୍କୁ ଜେଲ ପଠାଯାଇଥାନ୍ତା କିନ୍ତୁ ଏମାନେ ବିପଦର ଗନ୍ଧ ବାରି ଠିକ୍ ସମୟରେ ବିଜେପିରେ ଯୋଗଦେଇ କିମ୍ବା ବିଜେପି ସମର୍ଥକ ପାଲଟି ନିସ୍ତାର ପାଇଛନ୍ତି, ଏପରିକି ପୁରସ୍କୃତ ମଧ୍ୟ ହୋଇଛନ୍ତି । ତେଣେ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ନେତା ଲାଲୁ ପ୍ରସାଦ ଯାଦବ, ତାଙ୍କ ପତ୍ନୀ, ପୁଅଝିଅ, ପାଖଲୋକଙ୍କ ପଛରେ ସିବିଆଇ, ଇଡି, ଆଇଟି ଲାଗିପଡ଼ି ଚଢ଼ଉ, ଖାନତଲାସୀ ଓ ଜବତ ଚଳାଇଛନ୍ତି । ପଶ୍ଚିମବଙ୍ଗରେ ଚିଟଫଣ୍ଡ, କୋଇଲା ଓ ଶିକ୍ଷକ ନିଯୁକ୍ତି ଘୋଟାଲରେ ତୃଣମୂଳ କଂଗ୍ରେସ(ଟିଏମସି)ର କେତେକ ନେତାଙ୍କୁ ଅଭିଯୁକ୍ତ ଭାବେ ଗିରଫ କରାଯାଇଛି । କର୍ଣ୍ଣାଟକରେ ଡିକେ ଶିବକୁମାର ତ ସଦାସର୍ବଦା ସିବିଆଇ, ଇଡି ଓ ଆଇଟି ବିଭାଗର ଟାର୍ଗେଟରେ ରହିଛନ୍ତି । ବିରୋଧୀ ଦଳମାନେ ଏହାକୁ ରାଜନୈତିକ ଡାହାଣୀ ଖୋଜା (ପଲିଟିକାଲ ୱିଚ୍-ହଣ୍ଟ) ଓ ଆକ୍ରୋଶ(ଭେଣ୍ଡେଟା) କହୁଥିବା ବେଳେ ବିଜେପି କହୁଛି ଏହା ଦୁର୍ନୀତି ବିରୋଧରେ ଲଢ଼େଇ । ହେଲେ ଜନତାର ପ୍ରଶ୍ନ ହେଲା- ବିଜେପିରେ କ'ଣ କେହି ଦୁର୍ନୀତିଖୋର ନେତା ନାହାନ୍ତି? ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଗତ ୧୦ବର୍ଷରେ କୌଣସି ବିଜେପି ନେତା କାହିଁକି ସିବିଆଇ, ଇଡି ଓ ଆଇଟି ସନ୍ଦେହବଳୟ(ସ୍କାନର)କୁ ଆସିନାହାନ୍ତି? ପାନାମା ପେପର୍ସ ଓ ପାଣ୍ଡୋରା ପେପର୍ସରେ ବିଜେପି ସହ ସଂପୃକ୍ତ ଅନେକ ବ୍ୟକ୍ତିଙ୍କ ନାମ ରହିଛି । ମୋଦୀ ସରକାର ସେମାନଙ୍କୁ ଧରି ରାଜନୈତିକ ଲାଭ ଉଠାଉନାହାନ୍ତି କାହିଁକି? ପାକିସ୍ତାନରେ ପାନାମା ପେପର୍ସ ପାଇଁ ନୱାଜ ସରିଫଙ୍କ ପ୍ରଧାନମନ୍ତ୍ରୀ ପଦ ଯାଇଥିଲା । ଆମ ଦେଶରେ ପାନାମା ପେପର୍ସରେ ନାମ ଥିବା ଲୋକେ ସରକାରୀ ଅନୁଗ୍ରହ ପାଉଛନ୍ତି କାହିଁକି?

ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

# ନିର୍ବାଚନ ବେଳେ ଟଙ୍କା, ମାଦକ ଦ୍ରବ୍ୟର ପ୍ରବାହ କଡ଼ାକଡ଼ି ଯାଞ୍ଚ ନିର୍ଦ୍ଦେଶ

ବାରିପଦା, ୨।୪(ସମିସ)



ନିର୍ବାଚନ ସମୟରେ ଟଙ୍କା, ମାଦକ ଦ୍ରବ୍ୟ, ଡ୍ରଗ୍ସ ଏବଂ ଅନ୍ୟାନ୍ୟ ଜିନିଷର ପ୍ରବାହ କଡାକଡି ଯାଞ୍ଚ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏବଂ ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଉଦୟ କୁମାର ମହାପାତ୍ର ଜିଲ୍ଲାର ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ସହିତ ଏକ ସମନ୍ୱୟ ବୈଠକ ମଙ୍ଗଳବାର କରିଛନ୍ତି। ବୈଠକରେ ଜିଲ୍ଲାପାଳ ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀଙ୍କୁ ନିର୍ବାଚନ ସମୟରେ କୌଣସି ପ୍ରକାରର ଟଙ୍କା, ମାଦକ ଦ୍ରବ୍ୟ, ଡ୍ରଗ୍ସ ଆଦି ଦେଣନେଣ ଏବଂ ଅବକାରୀ ଜିନିଷର ଦୁରୁପଯୋଗ ରୋକିବା ପାଇଁ କଡାକଡି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ଏବଂ ଉତ୍ତମ ବ୍ୟବସ୍ଥିତ ଢଙ୍ଗରେ କରିବାପାଇଁ ସେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ମୁଖ୍ୟ ଏବଂ କର୍ମକର୍ତ୍ତାଙ୍କୁ ନେଇ ବୈଠକ କରିଥିଲେ। ଜିଲ୍ଲାପାଳ କହିଛନ୍ତିଯେ ଏହି କ୍ଷେତ୍ରରେ, କୌଣସି ପ୍ରକାରର ଔଦ୍ଧତ୍ୟକୁ ଗ୍ରହଣ କରାଯିବ ନାହିଁ ଏବଂ ନିର୍ବାଚନ କମିଶନଙ୍କ ଆଦେଶ ଅନୁସାରେ ଏହି ସବୁର ଯାଞ୍ଚ କଡାକଡି ହେବା ସହିତ, ନିୟମ ଉଲ୍ଲଂଘନକାରିଙ୍କ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ଉପଆୟୁକ୍ତ, ସିଟି, ଜିଏସ୍ଟି, ବାରିପଦା ଡିଭିଜନ, ଆୟକର ଅଧିକାରୀ, ବାରିପଦା, ଅବକାରୀ ଅଧୀକ୍ଷକ, ମୟୂରଭଞ୍ଜ ବନଖଣ୍ଡ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସମେତ ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ।

# ଯୁବ ଭୋଟରଙ୍କୁ ଆକର୍ଷିତ କରିବାକୁ ନିଆରା ପ୍ରୟାସ



**ବାରିପଦା, ୨।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ଶତପ୍ରତିଶତ ମତଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ଗଣତନ୍ତ୍ରର ମହାପର୍ବ ପାଇଁ ପ୍ରସ୍ତୁତି ଜାରି ଥିବାବେଳେ ଚଳିତ ଥର ବହୁ ସଂଖ୍ୟକ ଯୁବ ଭୋଟର ରହିଛନ୍ତି। ଯେଉଁମାନେ କି ପ୍ରଥମଥର ପାଇଁ ମତଦାନ ସାବ୍ୟସ୍ତ କରିବାକୁ

## ମତଦାନ ନେଇ ପୌର ପରିଷଦ ପକ୍ଷରୁ କୁଇଜ୍ ପ୍ରତିଯୋଗିତା

ଯାଉଛନ୍ତି। ଏହି ଭୋଟରଙ୍କୁ ମତଦାନ କରିବା ନିମନ୍ତେ ଆକର୍ଷିତ କରିବାକୁ ପ୍ରୟାସ ଜାରି ରହିଛି। ଇତିମଧ୍ୟରେ ବାରିପଦା ପୌରପାଳିକା ପକ୍ଷରୁ ମଧ୍ୟ ନିଆରା ପ୍ରୟାସ ଆରମ୍ଭ ହୋଇଛି। ଯୁବ ଭୋଟରଙ୍କୁ ପ୍ରୋତ୍ସାହିତ କରିବାକୁ ପୌରପାଳିକା ପକ୍ଷରୁ କୁଇଜ ପ୍ରତିଯୋଗିତା କରାଯାଇଛି। ବାରିପଦା ପୌରପାଳିକା ଅନ୍ତର୍ଗତ ବିଭିନ୍ନ ପାର୍କ, ଶିଶୁ ଉଦ୍ୟାନ ଏବଂ ଅନ୍ୟାନ୍ୟ ସ୍ଥାନରେ ଏ ସଂକ୍ରାନ୍ତରେ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଚଳିତ ନିର୍ବାଚନରେ ପ୍ରାୟ ୮ଲକ୍ଷ ଯୁବ ଭୋଟର ପ୍ରଥମ ଥର ଲାଗି ମତଦାନ ସାବ୍ୟସ୍ତ କରିବାକୁ ଯାଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରୁ ନୂତନ ଭୋଟର ସଂଖ୍ୟା ୩୮, ୭୫୭ ରହିଛି। ଯୁବ ଭୋଟରଙ୍କୁ ସାମିଲ ହେବାକୁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ମେଗା ଅପିଲ୍ କରାଯାଉଛି। ଏହି କ୍ରମରେ ବାରିପଦା ପୌରପାଳିକା ମଧ୍ୟ ଯୁବ ଭୋଟରଙ୍କୁ ଆକର୍ଷିତ କରିବା ଲାଗି ପ୍ରୟାସ କରିଛନ୍ତି। ଯୁବବର୍ଗ ସାଧାରଣତଃ ଅପରାହ୍ନ ସମୟରେ ପାର୍କ ଆଦି ସ୍ଥାନକୁ ଆମୋଦପ୍ରମୋଦ ନିମନ୍ତେ ଆସିଥିବା ବେଳେ ତାଙ୍କ ସହିତ ଆଲୋଚନା ପୂର୍ବକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ମତଦାନ ସମ୍ପର୍କରେ ପ୍ରଶ୍ନ ପଚାରୁଛନ୍ତି; ଯାହାକି ତାଙ୍କୁ ମତଦାନ କରିବା ପ୍ରତି ସଚେତନତା ସୃଷ୍ଟି କରିବା ସହ ଆକର୍ଷିତ କରିବ। ଏଥିସହିତ କୃତୀ ପ୍ରତିଯୋଗୀଙ୍କୁ ଘଟଣାସ୍ଥଳରେ ହିଁ ପୁରସ୍କୃତ କରାଯାଉଛି। ନୂଆ ଭୋଟରମାନେ ନିଜର ମତଦାନ ସାବ୍ୟସ୍ତ କରିବାର ନିହାତି ଆବଶ୍ୟକ ରହିଛି। ଅନ୍ୟପକ୍ଷେ ଯେଉଁ ଯୁବବର୍ଗ ଏପ୍ରିଲ ୧ରେ ୧୮ ବର୍ଷର ହେଉଛନ୍ତି, ସେମାନଙ୍କ ନାମ ଏପ୍ରିଲ ୨ସୁଦ୍ଧା ଆପେ ଆପେ ଭୋଟର ତାଲିକାକୁ ସ୍ଥାନିତ ହେଉଛି। ତେଣୁକରି ଯୁବ ଭୋଟରମାନେ ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇ ମତଦାନ ସାବ୍ୟସ୍ତ କରନ୍ତୁ ବୋଲି ନିବେଦନ କରାଯାଇଛି।

# ବସ୍ ଧକ୍କାରେ ଭାଙ୍ଗିଲା ରେଳ ଫାଟକ; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ବାରିପଦା, ୨।୪(ସମିସ):** ବାରିପଦାର ଷ୍ଟେସନ ବଜାରରେ ଥିବା ରେଳ ଫାଟକକୁ ଏକ ବସ ଧକ୍କା ଦେବାରୁ ତାହା ଭାଙ୍ଗିଯାଇଛି। ତେବେ ରେଳ ଦୁର୍ଘଟଣାରୁ ବସ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ଜବରଦସ୍ତ ଫାଟକ ମଧ୍ୟରେ ପ୍ରବେଶ କରିଥିଲା। ଫଳରେ ଗୋଟେ ପାର୍ଶ୍ୱର ଫାଟକଟି ବସ ଉପରେ ଲାଗି ଯାଇଥିଲା। ଏଥିପରେ ମଧ୍ୟ ବସଟି ଜୋର ଜବରଦସ୍ତ ଫାଟକ ପାର କରିବାକୁ ଚେଷ୍ଟା କରିବାରୁ ବସ ଉପରେ ଥିବା ଲଗେଜ କ୍ୟାରିଅର



ଅପରାହ୍ନରେ ବାଲେଶ୍ୱର-ବାଙ୍ଗିରିପୋଷି ଡିଏମୟୁ ଟ୍ରେନ ନିମନ୍ତେ ଷ୍ଟେସନ ବଜାର ସ୍ଥିତ ରେଳ ଫାଟକ ବନ୍ଦ କରାଯାଇଥିଲା। ଉକ୍ତ ସମୟରେ ରେଳ ଫାଟକ ବନ୍ଦ ହେଉଥିବା ବେଳେ ଏକ ବସ ଜୋର ଭାଙ୍ଗି ଯାଇଥିଲା। ଇତି ମଧ୍ୟରେ ଟ୍ରେନଟି ଆସିଯାଇଥିବା ବେଳେ ଭାଗ୍ୟବଶତଃ ରେଳ ଧାରଣାରୁ ବସଟି ସାଇଡ ହୋଇ ଯିବାରୁ ଅଘଟଣରୁ ବସ ଯାତ୍ରୀମାନେ ବର୍ତ୍ତି ଯାଇଛନ୍ତି।

# 'ଶାନ୍ତିଲତା ଆଚାର୍ଯ୍ୟ ପ୍ରତିଭା ସମ୍ମାନ' ପ୍ରଦାନ

**ବାରିପଦା, ୨।୪(ସମିସ):** ଯଶୋଦା ଫାଉଣ୍ଡେସନ ତରଫରୁ ଆଦର୍ଶ କୃତୀ ପ୍ରଧାନ ଶିକ୍ଷୟିତ୍ରୀ ତଥା ବରିଷ୍ଠ କବୟିତ୍ରୀ ଶାନ୍ତିଲତା ଆଚାର୍ଯ୍ୟଙ୍କ ୭୫ତମ ଜନ୍ମଦିନ ପ୍ରତାପ ଚନ୍ଦ୍ର ଧଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆଶିଷରଞ୍ଜନ ବାସୁରୀ, ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ଯୋଗଦେଇ ଶାନ୍ତିଲତା ଆଚାର୍ଯ୍ୟଙ୍କ



ପାଳନ ଅବସରରେ ସୁମିତ୍ରା ତରେଇ ଓ ମିଲି ମହାନ୍ତଙ୍କୁ 'ଶାନ୍ତିଲତା ଆଚାର୍ଯ୍ୟ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ଯଶୋଦା ଫାଉଣ୍ଡେସନର ସଭାପତି କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ମହେଶ ସେଠୀ ଅତିଥି ପରିଚୟ ଓ ଅଶ୍ୱିନୀ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଏମ୍ଏମ୍ ଛାଡ଼ିଲେ ପ୍ରବକ୍ତା ଶିବାଜୀ ମୌଳିକ

**ବାରିପଦା, ୨।୪(ସମିସ):** ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ର ପ୍ରବକ୍ତା ଶିବାଜୀ ମୌଳିକ ଦଳରୁ ଇସ୍ତଫା ଦେଇଛନ୍ତି। ଏ ନେଇ ମଙ୍ଗଳବାର ରାଜ୍ୟ ସଭାପତି ଅଞ୍ଜନୀ ସୋରେନଙ୍କ ଉଦ୍ଦେଶ୍ୟରେ ସେ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ପତ୍ରରେ ଦର୍ଶାଇଛନ୍ତି ଯେ, ଆଗାମୀ ସାଧାରଣ ନିର୍ବାଚନ ନିକଟତର ହୋଇଥିବା ବେଳେ ସାଙ୍ଗଠନିକ ସମସ୍ୟା ପାଇଁ ଆସନ ବୁଝାବଣା ଠିକ ଭାବେ ହୋଇପାରୁନାହିଁ। ଜେଏମଏମ ଦଳର ବାରମ୍ବାର ମତ ପରିବର୍ତ୍ତନ ଯୋଗୁଁ ନିର୍ବାଚନରେ ଦଳ ଉତ୍ତୀର୍ଣ୍ଣ ହେବା କଷ୍ଟସାଧ ହେବ। ନିର୍ବାଚନ




ପାଖେଇ ଆସୁଥିବା ବେଳେ ଦଳର ସଙ୍ଗଠନ ମଜଭୁତ କରିବା ନେଇ ଦୃଷ୍ଟି ଦେବାକୁ ସେ କହିଛନ୍ତି। ତେଣୁକରି ସେ ଜେଏମଏମ ଦଳରୁ ଇସ୍ତଫା ଦେଇଛନ୍ତି ବୋଲି କହିଛନ୍ତି।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଉତ୍କଳ ଦିବସ



**ବାରିପଦା, ୨।୪(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୮୯ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ 'ଉତ୍କଳ ଦିବସର ମହତ୍ତ୍ୱ' ଶୀର୍ଷକ ଆଲୋଚନାଚକ୍ରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନିଜ ବକ୍ତବ୍ୟରେ ସେ କହିଥିଲେ ଯେ, ଉତ୍କଳ ଦିବସକୁ ନିଜ ମାତାଙ୍କ ଜନ୍ମଦିବସ ଭଳି ଆଡମ୍ବରରେ ସମସ୍ତେ ପାଳନ କରିବା ଉଚିତ। ଏହି ଦିବସକୁ ଏକ ଛୁଟି ଦିବସ ରୂପେ ବିଚାର ନ କରି ଆଜିର ଦିନରେ ଓଡ଼ିଆ ଅସ୍ମିତାର ସନ୍ଧାନରେ ବ୍ରତୀ ହେବାପାଇଁ ଶପଥ ନେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କବି ନୀଳକଣ୍ଠ ମିଶ୍ର, ସମ୍ମାନିତ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରାକ୍ତନ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ଓଡ଼ିଆର ଅସ୍ମିତାକୁ ମନେ ରଖିବାକୁ ହେଲେ ଓଡ଼ିଶାର ଇତିହାସ ମନେ ରଖିବାକୁ ହେବ ବୋଲି ମତବ୍ୟକ୍ତ କରିଥିଲେ। ଉତ୍କଳ ସମ୍ମିଳନୀ ମୟୂରଭଞ୍ଜ ଶାଖାର ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷା କଳ୍ପନା ଷଡ଼ଙ୍ଗୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମଧୁସୂଦନ ଦାସ ଓ ଉତ୍କଳର ଅନ୍ୟାନ୍ୟ ବରପୁତ୍ରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ପ୍ରମୋଦ କୁମାର ଶତପଥୀ ସ୍ୱାଗତ ଭାଷଣ ଓ ସମ୍ପାଦକ ଡ. ବିଚିତ୍ରନାଥ ସାହୁ ଅତିଥି ପରିଚୟ ଦେଇଥିଲେ। ସହ-ସମ୍ପାଦକ ଡ. ସ୍ୱରୂପାନନ୍ଦ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସାଂସ୍କୃତିକ କ୍ଲବର ସଂଯୋଜିକା ଡ. ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆନ୍ତଃବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଟିମ୍ 'ଏ' ବିଜୟୀ



**ବାରିପଦା, ୨।୪(ସମିସ):** ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିନ ମ୍ୟାଚରେ ଟିମ-ଏ ଟିମ-ସିକୁ ୩୫ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ-ଏ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରୋଶନ ଚୌଧୁରୀ ସର୍ବାଧିକ ୫୫ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଅଭିଷେକ ଶର୍ମା ଓ ସୁରାଇ ହେମ୍ବ୍ରମ ୩ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଟିମ-ସି ୧୫.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିପାରିଥିଲେ। ଆଦିତ୍ୟ ଦାସ ୩ଗୋଟି ଉଇକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। କାଶୀନାଥ ରଣା, ମୋହନା ବେହେରା, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଚାଲାଣ ବେଳେ ଗଞ୍ଜେଇ ଜବତ; ୩ ଗିରଫ

**ବାରିପଦା, ୨।୪(ସମିସ):** ବାରିପଦା ଦେଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଗଞ୍ଜେଇ ପୁଲିସ ଦ୍ୱାରା ଜବତ ହୋଇଛି। କୌଣସି ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରି ୨୩ କେଜିରୁ ଅଧିକ ଗଞ୍ଜେଇ ଜବତ କରିବା ସହିତ ୩ ଜଣକୁ ଗିରଫ କରିଛି। ସେମାନେ ହେଲେ ପଡୋଶୀ ପଶ୍ଚିମବଙ୍ଗର ନଦୀଆ ଜିଲ୍ଲାର ରାମପ୍ରସାଦ ରାୟ (୩୫), ମିଥୁନ ସର୍ଦ୍ଦାର (୩୨) ଏବଂ ପଲକ ବିଶ୍ୱାସ(୩୫)। ଏମାନେ ସମସ୍ତେ ଗଂଜେଇ କାରବାରରେ ସମ୍ପୃକ୍ତ ଅଛନ୍ତି। ଭଦ୍ରକ ଜିଲ୍ଲାରୁ ଗଞ୍ଜେଇ ପଶ୍ଚିମବଙ୍ଗକୁ ଏହି ଅଭିଯୁକ୍ତମାନେ ଚାଲାଣ କରିଥାନ୍ତି। ବର୍ତ୍ତମାନ ନିର୍ବାଚନ ନିମନ୍ତେ କଟକଣା ଯୋଗୁଁ ଗାଡି ମୋଟର କଡାକଡି ଯାଞ୍ଚ ପ୍ରକ୍ରିୟା ହେଉଛି। ତେବେ ବାରିପଦା ଦେଇ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚୋରା ଚାଲାଣ ନିମନ୍ତେ ସୁଗମ ବାଟ ଭାବି ବେପାରୀମାନେ ଭଦ୍ରକରୁ ବାରିପଦା ଆସିଥିଲେ। ବାରିପଦାରୁ କଲିକତାକୁ ବସ ଯୋଗେ ଗଞ୍ଜେଇ ନେବାକୁ ଯୋଜନା କରୁଥିବାବେଳେ ପୁଲିସ ଧରିଛି। ବାରିପଦା ଟାଉନ ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ନେତୃତ୍ୱରେ ଏକ ଟିମ ବାରିପଦା ସହର କଚେରୀ ଅଞ୍ଚଳର କଲିକତା ବସଷ୍ଟାଣ୍ଡ ନିକଟରେ ଚଢ଼ଉ କରିଥିଲେ। ବସଷ୍ଟାଣ୍ଡର ମୁଖ୍ୟରାସ୍ତା ପାର୍ଶ୍ୱରେ ୪ଟି ବ୍ୟାଗରେ ବିପୁଳ ପରିମାଣର ଗଞ୍ଜେଇ ଭର୍ତ୍ତି ହୋଇଥିଲା। ଜବତ ସମୟରେ ଗିରଫ ୩ ଜଣଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଦୌଡ଼ି ପଳେଇ ଯିବାକୁ ଉଦ୍ୟମ କରିଥିବା ବେଳେ ପୁଲିସ ତାକୁ ଧରିବାରେ ସଫଳ ହୋଇଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି କୁହାଯାଇଛି। ଏଥି ସହିତ ୩୪ ହଜାର ଟଙ୍କା ଓ ୩ ଗୋଟି ମୋବାଇଲ ଫୋନ୍ ଜବତ କରିଯାଇଛି।

# ଗୁଡ଼ିଆଲବନ୍ଧରୁ ବାଟବଣା ହରିଣ ଉଦ୍ଧାର

**ବାରିପଦା, ୨।୪(ସମିସ):** ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇଥିବା ଏକ ହରିଣକୁ ଉଦ୍ଧାର କରିଛି ବନ ବିଭାଗ। ବାରିପଦା ବନଖଣ୍ଡ ଅନ୍ତର୍ଗତ ଗୁଡିଆଲବନ୍ଧ ଗ୍ରାମରେ ସୋମବାର ସକାଳୁ ଏକ ହରିଣକୁ ଉଦ୍ଧାର କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରୁ ହରିଣଟି ଜନବସତିକୁ ପଳାଇ ଆସି ଚଳପ୍ରଚଳ କରୁଥିବା ସମୟରେ ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ପରେ ବନ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲେ। ଏହାପରେ ପିଠାବଟା ରେଞ୍ଜ ଅଞ୍ଚଳକୁ ନେଇ ଆବଶ୍ୟକ ଚିକିତ୍ସା କରାଯାଇ ଜଙ୍ଗଲରେ ଛଡା ଯାଇଛି।

# ଏମ୍ସିଏମ୍‌ରେ ଉତ୍କଳ ଦିବସ ପାଳିତ

**ବାରିପଦା, ୨।୪(ସମିସ):** ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସୀ ଆଣ୍ଡ ମ୍ୟାନେଜମେଣ୍ଟରେ ଗୁଣାତ୍ମକ ପ୍ରତ୍ୟାୟନ ପରିଷଦ (ଆଇକ୍ୟୁଏସି ସେଲ୍ଫ) ଏବଂ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସଂଯୋଜିକା ସବିତାରାଣୀ ଦାଶଙ୍କ ପୌରୋହିତ୍ୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ ଦିବସର ମହତ୍ୱକୁ ପ୍ରତିପାଦନ କରିବା ସହିତ ଓଡ଼ିଆ ଜାତିକୁ ସ୍ୱତନ୍ତ୍ର କରିବା ନିମନ୍ତେ ମହାପୁରୁଷମାନଙ୍କ ଉଦ୍ୟମକୁ ବାଖାଣି ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଜାତି ପାଇଁ କର୍ମବୀର ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ମୀରା ସେନାପତି, ତୃପ୍ତି ଦାସ, ସୁଜାତା ପାଲ, ସୁଦେଷ୍ଣା ଭଞ୍ଜବାବୁ, ଅଧ୍ୟାପିକ ରଞ୍ଜିତ ମାର୍ଣ୍ଡି, ପ୍ରୀତମ କୁମାର ମହାନ୍ତ, ଚୌଧୁରୀଚରଣ ପାତ୍ର, ବବଲୁ ସିଂହ ଉତ୍କଳ ଦିବସର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ଜାତୀୟ ସେବା ଯୋଜନାର ଅଧିକାରୀ ମଦନ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବିନା ସମ୍ବିଧାନରେ ଚାଲିଛି ଆଦିବାସୀ ଗ୍ରାମ ସମାଜରେ ସ୍ୱଶାସନ

# କାର୍ଯ୍ୟାନୁଷ୍ଠାନ ଦାବି କଲା ଆଦିବାସୀ ସେଙ୍ଗେଲ ଅଭିଯାନ

ବାରିପଦା, ୨।୪(ସମିସ)



ବିନା ସମ୍ବିଧାନରେ ଆଦିବାସୀ ଗ୍ରାମ ସମାଜରେ ସ୍ୱଶାସନ ବ୍ୟବସ୍ଥା ଜାରି ରହିଛି। ଏ ନେଇ ସମ୍ବିଧାନ, କାନୁନ ଏବଂ ମାନବ ଅଧିକାର ଆଇନକୁ ହତ୍ୟା କରିବା ସହ ଗଣତନ୍ତ୍ର ବ୍ୟବସ୍ଥାକୁ ମଧ ମାନୁନାହାନ୍ତି। ତେଣୁକରି ପୁଲିସ ପକ୍ଷରୁ ତୁରନ୍ତ ସମସ୍ତ ଆଦିବାସୀ ଗ୍ରାମସମାଜରେ ସମ୍ବିଧାନ, ମାନବ ଅଧିକାର ଏବଂ ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ଲାଗୁ କରିବାକୁ ଦାବି କରାଯାଇଛି। ଏ ନେଇ ଆଦିବାସୀ ସେଙ୍ଗଲ ଅଭିଯାନ ପକ୍ଷରୁ ଜୋନାଲ କମିଟି ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ମଙ୍ଗଳବାର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଂଶାନୁଗତ ଅଶିକ୍ଷିତ ମାଝୀ-ପାର୍ଗାନା (ଗ୍ରାମମୁଖ୍ୟ)ମାନେ ଆଦିବାସୀ ସମାଜର ସବୁଠାରୁ ବଡ଼ଶତ୍ରୁ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ଆଜିର ଆଧୁନିକ ଯୁଗରେ ମଧ ସ୍ୱଶାସନ ବ୍ୟବସ୍ଥା ଏବେ ସ୍ୱଶୋଷଣ ବ୍ୟବସ୍ଥାରେ ପରିଣତ ହୋଇଛି। କିଛି ଦିନ ପୂର୍ବେ ବାରିପଦା ସଦର ଥାନା ଅନ୍ତର୍ଗତ ଶାମାଖୁଣ୍ଟା ବ୍ଲକର ଜୟବିଲା ଗ୍ରାମରେ ଗ୍ରାମମୁଖ୍ୟଙ୍କ ନେତୃତ୍ୱରେ ଅତି ଅମାନବୀୟ କାର୍ଯ୍ୟ କରାଯାଇଛି। ଭୋଜି ପାଇଁ ଛେଳି ମାଂସ ନ ଦେବାରୁ ଗ୍ରାମବାସୀ ସେହି ଗ୍ରାମର ଡାକ୍ତର ସିଂଙ୍କ ମାତା ସମ୍ବାରୀ ସିଂଙ୍କ ଦେହାନ୍ତ ପରେ ଶବକୁ ତିନି ଦିନ ଧରି ଅଟକ ରଖିଥିଲେ; ଯାହାକୁ ନେଇ ଗଣମାଧ୍ୟମର ହସ୍ତକ୍ଷେପ ପରେ ୩ଦିନ ପରେ ଶବ ସତ୍କାର ହୋଇଥିଲା। ଉକ୍ତ ଘଟଣାର ଯାଞ୍ଚ କରି ଅଭିଯୁକ୍ତକୁ ଦଣ୍ଡିତ କରିବାକୁ ଦାବି କରାଯାଇଛି। କାରଣ ଏହା ମାନବ ଅଧିକାରର ଉଲ୍ଲଂଘନ କାର୍ଯ୍ୟ। ଏହାକୁ ଆଦିବାସୀ ସେଙ୍ଗେଲ ଅଭିଯାନ ଏହାକୁ ତୀବ୍ର ବିରୋଧ କରାଯାଇଛି। ଏଥିସହିତ ଆଦିବାସୀ ସେଙ୍ଗେଲ ଅଭିଯାନ ଦ୍ୱାରା ନିରନ୍ତର ଉଦ୍ୟମ ଆଦିବାସୀ ସମାଜ ସୁଧାର କାର୍ଯ୍ୟରେ ପୁଲିସ ପ୍ରଶାସନର ସହଯୋଗ ପ୍ରଦାନ କରାଯିବାକୁ ଦୃଢ ଦାବି କରାଯାଇଛି। ଅନ୍ୟଥା ମାଝୀ-ପାର୍ଗାନା ବାବାମାନେ ସ୍ୱଶାସନ ନାମରେ ପ୍ରତ୍ୟେକ ଆଦିବାସୀ ଗ୍ରାମ ସମାଜରେ ନିଶା ସେବନ, ଅନ୍ଧବିଶ୍ୱାସ, ଡାହାଣୀ ନାମରେ ହତ୍ୟା, କଙ୍ଗାରୁ କୋର୍ଟ ଦ୍ୱାରା ମନଇଚ୍ଛା ଜରିମାନା, ସାମାଜିକ ବହିଷ୍କାର କରି ପ୍ରତାରଣା, ଭୋଟ୍ କ୍ରୟ ବିକ୍ରୟ ସହିତ ଆଦିବାସୀ ମହିଳା ବିରୋଧୀ ମାନସିକତା ସହ ରାଜତନ୍ତ୍ର ଶାସନ ଜାରି ରହିବ। ଦାବିପତ୍ର ଦେବା ସମୟରେ ଉପସଭାପତି ବାହାଦୂର ମୁର୍ମୁ, ବାରିପଦା ଉପଖଣ୍ଡ ସେଙ୍ଗେଲ ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, ମାଝୀ ପାର୍ଗାନା ଜୋନାଲ ସଭାପତି ବାବୁଲୁ ମୁର୍ମୁ, ଲବ କିଶୋର ନାଏକ ପ୍ରମୁଖ ବହୁ ସେଙ୍ଗେଲ ନେତା ଉପସ୍ଥିତ ଥିଲେ।

# ଆଦିବାସୀଙ୍କ ନିଆରା ପର୍ବ 'ଦିଶମ ଜାହେରା ବହାବଙ୍ଗା'

ଖୁଣ୍ଟା/କୁଆମରା, ୨।୪(ସମିସ): ଖୁଣ୍ଟା ବ୍ଲକ ଅଧୀନ ଡୁକୁରା ନିକଟରେ ଥିବା ଶାଳ ଜଙ୍ଗଲରେ ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ଦିଶମ ଜାହେରା ବାହାବଙ୍ଗା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବରେ ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ସଂଖ୍ୟକ



ମହିଳା ଓ ପୁରୁଷ ପାରମ୍ପରିକ ପୂଜାରେ ଯୋଗ ଦେଇଥିଲେ। ଏହି ଅବସରରେ ଶାଳ ଜଙ୍ଗଲରେ ଥିବା ଆଦିବାସୀ, ସାନ୍ତାଳ ସମ୍ପ୍ରଦାୟର ପୂଜାସ୍ଥଳ ବା ଜାହିରା ପୀଠରେ ଦିଶମ ଜାହେରା ବାହାବଙ୍ଗା ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରକୃତିର ଉପାସକଭାବେ ପରିଚିତ ଥିବା ସମ୍ପୃକ୍ତ ସମ୍ପ୍ରଦାୟର ଲୋକେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି। ଜଙ୍ଗଲରୁ ଶାଳ, ମହୁଲ ଫୁଲ, ପତ୍ର ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଗୁଜରାଣ ମେଣ୍ଟାଇଥାଆନ୍ତି। ପ୍ରକୃତି ସହ ଓତଃପ୍ରୋତ ଭାବେ ଯୋଡ଼ିତ ଥିବାରୁ ଏହି ପୂଜା ମାଧ୍ୟମରେ ପ୍ରକୃତି ଦେବୀଙ୍କୁ ପୂଜା ଅର୍ଚ୍ଚନା କରିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ବୋଲି ପୂଜକ ପ୍ରକାଶ କରିଛନ୍ତି। ତେବେ ଏହି ସମସ୍ତ ଦ୍ରବ୍ୟ ସଂଗ୍ରହ କରିବାକୁ ଜଙ୍ଗଲକୁ ଯିବା ପୂର୍ବରୁ ପାରମ୍ପରିକ ପ୍ରଥା ଅନୁସାରେ ଜାହିରାଶାଳରେ ନିଜର ଇଷ୍ଟ ଦେବାଦେବୀଙ୍କ ନିକଟରେ ପ୍ରଥମେ ସମର୍ପଣ କରିବା ସହ ଶାଳଗଛର ପୂଜା କରିବା ପରମ୍ପରା ରହି ଆସିଛି। ଏଥିସହିତ ମାନବ ଜାତିର କଲ୍ୟାଣ, କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କାମନା କରି ଜଙ୍ଗଲ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୀଠସ୍ଥଳରେ କୁକୁଡ଼ା, ଛେଳି ଆଦିର ବଳି ଦିଆଯାଏ; ଯଦ୍ଦ୍ୱାରା ଜଙ୍ଗଲରେ କୌଣସି ଅଘଟଣ ହେବାର ଆଶଙ୍କା ନ ଥାଏ। ପ୍ରକୃତି ଦେବୀ ସନ୍ତୁଷ୍ଟ ହେଲେ ଚାଷ ପାଇଁ ପାଣିର ଅଭାବ ରହି ନ ଥାଏ ବୋଲି ବିଶ୍ୱାସ ମଧ୍ୟ ରହିଛି। ତେଣୁ ଏହି ପୂଜା ସମ୍ପୃକ୍ତ ସମ୍ପ୍ରଦାୟ ପାଇଁ ବେଶ୍ ଗୁରୁତ୍ୱ ବହନ କରେ। ଉତ୍ସବର ଆରମ୍ଭରେ ଜାହିରା ଶାଳର ପୂଜକଙ୍କୁ ପାରମ୍ପରିକ ରିତିନୀତିରେ ଧୁମସା ମାଦଳ ବଜାଇ ନାଚଗୀତ ମାଧ୍ୟମରେ ପୂଜାସ୍ଥଳକୁ ନିମନ୍ତ୍ରଣ କରି ଅଣାଯାଇଥାଏ। ପରେ ରୀତିନୀତି ଅନୁଯାୟୀ ପୂଜାବିଧି ଶେଷ ହେବା ପରେ ଶ୍ରଦ୍ଧାଳୁମାନେ ପୂଜକଙ୍କ ନିକଟରୁ ପୂଜାରେ ଲଗାଯାଇଥିବା ଶାଳଗଛର ନୂତନ ଫୁଲ ଗ୍ରହଣ କରିବା ପରେ ମହିଳାମାନେ ଏହାକୁ ଖୋସା ଏବଂ ପୁରୁଷମାନେ କାନରେ ପରସ୍ପରକୁ ଫୁଲ ଲଗାଇ ନାଚଗୀତରେ ମସଗୁଲ ହୋଇଥାନ୍ତି।

## ବିଜେପିର ଲାଭାର୍ଥୀ ସମ୍ପର୍କ ଅଭିଯାନ ଆରମ୍ଭ

ବାଙ୍ଗିରିପୋଷି, ୨।୪(ସମିସ): ରାଷ୍ଟ୍ରୀୟ ସ୍ତରରେ ବିଜେପି ପକ୍ଷରୁ ଦେଶବ୍ୟାପୀ କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନାର ଲାଭ ସମ୍ପର୍କରେ ଘର ଘର ବୁଲି ଲିଫଲେଟ ବାଣ୍ଟିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପେକ୍ଷୀରେ ବାଙ୍ଗିରିପୋଷି ବ୍ଲକର ୨୭ ନମ୍ବର ଜୋନର ମଣ୍ଡଳ ସଭାପତି ଦୁଲାରାମ କିସ୍କୁଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଉଛନ୍ତି। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ୨୭ନଂ ଜୋନରେ ଥିବା ୧୦ଟି ପଞ୍ଚାୟତରେ ଥିବା ଗ୍ରାମରେ ଘରକୁ ଘର ଯାଇ ସଚେତନତା ବାର୍ତ୍ତା ବାଣ୍ଟିବା ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ କିସ୍କୁ କହିଛନ୍ତି।

## ଉତ୍କଳ ଦିବସରେ ବରପୁତ୍ରଙ୍କୁ ଅସମ୍ମାନ; ଫୁଲମାଳଟିଏ ବି ଦେଲାନି ପ୍ରଶାସନ

ବହଳଦା, ୨।୪ (ସମିସ): ବହଳଦା ସରସ୍ୱତୀ ଶିଶୁ ନିକେତନ ସମେତ ବହଳଦା ଉଚ୍ଚବିଦ୍ୟାଳୟ, ଜାରିଡାଣ୍ଡି ଉଚ୍ଚବିଦ୍ୟାଳୟରେ ସୋମବାର ଉତ୍କଳ ଦିବସ ପାଳିତ ହୋଇଛି। ହେଲେ ବହଳଦାର ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଏପରିକି ନିଜ କାର୍ଯ୍ୟାଳୟକିମ୍ବା ସହରରେଥିବା କୌଣସି ବରପୁତ୍ରଙ୍କୁ ପ୍ରଶାସନ ପକ୍ଷରୁ ମନେ ପକାଇଲେ ନାହିଁ କି ଫୁଲମାଳଟି ବି ଦେବାକୁ ବି ଉଚିତ ମନେକଲେ ନାହିଁ। ଏ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବହଳଦା ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଅଲଚିକି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ବିଶିଷ୍ଟ ଆଦିବାସୀ ଜନନାୟକ ପୂର୍ବତନ ମନ୍ତ୍ରୀ ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନୀୟ ପ୍ରଶାସନ ବାରମ୍ବାର ଅଣଦେଖା କରୁଥିବା ଘଟଣାକୁ ନେଇ ସାଧାରଣରେ ନାପସନ୍ଦ କରାଯାଉଛି। ସାମାଜିକ କର୍ମୀ ଅତନୁ କୁମାର ମହାନ୍ତିଙ୍କ ନେତୃତ୍ୱରେ ସାହିତ୍ୟିକ ନେପାଳ ଚନ୍ଦ୍ର ସାହୁ, ସାମ୍ବାଦିକ ଅଶୋକ କୁମାର ରାଉତ, ସଂସ୍କୃତିପ୍ରେମୀ ଅନୁପ କୁମାର ପାଣିଗ୍ରାହୀ, ଫନୀନ୍ଦ୍ର ମହାକୁଡ଼, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପଙ୍କଜ ରାଉତ, ଯୁବନେତା ଜିତେନ୍ଦ୍ର ମଲ୍ଲିକ, ଦେବାଶିଷ ରାଉତ, ଆଶିଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ସେଣ୍ଟ ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବ




ବଡ଼ଡାଲିମା/ତିରିଙ୍ଗ, ୨।୪(ସମିସ): ତିରିଙ୍ଗ ବ୍ଲକ ବଡ଼ଡାଲିମା ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଷଷ୍ଠତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଦେବାଶିଷ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର କର, ମୁଖ୍ୟବ୍ୟକ୍ତା ଭାବେ ଗୋପୀନାଥ ପାହାଡି, ସମ୍ମାନିତ ଅତିଥି ଭାବେ ରାଖାଲଚନ୍ଦ୍ର ବସା, ବିଜୟ କୁମାର ବସା, ବିଦ୍ୟାଳୟ ଚେୟାରମ୍ୟାନ ଡମ୍ବରୁଧର ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଷ୍ଣୁ ଦେଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସଭ୍ୟ ପ୍ରୀତିରଞ୍ଜନ ମିଶ୍ର, ଜ୍ଞାନେନ୍ଦ୍ର ବସା, ଅଜୟ ପଣ୍ଡା ଉତ୍ସବର ସଞ୍ଚାଳନ କରିଥିବା ବେଳେ ମଳୟକାନ୍ତ ମିଶ୍ର, ସଞ୍ଜୀବ ସାହୁ, ଅମ୍ରିତା ରାମ, ଜେନା ଶତପଥୀ, ଲିପ୍ସା ବିହାରୀ, ରାଣୀମନି ମୁର୍ମୁ, ଅନିତା ମିଶ୍ର, ରବୀନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଦେବାଶିଷ କର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜଗନ୍ନାଥ ମନ୍ଦିର ତାଲାଭାଙ୍ଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଚୋରି

ବେତନଟୀ, ୨।୪(ସମିସ): ବେତନଟୀ ଉପକଣ୍ଠ ଉଠାଣିସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ରବିବାର ରାତିରେ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ମୂର୍ତ୍ତି, କଂସା, ପିତ୍ତଳ ବାସନକୁସନ ସମେତ ଦାନହୁଣ୍ଡିରେ ଥିବା ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଖବର ପାଇ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି ପୁଲିସ। ସୂଚନା ମୁତାବକ ସୋମବାର ସକାଳେ ପୂଜକ ପ୍ରଥମେ ମନ୍ଦିରରୁ ଚୋରି ହୋଇଥିବା ନେଇ ପରିଚାଳନା କମିଟିକୁ ଜଣାଇଥିଲେ। ଏହାପରେ ସଭାପତି ଯୋଗେଶ୍ୱର ମିଶ୍ର, ଶଶଧର ପଣ୍ଡା, ଦେବରଞ୍ଜନ ସାହୁ, ସତୀଶ କୁମାର ସାହୁ, ଗୌତମ ବେହେରା, ଆଇନଜୀବୀ ଭଗୀରଥ ପଣ୍ଡିତ ପହଞ୍ଚିଥିଲେ। ଚୋରମାନେ ମନ୍ଦିର ମୁଖ୍ୟଫାଟକ ଏବଂ ଦ୍ୱାର ତାଲା ଭାଙ୍ଗି ଭିତରକୁ ପଶିବା ସହିତ ମହାପ୍ରଭୁଙ୍କର ସୁନାରୁପା ଅଳଙ୍କାର, ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାଧାକୃଷ୍ଣ, ଆଣ୍ଠୁଆ ଗୋପାଳଙ୍କ ମୂର୍ତ୍ତି ଚୋରି କରିନେଇଛନ୍ତି। ଏଥିସହିତ ପିତ୍ତଳ ଘଣ୍ଟା, ହାତଘଣ୍ଟି, ୪ଟି ଝାଲି, ୫ଟି ବଡ କଂସା ଥାଳି, ୪ଟି ଛୋଟ କଂସା ଥାଳି, ୪ଟି କଂସାଗିନା, ଗୋଟିଏ ବଡ ପିତ୍ତଳ ତସଲା, ୪ଝାଲ କଂସା ଯୋଡି, ୨ଟି ଛୋଟ ପିତ୍ତଳ ପରାତ ଏବଂ ଦାନବାକ୍ସରୁ ପାଖାପାଖି ୫୦ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି।

## ନିର୍ବାଚନ ପାଇଁ ପୁଲିସର ଫ୍ଲାଗମାର୍ଚ୍ଚ

ବେତନଟୀ, ୨।୪(ସମିସ): ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବେତନଟୀ ଥାନା ଅଧୀନ ଜାମଦାପାଳ, ହାତୀକୋଟ, ବେଣାଶୋଳ, ଓରାଚନ୍ଦାବିଲାରେ ସୋମବାର ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ବେତନଟୀ ଆଇଆଇସି ସସ୍ମିତା ମହାନ୍ତଙ୍କ ନେତୃତ୍ୱରେ କୃଷ୍ଣଚନ୍ଦ୍ରପୁର ଫାଣ୍ଡିଅଧିକାରୀ ସୂତାର କୁମାର ମହାନ୍ତ, ଏଏସଆଇ ରମାକାନ୍ତ ମଲ୍ଲିକ, ଏଏସଆଇ ସାନନ୍ଦ ନାଏକଙ୍କ ସମେତ ୧ କମ୍ପାନୀ କେନ୍ଦ୍ରୀୟ ସିଆଇଏସଏଫର ସଶସ୍ତ୍ର ଯବାନ ଏବଂ ଅଧିକାରୀ ସାମିଲ ହୋଇଥିଲେ। ଗାଁ ଗହଳିରେ କୌଣସି ଅପ୍ରୀତିକର କିମ୍ବା ଅସାମାଜିକ ତଥା ବେଆଇନ କାର୍ଯ୍ୟକଳାପ ବାବଦରେ ତୁରନ୍ତ ପୁଲିସକୁ ଜଣାଇବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା।

## ଦୁଇ ବାଲି ବୋଝେଇ ଟ୍ରାକ୍ଟର ଜବତ

ବେତନଟୀ, ୨।୪(ସମିସ): ବେତନଟୀ ପୁଲିସ ଏବଂ ମୟୂରଭଞ୍ଜ ଜିଲ୍ଲା ଖଣି ବିଭାଗ ପକ୍ଷରୁ ସୋମବାର ଚଢଉ କରି ଭଦୁଶୋଳ ଏବଂ ହାତୀକୋଟରୁ ଦୁଇଟି ଚୋରା ବାଲିବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଜବତ ଟ୍ରାକ୍ଟରରୁ ୪୦ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଥିବା ବେଳେ ଚାଳକକକୁ କୋର୍ଟଚାଲାଣ କରିଛି ପୁଲିସ।

## ଓଡ଼ିଶାର ନାମ ପୁଣି 'ଉତ୍କଳ' ରଖିବାକୁ ଦାବି

କରଞ୍ଜିଆ, ୨।୪(ସମିସ): କରଞ୍ଜିଆର ମଧୁବାରିଷ୍ଟର୍ ମାର୍ଗରେ ରାଷ୍ଟ୍ର ଚିନ୍ତନ ଓ ଜାଗରଣ ସଂଗଠନ 'ଚେତନା' ତରଫରୁ ୮ ୯ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ବିତର୍କ- 'ଓଡ଼ିଶାର ନାମ ଉତ୍କଳ ହେବ ନାହିଁ କାହିଁକି? ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବରିଷ୍ଠ ସରକାରୀ କର୍ମଚାରୀ ସର୍ବେଶ୍ୱର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଭରତ ଚନ୍ଦ୍ର ଦାଶ, ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ସେଠୀ, ନିମନ୍ତ୍ରିତ ସମ୍ମାନିତ ଅତିଥି ଭାବରେ ସମାଜସେବୀ ବସନ୍ତ ରଣା, ସୁବାସଚନ୍ଦ୍ର ହେମ୍ବ୍ରମ, ସିଦ୍ଧାର୍ଥ କୁମାର ରାୟ,




ସଚ୍ଚିଦାନନ୍ଦ ମାନବ, ସାହିତ୍ୟିକ ମିତ୍ରଭାନୁ ତନ୍ତୀ, ପାଞ୍ଚପିଢ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଯଯାତି କିଶୋର ମହାନ୍ତ, ପ୍ରାଧ୍ୟାପକ ଜନ୍ମେଞ୍ଜୟ ଶତପଥୀ, ନବକିଶୋର ପାତ୍ର, ଚେତନାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଆଇନଜୀବି ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଓଡ଼ିଶାର ନାମ ପୁଣି 'ଉତ୍କଳ' ରଖାଯାଉ ବୋଲି ଦାବି କରିଥିଲେ। ଏହି ପ୍ରସଙ୍ଗରେ କରଞ୍ଜିଆ (ମୟୂରଭଞ୍ଜ ଜିଲ୍ଲା) ମାଟିରୁ ପ୍ରଥମେ ପଦକ୍ଷେପ ନେବା ପାଇଁ ଉତ୍କଳବାସୀଙ୍କୁ ଆହ୍ୱାନ କରିଥିଲେ। ବିଚ୍ଛିନ୍ନ ହୋଇଥିବା ଷଢେଇକଳା, ଖରସୁଆଁ ଓ ସିଂହଭୂମ ଆଦି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଉତ୍କଳ ପ୍ରଦେଶରେ ପୁଣି ମିଶ୍ରଣ କରିବାକୁ ଦୃଢୋକ୍ତି ପ୍ରକାଶ ପାଇଥିଲା।

## ୮ ୯ତମ ଓଡ଼ିଶା ଦିବସ ସାରସ୍ୱତ ସମାବେଶ

ବାରିପଦା, ୨।୪(ସମିସ): ବାରିପଦା ମହର୍ଷି ପବ୍ଲିକ ସ୍କୁଲ ସଭାଗୃହରେ ୮ ୯ତମ ଓଡ଼ିଶା ଦିବସ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଇଂ. ମନୋଜ ଦଳବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ମୁଖ୍ୟଅତିଥି, ଓଡିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡିଆ ଅସ୍ମିତାର ରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ମତ ଦେଇଥିଲେ। ବ୍ୟଙ୍ଗ ସାହିତ୍ୟିକ ସମରେନ୍ଦ୍ର ବଶା ଏବଂ ସମ୍ପାଦକ କୈବଲ୍ୟ ପ୍ରସାଦ ମହାପାତ୍ର ଓଡ଼ିଶା ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ କବୟିତ୍ରୀ ସୁଧାମୟୀ ଦାସ ଏବଂ ଡ. ଶଶିଧର ବିଶ୍ୱାଳଙ୍କ ମିଳିତ ସଂଯୋଜନାରେ ଆୟୋଜିତ କବିତାପାଠରେ ସ୍ନେହଲତା ନାୟକ, ଗୋପାଳଚନ୍ଦ୍ର ସାଓ, ନରସିଂହ ବାରିକ, ଅଜିତ ପାଣିଗ୍ରାହୀ, ଜୟନ୍ତ ଦ୍ୱାରୀ, ପିତାମ୍ବର ମଲ୍ଲିକ, ସତୀଶ ଚନ୍ଦ୍ର ବେହେରା, ପାର୍ବତୀ ବାରିକ, ଡ. ସଞ୍ଜୀବ ପାଣିଗ୍ରାହୀ, ବନମାଳୀ ପାତ୍ର, ବୀଣାପାଣି ପଣ୍ଡା, ଶଂକର ଜେନା, କାବେରୀ ମିଶ୍ର, ଅଜିତ କୁମାର କବାଟ, ହିମାଂଶୁ ଶେଖର ଦାସ, ଅଚ୍ୟୁତ ପ୍ରସାଦ ମହାପାତ୍ର, ବାସନ୍ତୀଲତା ମହାପାତ୍ର, ଭଗବତୀ ଦାଶ, ଭାସ୍ୱତୀ ପଣ୍ଡା, ମିନତୀ ପଣ୍ଡା, ବାସୁଦେବ ସାହୁ, ଅଭିଷେକ ବେହେରା ଡା ସୁମନ ପ୍ରଭା ନାୟକ, ଅଜମ୍ବର ପୃଷ୍ଟି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଦୁଇ ଶିଶୁ କଳାକାର ସୁତନୁ ଏବଂ ନୂତନୁ ନାୟକ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ।

## ପରିବେଶବିତ୍ ସନ୍ତୋଷ ମହାନ୍ତିଙ୍କ ସ୍ମୃତିସଭା

ବାରିପଦା, ୨।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ବିଶିଷ୍ଟ ପରିବେଶବିତ ସ୍ୱର୍ଗତ ସନ୍ତୋଷ ମହାନ୍ତିଙ୍କ ଦେଉଳସାହି ସ୍ଥିତ ବାସ ଭବନରେ ଏକଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଡକ୍ଟର ବିଜୟ କୁମାର ଅଗ୍ରୱାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ପରିବେଶ ସମିତିର ଉପାଧ୍ୟକ୍ଷ ଓ ଓଡ଼ିଶା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ରୂପେ ଅନେକ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନ ତଥା ଗ୍ରାମ୍ୟ ଜଙ୍ଗଲ କମିଟି ସହ ସମ୍ପର୍କ ରଖି ଉପଯୁକ୍ତ ପରାମର୍ଶ ଦେଇଛନ୍ତି। ଆନ୍ତର୍ଜାତିକ ପରିବେଶ ଅନୁଷ୍ଠାନ 'ପ୍ରିୟା' ଓ 'ସିଏସଇ' ସହ ସମ୍ପର୍କ ରଖି ଶିମିଳିପାଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବାପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାବାସୀ, ପ୍ରକୃତିପ୍ରେମୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧଜୀବି ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କର ଏକାଦଶାହ ସଭାରେ ସ୍ମୃତିଚାରଣ କରିଥିଲେ। କଲ୍ୟାଣୀ କୁମାର ସିହ୍ନା, ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ହରିହର ଦାସ, ଅରୁଣ କୁମାର ଓତା, ସଚ୍ଚିଦାନନ୍ଦ ମହାନ୍ତି, ଜୟନ୍ତ ପାଣିଗ୍ରାହୀ, କୁମାର ବାବୁଲି, ଜନ ଜର୍ଜ, କାମିନୀ କୁମାର ମଲାକାର, ପ୍ରଳୟ କୁମାର ମହାନ୍ତି ପ୍ରମୁଖ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ରକ୍ତଦାନ ଶିବିର; ୫୪ ୟୁନିଟ୍ ସଂଗ୍ରହ

କରଞ୍ଜିଆ, ୨।୪(ସମିସ): ଉତ୍କଳ ଦିବସ ଅବସରରେ ମାରୱାଡି ଯୁବାମଞ୍ଚ, ମହିଳାସମିତି ଓ ଶକ୍ତି ଶାଖା ଅନୁକୂଲ୍ୟରେ ଶକ୍ତି ମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୫୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କରଞ୍ଜିଆ ଡାକ୍ତଖାନା ରକ୍ତ ଭଣ୍ଡାରର ଡାକ୍ତର ଗୌରାଙ୍ଗ ଚରଣ ନାୟକ ରକ୍ତ ପରୀକ୍ଷା କରିଥିବା ବେଳେ ଏଲଟି କପିଳେନ୍ଦ୍ର ରାଉତ, ବିମୁଳ ମୁଖୀ, ମହନ୍ତ ବାବୁ ସହଯୋଗ କରିଥିଲେ। ମଞ୍ଚ ସଭାପତି ଅଭିଷେକ ଅଗ୍ରୱାଲା, ସମ୍ପାଦନ ଆଶିଷ ଅଗ୍ରୱାଲା, ମହିଳା ଶକ୍ତି ଶାଖାର ପାର୍ବତୀ ଅଗ୍ରୱାଲା, ମହିଳା ଜାଗୃତିର ସୁଇଟି ଅଗ୍ରୱାଲା, ପ୍ରଦୀପ ବର୍ମା, ସୌରଭ ସୁଲତାନିଆ ପ୍ରମୁଖ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳିତ

କୁଆମରା, ୨।୪(ସମିସ): ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ପରିସରରେ ବିଡିଓ କରୁଣାକର ଧିଦାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ କନିଷ୍ଠ ଯନ୍ତ୍ରୀ, ପିଇଓ, ଜିପିଓ ଉପସ୍ଥିତ ରହି ଓଡ଼ିଶା ପ୍ରଦେଶ ଗଠନର ମହାପୁରୁଷମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଟିଟିଆ ଆଦର୍ଶ ବିଦ୍ୟାଳୟରେ ଅଧକ୍ଷା ନିପାସା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷକ ସୌମ୍ୟାରଞ୍ଜନ ବେହେରା, ସୁନିତା ସରେନ, ରୁଦ୍ରନାରାୟଣ ସେଠୀ, ତବସୁମ ଆରା, ବିନ୍ଦୁ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ମହାପୁରୁଷମାନଙ୍କ ବଳିଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

**ରାଇରଙ୍ଗପୁର:** ବିହାରୀ ଏକତା ସଂଘ ରାଇରଙ୍ଗପୁର ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଲାଲବାବୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ବିଜୟ କୁମାର ରାମ ସଂଯୋଜନା କରିଥିଲେ। ଏଥିରେ ଡାକ୍ତର ଦିଗାମ୍ବର ଗିରି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡିଆ ମହାନାୟକମାନଙ୍କ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ତିମିର ରଞ୍ଜନ ପଣ୍ଡା, ରଞ୍ଜନ କୁମାର ନନ୍ଦ, ତୁଷାରକାନ୍ତ ମହନ୍ତ ଯୋଗଦେଇ ଉତ୍କଳ ଦିବସ ଉପରେ ମନ୍ତବ୍ୟ ଦେଇଥିଲେ। ସଂଘର ସହ ସମ୍ପାଦକ ବୈଦ୍ୟନାଥ ସାହୁ, ସଦସ୍ୟ ମନୋଜ ସିଂହ, କୌଶିକ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

**ଠାକୁରମୁଣ୍ଡା:** ଠାକୁରମୁଣ୍ଡା ମା' ବସୁଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋମବାର ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ଉତ୍କଳ ଦିବସ ପାଳନ କରାଯାଇଛି। ଶାଖା ସଭାପତି ପଦ୍ମଲୋଚନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସ୍ୱାତୀପ୍ରଜ୍ଞା ମାହାନ୍ତ, ମୁଖ୍ୟବକ୍ତା ଭାବରେ ଡ଼. ହରିଶ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥିଭାବେ ଜ୍ୟୋତ୍ସ୍ନା ପାଣିଗ୍ରାହୀ ଯୋଗ ଦେଇଥିଲେ। ଅତୃପ୍ତା ମହନ୍ତ ସଭାକୁ ସଂଯୋଜନା କରିଥିଲେ। ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ଗାନ ପରେ ସଭା ଆରମ୍ଭ ହୋଇଥିଲା। ଅତିଥିମାନେ ଉତ୍କଳ ଦିବସର ଗାରିମା ଓ ବିବେକାନନ୍ଦଙ୍କ ଦର୍ଶନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ସୁନିତା ମାହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ମୋରଡା:** ଚିତ୍ରଡା ଜଗନ୍ନାଥ ମନ୍ଦିର ପରିସରରେ ମୋରଡା ବ୍ଲକ ସାମ୍ବାଦିକ ସଙ୍ଘ ତରଫରୁ ଉତ୍କଳ ଦିବସ ପାଳନ କରାଯାଇଛି। ମୋରଡା ବ୍ଲକ ଉପାଧକ୍ଷା ଜେମାମଣି ମହାନ୍ତ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଗୋପବନ୍ଧୁ ଦାସ, ଫକୀରମୋହନ ସେନାପତିଙ୍କ ସ୍ମୃତିଚାରଣ କରି ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଆଗାମୀ ଦିନରେ ମୋରଡା ବ୍ଲକର ଦୁସ୍ଥ, ଗରିବ, ଅସହାୟଙ୍କୁ ମୋରଡା ବ୍ଲକ ସାମ୍ବାଦିକ ସଙ୍ଘ ପହଞ୍ଚି କିପରି ସାହାଯ୍ୟ ସହଯୋଗ କରିବ ସେ ବାବଦରେ ମଧ୍ୟ ଆଲୋଚନା କରାଯାଇଥିଲା।

**ଶୁକ୍ଲି/ଖୁଣ୍ଟିଂ:** ଶୁକ୍ଲି ବରିଷ୍ଠ ନାଗରିକ ସଙ୍ଘ ତରଫରୁ ଖୁଣ୍ଟିଂ ମା' କୀଚକେଶ୍ୱରୀ ପୀଠରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳର ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଭାପତି କାହ୍ନୁଚରଣ ଗିରି ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ନଗେନ ପାଲ ସଂକ୍ଷିପ୍ତ ଭାଷଣ ରଖିଥିଲେ। ସଦସ୍ୟ ଡଃ. ଚନ୍ଦ୍ରଶେଖର ଦାସ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକୀର ମୋହନ ସେନାପତି, ଭୁବନାନନ୍ଦ ଦାସ, ଉତ୍କଳମଣି



ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, ବାସୁଦେବ ସୁଢଳଦେବ, ରାଧାନାଥ ରାୟ ପ୍ରମୁଖ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଆପ୍ରାଣ ଉଦ୍ୟମ କରିଥିଲେ। ଏହି ବୀର ପୁରୁଷମାନଙ୍କର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଷରେ ଭାଗିରଥି ମହାକୁଡ଼, ଲକ୍ଷ୍ମୀଧର କବାଟ ତଥା ପରେଶନାଥ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଉଦଳା:** ଉଦଳା ବ୍ଲକ ଅନ୍ତର୍ଗତ ବିସିପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଉତ୍କଳ ଦିବସ ସମାରୋହରେ ପାଳିତ ହୋଇଛି। ମୌନଧ୍ୱନି ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ରର ସଭାନେତ୍ରୀ ନିଶାମଣି ରାଉତ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ମୌନଧ୍ୱନି ଫାଉଣ୍ଡେସନର ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ ଯୋଗଦେଇ ଓଡ଼ିଶାକୁ କିପରି ଜଣେ ସଫଳ ବ୍ୟକ୍ତି ନୁହେଁ ଭଲ ବ୍ୟକ୍ତିର ପ୍ରୟୋଜନ ଅଛି ସେ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଆଶିଷ କୁମାର ମଲ୍ଲିକ୍ ଏବଂ କବି ଓ




ଚିତ୍ରଶିଳ୍ପୀ ଦେବେନ୍ଦ୍ର କୁମାର ରାଉଳ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ମଧୁସ୍ମିତା ସାମଲ ଏବଂ ସମ୍ପାଦକ ଶାନ୍ତି ପ୍ରବୀର ରାଉତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସମବେତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବାଲିଆଡିପାରେ ୨୬ତମ ଛଉ ଉତ୍ସବ ଉଦ୍ଯାପିତ

ମୋରଡା, ୨।୪(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ କୋହି ପଞ୍ଚାୟତ ଅଧୀନ ବାଲିଆଡିପାରେ ଚାଲିଥିବା ୨୬ତମ ଛଉ ନୃତ୍ୟ ଉଦ୍ଯାପିତ ହୋଇଯାଇଛି। ରାଧାକୃଷ୍ଣ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ କରତପଟାର ବାଉରାମାତା ଓ ବଡ଼ଜାମବଣି ଛଉ ନୃତ୍ୟ ପ୍ରତିଷ୍ଠାନ ଭାଗ ନେଇଥିଲେ। ଅନୁଷ୍ଠିତ ଉତ୍ସବରେ ମାୟା ଶବରୀ, ଚାଷୀ ମୁଳିଆ, ପଞ୍ଚ ଶାଖା, କେଉଟକେଉଟୁଣୀ, କରମ ପୂଜା ଛଉ ନୃତ୍ୟ ପରିବେଷଣ କରି କଳାକାରମାନେ ଦର୍ଶକଙ୍କ ମନମୋହିଥିଲେ। କମିଟି ସଦସ୍ୟ ଗାନ୍ଧୀ କୁମାର ତୁଙ୍ଗ, ତପନ ପାଟବନ୍ଧା, ଅରବିନ୍ଦ କୁମାର ତୁଙ୍ଗ, ଗୋବିନ୍ଦଚନ୍ଦ୍ର ସି ପ୍ରମୁଖ ସହଯୋଗ କରିଥିଲେ।

# ରକ୍ତଦେଇ ବୃଦ୍ଧାଙ୍କ ଜୀବନ ବଞ୍ଚାଇଲେ ଦୃଷ୍ଟିବାଧିତ ଦେବୀ

ବେତନଟୀ, ୨।୪(ସମିସ): ଯିଏ ଜନ୍ମରୁ ଦୁନିଆ ଦେଖିନାହାନ୍ତି; ଯାହାପାଇଁ ଏ ସମଗ୍ର ସଂସାର ଅନ୍ଧାର, ସେଭଳି ଜଣେ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରି ଜଣେ ଚିକିତ୍ସାଧୀନ ଗୁରୁତର ବୃଦ୍ଧାଙ୍କ ଜୀବନ ବଞ୍ଚାଇପାରିଛନ୍ତି। ଦିବ୍ୟାଙ୍ଗ ଯୁବକ ଜଣକ ହେଉଛନ୍ତି ଶୁଳିଆପଦା ଥାନା ଅଧୀନ ଧଡାଙ୍ଗିରି ଗ୍ରାମର ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର ସଦସ୍ୟ ଦେବୀ ବେଶ୍ରା। ବେତନଟୀ ରେଞ୍ଜ ଅଧୀନ ଭଣ୍ଡାରୀକୁଳା ଗ୍ରାମର ସ୍ୱର୍ଗତ ନବୀନ ବେଶ୍ରାଙ୍କ ସ୍ତ୍ରୀ ସିନଗୋ ବେଶ୍ରା (୬୫) ରକ୍ତହୀନତା ରୋଗରେ ଆକ୍ରାନ୍ତ ହୋଇ ବାରିପଦା ଡାକ୍ତରଖାନାରେ



ଭର୍ତ୍ତି ହୋଇଥିଲେ। ତେବେ ଗୁରୁତର ସିନଗୋଙ୍କ ଜୀବନ ବଞ୍ଚାଇବାକୁ ହେଲେ ତୁରନ୍ତ 'ଓ' ପଜିଟିଭ ରକ୍ତର ଆବଶ୍ୟକତା ରହିଥିଲା। ସିନଗୋଙ୍କ ପରିବାର ସୋମବାର ଦିନତମାମ 'ଓ' ପଜିଟିଭର ରକ୍ତଦାତା ଯୋଗାଡ କରିବା ଉଦ୍ୟମକରି ବିଫଳ ହୋଇଥିଲେ। ଶେଷରେ ବେତନଟୀ ଥାନା ଅଧୀନ ବାରମାଇଲ ଅଞ୍ଚଳର ସୂଚନା ଅଧିକାର କର୍ମୀ ତଥା ସମାଜସେବୀ ମହେଶ୍ୱର ମହାନ୍ତିଙ୍କୁ ଯୋଗାଯୋଗ କରିଥିଲେ। ପରେ ସେ ଦେବୀଙ୍କ ସହିତ ଯୋଗାଯୋଗ କରିଥିଲେ। ସହମତି ପ୍ରକାଶ କରି ଦେବୀ ବେଶ୍ରା ବାରିପଦା ରକ୍ତଭଣ୍ଡାରରେ ପହଞ୍ଚି ରକ୍ତଦାନ କରି ବୃଦ୍ଧା ସିନଗୋଙ୍କ ଜୀବନ ବଞ୍ଚାଇଥିଲେ।

# ଦ୍ୱାରଶୁଣୀ ଘାଟିରେ ଜଳିଗଲା ପିଆଜ ବୋଝେଇ ଟ୍ରକ; ଚାଳକ ଜୀବନ୍ତଦଗ୍ଧ

ବିଶୋଇ, ୨।୪ (ସମିସ): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ୪୯ ନଂ. ଜାତୀୟ ରାଜପଥ ସ୍ଥିତ ଦ୍ୱାରଶୁଣୀ ଘାଟିରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଘାଟି ରାସ୍ତାରେ ଏକ ପିଆଜ ବୋଝେଇ ଟ୍ରକଟି ଜଳି ଯାଇଥିବାବେଳେ ଚାଳକ ଜୀବନ୍ତଦଗ୍ଧ ହୋଇଥିବା ଜଣାପଡ଼ିଛି। ସୂଚନାଥାଉ କି, ଆଜି ସକାଳ ୧୦ଟାରେ ବିଶୋଇରୁ କଲକାତା ଅଭିମୁଖେ ଯାଉଥିବା ପ୍ଲାଷ୍ଟିକ ଓ ପିଆଜ ବୋଝେଇ ଟ୍ରକଟି ରାଜାବସା ନିକଟ ଦ୍ୱାରଶୁଣୀ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଏକ ପଥରରେ ପିଟି ହୋଇଯାଇଥିଲା। ଫଳରେ ଟ୍ରକରେ ନିଆଁ ଲାଗି ଯାଇଥିଲା। ଖବର ପାଇ ରାଇରଙ୍ଗପୁର ଏସ.ଡି.ପି.ଓ ଗୋକୁଳାନନ୍ଦ ସାହୁ ସମେତ ବିଶୋଇ ଥାନା ଅଧିକାରୀ ମିନି ଭୋଇ, ଏସ୍.ଆଇ ଘନଶ୍ୟାମ ମଲ୍ଲିକ ସହିତ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତେବେ ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ ବିଶୋଇ, ବିଜାତଳା ଓ ବାଙ୍ଗରିପୋଷି ଦମକଳ ବାହିନୀ ଦୀର୍ଘ ସମୟ ଧରି ଉଦ୍ୟମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଟ୍ରକ ମଧ୍ୟରେ ଥିବା ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଥିବାବେଳେ ତାଙ୍କ ମାଂସ, ହାଡ଼ ସଂଗ୍ରହ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ସାଇଣ୍ଟିଫିକ ଟିମର ରିପୋର୍ଟ ଓ ବ୍ୟବଚ୍ଛେଦ ରିପୋର୍ଟ ପରେ ଠିକ୍ ତଥ୍ୟ ଜଣାପଡ଼ିବ ବୋଲି ଓଆଇସି ମିନି ଭୋଇ ସୂଚନା



ଦେଇଛନ୍ତି। ରାସ୍ତା କଡରେ ଟ୍ରକଟି ଦିନତମାମ ହୁତୁହୁତୁ ଜଳୁଥିବା କାରଣରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ୍ ପକ୍ଷରୁ ଘାଟି ରାସ୍ତାକୁ ଅପରାହ୍ନ ୨ଟା ଯାଏ ବନ୍ଦ କରାଯାଇଥିଲା। ଏହି ଘଟଣାକୁ ନେଇ ବର୍ତ୍ତମାନ ସୁଦ୍ଧା ବିଶୋଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ବେଳେ ଟ୍ରକଟି ସମ୍ପୂର୍ଣ୍ଣ ପୋଡିଯାଇଛି। ଏପରିକି ଟ୍ରକର ନମ୍ବର ପ୍ଲେଟ ମଧ୍ୟ ମିଳିପାରୁନାହିଁ। ପୁଲିସ ତଦନ୍ତ ଚଳାଇଛି।

## କେନ୍ଦୁଝରରେ ଅସହ୍ୟ ହେଲାଣି ତାତି

# ଏପ୍ରିଲ ଆରମ୍ଭରୁ ୪୦ ଡିଗ୍ରୀ ଛୁଇଁଲା

**କେନ୍ଦୁଝର,୨।୪(ସମିସ)**

ଏପ୍ରିଲ ମାସର ଏଇମାତ୍ର ଆରମ୍ଭ; କିନ୍ତୁ ଜିଲ୍ଲାରେ ଏ ବର୍ଷର ଗ୍ରୀଷ୍ମ ପ୍ରବାହ ଦେଖି ଲୋକେ ଆଶଙ୍କାରେ ରହିଲେଣି। କେନ୍ଦୁଝରରେ ମଙ୍ଗଳବାର ଦିନର ସର୍ବାଧିକ ତାପମାତ୍ରା ୩୯.୫ ଡିଗ୍ରୀ ସେଲସିଆସ ହୋଇଥିବାରୁ ତାପମାତ୍ରାକୁ ନେଇ ସମସ୍ତଙ୍କର ଚିନ୍ତା ବଢିଲାଣି। କୌଣସି ବର୍ଷ ଏପ୍ରିଲ ପହିଲାରୁ ଏତେ ତାପମାତ୍ରା ଦେଖାଯାଏ ନାହିଁ। ଗତ ୨/୩ ଦିନ ହେବ ପାଗ କୋହଲା ରହିଥିଲା ବୋଲି ତାପମାତ୍ରା ଏଭଳି ନଚେତ ୪୦ ଟପିସାରନ୍ତାଣି ବୋଲି ଅନୁମାନ ହେଉଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ବଢିବ ବୋଲି ପାଣିପାଗ ବିଭାଗ କହୁଥିବା ବେଳେ ଏଥର ପୂର୍ବର ସର୍ବାଧିକ ତାପମାତ୍ରା ରେକର୍ଡ ଭାଙ୍ଗିବ ବୋଲି ଏବେଠାରୁ ଜଳଜଳ ଦିଶିଲାଣି। ଅବଶ୍ୟ ଜିଲ୍ଲା ପ୍ରଶାସନ ଆଗରୁ ଏଥିପାଇଁ ପ୍ରସ୍ତୁତିକୁ ଯୋରଦାର କରିଛି। ସତର୍କତା ଅବଲମ୍ବନ ନିମନ୍ତେ ସ୍କୁଲ, ଅଙ୍ଗନବାଡିଗୁଡିକ ସକାଳୁଆ କରାଯାଇଛି। ସହରରେ ପୌରପାଳିକା ତରଫରୁ ବିଭିନ୍ନ ଛକବଜାରରେ ପାନୀୟଜଳର ବ୍ୟବସ୍ଥା ହେଲାଣି।



ଏବେଠାରୁ ଜଳାଶୟ ଗୁଡିକରେ ପାଣି ଶୁଖିବାକୁ ବସିଥିବା ବେଳେ ଏଥି ପ୍ରତି ପ୍ରଶାସନ ସଜାଗ ରହିଛି। ଅଂଶୁଘାତର ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ପ୍ରଶାସନ ସଜାଗ ରହିଛି। କିଛିଦିନ ହେବ ତାପମାତ୍ରା ବଢିବଢି ଚାଲିଛି। ଆଗାମୀ ଦିନରେ ଆହୁରି ବଢିବାକୁ ଥିବାରୁ ସତର୍କତା ଜରୁରୀ ବୋଲି କୁହାଯାଇଛି। ତେବେ ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ଗତ ୨୭ ତାରିଖରେ କେନ୍ଦୁଝରର ସର୍ବାଧିକ ତାପମାତ୍ରା ୩୫.୨ ଡିଗ୍ରୀ ସେଲ୍‌ସିଅସ ରହିଥିଲା। ୨୮ରେ ଆହୁରି ବୃଦ୍ଧିପାଇ ତାପମାତ୍ରା ୩୬.୨ ଡିଗ୍ରୀ ସେଲସିଆସ ହୋଇଥିଲା। ୨୯ରେ ତାପମାତ୍ରା ପୁନର୍ବାର ବୃଦ୍ଧି ହୋଇ ୩୭.୩ ଡିଗ୍ରୀ ହେଲା। ୩୦ରେ ତାପମାତ୍ରା ଆହୁରି ବୃଦ୍ଧି ହୋଇ ୩୮.୦ ଡିଗ୍ରୀକୁ ଛୁଇଁଲା। ଅନ୍ୟପକ୍ଷରେ ପାଗ କୋହଲା କାରଣରୁ ଗତ ୩୧ରେ ତାପମାତ୍ରା ହ୍ରାସହୋଇ ୩୬.୪ ଡିଗ୍ରୀ ହୋଇଥିଲା। ପୁଣି ଏପ୍ରିଲ ୧ ତାରିଖରେ ତାପମାତ୍ରା ବୃଦ୍ଧି ପାଇଁ ୩୮.୦ ଡିଗ୍ରୀ ହୋଇଥିବା ବେଳେ ଏପ୍ରିଲ ୨ ତାରିଖ ମଙ୍ଗଳବାର ବୃଦ୍ଧି ହୋଇ ସର୍ବାଧିକ ତାପମାତ୍ରା ୩୯.୫ ଡିଗ୍ରୀକୁ ଛୁଇଁଲାଣି। ଏବେଠାରୁ ସତର୍କତା ଅବଲମ୍ବନ ନହେଲେ ପରେ ପରିସ୍ଥିତି ସଂଗୀନ ହେବା ସମ୍ଭାବନାକୁ ଏଡ଼ାଇ ହେଉନାହିଁ।

## ସାଇକଲରେ ନିରଞ୍ଜନଙ୍କ କେଦାରନାଥ ଯାତ୍ରା



**ଆନନ୍ଦପୁର,୨।୪(ସମିସ):** ସାମାଜିକ ଗଣମାଧ୍ୟମକୁ ଅପବ୍ୟବହାର ନକରି ଉପଯୁକ୍ତ ସୂଚନା ପାଇଁ ବ୍ୟବହାର କରିବା ଉଚିତ ବୋଲି ସଚେତନତା ସୃଷ୍ଟି କରିବା ପାଇଁ ସାଇକଲ ଯୋଗେ କେଦାରନାଥ ପୀଠକୁ ଯାତ୍ରା କରିଛନ୍ତି ହସନପୁର ଗ୍ରାମର ନିରଞ୍ଜନ ସାହୁ। ଉକ୍ତ ଗ୍ରାମର କଳାକାର ସାହୁଙ୍କ ପରାମର୍ଶ ଓ ଆର୍ଶୀବାଦ ଗ୍ରହଣ କରିବା ପରେ ଗ୍ରାମଦେବୀ ମା' ମଙ୍ଗଳା ଓ ମହାଦେବଙ୍କ ପୀଠରେ ପୂଜାର୍ଚ୍ଚନା କରି ସକାଳ ୭ ଘଟିକାରୁ ଏହି ଯାତ୍ରା ଆରମ୍ଭ କରିଛନ୍ତି। ସେ ହସନପୁରରୁ ଘଟଗାଁ, କେନ୍ଦୁଝର, ସମ୍ବଲପୁର ପରେ ଝାଡଖଣ୍ଡ, ବିହାର ଓ ଉତରପ୍ରଦେଶ ରାଜ୍ୟ ଅତିକ୍ରମ କରି କେଦାରନାଥ ପୀଠରେ ପହଞ୍ଚିବାକୁ ଯାତ୍ରାପଥ ନିର୍ଦ୍ଧାରଣ କରିଥିବା ଜଣାଯାଇଛି। ସେ ଯାଉଥିବା ସାଇକଲରେ ଓନଲୀ ୱାନ୍ ବ୍ଲଗର ୟୁଟୁବ ଚ୍ୟାନେଲର ଏକ ପ୍ଲାକାର୍ଡ ଲଗାଇ ସଚେତନତା ସୃଷ୍ଟି କରୁଥିବା ବେଳେ ଯାତ୍ରାପଥରେ ଅଞ୍ଚଳବାସୀଙ୍କୁ ସଚେତନ କରିବେ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ।

## ବୀରଗୋବିନ୍ଦପୁର ଘାଟରେ ଟ୍ରେଞ୍ଚ ଖୋଳିଲା ପ୍ରଶାସନ



**ଆନନ୍ଦପୁର,୨।୪(ସମିସ):** ଘସିପୁରା ତହସିଲ ଇଲାକାର ଝାଡେଶ୍ୱର, କୁମୁଣିଆ, ତାଳଗାଁ, ବୀରଗୋବିନ୍ଦପୁର ଅଞ୍ଚଳରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବାରୁ ଏହାକୁ ରୋକ ଦେବା ପାଇଁ ପ୍ରଶାସନ ପକ୍ଷରୁ ଟ୍ରେଞ୍ଚ ଖୋଳାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉପଖଣ୍ଡ ପ୍ରଶାସନ ନିର୍ଦ୍ଦେଶରେ ତହସିଲ ପକ୍ଷରୁ ବୈତରଣୀ ନଦୀର ବିଭିନ୍ନ ଘାଟକୁ ରାସ୍ତା ବନ୍ଦ କରିଦିଆଯାଇଥିବା ବେଳେ ବୀରଗୋବିନ୍ଦପୁର ନିକଟରେ ଟ୍ରେଞ୍ଚ ଖୋଳାଯାଇ ବାଲି ଚୋରା ଚାଲାଣକୁ ବନ୍ଦ କରାଯାଇଛି। ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା, ଆର୍‌ଆଇ ସୁଶାନ୍ତ ସାମଲ, ବୀରଗୋବିନ୍ଦପୁର ନଦୀଘାଟ ରାସ୍ତାରେ ବିରାଟ ଗାଡ ସୃଷ୍ଟି କରିଥିବାରୁ ଚୋରା ବାଲି ବ୍ୟବସାୟୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ସୋସୋ,୨।୪(ସମିସ):** ହାଟଡିହି ବ୍ଲକ ଗେଡମା ପଞ୍ଚାୟତର ଜଳସରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଏବିଇଓ ସୁରେଶ କୁମାର ଜେନା, ମୁଖ୍ୟବକ୍ତା ପିପିଳିଆ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅଧ୍ୟାପକ ଡ. ତ୍ରିଲୋଚନ ପଣ୍ଡା, ସମ୍ମାନୀତ ଅତିଥି ସରପଂଚ ସିଲାରାଣୀ କାଣ୍ଡି, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବିନୟ ଭୂଷଣ ବେହେରା, ସମ୍ପାଦକ ରମାକାନ୍ତ ଦ୍ୱିବେଦୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ରମେଶ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ସମିତିର କୋଷାଧ୍ୟକ୍ଷ ନକୁଳ କୁମାର ଜେନା, ଉପ ସଭାପତି ଅନନ୍ତ କୁମାର ସ୍ୱାଇଁ, ସହ ସମ୍ପାଦକ ଅମରବର ସେଠୀ, ସଭ୍ୟା ଗିରିଶବାଳା ରାଉତ, ରୀତାରାଣୀ ସେଠୀ, ଗୁରୁଜୀ ରମାକାନ୍ତ ବେହେରା, ପ୍ରଭାତ କୁମାର ପେଡା, ପଙ୍କଜ କୁମାର ଜେନା, ପ୍ରମିଳା ମିଶ୍ର, ସଞ୍ଜୁଲତା ସାମଲ, ମନୋରମା ବାରିକ, ମମତାମୟୀ ଧଳ, ପଦ୍ମିନୀ ଜେନା, ବେଙ୍ଗଲତା ସାହି ପ୍ରମୁଖ ସହ ଯୋଗ କରିଥିବାବେଳେ ରମେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନରସିଂହପୁର ଗ୍ରାମରେ ମା' ମଙ୍ଗଳାଙ୍କ ପୂଜା

**ଆନନ୍ଦପୁର,୨।୪(ସମିସ):** ସ୍ଥାନୀୟ ଭଣ୍ଡାରିଡିହା ଗ୍ରାମପଞ୍ଚାୟତର ନରସିଂହପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ବାର୍ଷିକ ପୂଜା ଓ ଯଜ୍ଞ କାର୍ଯ୍ୟ ଯଥାବିଧି ଅନୁସାରେ ପାଳନ କରାଯାଉଛି। ପ୍ରାତଃ ସମୟରେ ଗ୍ରାମର ମାନସିକ ଧାରୀ ମହିଳା ମାନେ ଭୋରରୁ ଉଠି ପରିବାର ଲୋକ ଙ୍କ ଶୁଭମନାସି ଗ୍ରାମ ପୁଷ୍କରିଣୀରୁ କଳସ ବୁଡାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବୁଧବାର ଦିନ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି।



ପୁରୋହିତ ବସନ୍ତ କୁମାର ଦାଶ, ଦେବରାଜ ଦାଶ ପୂଜା କାର୍ଯ୍ୟ ତୁଲାଇଥିଲେ। ୨୦୦ରୁ ଉର୍ଦ୍ଧ୍ୱ ମାନସିକଧାରୀ କଳସ ଧରିଥିଲେ। ପୂଜାରେ ମୁଖ୍ୟ କର୍ତ୍ତା ରୁପେ ବାଇଧର ସାଉ, ପତ୍ନୀ ରଞ୍ଜିତା ସାଉ, ବିଜୟ ସାହୁ, ପତ୍ନୀ ପାର୍ବତୀ ସାହୁ କଳସ ଧରି ଥିଲେ। ଏହି ଅବସରରେ ଗୁରୁବାର ଭଜନ ସନ୍ଧ୍ୟା, ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ମୁକ୍ତାକାଶ ରଙ୍ଗମଞ୍ଚରେ ଶୁଭଲକ୍ଷ୍ମୀ ଅପେରା, ରବିବାର ମା'ମଙ୍ଗଳାଙ୍କ ଭସାଣି ଉତ୍ସବ ପାଳନ ହେଉଥିବା ପୂଜା କମିଟି ସୂଚନା ଦେଇଛନ୍ତି। ଗ୍ରାମର ପାଣ୍ଡବ ଚରଣ ସାହୁ, ରାମଚନ୍ଦ୍ର ସାହୁ, ମଧୁସୂଦନ ସାହୁ, ଆତୁଳ ସାଉ, ସଞ୍ଜୀବ କୁମାର ସାହୁ, ପିତବାସ ଶା, ରଞ୍ଜନ କୁମାର ବଳ, ପୂର୍ଣ୍ଣଚନ୍ଦ୍ର ଦାଶ, ନିତ୍ୟାନନ୍ଦ ବେଜ୍, ପ୍ରଶନ୍ନ ସାହୁ, କୈଳାସ ସାହୁ,ଗୋପବନ୍ଧୁ ସାହୁ , ପ୍ରସନ୍ନ କୁମାର ଶା, ଅଭିରାମ ରାଉତ, ଅଜୟ କୁମାର ଶା, ନିମାଇଁ ସାହୁ, ଅଜୟ ସାହୁ ଓ ମାୟାଧର ଦଳେଇ ପ୍ରମୁଖ କାର୍ଯ୍ୟ ପରିଚାଳନା ସହଯୋଗ କରିଥିଲେ।

## ବିଦ୍ୟାଧରପୁର-ଆମ୍ବଗଡ଼ିଆ ରାସ୍ତା ନିର୍ମାଣ ଆରମ୍ଭ

**ସୋସୋ,୨।୪(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ବିଦ୍ୟାଧରପୁର ଜିରୋ ଠାରୁ ଆମ୍ବଗଡିଆ ଛକ ପର୍ଯ୍ୟନ୍ତ ୨ କିମି ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା। ଏହି ରାସ୍ତା ଉପରେ ଯାତାୟତ ପାଇଁ ୫୦ଟି ଗାଁର ଲୋକ ନିର୍ଭର କରୁଥିବା ସହିତ ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ କମ୍ ରାସ୍ତା ପଡିଥାଏ। ଜଳସେଚନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାଟିକୁ ଓସାର କରାଯିବା ସହିତ ଡ୍ରେନ୍ କରାଯାଇ ପିଚୁ କରାଯାଇଛି। ଦୀର୍ଘ ଦିନର ଦାବିକୁ ଜଳସେଚନ ବିଭାଗ ପୂରଣ କରିଥିବାରୁ ଏ ଅଞ୍ଚଳର ବୁଦ୍ଧିଜୀବୀ ଓ ବରିଷ୍ଠ ବ୍ୟକ୍ତିମାନେ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।



## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ




**ବାଲିବନ୍ଧ,୨।୪ (ସମିସ):** ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଦାୟକାଳିନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଡା. କ୍ଷୀରୋଦ କୁମାର ମହାନ୍ତ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପବିତ୍ର କୁମାର ପତିଙ୍କ ପଦୋନ୍ନତି ହୋଇ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଡାକ୍ତରଖାନାକୁ ବଦଳି, ଆଟେଣ୍ଡାଣ୍ଟ ଅର୍ଜୁନ ଚରଣ ସାହୁଙ୍କ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ଏବଂ ଅବସର ନେଇଥିବା ଝୁମ୍ପୁରା ସେକ୍ଟର ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ମନୋପ୍ରଭା ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ କିଶୋର କୁମାର ପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ, ବିପିଏମ୍, ବିଏଏମ, ବିଡିଏମ ଉପସ୍ଥିତ ରହି ବିଦାୟୀ ଅତିଥିଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ କୁମାର ଓଝା, ସଞ୍ଜୟ କୁମାର ବେହେରା, ଗଜେନ୍ଦ୍ରନାଥ ବାରିକ, ମନୋରଞ୍ଜନ ପାତ୍ର, ଚିନ୍ମୟନନ୍ଦ କିଶୋର ବାରିକ ପ୍ରମୁଖ ସହଯୋଗ କରିଥିଲେ। ଫାର୍ମାସିଷ୍ଟ ତୃପ୍ତିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଣ୍ଡାରିଡିହା ଭାଗବତ ଟୁଙ୍ଗିରେ ଗୀତାଯଜ୍ଞ

**ଆନନ୍ଦପୁର, ୨।୪(ସମିସ):** ସ୍ଥାନୀୟ ଭଣ୍ଡାରିଡିହା ସ୍ଥିତ ଶ୍ରୀପରମେଶ୍ୱର ଭାଗବତ ଟୁଙ୍ଗୀ ଆନୁକୂଲ୍ୟରେ ଏକ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଗ୍ରାମର ଶତାଧିକ ପୁରୁଷ ଓ ମହିଳାମାନେ ଏକ ସୁସଜ୍ଜିତ ରଥରେ ହରିନାମ ସଂକୀର୍ତ୍ତନ ସହିତ କଳସ ଶୋଭାଯାତ୍ରା କରି ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ଭାଗବତ ଟୁଙ୍ଗୀର ସମ୍ପାଦକ ବିପିନି ବିହାରୀ ରାଉତ ଓ ଝରଣା ରାଉତ ପୁରୋଧା ଭାବେ ଯଜ୍ଞକର୍ମ ସମ୍ପାଦନ କରିଥିଲେ। ପଣ୍ଡିତ ରମେଶ ଚନ୍ଦ୍ର ଷଡଙ୍ଗୀ, ନିରଞ୍ଜନ ବାସ, ଚଗଲା ଷଡଙ୍ଗୀ ଓ ଟୁଙ୍ଗୁରୁ ବାବାଙ୍କ ବେଦପାଠ ପରେ ଗୀତାପାଠ ଓ ଯଜ୍ଞକର୍ମ ଆରମ୍ଭ ହୋଇଥିଲା। ଭାଗବତ ଟୁଙ୍ଗୀର ସଭାପତି ଜୟରାମ ରାଉତ, ବିଭୂତି ରାଉତ, ଚିନ୍ତାମଣି ରାଉତ, ଶଷୀଭୂଷଣ ପୁହାଣ, ଯତୀନ୍ଦ୍ର ରାଉତ, ପବିତ୍ର ରାଉତ, ପ୍ରଶନ କୁମାରପୁହାଣ, ପ୍ରକାଶଚନ୍ଦ୍ର ପୁହାଣ, ସନାତନ ପୁହାଣ, ବନମାଳି ସେଠୀ, ଭୁବନେଶ୍ୱରପୁହାଣ, ରତ୍ନାକର ସା, ନୀଳମଣି ମହାପାତ୍ର, ସ୍ନେହଲତା ରାଉତ, ପୁଷ୍ପଲତା ରାଉତ, ଶ୍ରୀମତୀ ନାୟକ, ପ୍ରଫୁଲ କୁମାର ନାୟକ, ରାମ ବିହାରୀ ରାଉତ ପ୍ରମୁଖ ଯଜ୍ଞକର୍ମରେ ସହଯୋଗ କରିଥିଲେ।



## ମୁରୁସୁଆଁ ନୋଡାଲ ସ୍କୁଲ୍‌ରେ ଉତ୍କଳ ଦିବସ



**ପାଟଣା,୨।୪(ସମିସ):** ପାଟଣା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପର୍ଶୁରାମ ମହାନ୍ତଙ୍କ ସଭାପତିତ୍ୱରେ ୮୯ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟାର୍ପଣ କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଉତ୍କଳ ଦିବସର ଗୁରୁତ୍ୱ, ମହତ୍ତ୍ୱ ଓ ଉପଲବ୍ଧକୁ ସମୀକ୍ଷା କରିବାକୁ ଶ୍ରୀ ମହାନ୍ତ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ସହ ସାମୂହିକ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଶେଷରେ ଶିକ୍ଷକ ବିଶ୍ୱ ସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାତ୍ର ତନ୍ତୀ କଲ୍ୟାଣ ସମିତି ଯୋଡ଼ାର ବନ୍ଧୁମିଳନ

**ଯୋଡ଼ା/ବଡ଼ବିଲ,୨।୪(ସମିସ):** ଯୋଡ଼ା ସହରର କମାର ଯୋଡ଼ାଠାରେ ପାତ୍ର ତନ୍ତୀ କଲ୍ୟାଣ ସମିତି ଯୋଡ଼ାର ନୂତନ ଅଫିସ ଗୃହ ପ୍ରତିଷ୍ଠା ଏବଂ ବାର୍ଷିକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାତ୍ର ସୋସିଆଲ ୱାର୍କ ଫାଉଣ୍ଡେସନ ପ୍ରତିଷ୍ଠାତା ବାବୁଲା ପାତ୍ର (ନୂଆଦିଲ୍ଲୀ), ସମ୍ମାନୀୟ ଅତିଥି ଭାବେ ଦଳିତ ଆଦିବାସୀ ବିକାଶ ସଂସ୍ଥାନ ଅଧ୍ୟକ୍ଷ ରମାକାନ୍ତ ପାତ୍ର, ପାତ୍ର ତନ୍ତୀ ସମାଜ ଚମ୍ପୁଆ ସଭାପତି ସୁରେଶ ଚନ୍ଦ୍ର ପାତ୍ର, ସାମ୍ବାଦିକ ଗଣେଶ୍ୱର ପାତ୍ର, ସମାଜ ସଂଗଠକ ଅର୍ଣ୍ଣଳା ରାମଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ କୁନା ପାତ୍ର ଯୋଗ ଦେଇଥିଲେ। ସଂଗଠନ ପକ୍ଷରୁ ପ୍ରଥମେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଂଗଠନ ସମ୍ପାଦକ ସଞ୍ଜୟ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି କରୁଣାକର ପାତ୍ର ଓ ସମ୍ପାଦକ ମାୟାଧର ପାତ୍ର ଅଭିଭାଷଣ ରଖିଥିଲେ। ଉକ୍ତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଗୋବିନ୍ଦମ ଡ୍ୟାନ୍ସ ଏକାଡେମୀ ଯୋଡ଼ା ଏବଂ ଅସ୍ୱାୟାର ଗ୍ରୁପ ଯୋଡ଼ାର ପିଲାମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସମିତିର ପ୍ରତିଷ୍ଠାତା ସଦସ୍ୟ ଧନୁର୍ଦ୍ଧର ପାତ୍ର, ଝାଡେଶ୍ୱର ଦାସ ଏବଂ ସମାଜକୁ ଜମି ଦାନ କରିଥିବା ବିଶିଷ୍ଟ ବ୍ୟକ୍ତି ଯୁଧିଷ୍ଠିର ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୋଖରୀଆ, ଚମ୍ପୁଆ, ବଡ଼ବିଲ, କୋଇଡା ବ୍ଲକ କମିଟିଗୁଡିକୁ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପାତ୍ର ତନ୍ତୀ କଲ୍ୟାଣ ସମିତି ତରଫରୁ ଯୋଡ଼ା ପୌରପାଳିକାକୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ତଥା ସମିତିର ସହସମ୍ପାଦକ ନରେଶ କୁମାର ପାତ୍ର ଓ ଉପସଭାପତି ବସନ୍ତ ପାତ୍ର ସଞ୍ଚାଳନ କରିଥିଲେ। ଉପଦେଷ୍ଟା ରାମଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମରେ କରୁଣାକର ପାତ୍ର, ମାୟାଧର ପାତ୍ର, ଅଚ୍ୟୁତ୍ୟାନନ୍ଦ ପାତ୍ର, ବସନ୍ତ ପାତ୍ର, ସଞ୍ଜୟ ପାତ୍ର, କୁଳଦୀପ ପାତ୍ର, କୋଷାଧକ୍ଷ ସୁରେଶ ପାତ୍ର, ଈଶ୍ୱର ପାତ୍ର, ନରେଶ କୁମାର ପାତ୍ର, ସୁରେନ୍ଦ୍ର ପାତ୍ର ଏବଂ କମାର ଯୋଡ଼ା ଗ୍ରାମର ଭାଇଭଉଣୀଙ୍କ ସହଯୋଗରେ ଆୟୋଜିତ ହୋଇଥିଲା।



## ଗୌଡ଼ସାହିରେ ଅଷ୍ଟପ୍ରହର ନାମଯଜ୍ଞ

**ଆନନ୍ଦପୁର,୨।୪(ସମିସ):** ଆନନ୍ଦପୁର ୭ନଂ. ଓାର୍ଡ ଗୌଡ ସାହିରେ ପ୍ରତିବର୍ଷ ପରି ଚଳିତ ବର୍ଷ ଅଷ୍ଟପ୍ରହର ନାମଯଜ୍ଞ ଓ ଗୌରଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜୟଦୁର୍ଗା ସଂକୀର୍ତ୍ତନ ମଣ୍ଡଳୀର ମହନ୍ତ ରଙ୍ଗାଧର ନନ୍ଦିଙ୍କ ସଂଯୋଜନାରେ ଗୌରଭକ୍ତ, ସାହି ମୁରବୀ ଓ ସଂକୀର୍ତ୍ତନ ପ୍ରେମୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁଭାଧିବାସ ଆରମ୍ଭ ହୋଇ ଅଖଣ୍ଡ ହରିନାମ ଯଜ୍ଞ କରାଯାଇଥିଲା। କର୍ତ୍ତା ଭାବେ ଅଶୋକ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଦିଲୀପ କୁମାର ସିଂ, ସତ୍ୟବ୍ରତ ନାୟକ, ପ୍ରିତମ ସିଂ, ରଜତ ଚାନ୍ଦ, ସୌମେଶ ରାଓ, ସୌମ୍ୟରଂଜନ ମଲିକ, ଦେବରାଜ ସିଂଙ୍କ ଦ୍ୱାରା କଳସ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଅଷ୍ଟପ୍ରହର ନାମଯଜ୍ଞରେ ଆଖପାଖ ଅଞ୍ଚଳରୁ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଷୀରୋଦ ସିଂ, ଅଞ୍ଜନ ସିଂ, ଦୀପକ ମହାରଣା, କୁଶ ପରିଡା, ବିକି ସିଂ ପ୍ରମୁଖ ସହଯୋଗ କରିଥିଲେ।

## ଆଲୋକ ସେଠୀ ବିଜେପି ପ୍ରାର୍ଥୀ ଘୋଷିତ



**ହାଟଡ଼ିହୀ/ସୋସୋ,୨।୪(ସମିସ):** ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଭାବେ ଆଲୋକ ସେଠୀଙ୍କ ନାମ ଘୋଷଣା କରାଯାଇଛି। ଏନେଇ ହାଟଡ଼ିହୀ ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ଦଳୀୟ କର୍ମୀ ଓ କାର୍ଯ୍ୟକର୍ତ୍ତାମାନେ ବାଣ ଫୁଟାଇ ଆଲୋକଙ୍କୁ ସ୍ୱାଗତ ସହ ଅଭିନନ୍ଦନ ଜଣାଇଛନ୍ତି।

## କଲେଜ୍ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଆନନ୍ଦପୁର/ହାଟଡିହୀ,୨।୪(ସମିସ):** ଆନନ୍ଦପୁରର ଶାଳପଡାସ୍ଥିତ କନକମଞ୍ଜରୀ ମହିଳା ମହାବିଦ୍ୟାଳୟର ମୁଖ୍ୟ କର୍ମଚାରୀ ମଧୁସୂଦନ ସୁବୁଦ୍ଧିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷା ସୌଭାଗ୍ୟମୟୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି ଶ୍ରୀ ସୁବୁଦ୍ଧିଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ମନୋରମା ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଗୀତାଞ୍ଜଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଅନୁରାଧା ମହାନ୍ତି, ସୌଦାମିନୀ ପାଇକରାୟ, ଡ. ସରୋଜିନୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ହାଟଡିହୀ ବ୍ଲକ ଶାସଙ୍ଗ ଗ୍ରାମର ମଧୁସୂଦନ ସୁବୁଦ୍ଧିଙ୍କୁ ନିଜ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମୟରେ ଗ୍ରାମର ସଞ୍ଜୟ ସ୍ୱାଇଁ, ବାବନ ସାହୁ, ବୀରଭଦ୍ର ବିଶ୍ୱାଳ, ସଞ୍ଜୟ ଜେନା, ସୁରେନ୍ଦ୍ର ପୁହାଣ, ରବିନ୍ଦ୍ର କୁମାର ଆଇଚ, ତ୍ରିଲୋଚନ ସୁବୁଧି, କୈଳାସ ସୁବୁଧି, କମଳାକାନ୍ତ ଆଇଚ ପ୍ରମୁଖ ଉପସ୍ଥିତ ଥିଲେ।



## କଣ୍ଟିପାଳ ମା'ଗଣ୍ଡୁକି ଦେବୀଙ୍କ ଅର୍ଥ ଆତ୍ମସାତ୍ ଘଟଣା

# କେନ୍ଦୁଝର ଏସ୍‌ପିଙ୍କୁ ଫେରାଦ ହେଲେ ମହିଳା

**ଆନନ୍ଦପୁର,୨।୪(ସମିସ)**

ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ ମହାପାତ୍ର ସାହିର କେତେକ ଆଦିବାସୀ ମହିଳାଙ୍କ ଠାରୁ କେତେକ ବ୍ୟକ୍ତି ଟଙ୍କା ନେଇ ଫେରସ୍ତ କରୁନଥିବା ଘଟଣା ଆନନ୍ଦପୁର ଥାନାରେ ବାରମ୍ବାର ଅଭିଯୋଗ ହେବା ପରେ ମଧ୍ୟ ସେମାନଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ମହିଳାମାନେ କେନ୍ଦୁଝର ଏସ୍‌ପିଙ୍କୁ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗରୁ ସୂଚନା ଅନୁଯାୟୀ, କଣ୍ଟିପାଳ ଗ୍ରାମ ମହାପାତ୍ର ସାହିର ଆଦିବାସୀ ସଂପ୍ରଦାୟର ମହିଳାମାନେ ଚାନ୍ଦା ଆଦାୟ କରି କୂଳ ଦେବତା ମା' ଗଣ୍ଡୁକି (ଗୌରୀ ଦେବୀ)ଙ୍କ ବାର୍ଷିକ ପୂଜା ପ୍ରତି ମାଘ ମାସରେ କରିଆସୁଥିବା ବେଳେ ୨୦୨୨ ମସିହାରେ ଏହି ପୂଜାରେ ଆଦାୟ ହୋଇଥିବା ୧୨,୯୫୦ ଟଙ୍କା ବଳକା ରହିଥିଲା। ସେହି ସଂପ୍ରଦାୟର ନରହରି ନାୟକ, ନିମାଇ ଚରଣ ନାୟକ ଓ କୈବଲ୍ୟ ନାୟକ ପ୍ରମୁଖ ଗତ ୨୦୨୩ ଜାନୁଆରୀ ମାସରେ ଶଙ୍କରୀ ନାୟକଙ୍କ ପାଖରୁ ସମସ୍ତ ଟଙ୍କା ନେଇ ମା'ଙ୍କ ମଣ୍ଡପର ଚତୁଃପାଶ୍ୱର୍ରେ ପୀଠକୁ ଆବଦ୍ଧ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଟଙ୍କା ନେବା ଦିନଠାରୁ ଅଦ୍ୟାବଧି ଠାକୁରଙ୍କର କୌଣସି କାମ କରି ନ ଥିବାରୁ ସେମାନଙ୍କୁ ଟଙ୍କା ଫେରାଇ ଦେବାକୁ ମହିଳାମାନଙ୍କ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଇଥିଲା। ଏ ନେଇ ସ୍ଥାନୀୟ ସରପନଚଙ୍କୁ ଅବଗତ କରାଯିବା ପରେ ମଧ୍ୟ ଘଟଣାର ସମାଧାନ ନହେବାରୁ ମହିଳାମାନଙ୍କ ପକ୍ଷରୁ ଗତ ଫେବୃଆରୀ ୨୦ ତାରିଖରେ ୩ ଜଣଙ୍କ ବିରୁଦ୍ଧରେ ଆନନ୍ଦପୁର ଥାନାରେ ଜଣାଇଥିଲେ। କିନ୍ତୁ ଅଦ୍ୟାବଧି ପୁଲିସ ପକ୍ଷରୁ ଟଙ୍କା ନେଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣା ନେଇ ଶଙ୍କରୀ ନାୟକ, ବାସନ୍ତୀ ନାୟକ, ଝରଣା ନାୟକ, ସରସ୍ୱତୀ ନାୟକ, ତୁଳସୀ ନାୟକ, କନକ ନାୟକ, ସବିତା ନାୟକ, ଲିଲି ନାୟକ, ପୂର୍ଣ୍ଣିମା ନାୟକ ପ୍ରମୁଖ ମହିଳାଙ୍କ ପକ୍ଷରୁ କେନ୍ଦୁଝର ଏସ୍‌ପିଙ୍କୁ ଏକ ଅଭିଯୋଗ ପତ୍ର ଦିଆଯାଇଥିବା ଜଣାଯାଇଛି। ଆନନ୍ଦପୁର ପୁଲିସ ଏଥିପ୍ରତି ଦୃଷ୍ଟି ନେଇ ନ୍ୟାୟ ଦେବା ପାଇଁ ମହିଳାମାନଙ୍କ ପକ୍ଷରୁ ଦାବି ହୋଇଛି।



## ଆଇପିଏଲ ୧୭

# କୋଏଜି ଦ୍ରୁତତମ ବୋଲର



ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସବୁବେଳେ ଯୁବ ତଥା ଉଦୀୟମାନ ଖେଳାଳିମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିଆସିଛି। ଦେଶ ତଥା ବିଦେଶର ଖେଳାଳିମାନେ ଆଇପିଏଲକୁ ଆୟୁଧ କରି ନିଜର ପ୍ରତିଭା ଓ ଦକ୍ଷତା ପ୍ରମାଣ କରି ଅନ୍ତର୍ଜାତୀୟ କ୍ରିକେଟରେ ସଫଳତା ହାସଲ କରିପାରିଛନ୍ତି। ଆଇପିଏଲର ଚଳିତ ୧୭ତମ ସଂସ୍କରଣରେ ଜଣେ ନୂଆ ପ୍ରତିଭାଙ୍କ ଉଦୟ ହୋଇଛି। ସେ ହେଉଛନ୍ତି ୨୧ ବର୍ଷୀୟ ଦ୍ରୁତ ବୋଲର ମୟଙ୍କ ଯାଦବ। ଚଳିତ ସଂସ୍କରଣରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ତରଫରୁ ପ୍ରତିନିଧିତ୍ୱ କରି ଦ୍ରୁତଗତିରେ ବଲ ପକାଇ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଇପିଏଲର ପଦାର୍ପଣ ମ୍ୟାଚରେ ସେ ଚମକ ଦେଖାଇଛନ୍ତି। ଦ୍ରୁତତମ ବଲ ପକାଇ ସେ ରେକର୍ଡ କରିଥିଲେ। ତେବେ ମାତ୍ର ଦୁଇ ଦିନ ପରେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଗେରାଲ୍ଡ କୋଏଜି ମୟଙ୍କଙ୍କ ରେକର୍ଡକୁ ପଛରେ ପକାଇ ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଥିଲେ। ଚଳିତ ଆଇପିଏଲ୍‌ରେ ଦ୍ରୁତତମ ୫ଟି ବଲ ପକାଇଥିବା ବୋଲରଙ୍କୁ ନେଇ ଆଲୋଚନା କରିବା। ଦ୍ରୁତତମ ବଲ ପକାଇବା ତାଲିକାରେ ମୁମ୍ବାଇ ଇଣ୍ଡିଆନ୍ସର ଗେରାଲ୍ଡ କୋଏଜି ଶୀର୍ଷରେ ରହିଛନ୍ତି। ସେହିପରି ମୟଙ୍କ ଦ୍ୱିତୀୟ, ରାଜସ୍ଥାନ ରୟାଲ୍ସର ନାନ୍ଦ୍ରେ ବର୍ଗର ତୃତୀୟ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଲଜାରି ଜୋଶେଫ ଚତୁର୍ଥ ଓ ଚେନ୍ନାଇ ସୁପର କିଙ୍ଗ୍‌ସର ମଥିସା ପଥିରାନା ୫ମ ସ୍ଥାନରେ ରହିଛନ୍ତି।

**୧. ଗେରାଲ୍ଡ କୋଏଜି (ମୁମ୍ବାଇ ଇଣ୍ଡିଆନ୍ସ)-** ୧୫୭.୭ କେଏମ୍‌ପିଏଚ୍ (ଘଣ୍ଟା ପ୍ରତି କିଲୋମିଟର ବେଗରେ) ୨୩ ବର୍ଷୀୟ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଗେରାଲ୍ଡ କୋଏଜି ମୁମ୍ବାଇ ଇଣ୍ଡିଆନ୍ସ ମୁମ୍ବାଇ ବୋଲିଂ ବିଭାଗରେ ସନ୍ତୁଳନ ଆଣିଛନ୍ତି। ଦ୍ରୁତଗତିରେ ବଲ୍ ପକାଇ ସେ ପ୍ରତିପକ୍ଷ ଦଳର ବ୍ୟାଟରମାନଙ୍କୁ ସମସ୍ୟାରେ ପକାଇଛନ୍ତି। ଗତବର୍ଷ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ସେ ନିଜର ଉପସ୍ଥିତି ଜାହିର କରିଥିଲେ। ନିଜର ଆକ୍ରମଣାତ୍ମକ ଦ୍ରୁତ ବୋଲିଂ ବଳରେ ପ୍ରଶଂସକମାନଙ୍କୁ ସେ କିମ୍ବଦନ୍ତୀ ଦ୍ରୁତ ବୋଲର ଡେଲ ଷ୍ଟେନ୍‌ଙ୍କ ସ୍ମରଣ କରାଇଛନ୍ତି। ଚଳିତ ଆଇପିଏଲରେ ସେ ଦ୍ରୁତତମ ବଲ ପକାଇଛନ୍ତି। ସୋମବାର ୱାଙ୍ଖେଡେ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ସେ ଘଣ୍ଟାପ୍ରତି ୧୫୭.୭ କିଲୋମିଟର ବେଗ (କେଏମ୍‌ପିଏଚ୍) ରେ ବୋଲିଂ କରି ଆଇପିଏଲ୍‌ରେ ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ସେ ସନରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷରେ ଘଣ୍ଟାପ୍ରତି ୧୫୨.୨ କିଲୋମିଟର ବେଗରେ ବୋଲିଂ କରିଥିଲେ।

**୨. ମୟଙ୍କ ଯାଦବ (ଏଲ୍‌ଏସ୍‌ଜି)-** ୧୫୫.୮ କେଏମ୍‌ପିଏଚ୍ ମୟଙ୍କ ଗତ ଶନିବାର ଲକ୍ଷ୍ନୌର ଏକନା ଷ୍ଟାଡିୟମରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ୧୫୫.୮ ବେଗରେ ବୋଲିଂ କରି ସେତେବେଳେ ଦ୍ରୁତତମ ବିବେଚିତ ହୋଇଥିଲେ। କିନ୍ତୁ ତାଙ୍କର ଏହି ରେକର୍ଡ ମାତ୍ର ଦୁଇ ଦିନ ତିଷ୍ଠି ରହିଥିଲା। ପଞ୍ଜାବ ଅଧିନାୟକ ଶିଖର ଧାୱନଙ୍କ ବିପକ୍ଷରେ ସେ ଏହି ବଲ୍ ବୋଲିଂ କରିଥିଲେ। ଏହି ଡାହାଣହାତୀ ଯୁବ ଦ୍ରୁତ ବୋଲର ପଦାର୍ପଣ ମ୍ୟାଚ୍‌ରେ ଏହି ଚମକ ଦେଖାଇଥିଲେ। ୪ ଓଭର ବୋଲିଂ କରି ୨୭ ରନ ବ୍ୟୟ କରିବା ସହ ମୂଲ୍ୟବାନ ୩ ୱିକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଓ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ପ୍ରଥମ ଦ୍ରୁତ ବୋଲର ଭାବେ ପଦାର୍ପଣ ଆଇପିଏଲ ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

### ଦୁଇଜଣ ପାର କରିଛନ୍ତି ୧୫୫ ମାର୍କ

**୩. ନାନ୍ଦ୍ରେ ବର୍ଗର (ରାଜସ୍ଥାନ ରୟାଲ୍ସ)-** ୧୫୩ କେଏମ୍‌ପିଏଚ୍ ଚଳିତ ଆଇପିଏଲରେ ଅନ୍ୟତମ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ନାନ୍ଦ୍ରେ ବର୍ଗର ନିଜର ଦ୍ରୁତ ବୋଲିଂ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ୨୮ ବର୍ଷୀୟ ଏହି ବାମହାତୀ ଦ୍ରୁତ ବୋଲର ଚଳିତ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ତରଫରୁ ପ୍ରତିନିଧିତ୍ୱ କରି ତୃତୀୟ ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେ ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମୁକାବିଲାରେ ୧୫୩ କେଏମ୍‌ପିଏଚ୍‌ରେ ବୋଲିଂ କରିଥିଲେ। ଦ୍ରୁତଗତି ସହ ଲାଇନ ଓ ଲେନ୍ଥ ସହ ଆକ୍ୟୁରେସି ମଧ୍ୟ ରହିଛି।

**୪. ଅଲଜାରି ଜୋସେଫ୍ (ଆରସିବି)-** ୧୫୧.୨ କେଏମ୍‌ପିଏଚ୍ ୱେଷ୍ଟଇଣ୍ଡିଜର ୨୭ ବର୍ଷୀୟ ଦ୍ରୁତ ବୋଲର ଗୁଜରାଟ ଟାଇଟନ୍ସ ଦଳରୁ ବାଦ୍ ପଡିଥିଲେ। କିନ୍ତୁ ଗତ ଖେଳାଳି ନୀଲାମିରେ ତାଙ୍କୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) କ୍ରୟ କରିଥିଲା। ବେଙ୍ଗାଲୁରୁ ବୋଲିଂ ବିଭାଗକୁ ସେ ଶକ୍ତିଶାଳୀ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଟମ୍ କୁରାନ, ଲୋକି ଫର୍ଗୁସନଙ୍କ ସହ ଦଳର ବୋଲିଂ ବିଭାଗରେ ସନ୍ତୁଳନ ଆଣିଛନ୍ତି। ସେ କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷରେ ୧୫୧.୨ କେଏମ୍‌ପିଏଚ୍‌ରେ ବୋଲି କରି ଚଳିତ ଆଇପିଏଲର ଚତୁର୍ଥ ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଛନ୍ତି।

**୫. ମଥିସା ପଥିରାନା (ସିଏସ୍‌କେ)-** ୧୫୦.୯ କେଏମ୍‌ପିଏଚ୍ ନିଜର ନିଆରା ବୋଲିଂ ଆକ୍ସନ ପାଇଁ 'ବେବି ମାଲିଙ୍ଗା' ଭାବେ ଜଣାଶୁଣା ଥିବା ୨୧ ବର୍ଷୀୟ ଶ୍ରୀଲଙ୍କା ଦ୍ରୁତ ବୋଲର ମଥିସା ପଥିରାନା ଜଣେ କ୍ୱାଲିଟି ଦ୍ରୁତ ବୋଲର ଭାବେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ୨୦୨୩ ଗତ ସଂସ୍କରଣରେ ଚେନ୍ନାଇକୁ ଚାମ୍ପିଅନ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଡେଥ ଓଭରରେ ତାଙ୍କର ବୋଲିଂକୁ ପ୍ରତିପକ୍ଷ ବ୍ୟାଟର ବୁଝିବାରେ ସମର୍ଥ ହୋଇ ନଥାନ୍ତି। ସେ ହାରାହାରି ୧୪୦ କେଏମ୍‌ପିଏଚ୍‌ରେ ବୋଲିଂ କରିଥାନ୍ତି। ସେ କିଛିଦିନ ତଳେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ୧୫୦.୯ କେଏମ୍‌ପିଏଚ୍‌ରେ ବୋଲିଂ କରି ଚଳିତ ଆଇପିଏଲର ୫ମ ଦ୍ରୁତ ବୋଲର ବିବେଚିତ ହୋଇଛନ୍ତି।

**ଆଇପିଏଲ ଇତିହାସର ଦ୍ରୁତତମ ବୋଲର**

| ବୋଲର | ଘଣ୍ଟାପ୍ରତି ବେଗ | ସଂସ୍କରଣ |
|---|---|---|
| ୧. ସନ ଟେଟ | ୧୫୭.୭୧ | ୨୦୧୧ |
| ୨. ଗେରାଲ୍ଡ କୋଏଜି | ୧୫୭.୪ | ୨୦୨୪ |
| ୩. ଲୋକି ଫର୍ଗୁସନ | ୧୫୭.୩ | ୨୦୨୨ |
| ୪. ଉମ୍ରାନ ମଲିକ | ୧୫୭ | ୨୦୨୨ |
| ୫. ଆନରିଚ୍ ନୋର୍ଜେ | ୧୫୬.୨୨ | ୨୦୨୦ |
| ୬. ଉମ୍ରାନ ମଲିକ | ୧୫୬ | ୨୦୨୨ |
| ୭. ମୟଙ୍କ ଯାଦବ | ୧୫୫.୮ | ୨୦୨୪ |



# ସିରିଜ ସୁଇପ୍‌ର ଦ୍ୱାରରେ ଶ୍ରୀଲଙ୍କା

ଚଟୋଗ୍ରାମ୍,୨।୪(ଏଜେନ୍ସି): ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଶ୍ରୀଲଙ୍କା ବିଜୟ ତଥା ସିରିଜ ସୁଇପ୍‌ର ନିକଟତର ହୋଇଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମ ପାଳିରେ ୧୫୯ ଓଭରରେ ୫୩୧ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ପ୍ରଥମ ପାଳିରେ ୬୮.୪ ଓଭରରେ ୧୭୮ ରନକରି ଅଲଆଉଟ ହୋଇଥିଲା। ଫଳରେ ଶ୍ରୀଲଙ୍କା ୩୫୩ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଶ୍ରୀଲଙ୍କା ଦ୍ୱିତୀୟ ପାଳିରେ ମଙ୍ଗଳବାର ୪୦ ଓଭରରେ ୭ ୱିକେଟ ହରାଇ ୧୫୭ ରନ କରି ପାଳି ଘୋଷଣା କରିଥିଲା। ଫଳରେ ବାଂଲାଦେଶ ସମ୍ମୁଖରେ ୫୧୧ ରନର ବୃହତ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ବାଂଲାଦେଶ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୬୭ ଓଭରରେ ୭ ୱିକେଟ ହରାଇ ୨୬୮ ରନ ସଂଗ୍ରହ କରି ପରାଜୟର ଦ୍ୱାର ଦେଶରେ ପହଞ୍ଚିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ବିଜୟ ପାଇଁ ବାଂଲାଦେଶ ୨୪୩ ଓ ଶ୍ରୀଲଙ୍କା ମାତ୍ର ୩ ୱିକେଟ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ମେହଦୀ ହାସନ ମିରାଜ ୪୪ ଓ ତାଇଜୁଲ ଇସ୍‌ଲାମ ୧୦ ରନକରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ପାଳିରେ ବାଂଲାଦେଶ ପାଇଁ ଏକମାତ୍ର ବ୍ୟାଟର ଭାବେ ମୋମିନୁଲ ହକ୍ ଅର୍ଦ୍ଧଶତକ (୫୦ ରନ) ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ମାହମୁଦୁଲ ହାସନ ଜୟ ୨୪, ଜାକିର ହାସନ ୧୯, ଅଧିନାୟକ ନାଜମୁଲ ହାସନ ସାଣ୍ଟୋ ୨୦, ସାକିବ ଅଲ ହାସନ ୩୬, ୱିକେଟରକ୍ଷକ ବ୍ୟାଟର ଲିଟନ ଦାସ ୩୮, ଶାହଦତ ହୋସେନ ୧୫ ରନକରି ଆଉଟ ହୋଇଥିଲେ। ଶ୍ରୀଲଙ୍କା ତରଫରୁ ବୋଲିଂରେ କାମିନ୍ଦୁ ମେଣ୍ଡିସ, ପ୍ରବାତ ଜୟସୁରିୟା ଓ ଲାହିରୁ କୁମାରା ୨ଟି ଲେଖାଏ, ବିଶ୍ୱ ଫର୍ଣ୍ଣାଣ୍ଡୋ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

### ମାଥ୍ୟୁସଙ୍କ ଅର୍ଦ୍ଧଶତକ: ମାହମୁଦଙ୍କୁ ୪ ୱିକେଟ

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୧୦୨/୬ରୁ ଶ୍ରୀଲଙ୍କା ଖେଳ ଆରମ୍ଭ କରିଥିଲା ଓ ୧୫୭/୭ରେ ପାଳି ଘୋଷଣା କରିଥିଲା। ଓଭରନାଇଟ୍ ବ୍ୟାଟର ଆଞ୍ଜେଲୋ ମାଥ୍ୟୁସ୍ ୩୯ ରନରୁ ଖେଳ ଆରମ୍ଭ କରି ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହପରି ପ୍ରବାଥ ଜୟସୁରିୟା ୩ରୁ ଖେଳ ଆରମ୍ଭ କରି ୨୮ ରନକରି ଅପରାଜିତ ରହିଥିଲେ। ବିଶ୍ୱ ଫର୍ଣ୍ଣାଣ୍ଡୋ ୮ ରନକରି ଅପରାଜିତ ରହିଥିଲେ। ବୋଲିଂରେ ବାଂଲାଦେଶ ପାଇଁ ହାସନ ମାହମୁଦ୍ ୪, ଖାଲେଦ ଅହମ୍ମଦ ୨ ଓ ସାକିବ ଗୋଟିଏ ୱିକେଟ ନେଇଥିଲେ। ପୂର୍ବରୁ ଶ୍ରୀଲଙ୍କା ପ୍ରଥମ ଟେଷ୍ଟରେ ୩୨୮ ରନରେ ବିଜୟୀ ହୋଇ ୧-୦ରେ ଅଗ୍ରଣୀ ହାସଲ କରିଥିଲା।

# ଜାତୀୟ ବରିଷ୍ଠ ଖୋ ଖୋ'ରେ ଓଡ଼ିଶାକୁ ଦ୍ୱୈତ କାଂସ୍ୟ

ଭୁବନେଶ୍ୱର, ୨।୪ (ସମିସ)

ଦିଲ୍ଲୀରେ ଶେଷ ହୋଇଥିବା ଜାତୀୟ ବରିଷ୍ଠ ଖୋ ଖୋ ଚାମ୍ପିଅନସିପ୍‌ର ୫୬ତମ ସଂସ୍କରଣରେ ଓଡ଼ିଶାକୁ ଡବଲ୍ ପଦକ ମିଳିଛି। ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି।

ଗ୍ରୁପ୍ ପର୍ଯ୍ୟାୟ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶାର ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଓଡ଼ିଶା ପୁରୁଷ ଦଳ ମାତ୍ର ୨ ପଏଣ୍ଟରେ ରେଳବାଇ ନିକଟରୁ ପରାସ୍ତ ହୋଇଥିଲା। ଓଡ଼ିଶା ୨୨ ପଏଣ୍ଟ କରିଥିବାବେଳେ ରେଳବାଇ ୨୪ ପଏଣ୍ଟ ସହ ବିଜୟୀ ହୋଇଥିଲା। ଏହାପରେ ଅନ୍ୟତମ ସେମିଫାଇନାଲ ପରାଜିତ ଦଳ କୋହ୍ଲାପୁର ସହ ଓଡ଼ିଶା ୩ୟ ସ୍ଥାନ ପାଇଁ ଖେଳିଥିଲା। ଏଥିରେ ଓଡ଼ିଶା ବିଜୟୀ ହୋଇ କାଂସ୍ୟ ପଦକ ହାତେଇ ନେଇଥିଲା। ସେହିଭଳି ଓଡ଼ିଶା ମହିଳା ଦଳ ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ଘରୋଇ ଦିଲ୍ଲୀ ଦଳକୁ ପରାସ୍ତ କରିଥିଲା। ପୂର୍ବରୁ ଓଡ଼ିଶା ମହିଳା ଦଳ ସେମିଫାଇନାଲରେ ୨୪-୨୦ ପଏଣ୍ଟରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଦଳ ନିକଟରୁ ପରାସ୍ତ ହୋଇଥିଲା। କାଂସ୍ୟ ପଦକ ବିଜୟୀ ଓଡ଼ିଶା ଦଳ ଟ୍ରଫି ସହ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ହାସଲ କରିଥିଲା। ଏହି ଚାମ୍ପିଅନସିପ୍‌ରେ ଉଭୟ ପୁରୁଷ ଓ ମହିଳାରେ ମହାରାଷ୍ଟ୍ର ଚାମ୍ପିଅନ ହୋଇ ଦ୍ୱୈତ ଟାଇଟଲ୍ ଜିତିଥିଲା।




# ଫେଡରରଙ୍କୁ ପଛରେ ପକାଇଲେ ଜୋକୋଭିଚ୍

**ଏଟିପି ମାନ୍ୟତା**



**ପ୍ୟାରିସ୍,୨।୪(ଏଜେନ୍ସି):** ୨୪ଥର ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ଅଭିଜ୍ଞ ସର୍ବିୟା ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ଏକ ବିରଳ ବିଶ୍ୱ ରେକର୍ଡ ଅଧିକାରୀ ହେବାକୁ ଯାଉଛନ୍ତି। ସେ ସବୁଠାରୁ ବୟସ୍କ ଭାବେ ଏଟିପି ମାନ୍ୟତାର ୧ ନମ୍ବର ଖେଳାଳି ହେବେ। ଏହି କ୍ରମରେ ସେ ସୁଇଜରଲାଣ୍ଡ କିମ୍ବଦନ୍ତୀ ଟେନିସ ଖେଳାଳି ରୋଜର ଫେଡରରଙ୍କୁ ପଛରେ ପକାଇବେ। ୩୬ ବର୍ଷ ୩୨୧ ଦିନରେ ଜୋକୋଭିଚ୍ ଏହି ଉପଲବ୍ଧି ହାସଲ କରିବେ। ୨୦୦୩ରେ ସେ ପେସାଦାର ଟେନିସରେ ପାଦ ଦେଇଥିଲେ। ପାଖାପାଖି ଦୁଇ ଦଶନ୍ଧିର ଉଜ୍ଜ୍ୱଳମୟ କ୍ୟାରିୟରରେ ସେ ୯୮ଟି ଟାଇଟଲ ହାସଲ କରିଛନ୍ତି ଓ ଏହି କ୍ରମରେ ଓପନ ଏରାରେ ତୃତୀୟ ସ୍ଥାନରେ ରହିଛନ୍ତି।

● ମହିଳା ଫୁଟବଲରଙ୍କୁ ମାଡ ଘଟଣା

# ଏଆଇଏଫ୍‌ଏଫ୍ ସଦସ୍ୟ ଦୀପକ ନିଲମ୍ବିତ

ନୂଆଦିଲ୍ଲୀ,୨।୪(ଏଜେନ୍ସି)



ମହିଳା ଫୁଟବଲରଙ୍କୁ ମାଡ ଘଟଣାରେ ସର୍ବ ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ମଙ୍ଗଳବାର ତା'ର କାର୍ଯ୍ୟକାରୀ କମିଟି ସଦସ୍ୟ ଦୀପକ ଶର୍ମାଙ୍କୁ ସସ୍‌ପେଣ୍ଡ କରିଛି। ଇଣ୍ଡିଆନ୍ ଓମେନ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଦ୍ୱିତୀୟ ସଂସ୍କରଣ ଚାଲିଥିବା ବେଳେ ସେ ଗୋଆରେ ଦୁଇ ଜଣ ମହିଳା ଫୁଟବଲରଙ୍କୁ ମାଡ ମାରିବା ସହ ଆଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ। ଲିଗ୍‌ର ଦ୍ୱିତୀୟ ଡିଭିଜନରେ ଅଂଶଗ୍ରହଣ କରିଥିବା ହିମାଚଳ ପ୍ରଦେଶର ଖାଦ୍ ଏଫ୍‌ସିର ଦୁଇଜଣ ମହିଳା ଫୁଟବଲର ତାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ମାର୍ଚ୍ଚ ୨୮ରେ ଦୀପକ ମଦ ନିଶାରେ ହୋଟେଲ ରୁମ୍‌ରେ ପଶି ମାଡ ମାରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ ପାଇଁ ମାର୍ଚ୍ଚ ୩୦ରେ ଗଠନ ହୋଇଥିବା ୩ ଜଣିଆ ତଦନ୍ତ କମିଟିକୁ ଏଆଇଏଫ୍‌ଏଫ୍ ମଙ୍ଗଳବାର ଭଙ୍ଗ କରିଛି ଓ ଏହି ମାମଲାକୁ ଶୃଙ୍ଖଳାଗତ କମିଟିକୁ ହସ୍ତାନ୍ତର କରିଛି।

ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଏଆଇଏଫ୍‌ଏଫ୍ ଦୀପକଙ୍କୁ ସସ୍‌ପେଣ୍ଡ କରିବାକୁ ନିଷ୍ପତ୍ତି ନେଇଛି। ପରବର୍ତ୍ତୀ ନୋଟିସ ଜାରି ନ ହେବା ପର୍ଯ୍ୟନ୍ତ ସେ ଫୁଟବଲ ସମ୍ପର୍କିତ କୌଣସି କାର୍ଯ୍ୟକଳାପରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଏଆଇଏଫ୍‌ଏଫ୍ ତରଫରୁ କୁହାଯାଇଛି। ଶନିବାର ଗୋଆ ପୁଲିସ ଏହି ମାମଲାରେ ଦୀପକଙ୍କୁ ଗିରଫ୍ କରିଥିଲା ଓ ଗୋଟିଏ ଦିନ ପରେ ସେ ଜାମିନିରେ ବାହାରକୁ ଆସିଥିଲେ।

ଫିଡର ଅକ୍ଟୋସେସ୍ ଟିଟି ପ୍ରତିଯୋଗିତା

# ମାନଭ-ମନୁଷ ଉପବିଜେତା

**ନୂଆଦିଲ୍ଲୀ, ୨।୪ (ଏଜେନ୍ସି):** ସ୍ଲୋଭେନିଆରେ ଶେଷ ହୋଇଥିବା ଟେବଲ୍ ଟେନିସ (ଟିଟି) ପ୍ରତିଯୋଗିତା ଫିଡର୍ ଅକ୍ଟୋସେସ୍‌ରେ ଭାରତର ମାନଭ ଥାକ୍କର ଓ ମନୁଷ ଶାହ ଯୋଡ଼ି ପୁରୁଷ ଯୁଗଳରେ ଉପବିଜେତା ହୋଇଛନ୍ତି। ଫାଇନାଲରେ ମାନଭ-ମନୁଷ ଯୋଡ଼ି ୩-୨ (୧୨-୧୦, ୮-୧୧, ୧୧-୭, ୧୨-୧୪, ୮-୧୧)ରେ କୋରିଆ ଯୋଡ଼ି କିମ୍ ମିନୟେଓକ ଓ ପାର୍କ ଗାଙ୍ଗେୟନଙ୍କ ନିକଟରୁ ପରାସ୍ତ ହୋଇଥିଲା। ଟପ୍ ସିଡ୍ ମାନ୍ୟତା ପାଇଥିବା ଏହି ଭାରତୀୟ ଯୋଡ଼ି ୪୪ ମିନିଟ୍ ଧରି ଲଢ଼େଇ କରିଥିଲେ ମଧ୍ୟ ଶେଷରେ ନିରାଶ କରିଥିଲେ।

# ଏସୀୟ ଭାରୋତ୍ତୋଳନରୁ ଓହରିଲେ ଅନ୍ତିମ



**ନୂଆଦିଲ୍ଲୀ, ୨।୪ (ଏଜେନ୍ସି):** ବିଶ୍ୱଚାମ୍ପିଅନସିପ୍ ପଦକ ବିଜୟିନୀ ଅନ୍ତିମ ପଙ୍ଘାଲ ଚଳିତ ମାସ ୧୧ରୁ କିର୍ଗିଜସ୍ତାନରେ ଆରମ୍ଭ ହେବାକୁ ଥିବା ଏସୀୟ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ତିମଙ୍କ ପ୍ରଶିକ୍ଷକ ବିକାଶ ଭରଦ୍ୱାଜ ଏହି ସୂଚନା ଦେଇଛନ୍ତି। ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ସେ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଦୁଇଥରର ୨୦ ବର୍ଷରୁ କମ୍ ବିଶ୍ୱ ବିଜୟିନୀ ଅନ୍ତିମ ଦେଶର ଏକମାତ୍ର ଭାରୋତ୍ତୋଳକ ଭାବେ ପ୍ୟାରିସ ଅଲିମ୍ପିକ୍ସ କୋଟା ହାସଲ କରିଛନ୍ତି।

# ଅଷ୍ଟ୍ରେଲିଆ-ଭାରତ ହକି ଟେଷ୍ଟ ସିରିଜ ୬ରୁ

ନୂଆଦିଲ୍ଲୀ, ୨।୪ (ଏଜେନ୍ସି):

ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜ ଖେଳିବା ଲାଗି ଭାରତୀୟ ପୁରୁଷ ହକି ଦଳ ଅଷ୍ଟ୍ରେଲିଆ ଗସ୍ତ କରିଛି। ହର୍‌ମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ସୋମବାର ବିଳମ୍ବିତ ରାତିରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଅଷ୍ଟ୍ରେଲିଆ ଅଭିମୁଖେ ଯାତ୍ରା କରିଥିବା ଦଳରେ ୨୭ ଜଣ ଖେଳାଳି ରହିଛନ୍ତି। ଏହି ସିରିଜ ଏପ୍ରିଲ ୬ରୁ ଆରମ୍ଭ ହେବ ଏବଂ ପର୍ଥରେ ସମସ୍ତ ମ୍ୟାଚ୍ ଖେଳାଯିବ। ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଅଭିଜ୍ଞ ରକ୍ଷଣଭାଗ ଖେଳାଳି ଅମିତ୍ ରୋହିଦାସ ସ୍ଥାନ ପାଇଛନ୍ତି। ଚଳିତ ବର୍ଷ ମଧ୍ୟଭାଗରେ ପ୍ୟାରିସ ଅଲିମ୍ପିକ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଥିବାରୁ ଏହି ଗସ୍ତ ଭାରତୀୟ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି।

ନିକଟ ଅତୀତରେ ଭୁବନେଶ୍ୱର ଓ ରାଉରକେଲାରେ ଖେଳାଯାଇଥିବା ପ୍ରୋ ଲିଗ୍‌ରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିଥିଲା। ଭୁବନେଶ୍ୱରରେ ଖେଳାଯାଇଥିବା ୪ଟି ମ୍ୟାଚରୁ ୩ଟି ବିଜୟ ହାସଲ କରିଥିଲା। ଏହାପରେ ରାଉରକେଲାରେ ଖେଳାଯାଇଥିବା ମୁକାବିଲାରେ ଆୟର୍ଲାଣ୍ଡକୁ ୪-୦ରେ ପରାସ୍ତ କରିଥିଲା। ସେହିଭଳି ଅଷ୍ଟ୍ରେଲିଆ (୨-୨), ନେଦରଲାଣ୍ଡ୍‌ସ (୧-୧) ଓ ସ୍ପେନ (୨-୨) ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ମ୍ୟାଚ୍ ଅମୀମାଂସିତ ରଖିବାରେ ସଫଳ ହୋଇଥିଲା। ତେଣୁ ଅଷ୍ଟ୍ରେଲିଆ ଗସ୍ତରେ ମଧ୍ୟ ଏହି ପ୍ରଦର୍ଶନକୁ ବଜାୟ ରଖିବାକୁ ଦଳ ଲକ୍ଷ୍ୟ ରଖିଛି। 'ଏହି ଗସ୍ତ ଲାଗି ଆମ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ଭଳି ରହିଛି। ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଆମେ ଆମର ତ୍ରୁଟି ସୁଧାରିବା ସହ ମନୋବଳ ବଢ଼ାଇବା ଲାଗି ଏହା ସୁଯୋଗ ଦେଇଛି' ବୋଲି ହର୍‌ମନପ୍ରୀତ୍ କହିଛନ୍ତି।

**ଭାରତ-ଅଷ୍ଟ୍ରେଲିଆ କାର୍ଯ୍ୟସୂଚୀ**

- **ଏପ୍ରିଲ ୬:** ପ୍ରଥମ ମ୍ୟାଚ୍, ଅପରାହ୍ଣ ୨ଟା
- **ଏପ୍ରିଲ ୭:** ଦ୍ୱିତୀୟ ମ୍ୟାଚ୍, ଅପରାହ୍ଣ ୨ଟା
- **ଏପ୍ରିଲ ୧୦:** ତୃତୀୟ ମ୍ୟାଚ୍, ଅପରାହ୍ଣ ୩ଟା
- **ଏପ୍ରିଲ ୧୨:** ଚତୁର୍ଥ ମ୍ୟାଚ୍, ଅପରାହ୍ଣ ୩ଟା
- **ଏପ୍ରିଲ ୧୩:** ପଞ୍ଚମ ମ୍ୟାଚ୍, ଅପରାହ୍ଣ ୨ଟା



**ଭାରତୀୟ ଦଳ**

**ଗୋଲ୍‌ରକ୍ଷକ:** କ୍ରିଷ୍ଣନ ବାହାଦୂର ପାଠକ, ପିଆର୍ ଶ୍ରୀଜେଶ, ସୂରଜ କେରକେରା, **ରକ୍ଷଣଭାଗ:** ହର୍‌ମନପ୍ରୀତ୍ ସିଂହ (ଅଧିନାୟକ), ଜରମନପ୍ରୀତ୍ ସିଂହ, ଅମିତ୍ ରୋହିଦାସ, ଯୁଗରାଜ ସିଂହ, ସଞ୍ଜୟ, ସୁମିତ, ଅମିର ଅଲି, **ମଧ୍ୟକ୍ରମ:** ମନପ୍ରୀତ୍ ସିଂହ, ହାର୍ଦ୍ଦିକ ସିଂହ (ଉପ-ଅଧିନାୟକ), ବିବେକ ସାଗର ପ୍ରସାଦ, ଶମସେର ସିଂହ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ୍, ବିଷ୍ଣୁକାନ୍ତ ସିଂ, **ଅଗ୍ରଭାଗ:** ଆକାଶଦୀପ୍ ସିଂହ, ମନଦୀପ୍ ସିଂହ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ୍ ସିଂହେ, ସୁଖଜିତ୍ ସିଂହ, ଗୁର୍‌ଜାନ୍ତ ସିଂହ, ମହମ୍ମଦ ରାହୀଲ, ବବି ସିଂ ଧାମି, ଅର୍‌ଜିତ୍ ସିଂହ ହୁଣ୍ଡାଲ।

### ମୟଙ୍କଙ୍କ ଘାତକ ବୋଲିଂ, ବେଙ୍ଗାଲୁରୁର ତୃତୀୟ ପରାଜୟ

# ଲକ୍ଷ୍ନୌ ବିଜୟରେ ଡି କକ୍ ହିରୋ


ମୟଙ୍କ ଯାଦବ-୩/୧୪

ବେଙ୍ଗାଲୁରୁ, ୨।୪(ଏଜେନ୍ସି)

ବାମହାତୀ ଓପନର କ୍ୱିଣ୍ଟନ ଡି କକ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ଓ ମୟଙ୍କ ଯାଦବଙ୍କ ଘାତକ ବୋଲିଂ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍‌ର ୧୫ତମ ଲିଗ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ୨୮ ରନ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ଏହା ଫଳରେ ଲକ୍ଷ୍ନୌ ତୃତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ୪ର୍ଥ ମ୍ୟାଚ୍‌ରୁ ତୃତୀୟ ପରାଜୟ ବରଣ କରି ପଏଣ୍ଟ ସାରଣୀର ଶେଷସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ ଡି କକ୍ ୫୬ ବଲ୍‌ରେ ୮୧ ଓ ନିକୋଲସ ପୂରନ ୨୧ ବଲ୍‌ରେ ଅପରାଜିତ ୪୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୫ ୱିକେଟରେ ୧୮୧ ରନ୍ କରିଥିଲା। ଜବାବରେ ମୟଙ୍କ ଯାଦବ ଓ ନବୀନ ଉଲ୍ ହକଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ଘରୋଇ ମାଟିରେ ବେଙ୍ଗାଲୁରୁ ୧୯.୪ ଓଭରରେ ୧୫୩ ରନ୍ କରି ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ମହିପାଲ ଲୋମରର ୧୩ ବଲ୍‌ରେ ୩୩, ରଜତ ପଟିଦାର ୨୯, ବିରାଟ କୋହଲି ୧୬ ବଲ୍‌ରେ ୨୨ ଓ ଫାଫ ଡୁ ପ୍ଲେସି ୧୩ ବଲ୍‌ରେ ୧୯ ରନ୍ କରିବା ସତ୍ତ୍ୱେ ଦଳ ବିଜୟୀ ହୋଇପାରି ନଥିଲା। ମୟଙ୍କ ଘାତକ ବୋଲିଂ କରି ୪ ଓଭରରେ ମାତ୍ର ୧୪ ରନ୍ ଦେଇ ୩ଟି ଓ ନବୀନ ୨୫ ରନ୍‌ରେ ୨ଟି ୱିକେଟ ପାଇଛନ୍ତି। ପୂରନ ଦ୍ରୁତ ୪୦ ରନ୍ କରିବା ପରେ ଡାଇରେକ୍ଟ ଥ୍ରୋ'ରେ ଗୋଟିଏ ରନ୍‌ଆଉଟ ଓ ଚମତ୍କାର କ୍ୟାଚ୍ ନେଇ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରିଛନ୍ତି।

### ଡି କକ୍, ପୂରନଙ୍କ ଦ୍ରୁତ ବ୍ୟାଟିଂ

ଘରୋଇ ମାଟିରେ ଟସ୍ ଜିତିବା ପରେ ବେଙ୍ଗାଲୁରୁ ଟିମ୍ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ନୌର ଦୁଇ ଓପନର ବାମହାତୀ କ୍ୱିଣ୍ଟନ ଡି କକ୍ ଓ ଅଧିନାୟକ ଲୋକେଶ ରାହୁଲ ପାୱାର ପ୍ଲେ'ରେ ୫.୩ ଓଭର ଖେଳି ୫୩ ରନ୍ ଉଠାଇଥିଲେ। ରାହୁଲ ୨୪ ରନ୍ କରି ଆଉଟ ହେବା ପରେ ଦେବଦତ୍ତ ପାଡିକଲଙ୍କୁ ୬ ରନ୍‌ରେ ଆଉଟ କରିବା ପରେ ଲକ୍ଷ୍ନୌର ରନ୍ ସଂଗ୍ରହ ହାର କମିଯାଇଥିଲା। ଏହି ସୁଯୋଗରେ ଘରୋଇ ଦଳ ମୟଙ୍କ ଡାଗର ଓ କାମେରନ୍ ଗ୍ରୀନ୍‌ଙ୍କୁ କ୍ରମାଗତ ୪ ଓଭର ବୋଲିଂ କରିବାର ସୁଯୋଗ ଦେଇଥିଲା। ଏହା ମଧ୍ୟ ଲକ୍ଷ୍ନୌର ଦୁଇ ବ୍ୟାଟର ଡି କକ୍ ଓ ମାର୍କସ ଷ୍ଟୋଇନିସ୍‌ଙ୍କୁ ରନ୍ ସଂଗ୍ରହ ବଢ଼ାଇବାରେ ସହାୟକ ହୋଇଥିଲା। ଏମାନେ ତୃତୀୟ ୱିକେଟରେ ୩୦ ବଲ୍‌ରୁ ୫୬ ରନ୍ ଉଠାଇଥିଲେ। ଏହି ପାର୍ଟନରଶିପ୍ ପରେ ୧୨୯ ରନ୍‌ରେ ଷ୍ଟୋଇନିସ (୧୫ ବଲ୍‌ରେ ୨୪ରନ୍), ଡି କକ୍ (୫୬ ବଲ୍‌ରେ ୮ ଚୌକା ଓ ୫ ଛକା ସହ ୮୧ ରନ୍) ଓ ଆୟୁଷ ବଦୋନୀ (୦)ଙ୍କ ୱିକେଟ ଶୀଘ୍ର ଶୀଘ୍ର ପଡ଼ିଯାଇଥିଲା। ଏହି ସମୟରେ ମଧ୍ୟ ୧୭ତମ ଓଭରରେ ନିକୋଲସ ପୂରନଙ୍କ କ୍ୟାଚ୍ ୱିକେଟ ପଛରେ ଅନୁଜ ରାୱତ ହାତଛଡ଼ା କରିଦେଇଥିଲେ। ଯାହାର ମୂଲ୍ୟ ସେମାନଙ୍କୁ ଦେବାକୁ ପଡ଼ିଥିଲା। ପୂରନ ମାତ୍ର ୨୧ଟି ବଲ ଖେଳିଥିଲେ ମଧ୍ୟ ଶେଷ ଦୁଇ ଓଭରରେ ୫ଟି ଛକା ମାରି ୪୦ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ। ୧୯ତମ ଓଭର ବୋଲିଂ କରିଥିବା ଇଂଲଣ୍ଡ ଫାଷ୍ଟ ବୋଲର ରିସି ଟୋପଲେଙ୍କ ଓଭରରେ ୩ଟି ଓ ମହମ୍ମଦ୍ ସିରାଜ ବୋଲିଂ କରିଥିବା ୨୦ତମ ଓଭରରେ ୨ଟି ଛକା ମାରିଥିଲେ। ପୂର୍ବରୁ ଫର୍ମକୁ ଫେରିଥିବା ଡି କକ୍ କ୍ରମାଗତ ପାଳିରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏଠାରେ ସେ ୫୬ ବଲ୍ ଖେଳି ୮ ଚୌକା ଓ ୫ ଛକା ସହ ୮୧ ରନ୍ କରିଥିଲେ।

ବେଙ୍ଗାଲୁରୁ ପକ୍ଷରୁ ବୋଲରମାନେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ନିକୋଲସ ପୂରନଙ୍କ କ୍ୟାଚ୍ ହାତଛଡ଼ା ମହଙ୍ଗା ପଡ଼ିଥିଲା। ଯାହା ଫଳରେ ସେ ଶେଷ ଦୁଇ ଓଭରରେ ୫ଟି ଛକା ମାରିଥିଲେ। ଗ୍ଲେନ୍ ମ୍ୟାକ୍ସୱେଲ ସର୍ବାଧିକ ୨ଟି, ରିସି ଟୋପ୍‌ଲେ, ଯଶ ଦୟାଲ ଓ ମହମ୍ମଦ୍ ସିରାଜଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।


କ୍ୱିଣ୍ଟନ ଡିକକ୍: ୫୬ ବଲ୍‌ରେ ୮୧ ରନ୍

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍
**ଦିଲ୍ଲୀ- କୋଲକାତା**

ସ୍ଥାନ- ବିଶାଖାପାଟଣା, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୩ | ୩ | ୦ | ୬ | +୧.୨୪୯ |
| କୋଲକାତା | ୨ | ୨ | ୦ | ୪ | +୧.୦୪୭ |
| ଚେନ୍ନାଇ | ୩ | ୨ | ୧ | ୪ | +୦.୯୭୬ |
| ଲକ୍ଷ୍ନୌ | ୩ | ୩ | ୧ | ୪ | +୦.୪୮୩ |
| ଗୁଜରାଟ | ୩ | ୨ | ୧ | ୪ | -୦.୭୩୮ |
| ହାଇଦ୍ରାବାଦ | ୩ | ୧ | ୨ | ୨ | +୦.୨୦୪ |
| ଦିଲ୍ଲୀ | ୩ | ୧ | ୨ | ୨ | -୦.୦୧୬ |
| ପଞ୍ଜାବ | ୩ | ୧ | ୨ | ୨ | -୦.୩୩୭ |
| ବେଙ୍ଗାଲୁରୁ | ୪ | ୧ | ୩ | ୨ | -୦.୮୭୬ |
| ମୁମ୍ବାଇ | ୩ | ୦ | ୩ | ୦ | -୧.୪୨୩ |

## ଆଇପିଏଲ୍‌ର ଦୁଇଟି ମ୍ୟାଚ୍‌ସୂଚୀରେ ପରିବର୍ତ୍ତନ

**ମୁମ୍ବଇ, ୨।୪(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୪ର ଦୁଇଟି ଖେଳସୂଚୀରେ ପରିବର୍ତ୍ତନ କରାଯାଇଛି। ପରିବର୍ତ୍ତିତ ଖେଳସୂଚୀ ଅନୁଯାୟୀ କୋଲକାତା ନାଇଟ୍ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମୁକାବିଲା କୋଲକାତାର ଇଡେନ ଗାର୍ଡେନ୍ସରେ ଏବେ ଏପ୍ରିଲ ୧୬ରେ ଖେଳାଯିବ। ଏହି ମ୍ୟାଚଟି ସମାନ ଭେନ୍ୟୁରେ ଏପ୍ରିଲ ୧୭ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ସେହିପରି ପରିବର୍ତ୍ତିତ ଖେଳସୂଚୀ ଅନୁଯାୟୀ ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସରେ ମଧ୍ୟରେ ମୁକାବିଲା ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଏପ୍ରିଲ ୧୭ ରେ ଖେଳାଯିବ। ଏହି ମ୍ୟାଚ୍‌ଟି ସମାନ ଭେନ୍ୟୁରେ ଏପ୍ରିଲ ୧୬ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଏହା ବ୍ୟତୀତ ଅନ୍ୟ ସମସ୍ତ ଖେଳସୂଚୀ ଅପରିବର୍ତ୍ତିତ ରହିଛି।

## ଟି-୨୦ ବିଶ୍ୱକପ୍‌ରୁ ଓହରିଲେ ଷ୍ଟୋକ୍ସ




**ଲଣ୍ଡନ, ୨।୪(ଏଜେନ୍ସି):** ଇଂଲଣ୍ଡ ଟେଷ୍ଟ ଦଳର ଅଧିନାୟକ ବେନ୍ ଷ୍ଟୋକ୍ସ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ଓହରି ଯାଇଥିଲା। ଗତଥର ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଷ୍ଟୋକ୍ସ ୫୪ ରନ୍ କରି ଇଂଲଣ୍ଡକୁ ଚାମ୍ପିଅନ୍ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହା ପରେ ସେ ଫିଟ୍‌ନେସ୍ ପାଇବା ସଂଘର୍ଷ କରୁଛନ୍ତି। ଏହି କାରଣ ଯୋଗୁଁ ଷ୍ଟୋକ୍ସ ବିଶ୍ୱକପ୍‌ରୁ ଓହରିଯାଥିବା କହିଛନ୍ତି। ନିଜକୁ ପୂରା ଫିଟ୍ କରାଇବା ଓ ବୋଲିଂ କରିବା ଉପରେ ସେ ଗୁରୁତ୍ୱ ଦେଉଛନ୍ତି। ଏହା ଫଳରେ ତାଙ୍କୁ ଟି-୨୦ ବିଶ୍ୱକପ୍ ଲାଗି ଖେଳାଳି ଚୟନ ନ କରିବାକୁ ଅନୁରୋଧ କରିଛନ୍ତି। ଭାରତରେ ଅନୁଷ୍ଠିତ ଦିନକିଆ ସିରିଜ୍‌ରେ ଜଣେ ବ୍ୟାଟର ଭାବେ ଖେଳିଥିବା ଷ୍ଟୋକ୍ସ ଆଘାତ ଜନିତ କାରଣରୁ ଗତ ୩ଟି ଆସେସ୍ ସିରିଜ୍‌ରେ ବୋଲିଂ ବୋଲିଂ କରିପାରି ନାହାନ୍ତି। ଗତବର୍ଷ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଥିଲା।

## ଗୁରୁବାରଠୁ ଭାରତୀୟ ମ୍ୟାଚ୍ ଲାଗି ଅତିରିକ୍ତ ଟିକଟ ବିକ୍ରି

**ନୂଆଦିଲ୍ଲୀ,୨।୪(ଏଜେନ୍ସି):** ଆସନ୍ତା ଜୁନ୍‌ରେ ଆୟୋଜନ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ଭାରତ ନ୍ୟୁୟର୍କରେ ଦୁଇଟି ମ୍ୟାଚ୍ ଖେଳିବ। ଏହି ଦୁଇଟି ମ୍ୟାଚ ପାଇଁ ଅତିରିକ୍ତ ଟିକେଟ ବିକ୍ରି ହେବ ଓ ଏହି ପ୍ରକିୟା ଗୁରୁବାରଠାରୁ ଆରମ୍ଭ ହେବ। ଏହି ଦୁଇଟି ମ୍ୟାଚ୍‌ରେ ଭରାତ ଆୟର୍ଲାଣ୍ଡ ଓ ଘରୋଇ ଆମେରିକାକୁ ଭେଟିବ। ଭାରତ ତା'ର ସବୁ ଗ୍ରୁପ୍ ମ୍ୟାଚ୍ ଆମେରିକାର ହିଁ ଖେଳିବ। ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷରେ ମ୍ୟାଚ ଖେଳି ଭାରତ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ସେହିପରି ୧୨ ତାରିଖରେ ଆମେରିକାକୁ ଭେଟିବ। ୩୪ ହଜାର କ୍ଷମତା ବିଶିଷ୍ଟ ନ୍ୟୁୟର୍କର ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଏହି ଦୁଇଟି ମ୍ୟାଚ୍ ଖେଳାଯିବ ବୋଲି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ତରଫରୁ କୁହାଯାଇଛି। ବିଶ୍ୱକପ ଆରମ୍ଭ ହେବାକୁ ଆହୁରି ୬୦ ଦିନ ବାକି ରହିଛି। ନ୍ୟୁୟର୍କରେ ୮ ଟି ମ୍ୟାଚ୍ ଖେଳାଯିବ। ଜୁନ୍ ତାରିଖରେ ଏହି ଗ୍ରାଉଣ୍ଡରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ।

## ୨୦୨୨ରେ କ୍ରମାଗତ ୮ ମ୍ୟାଚ୍ ହାରିଥିଲା ମୁମ୍ବାଇ



ନୂଆଦିଲ୍ଲୀ, ୨।୪ (ଏଜେନ୍ସି)

ଚଳିତ ଆଇପିଏଲ୍ ୧୭ତମ ସଂସ୍କରଣରେ ସର୍ବାଧିକଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ନୈରାଶ୍ୟଜନକ ଆରମ୍ଭ କରିଛି। ନବନିଯୁକ୍ତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ମୁମ୍ବାଇ ଏହାର ପ୍ରଥମ ୩ଟି ମ୍ୟାଚରେ ପରାସ୍ତ ହୋଇ ହ୍ୟାଟ୍ରିକ ଅର୍ଜନ କରିଛି। ଯାହାକି ଦଳର ଅଗଣିତ କ୍ରିକେଟ୍‌ପ୍ରେମୀଙ୍କୁ ନିରାଶ କରିଛି। ମୁମ୍ବାଇ ମଧ୍ୟ ୨୦୧୨ରୁ ଆଇପିଏଲ୍‌ରେ ଏହାର ପ୍ରଥମ ମ୍ୟାଚରେ ପରାଜୟ ହେବାର ଧାରାକୁ ବଜାୟ ରଖିଛି।

ଆଇପିଏଲ୍‌ରେ ପ୍ରଥମ ୩ଟି ମ୍ୟାଚରେ ହାରିବା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ପ୍ରଥମ ଘଟଣା ନୁହେଁ। ଏହି ଲୋକପ୍ରିୟ ପ୍ରତିଯୋଗିତାର ଇତିହାସରେ ୫ମଥର ଲାଗି ଇଣ୍ଡିଆନ୍ସ ଦଳ ହ୍ୟାଟ୍ରିକ ପରାଜୟରୁ ସିଜନ ଆରମ୍ଭ କରିଛି। ପାଞ୍ଚ ପାଞ୍ଚଥର ମୁମ୍ବାଇ ହ୍ୟାଟ୍ରିକ ପରାଜୟରୁ ଅଭିଯାନ କରିଥିଲେ ମଧ୍ୟ ପ୍ଲେ-ଅଫ୍‌ରେ ପ୍ରବେଶ ସହ ଚାମ୍ପିଅନ ହେବାର ମଧ୍ୟ ସୌଭାଗ୍ୟ ଲାଭ କରିଛି। ତେଣୁ ଚଳିତ ସଂସ୍କରଣରେ ମଧ୍ୟ ମୁମ୍ବାଇ ସେହିଭଳି କିଛି ଚମତ୍କାର କରିବା ଆଶାରେ ପ୍ରଶଂସକ ରହିଛନ୍ତି। ମୁମ୍ବାଇ ସିଜନ ଓପନ୍‌ରେ ହ୍ୟାଟ୍ରିକ ପରାଜୟବରଣ କରିଥିବା ୫ଟି ସଂସ୍କରଣ ଉପରେ ନଜର ପକାଇବା।

### ୨୦୦୮ ରେ କ୍ରମାଗତ ୪ ମ୍ୟାଚ୍ ପରାସ୍ତ

ଆଇପିଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ସନ୍ ପୋଲକ୍ ଓ କାମଚଳା ଅଧିନାୟକ ହରଭଜନ ସିଂହଙ୍କ ମିଳିତ ନେତୃତ୍ୱରେ ମୁମ୍ବାଇ ପ୍ରଥମ ୪ଟି ମ୍ୟାଚ୍ ହାରିଥିଲା। ଏହାପରେ ୫ମ ମୁକାବିଲାରେ କୋଲକାତା ନାଇଟ୍ ରାଇଡର୍ସକୁ ହରାଇ ବିଜୟ ସ୍ୱାଦ ଚାଖିଥିଲା। ଏହି ସଂସ୍କରଣରେ ମୁମ୍ବାଇ ୫ମ ସ୍ଥାନରେ ରହି ନକ୍-ଆଉଟ୍‌ରୁ ବଞ୍ଚିତ ହୋଇଥିଲା।

### ୨୦୧୪ରେ କ୍ରମାଗତ ୫ ପରାଜୟ

୨୦୧୩ରେ ପ୍ରଥମଥର ଟାଇଟଲ୍ ଜିତିବା ପରେ ଇଣ୍ଡିଆନ୍ସ ଏହା ପରବର୍ତ୍ତୀ ସଂସ୍କରଣ ନୈରାଶ୍ୟଜନକ ଭାବେ ଆରମ୍ଭ କରିଥିଲା। ପ୍ରଥମ ୫ଟି ମ୍ୟାଚରେ ମୁମ୍ବାଇକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏହାସତ୍ତ୍ୱେଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରି ସିଏସ୍‌କେ ନିକଟରୁ ହାରିଥିଲା।

### ୨୦୧୫ରେ ୪ ପରାଜୟ ସତ୍ତ୍ୱେ ଚାମ୍ପିଅନ

୨୦୧୫ ସଂସ୍କରଣରେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସର ଆରମ୍ଭ ଭଲ ନ ଥିଲା। ରୋହିତ୍‌ଙ୍କ ନେତୃତ୍ୱରେ ଦଳ ପ୍ରଥମ ୪ଟି ମ୍ୟାଚରେ କୋଲକାତା, ପଞ୍ଜାବ, ଚେନ୍ନାଇ ଓ ରାଜସ୍ଥାନ ନିକଟରୁ ପରାଜୟବରଣ କରିଥିଲା। ଏହାସତ୍ତ୍ୱେଦଳ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ପଏଣ୍ଟ ଟେବଲର ୨ୟ ସ୍ଥାନରେ ରହିବା ସହ ପରେ ଚାମ୍ପିଅନ ହୋଇଥିଲା।

### ୨୦୧୮ ରେ ହ୍ୟାଟ୍ରିକ ପରାଜୟ

ଆଇପିଏଲ୍ ଏକାଦଶ ସଂସ୍କରଣରେ ରୋହିତ ଶର୍ମାଙ୍କ ଦଳ ହ୍ୟାଟ୍ରିକ ପରାଜୟରୁ ଅଭିଯାନ ଆରମ୍ଭ କରିଥିଲା। ପ୍ରଥମ ୩ଟି ମ୍ୟାଚରେ ଦଳ ଯଥାକ୍ରମେ ଚେନ୍ନାଇ, ହାଇଦ୍ରାବାଦ୍ ଓ ଦିଲ୍ଲୀ ନିକଟରୁ ପରାସ୍ତ ହୋଇଥିଲା। ଏହାପରେ ଦଳ ଏହି ବିପର୍ଯ୍ୟୟରୁ ମୁକୁଳି ନ ପାରି ପ୍ଲେ-ଅଫ୍‌ରେ ମଧ୍ୟ ପ୍ରବେଶ କରିପାରି ନ ଥିଲା।

### କ୍ରମାଗତ ୮ ପରାଜୟରୁ ୨୦୨୨ ଅଭିଯାନ

ଆଇପିଏଲ୍ ଇତିହାସରେ ମୁମ୍ବାଇର ସବୁଠୁ ଖରାପ ଆରମ୍ଭ ୨୦୨୨ରେ ହୋଇଥିଲା। ଏହି ସଂସ୍କରଣର ପ୍ରଥମ ୮ଟି ମ୍ୟାଚରେ ମୁମ୍ବାଇକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଫଳରେ ସର୍ବନିମ୍ନ ୧୦ମ ସ୍ଥାନରେ ରହି ଇଣ୍ଡିଆନ୍ସ ଅଭିଯାନ ଶେଷ କରିଥିଲା।

## ପଞ୍ଜାବକୁ ହରାଇଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୨।୪(ଏଜେନ୍ସି)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୧୦ମ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ମୁକାବିଲାରେ ଓଡ଼ିଶା ୩-୧ ଗୋଲରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଛି। ଓଡ଼ିଶା କଳିଙ୍ଗ ଷ୍ଟାଡିୟମରେ ଅନ୍ତିମ ମ୍ୟାଚ୍ ଖେଳି ବିଜୟ ସହ ଘରୋଇ ପରିବେଶରେ ତା'ର ଅଭିଯାନ ଶେଷ କରିଛି। ଏହି ବିଜୟ ସହ ଓଡ଼ିଶା ୨୦ଟି ମ୍ୟାଚ୍ ଖେଳି ୧୧ ବିଜୟ, ୬ ଡ୍ର ଓ ୩ ପରାଜୟ ସହ ୩୯ ଅଙ୍କ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ପଞ୍ଜାବ ୨୦ଟି ମ୍ୟାଚ୍ ଖେଳି ୫ ବିଜୟ, ୬ ଡ୍ର ଓ ୯ ପରାଜୟ ସହ ୨୧ ଅଙ୍କ ହାସଲ କରି ୮ମ ସ୍ଥାନରେ ରହିଛି। ମୁମ୍ବାଇ ସିଟି ଏଫ୍‌ସି ସମାନ ୨୦ ମ୍ୟାଚ୍ ଖେଳି ୧୩ ବିଜୟ, ୫ ଡ୍ର ଓ ୨ ପରାଜୟ ସହ ୪୪ ପଏଣ୍ଟ ପାଇଁ ଶୀର୍ଷରେ ରହିଛି। ଓଡ଼ିଶା ଏବେ ତା'ର ପରବର୍ତ୍ତୀ ମୁକାବିଲାରୋ ୮ ତାରିଖ ସୋମବାର ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିବ। ସେହିପରି ପଞ୍ଜାବ ଆସନ୍ତା ୬ ତାରିଖ ଶନିବାର ମୋହନ ବାଗାନକୁ ଭେଟିବ। ଦଳର ପ୍ରଦର୍ଶନରେ ଓଡ଼ିଶା କୋଚ୍ ସର୍ଗିଓ ଲୋବେରା ଖୁସି ଜାହିର କରିଛନ୍ତି। ଓଡ଼ିଶା ପାଇଁ ଦୁଇଟି ଗୋଲ ଦେଇଥିବା ଡିଏଗୋ ମୌରିସିଓ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

### ମୌରିସିଓଙ୍କ ଡବଲ୍ ଗୋଲ

ଏହି ମ୍ୟାଚ୍‌ରେ ଘରୋଇ ପରିବେଶରୁ ଫାଇଦା ଉଠାଇ ଓଡ଼ିଶା ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲା। ୩୨ ବର୍ଷୀୟ ଅଭିଜ୍ଞ ବ୍ରାଜିଲ ଷ୍ଟ୍ରାଇକର ଡିଏଗୋ ମୌରିସିଓ ଦୁଇଟି ଗୋଲ ସ୍କୋର କରିଥିଲେ। ସେ ୩୪ତମ ମିନିଟ୍‌ରେ ଏକ ସୁନ୍ଦର ଫିଲ୍ଡ ଗୋଲ ଓ ୬୮ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଆଉ ଏକ ଗୋଲ ଦେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଆଇଜାକ୍ ଭାନ୍‌ଲାଲରୁଆତଫେଲା ୬୧ତମ ମିନିଟ୍‌ରେ ଓଡ଼ିଶା ପାଇଁ ତୃତୀୟ ଗୋଲ ସ୍କୋର କରିଥିଲେ। କିନ୍ତୁ ମାଦିହ ତଲାଲ ୩୮ତମ ମିନିଟ୍‌ରେ ପଞ୍ଜାବ ତରଫରୁ ଏକମାତ୍ର ଗୋଲ ସ୍କୋର କରି ମ୍ୟାଚ୍ ବାରାବର ସ୍ଥିତିକୁ ଆଣିଥିଲେ। ଏହାପରେ ଓଡ଼ିଶା ଦୁଇଟି ଗୋଲ ଦେଇ ମ୍ୟାଚ୍ ହାତକୁ ନେଇଥିଲା। ଦୁଇଗୁଣାରୁ ଅଧିକ ସମୟ ଓଡ଼ିଶା ଖେଳାଳିମାନେ ବଲ୍‌କୁ ନିଜର ଅକ୍ତିଆରରେ ରଖିଥିଲେ। ପଞ୍ଜାବର ରକ୍ଷଣଭାଗର ଦୁର୍ବଳତାରୁ ଓଡ଼ିଶା ଖେଳାଳି ଫାଇଦା ଉଠାଇଥିଲେ। ପାସ୍ ଓ ପାସ ଆକ୍ୟୁରେସ୍‌ରେ ଏବଂ ସଟ୍ ଓ ସଟ୍ ଅନ୍ ଟାର୍ଗେଟରେ ମଧ୍ୟ ଓଡ଼ିଶା ଯଥେଷ୍ଟ ଆଗରେ ରହିଥିଲା। ଓଡ଼ିଶା କ୍ରମାଗତ ୧୩ଟି ମ୍ୟାଚ୍‌ରେ ଅପରାଜେୟ ରହିବା ପରେ ପରାସ୍ତ ହୋଇଥିଲା।




### ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ

# ଭୁବନେଶ୍ୱର 'ବି'କୁ ହରାଇଲା କୋରାପୁଟ


ଏ କିଶୋର


ଅଭିନବ ନନ୍ଦ


ବିକି ନାଗ


ନିରଞ୍ଜନ ଗୌଡ


ଶୁଭମ ରାଉତ

କଟକ,୨।୪(ସମିସ)

ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ ଗୋଲ୍ଡ-ବି ଗ୍ରୁପର ୩ଟି ମ୍ୟାଚ୍ ମଙ୍ଗଳବାର ଖେଳାଯାଇଛି। ନିରଞ୍ଜନ ଗୌଡଙ୍କ ଘାତକ ବୋଲିଂ ବଳରେ କୋରାପୁଟ ୪ ୱିକେଟରେ ଭୁବନେଶ୍ୱର-ବି'କୁ ପରାସ୍ତ କରିଛି। ଖୋର୍ଦ୍ଧା ବିଜେବି ସ୍କୁଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଭୁବନେଶ୍ୱର-ବି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୯ ୱିକେଟ ହରାଇ ୨୪୨ରନ ସଂଗ୍ରହ କରିଥିଲା। ଶୁଭମ ଶତ୍ରୁଜିତ ସର୍ବାଧିକ ୫୮ରନ କରିଥିଲେ। କୋରାପୁଟର ନିରଞ୍ଜନ ୪୦ରନ ବିନିମୟରେ ୫ଟି ୱିକେଟ ଅକ୍ତିଆର କରିଥିଲେ। ଏ.କିଶୋରଙ୍କ ଅପରାଜିତ ୧୦୯ରନର ଶତକୀୟ ଇନିଂସ ସହାୟତାରେ ଅନ୍ତିମ ଓଭରରେ କୋରାପୁଟ ବିଜୟ ହାସଲ କରିଛି।

ଅଡଶପୁର ଗ୍ରାଉଣ୍ଡରେ କେନ୍ଦୁଝର ୨୧ରନରେ ମୟୂରଭଞ୍ଜକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ୭ ୱିକେଟ ବିନିମୟରେ ୨୬୯ରନ କରିଥିଲା। ଋତୁରାଜ ମହାନ୍ତି ସର୍ବାଧିକ ୯୨ରନ ସଂଗ୍ରହ କରିଥିଲେ। ଆଶୁତୋଷ ରାୟ ୬୧ରନ ଏବଂ ପ୍ରଶାନ୍ତ ଚୌହ୍ୱାନ ୫୦ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ମୟୂରଭଞ୍ଜର ମାରି ଲୋକନାଥ ୨ଟି ଏବଂ ଅଭିଜିତ ଘନ ଗୋଟିଏ ୱିକେଟ ଦଖଲ କରିଥିଲେ। ଜବାବରେ ମୟୂରଭଞ୍ଜର ଇନିଂସ ୨୪୮ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଶୁଭମ ନାଏକ ସର୍ବାଧିକ ୮୪ରନ କରିଥିଲେ। ବିଜୟୀ କେନ୍ଦୁଝର ଦଳର ଅମରଦୀପ ସିଂହ ଓ ପଙ୍କଜ ସେନାପତି ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। କିଟ ଷ୍ଟାଡିୟମରେ ନୟାଗଡ ଏବଂ ପୁରୀ ମଧ୍ୟରେ ମୁକାବିଲା ହୋଇଥିଲା। ନୟାଗଡ ୭ ୱିକେଟରେ ବିଜୟ ଲାଭ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୧୬୩ରନରେ ଅଲଆଉଟ ହୋଇଥିଲା। ଲୀଳାଧର ପ୍ରଧାନ ଅପରାଜିତ ୫୨ରନର ଇନିଂସ ଖେଳି ପୁରୀକୁ ୨୯ତମ ଓଭରରେ ବିଜୟ ପ୍ରଦାନ କରିଥିଲେ।

କଟକର ବିଭିନ୍ନ ଗ୍ରାଉଣ୍ଡରେ ସିଲଭର-ଏ ଓ ବି ଗ୍ରୁପର ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କେନ୍ଦ୍ରାପଡା ୭ ୱିକେଟରେ ନୂଆପଡାକୁ, ନବରଙ୍ଗପୁର ୧୩୩ରନରେ କନ୍ଧମାଳକୁ, ଗଜପତି ୬୦ରନରେ ମାଲକାନଗିରିକୁ, ବଲାଙ୍ଗୀର ୧୧୯ରନରେ ନୟାଗଡକୁ, ସୋନପୁର ୬୨ରନରେ ଦେବଗଡକୁ, ସମ୍ବଲପୁର-ବି ୧୨୮ ରନରେ କଳାହାଣ୍ଡିକୁ ପରାସ୍ତ କରିଥିଲା। ଗଜପତିର ଶୁଭମ ରାଉତ ୩୭ ରନ ବିନିମୟରେ ୭ ୱିକେଟ, ବଲାଙ୍ଗୀରର ବିକି ନାଗ ୨୩ରନ ବିନିମୟରେ ୫ ୱିକେଟ ଏବଂ ସମ୍ବଲପୁର-ବିର ଅଭିନବ ନନ୍ଦ ୮ରନ ବିନିମୟରେ ୬ ୱିକେଟ ଦଖଲ କରି ଶ୍ରେଷ୍ଠ ବିବେଚିତ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA